# ନିତିଦିନ NITIDIN

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 12 PAGES • ₹ 6/-

www.nitidin.com | twitter.com/nitidintoday | facebook.com/nitidintoday

WEDNESDAY 22 JANUARY 2025

ବୁଧବାର ୨୨ ଜାନୁଆରୀ ୨୦୨୫

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 10 • ISSUE 245 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୦ • ସଂଖ୍ୟା ୨୪୫ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର


# ୧୩ରୁ ବିଧାନସଭା ବଜେଟ୍ ଅଧିବେଶନ

**ଭୁବନେଶ୍ୱର,୨୧।୧/ଏନ୍ଏନ୍ଏସ୍:**



ଫେବ୍ରୁଆରୀ ୧୩ରୁ ସପ୍ତଦଶ ବିଧାନସଭାର ତୃତୀୟ ତଥା ବଜେଟ୍ ଅଧିବେଶନ ଆରମ୍ଭ ହେବ। ତାହା ଏପ୍ରିଲ ୫ରେ ଶେଷହେବ। ଦୁଇ ପର୍ଯ୍ୟାୟ ବିଶିଷ୍ଟ ଏହି ଅଧିବେଶନ ୨୮ଦିନ ଚାଲିବ। ତେବେ ପ୍ରଥମ ଦିନରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପତିଙ୍କ ଅଭିଭାଷଣର କାର୍ଯ୍ୟକ୍ରମ ଥିବାବେଳେ ଫେବ୍ରୁଆରୀ ୧୭ରେ ଅର୍ଥମନ୍ତ୍ରୀ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ମାଝୀ ୨୦୨୫-୨୬ ଆର୍ଥିକ ବର୍ଷର ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିବେ। ମଙ୍ଗଳବାର ବିଧାନସଭା ସଚିବାଳୟ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି।

ଫେବୃୟାରୀ ୧୩ତାରିଖରୁ ଆରମ୍ଭ ହେଉଥିବା ଏହି ବଜେଟ୍ ଅଧିବେଶନର ପ୍ରଥମ ପର୍ଯ୍ୟାୟ ୨୧ତାରିଖ ପର୍ଯ୍ୟନ୍ତ ଏବଂ ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ୭ରୁ ଏପ୍ରିଲ୍ ୫ତାରିଖ ପର୍ଯ୍ୟନ୍ତ ଚାଲିବ। ଫେବୃୟାରୀ ୧୪ ଓ ୧୫ତାରିଖ ଦୁଇଦିନ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଆଗତ ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନା ହେବ। ୧୬ରେ ରବିବାର କାରଣରୁ ଛୁଟି ରହିବ। ୧୭ରେ ୨୦୨୫-୨୬ ଆର୍ଥିକ ବର୍ଷର ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପିତ ହେବାକୁ ଥିବାବେଳେ ୧୮ରେ ସରକାରୀ ▶▶ ୭

# ଘନକୁହୁଡ଼ି: ୪ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

**ଭୁବନେଶ୍ୱର,୨୧।୧/ଏନ୍ଏନ୍ଏସ୍:**

ଆସନ୍ତା ୨ଦିନ ମଧ୍ୟରେ ଉପକୂଳ ସମେତ ଆଭ୍ୟନ୍ତରୀଣ ଓଡ଼ିଶାରେ ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବଢ଼ିବ। ଆଞ୍ଚଳିକ ପାଣିପାଗ କେନ୍ଦ୍ର ଏହା ପୂର୍ବାନୁମାନ କରିଛି। ଶୀତ ଯଦିଓ ସାମାନ୍ୟ କମିବ, ମାତ୍ର ଘନକୁହୁଡି କଲବଲ କରିବ। ୨୩ତାରିଖ ପର୍ଯ୍ୟନ୍ତ ଘନକୁହୁଡ଼ିର ସମ୍ଭାବନା ଥିବାବେଳେ ଏନେଇ କେତେକ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଆସନ୍ତାକାଲି ପର୍ଯ୍ୟନ୍ତ ୪ ଜିଲ୍ଲାରେ ଘନ କୁହୁଡ଼ି ଦୃଶ୍ୟମାନ ହେବ। ଏହି ଜିଲ୍ଲାଗୁଡ଼ିକ ମଧ୍ୟରେ ଖୋର୍ଦ୍ଧା, କଟକ, ଜଗତସିଂହପୁର ଓ କେନ୍ଦ୍ରାପଡ଼ା ରହିଛି। ସେହିପରି ୨୩ ତାରିଖରେ ମଧ୍ୟ ଘନକୁହୁଡ଼ି ଦେଖାଦେବ। ଏଥିପାଇଁ ୩ ଜିଲ୍ଲା କଟକ, ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ଏହାସହ ବାଲେଶ୍ୱର, ଭଦ୍ରକ, ଯାଜପୁର, ଅନୁଗୁଳ, ଢେଙ୍କାନାଳ, ମୟୂରଭଞ୍ଜ, ସୁନ୍ଦରଗଡ଼, କେନ୍ଦୁଝର, କନ୍ଧମାଳ ଓ କଳାହାଣ୍ଡି ଜିଲ୍ଲାରେ ଗୋଟିଏରୁ ୨ଟି ସ୍ଥାନରେ ହାଲୁକା କୁହୁଡ଼ି ଦେଖାଯିବ। ଗତ ୨୪ ଘଣ୍ଟା ମଧ୍ୟରେ ▶▶ ୭

## ନୂତନ ଶିକ୍ଷା ନୀତି-୨୦୨୦: ତିନିଦିନିଆ ଜାତୀୟ କର୍ମଶାଳା

# ପ୍ରି-ସ୍କୁଲ୍ ପିଲାଙ୍କ ପାଇଁ ଖୋଲାଯିବ ଶିଶୁ ବାଟିକା: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୧।୧/ଏନ୍ଏନ୍ଏସ୍:**



ନୂତନ ଶିକ୍ଷା ନୀତିରେ ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ସୁଦୃଢ଼ ଭିତ୍ତିଭୂମି ସୃଷ୍ଟି ଓ ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କରାଯିବ। ପ୍ରି-ସ୍କୁଲ୍ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଇ ପିଲାମାନଙ୍କ ପାଇଁ ଶିଶୁ ବାଟିକା ଖୋଲାଯିବ। ରାଜ୍ୟ ସରକାର ଏଥିପାଇଁ ନିଷ୍ପତ୍ତି ନେଇସାରିଛନ୍ତି। ଆସନ୍ତା ଶିକ୍ଷା ବର୍ଷଠାରୁ ଏହି ନୂଆ ନୀତି କାର୍ଯ୍ୟକାରୀ ହେବ। ଏହି ବଡ଼ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ମଙ୍ଗଳବାର ଲୋକସେବା ଭବନ କନ୍ଭେନ୍ସନ୍ ସେଣ୍ଟର୍‌ରେ ନୂଆ ଶିକ୍ଷା ନୀତି-୨୦୨୦ ସମ୍ପର୍କିତ ଏକ ତିନିଦିନିଆ ଜାତୀୟ କର୍ମଶାଳାର ଶୁଭାରମ୍ଭ ହୋଇଛି। ଏଥିରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ଓଡ଼ିଶାରେ ଏହାର କାର୍ଯ୍ୟକାରିତା ସମ୍ପର୍କରେ ଆଭିମୁଖ୍ୟ ରଖିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ୧୦+୨ ବ୍ୟବସ୍ଥା ବଦଳରେ ରାଜ୍ୟରେ ୫+୩+୩+୪ ବ୍ୟବସ୍ଥା ଲାଗୁ କରାଯିବ। ଶିଶୁ ବାଟିକାରେ ପିଲାଙ୍କ ଉପରେ ବିନା କୌଣସି ଚାପରେ ସେମାନଙ୍କ ମୌଳିକ ଓ ସଂଖ୍ୟା ଜ୍ଞାନ ଉପରେ ଗୁରୁତ୍ୱ ଦିଆଯିବ। ଏଥିପାଇଁ ଆଗାମୀ ବର୍ଷଗୁଡ଼ିକରେ ବ୍ୟାପକ ଭିତ୍ତିଭୂମି ସୃଷ୍ଟି କରାଯିବ। ଶିକ୍ଷକ ନିଯୁକ୍ତି, ପାଠ୍ୟ ପୁସ୍ତିକା ପ୍ରସ୍ତୁତି ଏବଂ ଅନ୍ୟାନ୍ୟ ପାଠ୍ୟ ଉପକରଣ ଯୋଗାଇଦେବା ଉପରେ ଗୁରୁତ୍ୱ ଦିଆଯିବ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ନୂଆ ଶିକ୍ଷା ନୀତିରେ, ଶିକ୍ଷା ଭିତ୍ତିଭୂମି, ଖେଳ ମାଧ୍ୟମରେ ଶିକ୍ଷା, ମୌଳିକ ଶିକ୍ଷା, ବାହ୍ୟ ଜ୍ଞାନର ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଛି। ଶିକ୍ଷାରେ ଟେକ୍ନୋଲୋଜିର ପ୍ରୟୋଗକୁ ବ୍ୟାପକ କରାଯିବ। ଟେକ୍ନୋଲୋଜି ଜରିଆରେ ଶିକ୍ଷା ପ୍ରଦାନ ଆମ ଶିକ୍ଷା ବ୍ୟବସ୍ଥାର ଏକ ଅଭିନ୍ନ ଅଙ୍ଗ ହେବ। ଏକ ବିକଶିତ ଭାରତ ଗଠନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଯେଉଁ ଲକ୍ଷ୍ୟ ଅଛି, ତାକୁ ସାକାର କରିବା ଦିଗରେ ନୂଆ ଶିକ୍ଷା ନୀତି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହା ଛାତ୍ର ଓ ଯୁବ ସମାଜକୁ ଏକ ଆଧୁନିକ ଓ ସଶକ୍ତ ଭାରତ ଗଠନ ପାଇଁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ କରିପାରିବ ।

### ପାଠ୍ୟକ୍ରମରେ ରାଜ୍ୟର ଗୌରବମୟ ଇତିହାସ, ଐତିହ୍ୟ, ବରପୁତ୍ର ସ୍ଥାନ ପାଇବା ଆବଶ୍ୟକ: ଧର୍ମେନ୍ଦ୍ର

ମୁଖ୍ୟମନ୍ତ୍ରୀ କହଛନ୍ତି, ରାଜ୍ୟରେ ପ୍ରାଥମିକ ଶିକ୍ଷାର ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାର ପଦକ୍ଷେପ ନେବା ଆରମ୍ଭ କରିସାରିଛନ୍ତି। ଗୋଦାବରୀଶ ▶▶ ୭

# ପିଏମ୍ ପୋଷଣ: ପାଚକ, ପାଚିକାଙ୍କ ପାରିଶ୍ରମିକ ବୃଦ୍ଧି

**ଭୁବନେଶ୍ୱର,୨୧।୧/ଏନ୍ଏନ୍ଏସ୍:**

ପିଏମ୍ ପୋଷଣ ଯୋଜନାରେ (ମଧ୍ୟାହ୍ନ ଭୋଜନ) କାମ କରୁଥିବା ୧ଲକ୍ଷରୁ ଊର୍ଦ୍ଧ୍ୱ ପାଚକ, ପାଚିକାଙ୍କ ପାଇଁ ଖୁସି ଖବର। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସେମାନଙ୍କ ମାସିକ ପାରିଶ୍ରମିକ ବୃଦ୍ଧି କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ପାଚକ, ପାଚିକାମାନଙ୍କ କାମ, ଦକ୍ଷତା ଓ ପରିଶ୍ରମକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ସେମାନଙ୍କ ମାସିକ ପାରିଶ୍ରମିକ ୨୦୦୦ ଟଙ୍କାରୁ ୩୦୦୦ ଟଙ୍କାକୁ ବୃଦ୍ଧି କରିଛନ୍ତି। ଏହାଦ୍ୱାରା ପି.ଏମ୍ ପୋଷଣ ଯୋଜନାରେ (ମଧ୍ୟାହ୍ନ ଭୋଜନ) ରାଜ୍ୟରେ ନିୟୋଜିତ ହୋଇଥିବା ୧,୧୨,୦୯୦ ଜଣ ପାଚକ, ପାଚିକା ଉପକୃତ ହେବେ। ଏଥିପାଇଁ ରାଜ୍ୟ ସରକାର ବର୍ଷକୁ ଅତିରିକ୍ତ ୧୧୨ କୋଟି ୯ ଲକ୍ଷ ଟଙ୍କା ବ୍ୟୟ କରିବେ। ଏହି ପାଚକ, ପାଚିକାମାନେ ପ୍ରଥମରୁ ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ ରାଜ୍ୟର ୫୦,୬୧୮ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୪୨.୪୫ ଲକ୍ଷ ଛାତ୍ରଛାତ୍ରୀଙ୍କୁ ରନ୍ଧା ଖାଦ୍ୟ ପରିବେଷଣ କରୁଛନ୍ତି।

## ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ

# ସଦସ୍ୟ ସଂଖ୍ୟା ୧୧କୁ ବୃଦ୍ଧି

**ଭୁବନେଶ୍ୱର,୨୧।୧/ଏନ୍ଏନ୍ଏସ୍:**

ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଗଠନ ପାଇଁ ଗଠିତ ଟାକ୍ସ ଫୋର୍ସରେ କୋରାପୁଟ ଲୋକସଭା ସାଂସଦ ସପ୍ତଗିରି ଉଲାକା ଏବଂ ଗୁଣୁପୁର ବିଧାୟକ ସତ୍ୟଜିତ ଗୋମାଙ୍ଗୋଙ୍କୁ ସଦସ୍ୟ ଭାବେ ଗ୍ରହଣ କରାଯାଇଛି। ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଅଧ୍ୟକ୍ଷତାରେ ଗଠିତ ଏହି ଟାକ୍ସ ଫୋର୍ସରେ ଅନ୍ୟ ୯ ସଦସ୍ୟ ଥିବାବେଳେ ୩ ଜଣ ଏକ୍ସ ଅଫିସିଓ ସଦସ୍ୟ ଅଛନ୍ତି। ଏହି ଦୁଇ ନୂଆ ସଦସ୍ୟଙ୍କ ସହିତ ଏହି ଟାକ୍ସ ଫୋର୍ସରେ ବର୍ତ୍ତମାନ ସୁଦ୍ଧା ମୋଟ୍ ସଦସ୍ୟ ସଂଖ୍ୟା ୧୧ ହୋଇଛନ୍ତି।

# ରାଜ୍ୟ ବାହାରେ ଥିବା ମହିଳାଙ୍କୁ ମିଳିବ 'ସୁଭଦ୍ରା'

**ଭୁବନେଶ୍ୱର,୨୧।୧/ଏନ୍ଏନ୍ଏସ୍:**



ଏଣିକି ରାଜ୍ୟ ବାହାରେ ରହୁଥିବା ଓଡ଼ିଶାର ମହିଳାମାନେ ମଧ୍ୟ ସୁଭଦ୍ରା ଯୋଜନାରେ ସାମିଲ ହେବେ। ସେମାନେ ବି ପାଇବେ ସୁଭଦ୍ରା ଟଙ୍କା। ରାଜ୍ୟ ବାହାରେ ଏବେ ଅନେକ ମହିଳା ରହିଛନ୍ତି। ଯେଉଁମାନେ କି ସୁଭଦ୍ରାରେ ସାମିଲ୍ ହେବା ପାଇଁ ଏଯାଏ ଆବେଦନ କରିନାହାନ୍ତି। ଏଣୁ ସେମାନେ ଶୀଘ୍ର ଆବେଦନ କରନ୍ତୁ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ସେ କହିଛନ୍ତି ଯେ ଜିଲ୍ଲା ରିଭିୟୁରେ ବଡ଼ ତଥ୍ୟ ଆସିଛି। ଓଡ଼ିଶାର ଅନେକ ମହିଳା ବାହାର ରାଜ୍ୟରେ କାମ କରୁଛନ୍ତି। ଯେଉଁମାନେ ସୁଭଦ୍ରା ଯୋଜନାରେ ସାମିଲ ହେବା ପାଇଁ ଆବେଦନ କରିନାହାନ୍ତି, ସେମାନେ ଜଲ୍‌ଦି ଆବେଦନ କରନ୍ତୁ ତାଙ୍କୁ ବି ସୁଭଦ୍ରା ଟଙ୍କା ଦିଆଯିବ। ଶେଷ ହିତାଧିକାରୀଙ୍କ ପାଖରେ ସରକାର ପହଞ୍ଚିବେ। ଜାନୁଆରୀ ଶେଷ ସୁଦ୍ଧା ଚତୁର୍ଥ ପର୍ଯ୍ୟାୟର ସୁଭଦ୍ରା ଟଙ୍କା ମିଳିବ। ଏହି ପର୍ଯ୍ୟାୟରେ ୨୦ ଲକ୍ଷରୁ ଅଧିକ ମହିଳାଙ୍କୁ ସୁଭଦ୍ରା ଟଙ୍କା ମିଳିବ।

## ପରିପୂରକ ପୁଷ୍ଟି କାର୍ଯ୍ୟକ୍ରମରେ ଶସ୍ୟ ପରିବହନ

# କ୍ୱିଣ୍ଟାଲ୍ ପିଚ୍ଛା ୭୫ରୁ ୧୫୦ ଟଙ୍କାକୁ ବୃଦ୍ଧି

**ଭୁବନେଶ୍ୱର,୨୧।୧/ଏନ୍ଏନ୍ଏସ୍:**

ପରିପୁରକ ପୁଷ୍ଟି କାର୍ଯ୍ୟକ୍ରମରେ ଚାଉଳ ଓ ଗହମ ପରି ଶସ୍ୟ ପରିବହନ ପାଇଁ ରାଜ୍ୟ ସରକାର କ୍ୱିଣ୍ଟାଲ୍ ପିଚ୍ଛା ସର୍ବାଧିକ ମୂଲ୍ୟ ୭୫ ଟଙ୍କାରୁ ୧୫୦ଟଙ୍କାକୁ ବୃଦ୍ଧି କରିଛନ୍ତି। ଏ ସମ୍ପର୍କିତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ ଦେଇଛନ୍ତି।

ପରିପୁରକ ପୁଷ୍ଟି କାର୍ଯ୍ୟକ୍ରମରେ ଗରମ ରନ୍ଧା ଖାଦ୍ୟ ପାଇଁ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ଚାଉଳ ଯୋଗାଇ ଦିଆଯାଏ। ଏହାସହିତ ଘରକୁ ରାସନ ମହିଳା ସ୍ୱୟଂସହାୟକ ଗୋଷ୍ଠୀମାନଙ୍କୁ ଗହମ ପ୍ରଦାନ କରାଯାଇଥାଏ। ଏହି ଚାଉଳ ଓ ଗହମ ପରିବହନ କରିବା ପାଇଁ ପରିବହନ ଏଜେଣ୍ଟମାନଙ୍କୁ ନିୟୋଜିତ କରାଯାଇଥାଏ। ୨୦୧୧ ମସିହା ପରଠାରୁ ଏହି ମୂଲ୍ୟରେ ଆଉ ବୃଦ୍ଧି କରାଯାଇ ନ ଥିଲା । ତେଣୁ ବଢୁଥିବା ଇନ୍ଧନ ଖର୍ଚ୍ଚ ଓ ଅନ୍ୟାନ୍ୟ ଦରଦାମ୍ ବୃଦ୍ଧିକୁ ଦୃଷ୍ଟିରେ ରଖି ପରିବହନ ମୂଲ୍ୟରେ ବୃଦ୍ଧି କରାଯାଇଛି। ଏହି ବର୍ଦ୍ଧିତ ମୂଲ୍ୟ ବର୍ତ୍ତମାନ ନିୟୋଜିତ ଥିବା ପରିବହନ ଏଜେଣ୍ଟମାନେ ଦାବି କରିପାରିବେ ନାହିଁ। କେବଳ ନୂତନ ଭାବେ ନିୟୋଜିତ ହେବାକୁ ଥିବା ଏଜେଣ୍ଟମାନଙ୍କ ପାଇଁ ଏହା ଲାଗୁହେବ।

### ବର୍ଷକୁ ଖର୍ଚ୍ଚ ହେବ ଅତିରିକ୍ତ ୮.୬୫ କୋଟି

ପରିବହନ ପାଇଁ ଯେଉଁ ନୂଆ ଏଜେଣ୍ଟମାନଙ୍କୁ ନିୟୋଜିତ କରାଯିବ, ଟେଣ୍ଡର ପ୍ରକ୍ରିୟା ଜରିଆରେ ଏହାର ପ୍ରକୃତ ମୂଲ୍ୟ ନିର୍ଦ୍ଧାରଣ କରାଯିବ। ପରିବହନର ମୂଲ୍ୟ କ୍ୱିଣ୍ଟାଲ ପିଚ୍ଛା ୧୫୦ ଟଙ୍କାରୁ ଅଧିକ ହୋଇପାରିବ ନାହିଁ।

# ଧାନକିଣା ପ୍ରକ୍ରିୟାରେ ସାମିଲ୍ ୪୫୨ ଏସ୍ଏଚ୍‌ଜି

**ଭୁବନେଶ୍ୱର,୨୧।୧/ଏନ୍ଏନ୍ଏସ୍:**

ଚଳିତ ଖରିଫ ଋତୁରେ ଧାନକିଣା ପ୍ରକ୍ରିୟାରେ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ସାମିଲ ହୋଇଛନ୍ତି। ଚଳିତ ବର୍ଷ ରାଜ୍ୟରେ ୪୫୨ ସ୍ୱୟଂସହାୟକ ଗୋଷ୍ଠୀ ସାମିଲ ହୋଇ ପଞ୍ଜିକୃତ ଚାଷୀମାନଙ୍କଠାରୁ ଧାନ କିଣୁଛନ୍ତି। ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୧୧୧ ଏସ୍ଏଚ୍‌ଜି ଧାନକିଣା ପ୍ରକ୍ରିୟାରେ ସାମିଲ ▶▶ ୭

## କୋଟିଏ ଟଙ୍କିଆ ମାଓବାଦୀ ସଫା

# ସୀମାନ୍ତରେ ଗଡ଼ିଲା ୧୪ରୁ ଊର୍ଦ୍ଧ୍ୱ ମୁଣ୍ଡ

**ନୂଆପଡ଼ା,୨୧।୧/ଏନ୍ଏନ୍ଏସ୍:**

ନକ୍ସଲଙ୍କ ବିରୋଧରେ ଆର୍‌ପାର୍ ଲଢ଼େଇ ଚାଲିଛି। ୨୦୨୬ ମାର୍ଚ୍ଚ ସୁଦ୍ଧା ଦେଶକୁ ନକ୍ସଲ ମୁକ୍ତ କରିବା ପାଇଁ ରାଜ୍ୟ ସରକାରଙ୍କ ସହଯୋଗରେ କେନ୍ଦ୍ର ସରକାର କାର୍ଯ୍ୟାନୁଷ୍ଠାନ ଜାରି ରଖିଛନ୍ତି। ଏହି ଅବସରରେ ଓଡ଼ିଶା-ଛତିଶଗଡ଼ ସୀମାନ୍ତ ଗରିଆବନ୍ଧ ଜିଲ୍ଲାରେ ସୁରକ୍ଷା ବାହିନୀକୁ ବଡ଼ଧରଣର ସଫଳତା ମିଳିଛି। ଦୁଇ ରାଜ୍ୟର ପୁଲିସ୍ ମିଳିତ ଅପରେସନ୍ କରି ୧୪ କୁଖ୍ୟାତ ନକ୍ସଲଙ୍କ ମୁଣ୍ଡ ଗଡ଼ାଇଛନ୍ତି। ସେମାନଙ୍କ ମଧ୍ୟରେ ଏକ କୋଟି ଟଙ୍କା ପୁରସ୍କାର ଘୋଷିତ ମାଓବାଦୀ ଚଳପତି ଓରଫ୍ ଜୟରାମର ମୃତ୍ୟୁ ହୋଇ ହୋଇଥିବାବେଳେ ସର୍ଚ୍ଚ ଅପରେସନ୍ ଜାରି ରହିଛି।

ମୃତ ଚଳପତି ଓରଫ୍ ଜୟରାମ ଓଡ଼ିଶା, ଛତିଶଗଡ଼ ଓ ଆନ୍ଧ୍ରରେ ବେଶ ସକ୍ରିୟ ରହିଥିଲା। ତା'କୁ ଧରିବା ପାଇଁ ୧କୋଟି ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ପୁଲିସ୍ ତା'କୁ ଖୋଜୁଥିବାବେଳେ ସେ ସବୁବେଳେ ସମସ୍ତଙ୍କୁ ଚକ୍‌ମା ଦେଇ ଫେରାର୍ ହୋଇଯାଉଥିଲା। ଜୟରାମ ସମେତ ଏକାଧିକ ନକ୍ସଲ ଓଡ଼ିଶାର ନୂଆପଡ଼ା ଜିଲ୍ଲାଠାରୁ ୫ କିମି ଦୂର ଛତିଶଗଡ଼ର କୁଲାରିଘାଟ ସଂରକ୍ଷିତ ଜଙ୍ଗଲରେ ଆଡ୍ଡା ଜମାଇଥିବା ଖବର ମିଳିଥିଲା। ଗୁଇନ୍ଦା ବିଭାଗ ସୂଚନା ଦେବା ପରେ ଉଭୟ ରାଜ୍ୟର ଏସ୍ଓଜି ଯବାନମାନେ ମାଓବାଦୀ ଦମନ ଅଭିଯାନ ଆରମ୍ଭ କରି ଦେଇଥିଲେ। ସୋମବାର ରାତିରୁ ଆରମ୍ଭ ହୋଇଥିବା ଏହି ଅପରେସନ୍‌ରେ ଛତିଶଗଡ଼ ପୁଲିସ, ସିଆର୍‌ପିଏଫ୍ ଓ ଓଡ଼ିଶାର ଏସ୍ଓଜି ଯବାନମାନେ ସାମିଲ ହୋଇଥିଲେ। ସୁରକ୍ଷାକର୍ମୀ ଓ ନକ୍ସଲଙ୍କ ମଧ୍ୟରେ ରାତିତମାମ ଘମାଘୋଟ ଲଢ଼େଇ ଚାଲିଥିଲା। ଏହି ସମୟରେ ୧୪ନକ୍ସଲଙ୍କ ଗୁଳିବିଦ୍ଧ ମୃତଦେହ ଜଙ୍ଗଲ ମଧ୍ୟରୁ ମିଳିଛି। ଏହାବାଦ ନିହତ ନକ୍ସଲମାନଙ୍କ ନିକଟରୁ ବିପୁଳ ପରିମାଣର ବନ୍ଧୁକ, ଗୁଳିଗୋଳା ଓ ଆଇଇଡି ଜବତ ହୋଇଛି। ଏଗୁଡ଼ିକ ମଧ୍ୟରେ ସେଲ୍ଫ ଲୋଡିଂ ରାଇଫଲ୍ ମଧ୍ୟ ରହିଛି। ଏବେ ବି ଜଙ୍ଗଲ ମଧ୍ୟରେ ସର୍ଚ୍ଚ ଅପରେସନ୍ ଜାରି ରହିଥିବା ଜଣାପଡ଼ିଛି। ସୂଚନା ମୁତାବକ ୨୦୨୪ରେ କେବଳ ଛତିଶଗଡ଼ରେ ୨୧୯ ନକ୍ସଲ ସୁରକ୍ଷାକର୍ମୀଙ୍କ ଗୁଳିରେ ନିହତ ହୋଇଥିଲେ। ଏମାନଙ୍କ ମଧ୍ୟରୁ କେବଳ ବସ୍ତର ରିଜନ୍‌ରେ ୨୧୭ଙ୍କ ମୁଣ୍ଡ ଗଡ଼ିଥିଲା। ସେହିପରି ୮୦୦ରୁ ଅଧିକ ମାଓବାଦୀଙ୍କୁ ଗିରଫ କରାଯାଇଥିବା ବେଳେ ୮୦୨ ଜଣ ଅସ୍ତ୍ର ଛାଡ଼ି ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇଛନ୍ତି।



**ବନ୍ଧୁକ, ଗୁଳିଗୋଳା ଓ ଆଇଇଡି ଜବତ**




# ସଂଘବଦ୍ଧ ଆକ୍ରମଣରେ ଯୁବକ ମୃତ

## ହତ୍ୟାକାରୀଙ୍କୁ ଗିରଫ ଦାବିରେ ଥାନା ଘେରିଲେ ଗ୍ରାମବାସୀ



**ଓଡ଼ଗାଁ,୨୧।୧/ଏନ୍ଏନ୍ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ ଶରଣକୁଳ ଥାନା ଚଢେୟାପଲ୍ଲୀ ଗ୍ରାମକୁ ଗତକାଲି ସନ୍ଧ୍ୟାରେ ତାରିଣୀ ଯାତ୍ରା ଦେଖିବାକୁ ପଞ୍ଚିରିଡ଼ା ମାନପୁର ଗ୍ରାମର ବାଳି ବାଘଙ୍କ ପୁଅ ପରମାନନ୍ଦ ବାଘ(୨୮) ଓ ଭଉଣୀ ସୀତା ବାଘ ଯାଇଥିଲେ। କୌଣସି କାରଣକୁ ନେଇ ଚଢେୟାପଲ୍ଲୀ ଗ୍ରାମର ୧୦ରୁ ୧୫ଜଣ ଯୁବକ ମିଶି ପରମାନନ୍ଦ ବାଘ ଓ ତାଙ୍କସାଙ୍ଗ ନେପୁରୀ ପ୍ରଧାନଙ୍କ ସହ ଗଣ୍ଡଗୋଳ କରିଥିଲେ। ଦୁହିଁଙ୍କ ମଧ୍ୟରୁ ନେପୁରୀ ଖସି ଆସିଥିବାବେଳେ ପରମାନନ୍ଦଙ୍କୁ ସମସ୍ତେ ଘେରିଯାଇ ବିଧା ଗୋଇଠାମାରି ତଳେପକାଇ ଦେଇଥିଲେ। ଆକ୍ରମଣକାରୀ ସେଠାରୁ ଚାଲିଯିବା ପରେ ଦୁଇଜଣଙ୍କ ସହାୟତାରେ ଭଉଣୀ ଭାଇକୁ ଗୁରୁତର ଅବସ୍ଥାରେ ଉଦ୍ଧାରକରି ଘରକୁ ଆଣିଥିଲେ। ତାଙ୍କୁ ପ୍ରଥମେ ଶରଣକୁଳ ଓ ପରେ ନୟାଗଡ଼ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ନେଇ ଆଜି ପଞ୍ଚିରିଡ଼ା ମାନପୁର ଗ୍ରାମର ଶତାଧିକ ଲୋକ ଶରଣକୁଳ ଥାନା ଆଗରେ ଶବ ରଖି ରାସ୍ତା ଅବରୋଧ କରିଥିଲେ। ତୁରନ୍ତ ହତ୍ୟାକାରୀମାନଙ୍କୁ ଗିରଫ କରିବାକୁ ଦାବି କରିଥିଲେ। ଭଉଣୀର ଅଭିଯୋଗକୁ ଆଧାରକରି ପୁଲିସ ଏକ ମାମଲା ରୁଜୁ କରିଛି। ଏଥିରେ ଚଢେୟାପଲ୍ଲୀ ଗ୍ରାମର ବବୁଲ ବିଶ୍ୱାଳ, ସୋନୁ ନିଗମ ବିଶ୍ୱାଳ, ପପୁ ମନ୍ତ୍ରୀ, ପ୍ରଦିପ ପ୍ରଧାନ, ଦିପୁ ବିଶ୍ୱାଳ, ଲିପୁ ବିଶ୍ୱାଳ ଓ ଅନେକ ଯୁବକ ସାମିଲ ଥିବା ଦର୍ଶାଇଛନ୍ତି। ଗାଁର ବ୍ୟକ୍ତିମାନେ ଶବ ରଖି ସନ୍ଧ୍ୟା ୬ଟାରୁ ରାତି ୮ଟା ପର୍ଯ୍ୟନ୍ତ ରାଜରାସ୍ତା ଉପରେ ବସିବାପରେ ଶରଣକୁଳ ଏସଡ଼ିପିଓ ଡୋମାନ ଚରଣ ଟୁଡୁ, ଶରଣକୁଳ ଥାନା ଅଧିକାରୀ ଜ୍ୟୋତିରଞ୍ଜନ ସ୍ୱାଇଁ ଓ ଓଡ଼ଗାଁ ଥାନା ଅଧିକାରୀ ରଶ୍ମିରଞ୍ଜନ ସାହୁ ଲୋକଙ୍କୁ ବୁଝାସୁଝା କରି ୨ଦିନ ମଧ୍ୟରେ ସମସ୍ତ ଅଭିଯୁକ୍ତଙ୍କୁ ଧରିବାକୁ ପ୍ରତିଶ୍ରୁତି ଦେବା ସହିତ ରେଡ଼କ୍ରସରୁ ୧୦ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ ପରେ ରାସ୍ତାରୋକ ହଟିଥିବା ଜଣାପଡ଼ିଛି।

# ଗଣ୍ଡଗୋଳ ଘଟଣାରେ ୪ ଗିରଫ

**ସାଲେପୁର,୨୧।୨/ଏନ୍ଏନ୍ଏସ୍:** ସାଲେପୁର ଥାନା ଅନ୍ତର୍ଗତ ଜପକୁଦ ଫାଣ୍ଡି ଅଧିନ ଜପକୁଦ ବଜାର ରେ ହୋଇଥିବା ଗଣ୍ଡଗୋଳ ଘଟଣାରେ ୪ଜଣ ଗିରଫ ହୋଇ କୋର୍ଟଚାଲାଣ ହୋଇଥିବା ଜଣାପଡିଛି। ଗତକାଲି ଜପକୁଦ ବଜାରରେ ହୋଇଥିବା ଗଣ୍ଡଗୋଳ ଘଟଣା ରେ ସାଲେପୁର ଥାନାରେ ଦୁଇ ପକ୍ଷଙ୍କ ତରଫରୁ ଅଭିଯୋଗ ହୋଇଥିଲା। ପୁଲିସ ଦୁଇଟି ପୃଥକ ପୃଥକ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା। ଅଭିଯୋଗ ଆଧାରରେ ଆଜି ସାଲେପୁର ଥାନା ଅନ୍ତର୍ଗତ ଏଲମାପୁର ୨ ଗ୍ରାମର ଅଜୟ କାଣ୍ଡି(୨୬), କଟରପା ଗ୍ରାମର ଦୀପକ ଭୋଇ(୨୧), ଜାଗୁଲାଇପଡ଼ା ଗ୍ରାମର ରମେଶ ଭୋଇ(୪୦) ଏବଂ ଶିବପ୍ରସାଦ ଭୋଇ(୩୦)ଙ୍କୁ ଗିରଫକରି କୋର୍ଟଚାଲାଣ କରିଥିବା ସାଲେପୁର ଥାନା ଆଇଆଇସି ମନୋଜ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି।

# ସରପଞ୍ଚଙ୍କ ଦ୍ୱାରା ଧାନମଣ୍ଡି ଉଦ୍‌ଘାଟିତ



**ନୟାହାଟ,୨୧।୧/ଏନ୍ଏନ୍ଏସ୍:** ନୟାହାଟ ଫାଣ୍ଡି ଅନ୍ତର୍ଗତ ଦୁର୍ଗେଶ୍ୱର ଗଡ଼ ସେବାସମବାୟ ସୁସାଇଟ ପକ୍ଷରୁ ଦେସ୍ତଳି ମେଲଣ ପଡିଆଠାରେ ସ୍ଥାନୀୟ ସରପଞ୍ଚ ରିସ୍ମା ସ୍ୱାଇଁଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ମଣ୍ଡି ଖୋଲିବାରେ ଚାଷୀଙ୍କ ମନରେ ଖୁସିର ଲହରୀ ଖେଳିଯାଇଥିଲା। ମଣ୍ଡି ଉଦ୍‌ଘାଟନରେ ଦେସ୍ତଳି ପଞ୍ଚାୟତର ସଭାପତି ସାନାତନ ରଥ, ସେବା ସମବାୟର ସଭାପତି ପୂର୍ଣ୍ଣଚନ୍ଦ୍ର ଆଚାର୍ଯ୍ୟ, ସୁକାନ୍ତ ପାତ୍ର, ସଂପାଦକ ମାଧବ ରଥ, ଚଗଲା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମଦିନ ୨୩୦୦ କୁଇଣ୍ଟାଲ୍ ଧାନ କିଣାଯାଇଥିଲା। ସେହିପରି ନୟାହାଟ ସମବାୟ ସମିତିରେ ମଙ୍ଗଳବାର ଧାନମଣ୍ଡିକୁ ଜଙ୍ଗଲବାରି ଆର୍‌ଆଇ ସୁଶାନ୍ତ ପୃଥି ଉଦ୍‌ଘାଟନ କରିଥିଲେ। ସମବାୟ ସଭାପତି କୃଷ୍ଣ ଚନ୍ଦ୍ର ସ୍ୱାଇଁ, ସଂପାଦକ ଅକ୍ଷୟ କୁମାର ରାୟ, କେଦାରନାଥ ସାହୁ, ତନ୍ମୟ ମହାନ୍ତି ଉପସ୍ଥିତ ଥିଲେ। ୧୦ଜଣ ଚାଷୀଙ୍କ ଠାରୁ ୭୫୫କୁଇଣ୍ଟାଲ୍ ଧାନ କ୍ରୟ କରିଥିଲେ। ସେହିପରି ବରିମୁଣ୍ଡ ସେବା ସମବାୟ ଧାନ ମଣ୍ଡିକୁ ସଭାପତି ବିଚିତ୍ରାନନ୍ଦ ନାୟକ, ସଂପାଦକ ଅକ୍ଷୟ କୁମାର ରାୟ, ଗ୍ରାମସେବିକା କଳ୍ପନା କରଙ୍କ ଉପସ୍ଥିତିରେ ୧୭ଜଣ ଚାଷୀଙ୍କଠାରୁ ୯୧୯କୁଇଣ୍ଟାଲ୍ ଧାନ କିଣାଯାଇଥିଲା।

## ମା’ ଭୁଆସୁଣୀ ଉଚ୍ଚ ବିଦ୍ୟାଳୟର ୩୩ତମ ବାର୍ଷିକ ଉତ୍ସବ

# ଗୁଣାତ୍ମକ ଶିକ୍ଷାର ମୂଲ୍ୟବୃଦ୍ଧି ହେବ: ଉପମୁଖ୍ୟମନ୍ତ୍ରୀ



**ଗୋପ,୨୧।୧/ଏନ୍ଏନ୍ଏସ୍:** ଆସନ୍ତା ଶିକ୍ଷାବର୍ଷରୁ ଲାଗୁ ହେବ ଜାତୀୟ ଶିକ୍ଷାନୀତି। ସମସ୍ତ ଭାଷାରେ ପାଠ ପଢ଼ିପାରିବେ ଛାତ୍ରଛାତ୍ରୀ। ଗୁଣାତ୍ମକ ଶିକ୍ଷାର ମୂଲ୍ୟବୃଦ୍ଧି ହେବ ବୋଲି ଗୋପ ବ୍ଲକ୍ ଅଧିନ ବେଦପୁର ପଂଚାୟତ ଅନ୍ତର୍ଗତ ମା’ ଭୁଆସୁଣୀ ଉଚ୍ଚ ବିଦ୍ୟାଳୟର ୩୩ତମ ବାର୍ଷିକ ଉତ୍ସବରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଯୋଗ ଦେଇ ମତବ୍ୟକ୍ତ କରିବା ସହ ବିଦ୍ୟାଳୟରେ ଥିବା ଶୌଚାଳୟ, ଖେଳପଡ଼ିଆ, ଶ୍ରେଣୀ ଗୃହ ଆଦି ସମସ୍ୟାର ଖୁବ୍‌ଶୀଘ୍ର ସମାଧାନ ହେବ ବୋଲି ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଭୁଦତ୍ତ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ହିମାଂଶୁ ଶେଖର ସମରଥ ଯୋଗଦେଇ ଗୋପ ବ୍ଲକ୍ ମଧ୍ୟରେ ଏହି ବିଦ୍ୟାଳୟ ଗତ କିଛିବର୍ଷ ଧରି ଲଗାତର ଭାବେ ସୁନାମ ଅର୍ଜନ କରିଆସୁଛି ବୋଲି ମତବ୍ୟକ୍ତ କରିଆସିଥିବାବେଳେ ଭିତିଭୂମିର ବିକାଶ ହେଲେ ଆହୁରି ଅଧିକ ସୁନାମ ଅର୍ଜନ କରିବ ବୋଲି ମତ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଗୋପ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ ଯୋଗଦେଇ ଗୁଣାତ୍ମକ ଶିକ୍ଷାର ବିକାଶ ଦିଗରେ ରାଜ୍ୟ ସରକାର ପ୍ରତିଶ୍ରୁତି ବଦ୍ଧ ବୋଲି ମତ ଦେଇଥିଲେ। ସେହିପରି ସାଂସଦଙ୍କ ପ୍ରତିନିଧି ସୁଶାନ୍ତ କୁମାର ସ୍ୱାଇଁ, ସରପଞ୍ଚ ଜୟନ୍ତୀ ଜେନା, ସମିତିସଭ୍ୟା ଲିପିକା ସେନାପତି, ବିଦ୍ୟାଳୟ ପରିଚାଳନା ଉନ୍ନୟନ କମିଟି ସଭାପତି ରବୀନ୍ଦ୍ର ମିଶ୍ର, ପୂର୍ବତନ ସଂପାଦକ ନିରଞ୍ଜନ ଦାସ, ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ମିଶ୍ର, ସମାଜସେବୀ ଗୋବିନ୍ଦ ଚନ୍ଦ୍ର ପାଢ଼ୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସହଦେବ ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ କ୍ରୀଡ଼ା ଓ ଶିକ୍ଷାକ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ପ୍ରଶାନ୍ତ ନାୟକ, ନବକିଶୋର ବିଶ୍ୱାଳ, ଜ୍ୟୋତିରଞ୍ଜନ ମିଶ୍ର, ଦାଶରଥି ପରିଡ଼ା, ବିରଞ୍ଚି ପ୍ରସାଦ ମିଶ୍ର ବିନୋଦବିହାରୀ ପ୍ରଧାନ, ଶିକ୍ଷୟିତ୍ରୀ ସ୍ୱପ୍ନାରାଣୀ ହାଜରା, ପ୍ରିୟମ୍ବଦା ଦାସ, ପ୍ରସନ୍ନ କୁମାର ପ୍ରଧାନ, ପ୍ରସନ୍ନ କୁମାର ପାଢ଼ୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଓଡ଼ଗାଁରେ ୱାଟର ଶେଡ୍ ସଚେତନତା ଯାତ୍ରା

## ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନାକୁ ଗୁରୁତ୍ୱ
## ବନ୍ଧ ଲୋକାର୍ପିତ, କ୍ଷେତ ପୋଖରୀ ଉଦ୍‌ଘାଟିତ





**ଓଡ଼ଗାଁ,୨୧।୧/ଏନ୍ଏନ୍ଏସ୍:** ନୟାଗଡ଼ ଜିଲ୍ଲା ଓଡ଼ଗାଁ ୱାଟରଶେଡ୍ ସଚେତନତା ଯାତ୍ରା ୨୦୨୫ ବାଣ୍ଡପୁର ପଞ୍ଚାୟତ ଧବଳେଇ ପଡ଼ିଆଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ଜଳ ବିଭାଜିକା ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ କାଳିଚରଣ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତା ଉତ୍ସବରେ ପୁରୀ ଲୋକସଭା ସାଂସଦ ଡାକ୍ତର ସମ୍ବିତ୍ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଧାନମନ୍ତ୍ରୀ କୃଷି ଜଳସିଞ୍ଚନ ଯୋଜନା ଦ୍ୱାରା ଚାଷୀମାନେ କିପରି ଲାଭବାନ ହୁଅନ୍ତି, ଅଳ୍ପଜମି, ଅଳ୍ପ ପାଣି ବ୍ୟବହାର କରି ଅଧିକ ଉତ୍ପାଦନ ପ୍ରକ୍ରିୟା ସମ୍ପର୍କରେ ଆଲୋଚନା କରିଥିଲେ ଏବଂ ଆଜି ଏଇ ମୂହୁର୍ତ୍ତରୁ ଏହି ଉପକ୍ରମ ଆରମ୍ଭ ହେଉ, ଯାହାଫଳରେ ବର୍ଷେରୁ ଦୁଇବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ୍‌ରେ ଓଡ଼ଗାଁର ଚାଷୀଙ୍କ କୃତିତ୍ୱ ସ୍ଥାନପାଇବ। ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ଅଶୋକ କୁମାର ମହାପାତ୍ର ଜଳର ଆବଶ୍ୟକତା ଓ ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରିଥିବାବେଳେ କୃଷି ବୈଜ୍ଞାନିକ ଧ୍ରୁବଚରଣ ସାହୁ ଏବଂ ଜିଲ୍ଲା କୃଷି ଅଧିକାରୀ ସୁମନ କୁମାର ପଟ୍ଟନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇ ଜଳସିଞ୍ଚନ ପ୍ରଣାଳୀର ବୈଜ୍ଞାନିକ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ଋତୁ ପରିବର୍ତ୍ତନ ଅନୁସାରେ ନିୟମିତ ଫସଲ ଓ ନିୟମିତ ଉତ୍ପାଦନ କିପରିହେବ ତଥ୍ୟ ଆଧାରରେ ପ୍ରମାଣ ରଖିଥିଲେ। ଓଡ଼ଗାଁ ତହସିଲଦାର ଡ. ମାନସ ରଞ୍ଜନ ଭୋଇ, ଗୌଡ଼ପୁଟ ସରପଞ୍ଚ ତ୍ରିନାଥ ନାୟକ ଅତିଥିଭାବେ ଯୋଗଦେଇ କୃଷକମାନଙ୍କୁ ସୈନିକମାନଙ୍କ ସହିତ ତୁଳନା କରିଥିଲେ। ଏହି ଅବସରରେ ଧବଳେଇ ଠାରେ ସାଂସଦ ସମ୍ବିତ ପାତ୍ର ବର୍ଷାଜଳ ପରିଚାଳନା ବନ୍ଧର ଲୋକାର୍ପଣ ଓ କ୍ଷେତ ପୋଖରୀର ଶୁଭ ଉଦ୍ଘାଟନ କରିଥିଲେ। ସେହିପରି ବନ୍ଧସାହି ଠାରେ ଭ୍ୟାନଯାତ୍ରା ଓ ପଥପ୍ରାନ୍ତ ନାଟକ ପ୍ରଦର୍ଶନ ସହିତ ଅମୃତ ସରବୋରର ଲୋକାର୍ପଣ ଏବଂ ଫିଡର୍ ଚ୍ୟାନେଲର ଉଦ୍‌ଘାଟନ କରିଥିଲେ। ମୃତ୍ତିକା କ୍ଷୟ ଓ ତାହାର ସଂରକ୍ଷଣ ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ୫ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ୭ ଅଣୁ ଜଳ ବିଭାଜିକା ଗୋଷ୍ଠୀର ସଭାପତି ୨ଜଣ ସଫଳ ଚାଷୀ, ୨ଜଣ ୱାଟର ଶେଡ୍ ଯୋଦ୍ଧାଙ୍କୁ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଓଡ଼ଗାଁ ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ମଧୁସ୍ମିତା ବେହେରା, କୃଷିଯନ୍ତ୍ରୀ ମିହିର ଚରଣ ପାତ୍ର, ଦୀପକ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସାମ୍ବାଦିକ ଗଣେଶ୍ୱର ସାହୁ ସଂଯୋଜନା କରିଥିଲେ।

# ସରପଞ୍ଚଙ୍କ ଇସ୍ତଫା



**ଓଡ଼ଗାଁ,୨୧।୧/ଏନ୍ଏନ୍ଏସ୍:** ଓଡ଼ଗାଁ ବ୍ଲକ୍ ଅନ୍ତର୍ଗତ ଆରଡ଼ା ପଞ୍ଚାୟତର ସରପଞ୍ଚ ସାରଦା ଦୋରା ଆଜି ନିଜ ପଦରୁ ଇସ୍ତଫା ଦେଇଛନ୍ତି। କିଛିଦିନ ତଳେ ପଞ୍ଚାୟତର ୮ଜଣ ୱାର୍ଡ଼ ସଭ୍ୟ ଉପଜିଲ୍ଲାପାଳଙ୍କ ପାଖରେ ଅନାସ୍ଥା ପ୍ରସ୍ତାବ ରଖିବା ପରେ ବିଡ଼ିଓଙ୍କ ପାଖରେ ସମସ୍ତ ୮ଜଣ ୱାର୍ଡ଼ସଭ୍ୟ ଉପସ୍ଥିତରହି ନିଜନିଜର ଦସ୍ତଖତ ଯାଞ୍ଚ କରିଥିଲେ। ଆରଡ଼ା ପଞ୍ଚାୟତର ୧୨ଟି ୱାର୍ଡ଼ରୁ ୧୦ଟି ୱାର୍ଡ଼ର ଲୋକମାନେ ସରପଞ୍ଚଙ୍କ ଉପରେ ଅସନ୍ତୁଷ୍ଟ ରହିଥିଲେ। ଏହାକୁ ନେଇ ୱାର୍ଡ୍ ସଭ୍ୟ ଓ ସରପଞ୍ଚଙ୍କ ମଧ୍ୟରେ ଟଣାଓଟରା ଚାଲିଥିଲା। ଆଜି ହଠାତ୍ ସରପଞ୍ଚ ଶ୍ରୀମତୀ ଦୋରା ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫା ପତ୍ରକୁ ଉପଜିଲ୍ଲାପାଳଙ୍କ ନିକଟରେ ଦାଖଲ କରିଛନ୍ତି। ଏହାପରେ ଗ୍ରାମପଞ୍ଚାୟତ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

# କାକଟପୁର ମଙ୍ଗଳା ମନ୍ଦିର ସେବାୟତ ଗଲେ ପ୍ରୟାଗ

**କୁଣ୍ଢେଇ,୨୧।୧/ଏନ୍ଏନ୍ଏସ୍:** ପ୍ରୟାଗ ତୀର୍ଥସ୍ଥଳରେ ଚାଲିଛି ମହାକୁମ୍ଭ ମେଳା। କୋଟି କୋଟି ସାଧୁସନ୍ଥ ପ୍ରୟାଗରେ ସାହି ସ୍ନାନକରି ପବିତ୍ରତା ଅନୁଭବ କରୁଥିବା ବେଳେ ମା’ ମଙ୍ଗଳାଙ୍କୁ ଏହି ତୀର୍ଥ ଜଳରେ ସ୍ନାନ ପାଇଁ ଜଣେ ସେବାୟତ ମା’ଙ୍କ ନେତ ଓ ବେତ ନେଇ ପ୍ରୟାଗ ବାହାରିଛନ୍ତି। ମା’ଙ୍କ ସ୍ନାନ ପାଇଁ ସେ ସ୍ୱପ୍ନାଦେଶ ପାଇଥିବା ସେବାୟତ ବିଷ୍ଣୁ ଚରଣ ପଣ୍ଡା ପ୍ରକାଶ କରିଛନ୍ତି। ସୋମବାର ମନ୍ଦିରରୁ ବାହାରିବା ବେଳେ ସଂକୀର୍ତ୍ତନ ଦଳ ତାଙ୍କୁ ଶୋଭାଯାତ୍ରାରେ ନେଇଥିଲେ। ଆସନ୍ତା ସରସ୍ୱତୀ ପୂଜା ଦିନ ପ୍ରୟାଗରାଜରୁ ଜଳ ଆସିଲା ପରେ ମା’ଙ୍କ ସ୍ନାନ ମାର୍ଜନା କରାଯିବ ବୋଲି ସେବାୟତ ନିଯୋଗ ଉପସଭାପତି କମଳ ଲୋଚନ ଦୀକ୍ଷିତ ସୂଚନା ଦେଇଛନ୍ତି।

# ନୟାଗଡ଼ରେ ନୂତନ ଚିନିକଳ ପ୍ରତିଷ୍ଠା ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର



**ନୟାଗଡ଼,୨୧।୧/ଏନ୍ଏନ୍ଏସ୍:** ନୟାଗଡ଼ ଚିନିକଳ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ପାଣିପୋଇଲାଠାରେ ନୂତନ ଚିନିକଳ ପ୍ରତିଷ୍ଠା ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳ ଅକ୍ଷୟ ସୁନିଲ୍ ଅଗ୍ରୱାଲଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଶତାଧିକ ଚାଷୀ ଓ କର୍ମଚାରୀ ମିଳିତଭାବେ ଏକ ପଦଯାତ୍ରା କରିଥିଲେ। ନୟାଗଡ଼ରେ ନୂତନ ଚିନିକଳ ସ୍ଥାପନ ନିମନ୍ତେ ଜିଲ୍ଲା ମହୋତ୍ସବରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବାକୁ ନେଇ କମିଟି ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ନୟାଗଡ଼ ପାଣିପୋଇଲା ତଥା ଆଖପାଖ ଅଞ୍ଚଳରେ ଆଖୁଚାଷ ବ୍ୟାପକତାକୁ ଦୃଷ୍ଟିରେ ରଖି ଚାଷୀକୁଳ ଆର୍ଥିକ ବିକାଶ ନିମନ୍ତେ ଚିନିକଳ ପ୍ରତିଷ୍ଠା କରାଯାଇଥିଲା। ଏହି ଅଞ୍ଚଳରେ ଆଖୁ ଚାଷର ଚାହିଦା ଦେଖି କେନ୍ଦ୍ର ସରକାର ଏଠାରେ ଏକ ଆଖୁ ଗବେଷଣା କେନ୍ଦ୍ର ମଧ୍ୟ ପ୍ରତିଷ୍ଠା କରିଥିଲେ। ନୂତନ ଚିନିକଳ ପ୍ରତିଷ୍ଠା ନିମନ୍ତେ ଏଠାରେ ସମସ୍ତ ପ୍ରକାର ଉପାଦାନ ଯଥା ନିର୍ବିବାଦୀୟ ଜାଗା, ପ୍ରଚୁର ଜଳର ଉତ୍ସ, ପରିବହନ ଓ ଗମନା ଗମନର ସୁବିଧା, ଯାନବାହାନ ରଖିବା ସ୍ଥାନ ଓ ପ୍ରଦୂଷଣ ମୁକ୍ତ ବ୍ୟାପକ ଜଙ୍ଗଲ ଜମି ଏବଂ ଜନବସତିଠାରୁ ଦୂର ସ୍ଥାନକୁ ମିଳିତ କ୍ରିୟାନୁଷ୍ଠାନ କମିଟି ଚିହ୍ନଟ କରି ପ୍ରସ୍ତାବ ଦେଇଛି। ଜିଲ୍ଲା ପ୍ରଶାସନ ଗମେଇଠାରେ ଚିନିକଳ ନିର୍ମାଣ ପାଇଁ ସ୍ଥାନ ନିରୂପଣ କରିଥିବାରୁ ମିଳିତ କ୍ରିୟାନୁଷ୍ଠାନ କମିଟି, ଚାଷୀ ଓ ପୁରାତନ କର୍ମଚାରୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଣୁ ପାଣିପୋଇଲା ଠାରେ ନୂଆ ଚିନିକଳ ପ୍ରତିଷ୍ଠା ହେଉ ବୋଲି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏହି ଦାବିପତ୍ର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ମିଳିତ କ୍ରିୟାନୁଷ୍ଠାନ କମିଟି ସଭାପତି ମନୋଜ କୁମାର ସାହୁ, ସମ୍ପାଦିକା ଲଳିତା ଦାସ, କୋଷାଧ୍ୟକ୍ଷ ବୈକୁଣ୍ଠନାଥ ରାଉତ, କୃଷକ ପ୍ରତିନିଧି ଚକ୍ରଧର ଜେନା, ଭାରତୀୟ କିଷାନ ମୋର୍ଚ୍ଚା ନୟାଗଡ଼ ଜିଲ୍ଲା ପ୍ରତିନିଧି, ଚିନିକଳ ୟୁନିଅନ ସଭାପତି ଲକ୍ଷ୍ମୀଧର ସାହୁଙ୍କ ସମେତ ବହୁ ଚାଷୀ ସାମିଲ ହୋଇଥିଲେ।

# ପାଇକ କବିଙ୍କ ୧୧୫ତମ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ



**ବାଣପୁର,୨୧।୧/ଏନ୍ଏନ୍ଏସ୍:** ଓଡ଼ିଆ ଭାଷା ସାହିତ୍ୟର ଅନନ୍ୟ ସାଧକ ଏବଂ ସର୍ବଶ୍ରେଷ୍ଠ ଅତିବଡ଼ି ଜଗନ୍ନାଥ ଦାସ ସମ୍ମାନରେ ସମ୍ମାନିତ, ସମଗ୍ର ଓଡ଼ିଶାରେ ପାଇକ କବି ଭାବରେ ପରିଚିତ କବି କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କ ୧୧୫ତମ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ଜନ୍ମମାଟି ଭୀମପୁର ଠାରେ ମହାସମାରୋହରେ ପାଳିତ ହୋଇଯାଇଛି। ଓଡ଼ିଶା ସାହିତ୍ୟ ଏକାଡ଼େମୀ ଭୁବନେଶ୍ୱର ଓ କବିଙ୍କ ନାମରେ ନାମିତ କୃଷ୍ଣଚନ୍ଦ୍ରପାଠାଗାର ଭୀମପୁରଙ୍କ ମିଳିତ ଆନୁକୂଲ୍ୟରେ ବାନାମ୍ବର ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ସାରସ୍ୱତ ସଭାରେ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ଆନନ୍ଦଚନ୍ଦ୍ରସେନାପତି ସଭାପତିତ୍ୱ କରିଥିବା ବେଳେ, ବିଶିଷ୍ଟ ସାହିତ୍ୟିକ, ପୂର୍ବତନ ମନ୍ତ୍ରୀ ଡ଼ା ଦେବେନ୍ଦ୍ରନାଥ ମାନସିଂହ ମୁଖ୍ୟ ଅତିଥି, ଖୋର୍ଦ୍ଧା ପ୍ରାଣନାଥ ମହାବିଦ୍ୟାଳୟର ଓଡ଼ିଆଭାଷା ସାହିତ୍ୟ ବିଭାଗର ପୂର୍ବତନ ପ୍ରାଧାପକ ତଥା ଖୋର୍ଦ୍ଧା ସାହିତ୍ୟ ସଂସଦର ସଭାପତି, ଇତିହାସ ଗବେଷକ ଗୋପାଳକୃଷ୍ଣ ଦାସ ମୁଖ୍ୟବକ୍ତା, ଗ୍ରାମୀଣ ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ତଥା କୃଷ୍ଣଚନ୍ଦ୍ର ସାହିତ୍ୟ ବିଶାରଦ ଅଧ୍ୟାପକ ସଂଗ୍ରାମକେଶରୀ ସାହୁ, ଗୋଦାବରୀଶ ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟର ପ୍ରାକ୍ତନ ଅଧ୍ୟାପକ ଭାଷାତତ୍ତ୍ୱବିତ୍ ଡ଼ଃ ଚାନ୍ଦକିଶୋର ତ୍ରିପାଠୀ ଓ ଚିଲିକା ସାହିତ୍ୟ ସମାଜର ସଭାପତି ଶିକ୍ଷାବିତ୍ ବାଳମୁକୁନ୍ଦ ଦାସ ସମ୍ମାନିତ ଅତିଥି ଭାବରେ ଯୋଗଦେଇ କବି ତ୍ରିପାଠୀଙ୍କ ଦ୍ୱାରା ରଚିତ ସମାଜର ଅବହେଳିତ, ନିଷ୍ପେସିତଙ୍କ ଶୋଷଣ କଷଣ, ଦୁଃଖ ଯାତନା ଆଧାରିତ ଅଜସ୍ର କବିତା ସହ ଖୋର୍ଦ୍ଧାର ବୀରପାଇକ ଜାତିର ଶୌର୍ଯ୍ୟ, ବୀର୍ଯ୍ୟ ପରାକାଷ୍ଠା ଓ ଜନ୍ମଭୂମିର ସ୍ୱାଧୀନତା ପାଇଁ ବଳିଦାନ ଉପରେ ରଚିତ ସ୍ୱତନ୍ତ୍ର କବିତା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଅଧ୍ୟାପକ ସଂଗ୍ରାମ କେଶରୀ ସାହୁଙ୍କୁ ତାଙ୍କର ସାମଗ୍ରିକ କୃଷ୍ଣଚନ୍ଦ୍ର ସାହିତ୍ୟ ଉପରେ ଉଚ୍ଚକୋଟୀର ଦୀକ୍ଷାନ୍ତ ଗବେଷଣା ନିମନ୍ତେ ‘କବି କୃଷ୍ଣଚନ୍ଦ୍ର ତ୍ରିପାଠୀ ସ୍ମାରକୀ ସମ୍ମାନ’ରେ ସମ୍ମାନିତ କରାଯାଇଥିଲା। ପାଠାଗାର ତରଫରୁ କୃଷ୍ଣଚନ୍ଦ୍ର ଜୀବନୀ ଓ ସାହିତ୍ୟ ଉପରେ ଅନୁଷ୍ଠିତ ସ୍ଥାନୀୟ ଅଞ୍ଚଳର ବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଯୁଗ୍ମ ସଂପାଦକ ଅଶୋକ ନନ୍ଦ, ଅଧ୍ୟାପକ ଜ୍ୟୋତିର୍ମୟ ତ୍ରିପାଠୀ, ଉପଦେଷ୍ଟା ବୈରାଗୀ ଚରଣ ବେହେରା ଓ ଆମ ବିଦ୍ୟାଳୟ ସଭାପତି ରମେଶ ଚନ୍ଦ୍ର ବେହେରାଙ୍କ ସଂପାଦନାରେ ଆୟୋଜିତ ଏହି ସମାରୋହରେ ପାଠାଗାରର ସଂପାଦକ ମଧୁସୂଦନନନ୍ଦ ସ୍ୱାଗତ ଭାଷଣ ସହ ବାର୍ଷିକ ବିବରଣୀ ପଠନ କରିଥିବାବେଳେ କୋଷାଧ୍ୟକ୍ଷ ବିଭୂତିଭୂଷଣ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତ୍ୟୁଷରେ ଭୀମପୁର ଗ୍ରାମବାସୀ, ସ୍ଥାନୀୟ ଅଞ୍ଚଳର ବହୁ ସାରସ୍ୱତ ସାଧକ, ଶିକ୍ଷକ, ଅଧ୍ୟାପକ ସାମ୍ବାଦିକ, ବୁଦ୍ଧିଜୀବୀ କବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରିଶେଷରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହଯୋଗରେ ଛାତ୍ରଛାତ୍ରୀଙ୍କ ଦ୍ୱାରା କବିଙ୍କ ରଚିତ ପାଇକ କବିତା ‘ଏଇ ଯେ ଦିଶୁଛି ଲାଲ୍‌ମାଟିର ଖୋର୍ଦ୍ଧା ଗଡ଼’ ଓ ଅନ୍ୟାନ୍ୟ କବିତା ଗୁଡ଼ିକର ନୃତ୍ୟାଭିନୟ ପରିବେଷଣ କରାଯାଇଥିଲା।

# ମଧୁମାଟି ସେବା ସଂଗଠନ ପକ୍ଷରୁ ସମ୍ବର୍ଦ୍ଧନା ସଭା




**ସାଲେପୁର,୨୧।୧/ଏନ୍ଏନ୍ଏସ୍:** ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମପୀଠ ସତ୍ୟଭାମାପୁରଠାରେ ସାଲେପୁର ଅଞ୍ଚଳର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ମଧୁମାଟି ସେବା ସଂଗଠନ ପକ୍ଷରୁ ସେବା ସହଯୋଗ ଓ ମଧୁ ମାଟିର ବିକାଶକୁ ନେଇ ସାମ୍ବାଦିକ ସମ୍ମିଳନୀ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ରାଜନୀତିରୁ ଉର୍ଦ୍ଧ୍ୱରେ ରହି ମଧୁମାଟିର ଅସହାୟ ଅବହେଳିତ ଗରୀବ ଖଟିଖିଆ ମଣିଷ ଙ୍କୁ ସେବା ସହଯୋଗ ପ୍ରଦାନ କରିବା ସହ ସାଲେପୁରର ଉନ୍ନତି ପାଇଁ ସଂଗ୍ରାମ ଜାରି ରହିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ଅନୁଷ୍ଠାନର ସଭାପତି ତଥା ଯୁବ ସଂଗଠକ ପ୍ରକାଶ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ରାଜ୍ୟ ସାମ୍ବାଦିକ ସଂଘ(ଏସ୍‌ୟୁଜେ)ର ଉପଦେଷ୍ଟା ଅକ୍ଷୟ କୁମାର ଦାଶ, ମୁଖ୍ୟବକ୍ତା ଭାବରେ ଯୁବ ସଂଗଠକ ସାମ୍ବାଦିକ ଶାରଦା ପ୍ରସନ୍ନ ପଣ୍ଡା, ସମ୍ମାନିତ ଅତିଥି ଭାବରେ ସାଲେପୁର ଆଞ୍ଚଳିକ ସାମ୍ବାଦିକ ସଂଘ ସମ୍ପାଦକ ହୃଷିକେଶ ମଲ୍ଲିକ ସମ୍ମାନିତ ଅତିଥି ଭାବରେ ସାମ୍ବାଦିକ ମନୋଜ ଆଚାର୍ଯ୍ୟ ଯୋଗଦେଇ ଅନୁଷ୍ଠାନର ଆଭିମୁଖ୍ୟକୁ ସ୍ପଷ୍ଟ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷାବିତ୍ ଗୌର ଚରଣ ଭୂୟାଁ ସଭା ସଂଯୋଜନା କରି ଥିଲେ।ମଧୁବାବୁ ସେବା ସଂଗଠନ ତରଫରୁ ସମାଜ ସେବୀ ସମ୍ମାନରେ ଦୁଃଖୀଶ୍ୟାମ ବୃଦ୍ଧାଶ୍ରମର ଅଧ୍ୟକ୍ଷ ଅଜୟ ଜେନା ଓ ଟାଙ୍ଗୀ ସ୍ୱାଭିମାନ ସେବା ସଂଘର ଅଧ୍ୟକ୍ଷ ଦୁଷ୍ମନ୍ତ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଶିକ୍ଷାଶ୍ରୀ ସମ୍ମାନରେ ଶିକ୍ଷକ ତଥା ରାମକୃଷ୍ଣପୁର ସମିତି ସଭ୍ୟ ସୁଧୀର କୁମାର ପ୍ରଧାନ, ସଙ୍ଗୀତଶ୍ରୀ ସମ୍ମାନରେ ଯୁବ ଗୀତିକାର ସମରେନ୍ଦ୍ର ଆଚାର୍ଯ୍ୟ ଓ ମଧୁସୁଦନ ସାଂସ୍କୃତିକ ପରିଷଦର ସଂଗ୍ରାମ ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନେକ ସାମ୍ବାଦିକ, ବୁଦ୍ଧିଜୀବୀଙ୍କ ସହ ମଧୁପ୍ରେମୀ ବାସୁଦେବ ରାଉତ ସାମିଲ୍‌ଥିଲେ।

ନିତିଦିନ NITIDIN





## କଣାସ ଡାଇରିଆ ମୃତ୍ୟୁ ଘଟଣାକୁ ନେଇ ବର୍ଷିଲା ବିଜେଡି

# ନିୟନ୍ତ୍ରଣକୁ ଆଣିବା ପାଇଁ ସରକାର ଦେଖାଇ ନାହାନ୍ତି ତତ୍ପରତା

**ଭୁବନେଶ୍ୱର,୨୧।୧/ଏନ୍ଏନ୍ଏସ୍:** ପୁରୀ ଜିଲ୍ଲାର କଣାସ ଅଞ୍ଚଳରେ ଡାଇରିଆରେ ୪ ଜଣଙ୍କ ମୃତ୍ୟୁ ଘଟଣାରେ ସୋମବାର ବିଜୁ ଜନତା ଦଳ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି। ଶଙ୍ଖ ଭବନ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ବିଜେଡି ନେତା ତଥା ସତ୍ୟବାଦୀର ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ ଓ ବିଜେଡି ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ଼ ଲେନିନ ମହାନ୍ତି ଘଟଣାରେ ୪ ଜଣଙ୍କ ମୃତ୍ୟୁ ଓ ଶତାଧିକ ଆକ୍ରାନ୍ତ ହୋଇଥିବା ବେଳେ ରାଜ୍ୟ ସରକାର ଏହାକୁ ନିୟନ୍ତ୍ରଣରେ ଆଣିବା ପାଇଁ କୌଣସି ପ୍ରକାରର ତତ୍ପରତା ଦେଖାଇ ନାହାନ୍ତି ବୋଲି ଅଭିଯୋଗ କରିଥିଲେ।



ଶ୍ରୀ ସାମନ୍ତରାୟ କହିଥିଲେ, କଣାସ ଅଞ୍ଚଳର ବାସିନ୍ଦାମାନେ ଗତ ୧୦ ଦିନ ହେବ ଝାଡ଼ାବାନ୍ତି ରୋଗରେ ଆକ୍ରାନ୍ତ ହୋଇଥିବା ବେଳେ ଓ ଏହା ଗଣମାଧ୍ୟମରେ ପ୍ରସାରିତ ହୋଇଥିବା ସତ୍ତ୍ୱେ ରାଜ୍ୟ ସରକାରଙ୍କ ପ୍ରତିନିଧି ତ ଦୂରର କଥା, ସ୍ଥାନୀୟ ବିଧାୟକ ଓ ସାଂସଦ ମଧ୍ୟ ଗତକାଲି ପର୍ଯ୍ୟନ୍ତ ଘଟଣାସ୍ଥଳରେ ପହଞ୍ଚି ନଥିଲେ। ଗତକାଲି ସନ୍ଧ୍ୟାରେ ସେମାନେ ସେଠାରେ ପହଞ୍ଚିଲା ପରେ ଲୋକଙ୍କ ରୋଷର ଶିକାର ହୋଇଥିଲେ।

ସେ କହିଥିଲେ, ଏହି ସମସ୍ୟା ମୁଖ୍ୟତଃ ଦୟା, ଲୁଣା ଓ ମକରା ନଦୀର ପ୍ରଦୂଷିତ ଜଳକୁ ଜନସାଧାରଣ ପିଇବା ପାଇଁ ବ୍ୟବହାର କରୁଥିବାରୁ ଘଟୁଛି ବୋଲି କୁହାଯାଉଛି।

ବିଜେଡି ପକ୍ଷରୁ କୁହାଯାଇଛି ଯେ ଗଙ୍ଗୁଆ ନଦୀ ଜଳରେ ଭୁବନେଶ୍ୱରର ସ୍ୱିଏଜ ପାଣି ମିଶୁଥିବାରୁ ଓ ଗଙ୍ଗୁଆ ନଦୀର ଜଳ ଦୟା ନଦୀରେ ମିଶୁଥିବାରୁ ଜଳ ପ୍ରଦୂଷିତ ହେଉଛି ଓ ଏହି ଜଳ ପାନୀୟ ଉପଯୋଗୀ ରହୁନାହିଁ। ପ୍ରଦୂଷିତ ସ୍ୱିଏଜ ଜଳକୁ ପ୍ରଦୂଷଣରୁ ରୋକିବା ପାଇଁ ଏକ ଟ୍ରିଟମେଣ୍ଟ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ପୂର୍ବ ସରକାର ୯୦୦ କୋଟି ଟଙ୍କା ମଞ୍ଜୁରୀ ଦେଇଥିଲେ। ଏହାକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଓ ନଗର ଉନ୍ନୟନ ବିଭାଗ, ଜଙ୍ଗଲ ପରିବେଶ ବିଭାଗର ସେକ୍ରେଟାରୀଙ୍କ ଉପସ୍ଥିତିରେ ଏକ ଉଚ୍ଚସ୍ତରୀୟ ବୈଠକ ହୋଇଥିଲା। ଏହି ଟ୍ରିଟମେଣ୍ଟ ପ୍ଲାଣ୍ଟ କାମ ପ୍ରାୟ ୮୦ ପ୍ରତିଶତ ଶେଷ ହୋଇଯାଇଥିଲା, ଯାହା ନୂତନ ସରକାର ଆସିବା ପରେ ବନ୍ଦ ହୋଇ ରହିଛି। ସେହିପରି ଗଙ୍ଗୁଆ ଓ ଦୟା ନଦୀରେ ପ୍ରଦୂଷିତ ଜଳ ନମିଶିବା ଲାଗି ଆଉ ଏକ ଟ୍ରିଟମେଣ୍ଟ ପ୍ଲାଣ୍ଟ ଲାଗିବ ବୋଲି ଟେଣ୍ଡର ଡକାଯାଇଥିଲେ ସୁଦ୍ଧା ନୂଆ ସରକାର ଆସିବା ପରେ ଏହି କାର୍ଯ୍ୟ ଆଗକୁ ବଢୁନାହିଁ। କଣାସ ପିଏଚ୍‌ସିରେ ଏବେ ଚାବି ଝୁଲୁଛି। ସେଠାରେ କାର୍ଯ୍ୟରତ ଥିବା ଲୋକପ୍ରିୟ ଡାକ୍ତର ରମେଶ ବେହେରା, ବିଧାୟକଙ୍କ ଦୁର୍ବ୍ୟବହାର ଯୋଗୁ ସ୍ୱେଚ୍ଛାକୃତ ଅବସର ନେଇଛନ୍ତି।

ପୂର୍ବ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ପାଇପ ଯୋଗେ ପ୍ରତି ଘରକୁ ଜଳ ଯୋଗାଣ ବ୍ୟବସ୍ଥା କାମ ପ୍ରାୟତଃ ଶେଷ ହୋଇ ଆସିଥିଲେ ମଧ୍ୟ ନୂଆ ସରକାର ଆସିବା ପରେ କାମ ବନ୍ଦ ହୋଇ ରହିଛି। ତେଣୁ ସରକାର ବ୍ୟବସ୍ଥିତ ହୋଇସାରିଥିବା କାର୍ଯ୍ୟକୁ ତୁରନ୍ତ କରନ୍ତୁ। ତାଛଡ଼ା, ରାଜ୍ୟ ସରକାର ଆକ୍ରାନ୍ତ ହୋଇଥିବା ଲୋକଙ୍କୁ ତୁରନ୍ତ ଉପଯୁକ୍ତ ଚିକିତ୍ସା ପ୍ରଦାନ କରନ୍ତୁ ଓ ଡାଇରିଆକୁ ନିୟନ୍ତ୍ରଣରେ ଆଣିବା ପାଇଁ ଆବଶ୍ୟକ ପଦକ୍ଷେପ ନିଅନ୍ତୁ। ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ପ୍ରଦାନ କରନ୍ତୁ ବୋଲି ବିଜୁ ଜନତା ଦଳ ଦାବି କରୁଛି ବୋଲି ଶ୍ରୀ ସାମନ୍ତରାୟ କହିଥିଲେ।

# ‘ସରକାର ସଜାଗ ଅଛନ୍ତି’



**ଭୁବନେଶ୍ୱର,୨୧।୧/ଏନ୍ଏନ୍ଏସ୍:** କଣାସ ଅଞ୍ଚଳରେ ଝାଡ଼ାବାନ୍ତି ବ୍ୟାପିବାକୁ ନେଇ ସ୍ୱାସ୍ଥ୍ୟ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି ଯେ ସ୍ୱାସ୍ଥ୍ୟ ବିଭାଗ ଟିମ୍ କଣାସ ଅଞ୍ଚଳକୁ ପଠା ଯାଇଛି। ପର୍ଯ୍ୟାପ୍ତ ପରିମାଣର ଅବଶ୍ୟକୀୟ ଔଷଧ ମହଜୁଦ ଅଛି। ଲୋକଙ୍କୁ ସଚେତନ କରାଯାଉଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ କଣାସ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ସରକାର ସଜାଗ ଅଛନ୍ତି। ଚିକିତ୍ସା ସେବା ଠିକରେ ଚାଲିଛି। ଝାଡ଼ାବାନ୍ତି ସ୍ଥିତି ଉପରେ ନଜର ରଖିବାକୁ ମୁଖ୍ୟମନ୍ତ୍ରୀ ମୋତେ ନିର୍ଦ୍ଦେଶ ଦେଇଛନ୍ତି। ସମ୍ପୃକ୍ତ ଅଞ୍ଚଳରେ କିପରି ଅଧିକ ଝାଡ଼ାବାନ୍ତି ନବ୍ୟାପେ ସେଥିପାଇଁ ଆମେ ପଦକ୍ଷେପ ନେଉଛୁ ବୋଲି ଡକ୍ଟର ମହାଲିଙ୍ଗ କହିଛନ୍ତି। ଏଣେ କଣାସରେ ଡାଇରିଆରେ ଜଣଙ୍କର ମୃତ୍ୟୁ ହୋଇଥିବା ଘୋଷଣା କରିଛି ସ୍ୱାସ୍ଥ୍ୟ ବିଭାଗ। ଏହି ସୂଚନା ଦେଇଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର। ସେ କହିଛନ୍ତି ଯେ କଣାସ ଅଞ୍ଚଳରେ ୭-୮ ଦିନ ହେଲା ଝାଡ଼ାବାନ୍ତି ବ୍ୟାପିଛି। ଝାଡ଼ାବାନ୍ତିରେ ମୋଟ ୩ ଜଣଙ୍କର ମୃତ୍ୟୁ ହୋଇଥିବା ସୂଚନା ଆସିଥିଲା। ସେଥିରୁ ଜଣେ ଡାଇରିଆରେ ମୃତ୍ୟୁବରଣ କରିଥିବା ସ୍ପଷ୍ଟ ହୋଇଛି। ଅନ୍ୟ ଦୁଇ ଜଣଙ୍କର ରିପୋର୍ଟକୁ ଅପେକ୍ଷା କରାଯାଇଛି। କଣାସରେ ପ୍ରଥମେ ଏକ ଭୋଜିରୁ ଝାଡ଼ାବାନ୍ତି ଆରମ୍ଭ ହୋଇଥିଲା। ତାପରେ ଆଖପାଖ ୫ଟି ଗାଁକୁ ବ୍ୟାପିଛି । ବର୍ତ୍ତମାନ ସୁଦ୍ଧା ଏହି ଗାଁ ଗୁଡ଼ିକର ୭୧ ଜଣ ସଂକ୍ରମିତ ହୋଇଛନ୍ତି। ଦୟା ନଦୀରୁ ଦୂଷିତ ଜଳ ବ୍ୟବହାର ଯୋଗୁଁ ଡାଇରିଆ ବ୍ୟାପିଥିବା ଜଣାପଡିଛି। ନମୁନା ପରୀକ୍ଷାରୁ ଇ-କୋଲି ବ୍ୟାକ୍ଟେରିଆ ଚିହ୍ନଟ ହୋଇଛି। ବର୍ତ୍ତମାନ ସ୍ଥିତି ନିୟନ୍ତ୍ରଣ ଅଛି। ସେ ଅଞ୍ଚଳରେ ଭୁବନେଶ୍ୱରରୁ ୨ଟି ଟିମ ସହ ସ୍ୱାସ୍ଥ୍ୟ ବିଭାଗର ମୋଟ ୮ଟି ଟିମ ନିୟୋଜିତ ହୋଇଛନ୍ତି । ନଦୀର ସବୁ ଘାଟକୁ ବିଶୋଧନ କରାଯାଉଛି। ସରକାରଙ୍କ ପକ୍ଷରୁ ବିଶୁଦ୍ଧ ଜଳ ଯୋଗାଇ ଦିଆଯାଉଛି।

## ଆତିଥେୟତା ଉଦ୍ୟୋଗରେ ନିଯୁକ୍ତି

# ଉନ୍ନୟନ କମିଶନରଙ୍କୁ ଭେଟିଲେ ୧୦ ଭିନ୍ନକ୍ଷମ ଛାତ୍ରଛାତ୍ରୀ

**ଭୁବନେଶ୍ୱର,୨୧।୧/ଏନ୍ଏନ୍ଏସ୍:** ଅନ୍ତର୍ଭୁକ୍ତିକରଣ ଓ ସଶକ୍ତୀକରଣକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ସହଯୋଗରେ ‘କାମତ ହୋଟେଲ୍ସ (ଇଣ୍ଡିଆ) ଲିମିଟେଡ୍’ ପକ୍ଷରୁ ଶ୍ରବଣ ଓ ବାକ୍ ଅକ୍ଷମତା ଥିବା ୧୦ ଜଣ ଛାତ୍ରଛାତ୍ରୀଙ୍କୁ ଇରା ବାଇ ଅର୍କିଡ୍ ହୋଟେଲ, ଭୁବନେଶ୍ୱର, ଲୋଟସ୍ ରିସୋର୍ଟ, କୋଣାର୍କ ଏବଂ ମହୋଦଧି ପ୍ୟାଲେସ୍ ,ପୁରୀ ପକ୍ଷରୁ ନିଯୁକ୍ତି ଦେବାକୁ ଘୋଷଣା କରାଯାଇଛି। ଏହି ପଦକ୍ଷେପ ‘କାମତ ହୋଟେଲ’ର ଏକ ଅନ୍ତର୍ଭୁକ୍ତ କର୍ମକ୍ଷେତ୍ରକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ଏହି ପରିପ୍ରେକ୍ଷୀରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଉପସ୍ଥିତିରେ ଲୋକସେବା ଭବନରେ ଏହି ନବ ନିଯୁକ୍ତ ଛାତ୍ରଛାତ୍ରୀମାନଙ୍କର ଏକ ପରାମର୍ଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ବଲୱନ୍ତ ସିଂ, କାମତ ହୋଟେଲ ଇଣ୍ଡିଆ ଲିମିଟେଡର ଆଞ୍ଚଳିକ ମହାପ୍ରବନ୍ଧକ ଭରତ ଭୂଷଣ ବିଶ୍ୱାଳ, ଆଇଏଚ୍ଏମ୍, ଭୁବନେଶ୍ୱରର ଅଧ୍ୟକ୍ଷା ଶାରଦା ଘୋଷ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ପରିବେଶବିତ୍ ତଥା କାମତ ହୋଟେଲର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଡଃ. ବିଠଲ ଭେଙ୍କଟେଶ କାମତ କହିଛନ୍ତି ଯେ ପ୍ରକୃତ ଆତିଥେୟତା ଉତ୍କୃଷ୍ଟ ସେବା ପ୍ରଦାନ କରିବା ଠାରୁ ଅଧିକ ବୋଲି ଆମେ ବିଶ୍ୱାସ କରୁ । ଏହା ଜୀବନର ସବୁ ବର୍ଗର ବ୍ୟକ୍ତିଙ୍କ ପାଇଁ ସୁଯୋଗ ସୃଷ୍ଟି କରିବା ପର୍ଯ୍ୟନ୍ତ ବିସ୍ତାରିତ। ଏହି ପଦକ୍ଷେପ ଅନ୍ୟମାନଙ୍କୁ ଅନୁସରଣ କରିବାକୁ ଏବଂ ଏକ ଅଧିକ ସମାବେଶୀ ଶିଳ୍ପ ନିର୍ମାଣ କରିବାକୁ ପ୍ରେରଣା ଦେବ। ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ଏହି ଛାତ୍ରଛାତ୍ରୀଙ୍କ ସହିତ କିଛି ସମୟ ଧରି ଆଲୋଚନା କରିଥିଲେ।

# ଓଡ଼ିଆ ଭାଷାରେ ଇଗ୍ନୋର ଏମ୍‌ବିଏ ଅଧ୍ୟୟନ ପୁସ୍ତିକା ଉନ୍ମୋଚିତ

**ଭୁବନେଶ୍ୱର,୨୧।୧/ଏନ୍ଏନ୍ଏସ୍:** ମଙ୍ଗଳବାର ଭୁବନେଶ୍ୱର ଠାରେ ଏଆଇସିଟିଇ ସହଯୋଗରେ ଇନ୍ଦିରା ଗାନ୍ଧୀ ବିଶ୍ୱବିଦ୍ୟାଳୟ (ଇଗ୍ନୋ)ର ଏମବିଏ ଅଧ୍ୟୟନ ପୁସ୍ତିକା ଓଡ଼ିଆ ଭାଷାରେ ଉନ୍ମୋଚିତ ହୋଇଯାଇଛି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟଅତିଥିଭାବେ ଯୋଗଦେଇ ଏହାକୁ ଉନ୍ମୋଚନ କରିବା ସହ ଆଜିର ପଦକ୍ଷେପ ଦ୍ୱାରା ଓଡ଼ିଶାର ଉଚ୍ଚ ଶିକ୍ଷା ତଥା ବୈଷୟିକ ଶିକ୍ଷା କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ଯୋଡ଼ିହେଲା ବୋଲି କହିଥିଲେ। ଓଡ଼ିଆ ଏକ ପ୍ରାଚୀନ ଭାଷା ଯାହାର ସମୃଦ୍ଧ ଇତିହାସ ଓ ଐତିହ୍ୟ ରହିଛି। ୨୦୧୪ ମସିହାରୁ ଓଡ଼ିଆ ଏକ ଶାସ୍ତ୍ରୀୟ ଭାଷା। ଓଡ଼ିଆ ଭାଷାର ଶିକ୍ଷାକୁ ଗଭୀର କରିବା ପାଇଁ ଓଡ଼ିଶା ସରକାର ପ୍ରୟାସ ଜାରି ରଖିଛନ୍ତି। ଓଡ଼ିଆ ଭାଷା ଓ ଶିକ୍ଷାର ପରିସର ବୃଦ୍ଧି କରିବା ଆମ ପାଇଁ ଏକ ପ୍ରାଥମିକତୟ ଏଜେଣ୍ଡା। ଏହି ପରିପ୍ରେକ୍ଷୀରେ ଆଜିର କାର୍ଯ୍ୟକ୍ରମ ଏହି ଯାତ୍ରାରେ ଆଉ ଏକ ମାଇଲଖୁଣ୍ଟ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଶିଳ୍ପ, କୌଶଳ ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଏଆଇସିଟିଇର ଅଧ୍ୟକ୍ଷ ପ୍ରଫେସର ଟି.ଜି ସିଥାରାମ, ଇଗ୍ନୋର କୁଳପତି ପ୍ର. ଉମା କାଞ୍ଜିଲାଲ୍, ଇଗ୍ନୋ ଆଞ୍ଚଳିକ କେନ୍ଦ୍ର ଭୁବନେଶ୍ୱରର ନିର୍ଦ୍ଦେଶକ ଡ. ସୁରେଶ କୁମାର ତ୍ରିପାଠୀ, ଇଗ୍ନୋ ମୁଖ୍ୟାଳୟରୁ ମ୍ୟାନେଜମେଣ୍ଟ ବିଭାଗର ପ୍ରଫେସର ନୟନତାରା ପାଢ଼ୀ, ପ୍ରଫେସର ଏମ.ଏସ.ଏସ ରାଜୁ ଓ ପ୍ରଫେସର ରାଜୀବ ଶୁକ୍ଳ ଉପସ୍ଥିତ ଥିଲେ।

# ‘ହତ୍ୟା ପୂର୍ବରୁ ନବ ଦାସଙ୍କୁ ୱାର୍ଣ୍ଣିଂ ଦିଆଯାଇଥିଲା’



**ଭୁବନେଶ୍ୱର,୨୧।୧/ଏନ୍ଏନ୍ଏସ୍:** ପୂର୍ବତନ ମନ୍ତ୍ରୀ ନବ ଦାସ ହତ୍ୟା ମାମଲାରେ ନୂଆ ନୂଆ ଘଟଣା ସାମନାକୁ ଆସୁଛି। ତେବେ ହତ୍ୟା ପୂର୍ବରୁ ତାଙ୍କୁ ୱାର୍ଣ୍ଣିଂ ଦିଆଯାଇଥିଲା ବୋଲି ମଙ୍ଗଳବାର କଂଗ୍ରେସର ବରିଷ୍ଠ ନେତା ସନ୍ତୋଷ ସିଂ ସାଲୁଜା କହିଛନ୍ତି। ଶ୍ରୀ ସାଲୁଜା କହିଛନ୍ତି ଯେ ହତ୍ୟା ପୂର୍ବରୁ ସ୍ୱର୍ଗତ ନବ ଦାସଙ୍କୁ କୋଲ୍‌ବ୍ଲକରୁ ଦୂରେଇ ରହିବାକୁ କୁହାଯାଇଥିଲା। ସେତେବେଳର ଏସ୍‌ପି ଓ ଜିଲ୍ଲାପାଳ ଦୂରେଇ ରହିବାକୁ ତାଙ୍କୁ କହିଥିଲେ। ତେବେ ସେମାନଙ୍କୁ କିଏ ଚାପ ପକାଇଥିଲା ସେମାନେ ଦୁଇ ଜଣ ହିଁ କହିପାରିବେ। ସ୍ୱର୍ଗତ ନବ ଦାସଙ୍କ ହତ୍ୟା ଷଡ଼ଯନ୍ତ୍ର ପଛରେ କିଏ ରହିଛି ତାହା ସିବିଆଇ ତଦନ୍ତ ହେଲେ ସେହି ଦୁଇ ଅଫିସର କହିପାରିବେ ବୋଲି ସନ୍ତୋଷ ସିଂ ସାଲୁଜା କହିଛନ୍ତି।

ଏହାଛଡ଼ା ସେ କହିଛନ୍ତି ଯେ ସେତେବେଳେ ମୁଁ ବିଧାନସଭାରେ ସିବିଆଇ ତଦନ୍ତ ପାଇଁ ଦାବି କରିଥିଲି। ଏବେ ବି ମୁଁ ସିବିଆଇ ତଦନ୍ତ ହେଲେ ଷଡ଼ଯନ୍ତ୍ର ପଦାକୁ ଆସିପାରିବ ବୋଲି କହୁଛି। ନବ ଦାସଙ୍କୁ ଗୋପାଳ ହତ୍ୟା କରିଥିଲା ନା ଷଡ଼ଯନ୍ତ୍ର କରି ହତ୍ୟା କରାଯାଇଥିଲା ତାହା ସିବିଆଇ ତଦନ୍ତରୁ ଜଣାପଡ଼ିବ ବୋଲି ଶ୍ରୀ ସାଲୁଜା ପ୍ରକାଶ କରିଛନ୍ତି।




## ରାଜ୍ୟ ଜାତୀୟ ସେବା ଯୋଜନା ପୁରସ୍କାର ବିତରଣ ସମାରୋହ

# ‘ବିକଶିତ ଓଡ଼ିଶା, ସ୍ୱପ୍ନର ଓଡ଼ିଶା’ ଗଠନରେ ସଶକ୍ତ ଯୁବନେତୃତ୍ୱର ଭୂମିକା ଗୁରୁତ୍ୱପୂର୍ଣ୍ଣ: ଉଚ୍ଚଶିକ୍ଷା ମନ୍ତ୍ରୀ




**ଭୁବନେଶ୍ୱର,୨୧।୧/ଏନ୍ଏନ୍ଏସ୍:** ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ ଆଜି ରାଜ୍ୟ ଜାତୀୟ ସେବା ଯୋଜନା ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ୨୦୨୩-୨୪ବର୍ଷ ନିମନ୍ତେ ୨୦ଜଣଙ୍କୁ ରାଜ୍ୟ ଜାତୀୟ ସେବା ଯୋଜନା ପୁରସ୍କାର ପ୍ରଦାନ କରାଯାଇଛି । ଏଥିମଧ୍ୟରୁ ୧୨ଜଣ ସ୍ୱେଚ୍ଛାସେବୀ, ୩ଜଣ କାର୍ଯ୍ୟକ୍ରମ ଅଧିକାରୀ, ତିନୋଟି ଏନ୍ଏସ୍ଏସ୍ ୟୁନିଟ୍ ଏବଂ ରକ୍ତଦାନ ଓ ବୃକ୍ଷରୋପଣ କାର୍ଯ୍ୟରେ ଶ୍ରେଷ୍ଠତା ହାସଲ କରିଥିବା ଦୁଇଟି ଏନ୍ଏସ୍ଏସ୍ ୟୁନିଟ୍‌କୁ ରାଜ୍ୟ ଜାତୀୟ ସେବା ଯୋଜନା ପୁରସ୍କାର ପ୍ରଦାନ କରାଯାଇଛି । ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ନିଜ ଅଭିଭାଷଣରେ ସେ କହିଥିଲେ ଯେ ରାଜ୍ୟ ଜାତୀୟ ସେବା ଯୋଜନା ପୁରସ୍କାର ଓଡ଼ିଶାର ଯୁବପିଢ଼ିଙ୍କୁ ନିଶ୍ଚିତ ଭାବରେ ପ୍ରେରଣା ଯୋଗାଇବ । ଓଡ଼ିଆ ସଂସ୍କୃତି ଓ ଓଡ଼ିଆ ଅସ୍ମିତାକୁ ବିଶ୍ୱ ମଞ୍ଚରେ ଏକ ଅନନ୍ୟ ସ୍ଥାନ ପ୍ରଦାନ କରିବା ନିମନ୍ତେ ଯୁବପିଢ଼ିମାନେ ସଦାସର୍ବଦା ଚେଷ୍ଟିତ ରହିବା ଉଚିତ । ଏଥିସହ ବିକଶିତ ଓଡ଼ିଶା ଓ ଆମ ସ୍ୱପ୍ନର ଓଡ଼ିଶା ନିର୍ମାଣ କରିବାରେ ମଧ୍ୟ ସଶକ୍ତ ଯୁବନେତୃତ୍ୱର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ । ତେଣୁ ସାହାଯ୍ୟ, ସହଯୋଗ ଓ ସେବା ମନୋଭାବ ସହ ସମାଜସେବା କରିବା ଏବଂ ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ ଓଡ଼ିଶାର ଯୁବପିଢ଼ି ନିଜର ଯୋଗଦାନ ଦେବା ସହ ସଶକ୍ତ ସମାଜ ନିର୍ମାଣ ଦିଗରେ ମଧ୍ୟ ଯୁବପିଢ଼ି ନିଜର ନିରନ୍ତର ପ୍ରୟାସ ଜାରି ରଖନ୍ତୁ ବୋଲି ମନ୍ତ୍ରୀ ଶ୍ରୀ ସୂରଜ ମତପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଏବଂ ଜାତୀୟ ସେବା ଯୋଜନା ଆଞ୍ଚଳିକ ନିର୍ଦ୍ଦେଶାଳୟର ଆଞ୍ଚଳିକ ନିର୍ଦ୍ଦେଶକ ସୁଶ୍ରୀ ସରିତା ପଟେଲ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ରାଜ୍ୟ ଏନ୍ଏସ୍ଏସ୍ ଅଧିକାରୀ ତଥା ଉଚ୍ଚଶିକ୍ଷା ବିଭାଗର ଉପସଚିବ ଡ଼. ରମେଶ ଚନ୍ଦ୍ର ବେହେରା ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ ସହ ଧନ୍ୟବାଦ୍ ଦେଇଥିଲେ ।

## ‘ଝିଅମାନେ ପୋଷଣଯୁକ୍ତ ସନ୍ତୁଳିତ ଖାଦ୍ୟ ଖାଇବା ଉଚିତ୍’

**ଭୁବନେଶ୍ୱର,୨୧।୧/ଏନ୍ଏନ୍ଏସ୍:** ଝିଅମାନେ କମ୍ ଖାଇବା ପରିବର୍ତ୍ତେ ପୋଷଣଯୁକ୍ତ ସନ୍ତୁଳିତ ଖାଦ୍ୟ ଖାଇବା ଉଚିତ । କିନ୍ତୁ ବ୍ୟସ୍ତତା ଯୋଗୁଁ ଝିଅମାନଙ୍କ ପାଇଁ ସ୍ୱାସ୍ଥ୍ୟ ଏବଂ ଫିଟ୍‌ନେସ୍‌କୁ ଧ୍ୟାନ ଦେବା କଷ୍ଟକର ହୋଇଥାଏ । ଝିଅମାନଙ୍କ ପାଇଁ ଫିଟ୍‌ନେସ୍ ତଥା ସୁନ୍ଦର ସ୍ୱାସ୍ଥ୍ୟ ଲାଗି ଅଭିଭାବକମାନେ ଗୁରୁତ୍ୱ ଦେବା ଉଚିତ ବୋଲି ମହିଳା ବିଶେଷଜ୍ଞ ୟସ୍ମିନ କରାଚିୱାଲା କହିଛନ୍ତି । ଆୟୋଜିତ ଏକ କାର୍ଯ୍ୟକ୍ରମରେ ସେ କହିଛନ୍ତି ଯେ ଖାଇବା ଛାଡି ଦେବା କିମ୍ବା କମ୍ ଖାଇବା ପରିବର୍ତ୍ତେ ଝିଅମାନେ ଅତ୍ୟାବଶ୍ୟକ ପୋଷଣଯୁକ୍ତ ସନ୍ତୁଳିତ ଖାଦ୍ୟ ଖାଇବା ଆବଶ୍ୟକ । ପ୍ରାଣାୟାମ ଏବଂ ଯୋଗ କରିବା ସହ ରାତିରେ ୭-୮ ଘଣ୍ଟା ଶୋଇବା ଲାଗି ସେ ପରାମର୍ଶ ଦେଇଛନ୍ତି ।

## ଅବ୍ୟବସ୍ଥା, ମନମୁଖୀ କାର୍ଯ୍ୟକୁ ବରଦାସ୍ତ କରାଯିବ ନାହିଁ

# କାର୍ଯ୍ୟରେ ଯୋଗଦେଲେ ଡିଇଓ, ପ୍ରଥମ ଦିନରୁ ତନାଘନା ଆରମ୍ଭ

**ଭୁବନେଶ୍ୱର,୨୧।୧/ଏନ୍ଏନ୍ଏସ୍:** ଓଇଏସ୍ ଅଧିକାରୀ ତଥା କଟକ ଜିଲ୍ଲାରେ କାର୍ଯ୍ୟରତ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ (ଏଡିଇଓ)ସୋନାମିକା ରାୟ ଖୋର୍ଦ୍ଧା ଜିଲ୍ଲା ଶିକ୍ଷା ଅଧିକାରୀ ଭାବେ କାର୍ଯ୍ୟରେ ଯୋଗ ଦେଇଛନ୍ତି । ଶିକ୍ଷାଦାନ ଏବଂ ଆଡମିନିଷ୍ଟ୍ରେସନ କ୍ଷେତ୍ରରେ ତାଙ୍କର ଦୃଢ଼ ଦକ୍ଷତା ରହିଛି । କ୍ୟାପିଟାଲ ସ୍କୁଲରେ ଶିକ୍ଷାଦାନ, ବିଦ୍ୟାଳୟ ପରିଚାଳନାରେ ତାଙ୍କର ଦକ୍ଷତାକୁ ନଜର ଦେଇ କଟକ ଜିଲ୍ଲାରେ ଅତିରିକ୍ତ ଡିଇଓ ଭାବେ ପଦୋନ୍ନତି ମିଳିଥିଲା । ତେବେ ରାଜ୍ୟ ସରକାର ସୋନାମିକାଙ୍କ ଦକ୍ଷତାକୁ ନଜର ଦେଇ ପୁଣି ଖୋର୍ଦ୍ଧା ଜିଲ୍ଲାକୁ ଫେରାଇ ଆଣି ଗୁରୁ ଦାୟିତ୍ୱ ଦେଇଛନ୍ତି । ଖୋର୍ଦ୍ଧା ଡିଇଓ ଭାବେ କାର୍ଯ୍ୟଭାର ସମ୍ଭାଳିବା ପରେ ସେ ପ୍ରଥମେ ଅଧିକାରୀଙ୍କ ସହ ବୈଠକ କରି ଜିଲ୍ଲାର ବିଭିନ୍ନ ସ୍କୁଲର ସମସ୍ୟା ଏବଂ ଛାତ୍ରଛାତ୍ରୀଙ୍କ ସମ୍ପର୍କରେ ଆଲୋଚନା କରିଛନ୍ତି । ବିଶେଷକରି ଅନେକ ଘରୋଇ ସ୍କୁଲର ମନମୁଖୀ କାର୍ଯ୍ୟ ଉପରେ ଅଙ୍କୁଶ ଲଗାଇବା ସହ କୌଣସି ଅବ୍ୟବସ୍ଥାକୁ ବରଦାସ୍ତ କରାଯିବ ନାହିଁ ବୋଲି ସୋନାମିକା ସୂଚନା ଦେଇଛନ୍ତି । ପ୍ରଥମ ଦିନରୁ ସୋନାମିକା ତନାଘନା ଆରମ୍ଭ କରିଦେଇଛନ୍ତି । ଯେଉଁ ଘରୋଇ ସ୍କୁଲରେ ଭିତ୍ତିଭୂମି, ଶିକ୍ଷାପଯୋଗୀ ପରିବେଶ, ପିଲାଙ୍କ ସୁରକ୍ଷା ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା ନଥିବ ସେହି ସ୍କୁଲ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି । ତେବେ ନୂଆ ଡିଇଓଙ୍କ ଆକ୍ସନ ମୋଡ୍‌କୁ ସବୁ ସ୍ତରରେ ଅଭିଭାବକ, ଶିକ୍ଷାବିତ୍‌ମାନେ ସ୍ୱାଗତ କରିଛନ୍ତି ।



## ଇଲେକ୍ଟ୍ରୋହୋମିଓପାଥିର ଗବେଷଣା ଅନୁସନ୍ଧାନ ପାଇଁ ସହଯୋଗର ହାତ ବଢ଼ାଇଲା ଓୟୁଏଟି

**ଭୁବନେଶ୍ୱର,୨୧।୧/ଏନ୍ଏନ୍ଏସ୍:** ଇଲେକ୍ଟ୍ରୋହୋମିଓ ଔଷଧର ପ୍ରାଣୀ ଚିକିତ୍ସାରେ ପ୍ରୟୋଗ କ୍ଷେତ୍ରରେ ଗବେଷଣା ଓ ଅନୁସନ୍ଧାନ ଲାଗି ରାଜ୍ୟ ଇଲେକ୍ଟ୍ରୋହୋମିଓ ଚିକିତ୍ସକ ସଂଘ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧିନସ୍ଥ ପ୍ରାଣୀ ଚିକିତ୍ସା ମହାବିଦ୍ୟାଳୟ ଦ୍ୱାରା ଅନୁବନ୍ଧିତ ହୋଇ ଦୁଇଦିନିଆ କର୍ମଶାଳାର ଆୟୋଜିତ ହୋଇଯାଇଛି । ପ୍ରଥମ ଦିବସରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ଉପକୁଳପତି ପ୍ରଫେସର ଡା ପ୍ରଭାତ କୁମାର ରାଉଳ ମୁଖ୍ୟଅତିଥି ଭାବରେ ଯୋଗଦେଇ କର୍ମଶାଳାର ଉଦ୍‌ଘାଟନ କରିଥିଲେ । ଏହି ଉତ୍ସବରେ ପ୍ରାଣୀ ଚିକିତ୍ସା ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡା ଶୁଷେନ କୁମାର ପଣ୍ଡା ଯୋଗଦେଇ ପଶୁ ଚିକିତ୍ସା କ୍ଷେତ୍ରରେ ଇଲେକ୍ଟ୍ରୋହୋମିଓପାଥି ଚିକିତ୍ସା ବିଜ୍ଞାନର ବିନିଯୋଗ ଲାଗି ଗବେଷଣା ଓ ଅନୁସନ୍ଧାନ ପ୍ରକ୍ରିୟାକୁ ଆରମ୍ଭ କରିବାକୁ ମତ ରଖିଥିଲେ । କର୍ମଶାଳାଟି ପ୍ରାଣୀଚିକିତ୍ସା ବିଦ୍ୟାଳୟର ଅନୁସନ୍ଧାନରେ ଆୟୋଜିତ ହୋଇଥିବାରୁ କର୍ମଶାଳାର ଆବାହକ ଭାବରେ ଫାର୍ମାସି ବିଭାଗର ମୁଖ୍ୟ ପ୍ର. ଡା କୌତୁକ ସରଦାର ବିଶେଷ ପ୍ରୋତ୍ସାହନ ଯୋଗାଇ ଦେଇଥିଲେ । ରାଜ୍ୟ ଇଲେକ୍ଟ୍ରୋହୋମିଓପାଥି ଚିକିତ୍ସକ ସଂଘର ସଭାପତି ଡା ସରୋଜ କୁମାର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କର୍ମଶାଳାରେ



କୃଷି ବିଷୟିକ ବିଶ୍ୱବିଦ୍ୟାଳୟର ବହୁ ବରିଷ୍ଠ ଚିକିତ୍ସକ ଓ ଗବେଷକଙ୍କ ସହ ରାଜ୍ୟ ତଥା ଦେଶର ବହୁ ରାଜ୍ୟରୁ ପାଞ୍ଚଶହରୁ ଉର୍ଦ୍ଧ୍ୱ ଇଲେକ୍ଟ୍ରୋହୋମିଓପାଥିକ ଚିକିତ୍ସକ ଯୋଗଦେଇଥିଲେ ।

ରାଜସ୍ଥାନ ଚିକିତ୍ସା ପରିଷଦର ଅଧ୍ୟକ୍ଷ ଡା ହେମନ୍ତ ସେଠିଆ, ପଶ୍ଚିମବଙ୍ଗ ଇଲେକ୍ଟ୍ରୋହୋମିଓ ପାଥିକ୍ କାଉନ୍‌ସିଲ୍‌ର ଅଧ୍ୟକ୍ଷ ଡା ଏ. ପି. ମୌର୍ଯ୍ୟା, କସ୍ତୁରବା ଇଲେକ୍ଟ୍ରୋପାଥିକ ଫାଉଣ୍ଡେସନର ମୁଖ୍ୟ ଡା ଅଜୟ କୁମାର ପତି, ରାଜ୍ୟ ଇଲେକ୍ଟ୍ରୋ ହୋମିଓପାଥିକ ବୈଷୟିକ କମିଟିର ଅଧ୍ୟକ୍ଷ ଡା କମଳାକାନ୍ତ ନାୟକ, ଡା ପ୍ରଶାନ୍ତ କୁମାର ସାବତ, ଡା. ମନୋରଞ୍ଜନ ଦାସ, ଡା ସୁଶାନ୍ତ କୁମାର ପାଢ଼ୀ ଏବଂ ପ୍ରାଣୀ ଚିକିତ୍ସା ମହାବିଦ୍ୟାଳୟର ଡା ବିମଳ ଚୌଧୁରୀ, ସହ ପ୍ରଧାପିକା ଡା ସାନ୍ତ୍ୱନା ପଲାଇ, ଡା ଯାଜ୍ଞସେନୀ ମେହେର, ଡା ପ୍ରଭାସିନୀ ବେହେରା, ଡା ଶ୍ରେୟା ଅଗ୍ରୱାଲ ପ୍ରମୁଖ ଏହି କର୍ମଶାଳାରେ ମତ ରଖିଥିଲେ । ଦ୍ୱିତୀୟ ଦିବସରେ ଉପମୁଖ୍ୟ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ମୁଖ୍ୟଅତିଥି ଭାବରେ ଯୋଗ ଦେଇ ସ୍ୱାସ୍ଥ୍ୟ ରକ୍ଷାରେ ଇଲେକ୍ଟ୍ରୋ ହୋମିଓପାଥି ଔଷଧର ପାରଦର୍ଶିତାର ଭୂୟସୀ ପ୍ରଶଂସା କରିବା ସହ ଏହି ଚିକିତ୍ସା ବିଜ୍ଞାନର ବ୍ୟାପକ ପ୍ରୟୋଗ ଲାଗି ସରକାର ଧ୍ୟାନ ଦେବେ ବୋଲି ମତ ରଖିଥଲେ । ବିଧାୟକ ବାବୁ ସିଂ ଓ ବିଧାୟକ ଲକ୍ଷ୍ମଣ ବାଗ୍ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଇଲେକ୍ଟ୍ରୋହୋମିଓପାଥି ଚିକିତ୍ସା ବ୍ୟବସ୍ଥାର ବିକାଶ ବିସ୍ତାରର ଆବଶ୍ୟକତା ରହିଛି ବୋଲି ମତ ରଖିଥିଲେ । ସମାଜସେବୀ ତଥା ରାଜନେତା ଶ୍ରୀଯୁକ୍ତ ସଜ୍ଜନ ଶର୍ମା, ଭାରତୀୟ ଜନତା ପାର୍ଟିର ଉପସଭାପତି ଶ୍ରୀଯୁକ୍ତ ଗୋଲଖ ମହାପାତ୍ର ସମ୍ମାନିତ ଅତିଥି ଭାବରେ ଯୋଗଦେଇ ରାଜ୍ୟ ସ୍ୱାସ୍ଥ୍ୟ ରକ୍ଷାରେ ଏହି ଚିକିତ୍ସକମାନଙ୍କର ଭୂମିକାର ଭୂୟସୀ ପ୍ରଶଂସା କରିଥିଲେ ।

## ବେଦାନ୍ତ ଆଲୁମିନିୟମ୍ ପକ୍ଷରୁ ଅତ୍ୟାଧୁନିକ କାର୍ଯ୍ୟକ୍ଷମ ଡାସ୍‌ବୋର୍ଡର ଶୁଭାରମ୍ଭ

**ଭୁବନେଶ୍ୱର,୨୧।୧/ଏନ୍ଏନ୍ଏସ୍:** ବେଦାନ୍ତ ଆଲୁମିନିୟମ ଓଡ଼ିଶାର ଜାମଖାନି କୋଇଲା ଖଣିରେ ଏକ ଅତ୍ୟାଧୁନିକ କାର୍ଯ୍ୟକ୍ଷମ ଡାସବୋର୍ଡର ଶୁଭାରମ୍ଭ କରିଛି । ଏହି ଅତ୍ୟାଧୁନିକ ଡିଜିଟାଲ ପ୍ଲାଟଫର୍ମ ରିଅଲ-ଟାଇମ୍ ଡାଟାକୁ ସମନ୍ୱିତ କରେ, କାର୍ଯ୍ୟଦକ୍ଷତା ମେଟ୍ରିକ୍ସକୁ ଅପ୍ଟିମାଇଜ୍ କରେ ଏବଂ ନିୟମିତ ପ୍ରକ୍ରିୟାକୁ ସ୍ୱୟଂଚାଳିତ କରେ । ଏହା ଟାଇମ୍-ଇନ୍-ୟୁଜ୍ ମଡେଲ୍ (ଟିୟୁଏମ୍) ମାଧ୍ୟମରେ କାର୍ଯ୍ୟକ୍ଷମ ଉତ୍କର୍ଷତା ହାସଲ କରିବା ପାଇଁ କାର୍ଯ୍ୟକ୍ଷମ ଦୃଷ୍ଟିକୋଣ ପ୍ରଦାନ କରେ, ଯାହା ଯୋଜନାବଦ୍ଧ ଏବଂ ବାସ୍ତବ ବ୍ୟୟ ହ୍ରାସ ହାର, କୋଇଲାର ସଠିକ ଆକଳନ, ବ୍ୟାପକ ଯନ୍ତ୍ରପାତି ବ୍ୟବହାର, ପ୍ରେରଣ ଏବଂ ମହଜୁଦ ଗୁଣବତ୍ତା ବିଶ୍ଳେଷଣକୁ ମାପିଥାଏ । ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି ଯେ ଆମର ଜାମଖାନି କୋଇଲା ଖଣିରେ କାର୍ଯ୍ୟକ୍ଷମ ଡାସବୋର୍ଡ ଡିଜିଟାଲାଇଜେସନ୍ ଦିଗରେ ଆମର ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତିକୁ ପ୍ରତିନିଧିତ୍ୱ କରୁଛି । ବେଦାନ୍ତ ଆଲୁମିନିୟମର କୋଇଲା ଖଣିର ସିଇଓ ଡେଭିଡ ଷ୍ଟୋନ କହିଛନ୍ତି ଯେ ଜାମଖାନି କୋଇଲା ଖଣିରେ କାର୍ଯ୍ୟକ୍ଷମ ଡାସବୋର୍ଡକୁ ବିକଶିତ କରାଯାଇଛି ଏବଂ ଏହା ବେଦାନ୍ତର ଆମର ମୂଲ୍ୟ ଶୃଙ୍ଖଳାରେ ଡିଜିଟାଲ ଉପକରଣଗୁଡ଼ିକୁ ସମନ୍ୱିତ କରିବାର ବ୍ୟାପକ ଦୃଷ୍ଟିକୋଣ ସହିତ ସମନ୍ୱିତ ଥିଲା । ଫ୍ଲିଟ୍ ମ୍ୟାନେଜମେଣ୍ଟ ସିଷ୍ଟମ: ଖଣିରୁ ଷ୍ଟକୟାର୍ଡ ପର୍ଯ୍ୟନ୍ତ କୋଇଲା ପରିବହନ ଟ୍ରାକିଂ ପାଇଁ ଜିପିଏସ୍ ଏବଂ ଜିଓଫେନସିଂ ଟେକ୍ନୋଲୋଜିର ଉପଯୋଗ କରି ଟ୍ରିପ୍ ଗଣନାରେ ମାନୁଆଲ୍ ତ୍ରୁଟି ଦୂର କରେ, ସଠିକ୍ କୋଇଲା ଟ୍ରିପ୍ ହିସାବ ସୁନିଶ୍ଚିତ କରେ ।

## ବାଗ୍‌ଚି-କରୁଣାଶ୍ରୟ ପାଲିଏଟିଭ୍ କେୟାର୍ ସେଣ୍ଟର୍ ଉଦ୍‌ଘାଟିତ

# କ୍ୟାନସର୍ ପୀଡ଼ିତ ରୋଗୀ ମାଗଣାରେ ପାଇବେ ପାଲିଏଟିଭ୍ ସେବା

**ଭୁବନେଶ୍ୱର,୨୧।୧/ଏନ୍ଏନ୍ଏସ୍:** ବାଗଚି-କରୁଣାଶ୍ରୟ ପାଲିଏଟିଭ୍ କେୟାର ସେଣ୍ଟର ଓଡ଼ିଶାର କର୍କଟ ରୋଗୀଙ୍କୁ କେବଳ ଆଶ୍ୱସ୍ତି ପ୍ରଦାନ କରିବନାହିଁ ବରଂ ପାଲିଏଟିଭ୍ କେୟାରରେ ସ୍ୱାସ୍ଥ୍ୟ କର୍ମୀମାନଙ୍କ ଦକ୍ଷତା ବୃଦ୍ଧିରେ ବିଶେଷ ସହାୟକ ହୋଇପାରିବ ।

ମଙ୍ଗଳବାର ଭୁବନେଶ୍ୱରଠାରେ ଏହି ପାଲିଏଟିଭ୍ କେୟାର ସେଣ୍ଟର୍‌ର ଉଦଘାଟନ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଏଭଳି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସେ କହିଛନ୍ତି ଯେ ସମାଜରେ ଭଲ କାମ କରି ନିଜକୁ ପରିଚିତ ନ କରାଇବାର ପରମ୍ପରା ଓଡ଼ିଆ ଲୋକମାନଙ୍କ ପାଖରେ ଅଛି । ସେହିଭଳି ସଂସ୍କାରରେ କାମ କରୁଥିବା ଶିଳ୍ପପତି ସୁବ୍ରତ ବାଗଚି ଏବଂ ତାଙ୍କର ଧର୍ମପତ୍ନୀ ସୁସ୍ମିତା ବାଗଚିଙ୍କୁ ଏହି ପ୍ରୟାସ ପାଇଁ ଧନ୍ୟବାଦ । ରାଜ୍ୟରେ ଉନ୍ନତ ପର୍ଯ୍ୟାୟ କର୍କଟ ରୋଗୀଙ୍କ ପାଇଁ ମାଗଣା ସାମଗ୍ରିକ ପାଲିଏଟିଭ କେୟାର ପ୍ରଦାନ କରିବା ଉଦ୍ଦେଶ୍ୟରେ ସାମାଜିକ ସଂଗଠନ ବାଙ୍ଗାଲୋର ହସପିସ ଟ୍ରଷ୍ଟର ସହଯୋଗରେ ଏହି କେନ୍ଦ୍ରର ଶୁଭାରମ୍ଭ ହୋଇଛି । କ୍ୟାନ୍‌ସର ରୋଗରେ ପୀଡ଼ିତ ରୋଗୀମାନେ ଏବେ ଏଠାରେ ମାଗଣାରେ ପାଲିଏଟିଭ ସେବା ପାଇପାରିବେ, ଯାହା ପ୍ରଶଂସନୀୟ । ଏଠାରେ କର୍କଟ ରୋଗୀଙ୍କ ପାଇଁ ୧୧୦ ଶଯ୍ୟା ବିଶିଷ୍ଟ ହସ୍ପିସ୍ ଓ ହୋମ୍ କେୟାର ସୁବିଧା ଏବଂ ଏକ ଗବେଷଣା ଓ ଶିକ୍ଷା କେନ୍ଦ୍ର ରହିଛି । ଆଜି ଏହି କେନ୍ଦ୍ରର ଲୋକାର୍ପଣ ହେବା ଦ୍ୱାରା ଆମେ କର୍କଟ ରୋଗୀଙ୍କୁ ଚିକିତ୍ସା ଯୋଗାଇ ଦେବା ଦିଗରେ ଆଉ ଗୋଟିଏ ପାଦ ଆଗକୁ ବଢ଼ିଲେ । ଏହି ଗବେଷଣା ଓ ଶିକ୍ଷା ଶାଖା ଓଡ଼ିଶା ତଥା ସମଗ୍ର ପୂର୍ବ ଭାରତ ପାଇଁ ପାଲିଏଟିଭ୍ କେୟାରରେ ପ୍ରଶିକ୍ଷଣ ଏବଂ ଶିକ୍ଷା ପ୍ରଦାନ ପାଇଁ ଏକ ଉତ୍କର୍ଷ କେନ୍ଦ୍ରରେ ପରିଣତ ହେବ । ଏହି ନର୍ସିଂ କେୟାରରେ ସମବେଦନା, କରୁଣା, ସମର୍ପଣ ଓ ତ୍ୟାଗର ପ୍ରଶିକ୍ଷଣ ମିଳିବ, ଯାହା କେଉଁଠି ମିଳିବ ନାହିଁ । ସମାଜ ସେବା ମନୋଭାବ ନେଇ ଆଗକୁ ବଢିବା ଦରକାର । ନିଜ ପରିବାର ଲୋକମାନେ ପରିବାର ସଦସ୍ୟଙ୍କ ସେବା ଦାୟିତ୍ୱ ନେବା ଦରକାର ବୋଲି ଶ୍ରୀ ପ୍ରଧାନ ପ୍ରକାଶ କରିଛନ୍ତି ।

# ଖରିଫ୍ ଋତୁରେ ଧାନକିଣା: ପଞ୍ଜିକରଣ କଲେ ୧୭.୪୯ ଲକ୍ଷ ଚାଷୀ

**ଭୁବନେଶ୍ୱର,୨୧।୧/ଏନ୍ଏନ୍ଏସ୍:** ବର୍ତ୍ତମାନ ସୁଦ୍ଧା ଚଳିତ ଖରିଫ ଋତୁ ପାଇଁ ୩୦ ଜିଲ୍ଲାରେ ୧୭ ଲକ୍ଷ ୪୯ ହଜାର ୯୮୭ ଜଣ ଚାଷୀ ନିଜର ନାମକୁ ପଞ୍ଜିକରଣ କରିଛନ୍ତି । ଏହି ତାଲିକାରେ ସର୍ବାଗ୍ରେ ରହିଛି ବରଗଡ଼ ଜିଲ୍ଲା । ଏହି ଜିଲ୍ଲାରେ ୧ ଲକ୍ଷ ୫୫ ହଜାର ୬୧୭ ଜଣ ଚାଷୀ ପଞ୍ଜିକୃତ ହୋଇଛନ୍ତି । ୩୧ ମାର୍ଚ୍ଚ ପର୍ଯ୍ୟନ୍ତ ଧାନ କିଣା ଜାରି ରହିବ । ୪୮ ଘଣ୍ଟା ମଧ୍ୟରେ ସମ୍ପୃକ୍ତ ଚାଷୀଙ୍କ ପ୍ରାପ୍ୟ ସେମାନଙ୍କ ଆକାଉଣ୍ଟ୍‌କୁ ପ୍ରଦାନ କରାଯିବାର ବ୍ୟବସ୍ଥା ହୋଇଛି । ତେବେ ଧାନବିକ୍ରୟ ଓ ଇନ୍‌ପୁଟ ସହାୟତା ରାଶିରୁ ଯେଭଳି କୌଣସି ଯୋଗ୍ୟ ଚାଷୀ ବାଦ୍ ନ ପଡ଼ନ୍ତି, ସେଥିପାଇଁ ସରକାର କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ସୂଚନାନୁସାରେ ଧାନକିଣା ପ୍ରକ୍ରିୟା ଗତ ନଭେମ୍ବର ୨୦ରୁ ରାଜ୍ୟର ୩୦ଟି ଜିଲ୍ଲାର ୩୯୦୩ଟି ମଣ୍ଡିରେ ଧାନକିଣା ଯିବା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ବରଗଡ଼ରୁ ତାହା ଆରମ୍ଭ ହୋଇଛି । ଆବେଦନର କ୍ଷେତ୍ରସ୍ତରୀୟ ଯାଞ୍ଚ ପରେ ଧାନ ବିକିବା ପାଇଁ ଚାଷୀମାନଙ୍କୁ ଟୋକନ୍ ପ୍ରଦାନ କରାଯାଉଛି । ସେହିଭଳି ଚାଷୀମାନଙ୍କର ଆକାଉଣ୍ଟକୁ ତ୍ରିସ୍ତରୀୟ ଯାଞ୍ଚ କରାଯାଉଛି । ମଣ୍ଡିଗୁଡ଼ିକରେ ଚାଷୀମାନଙ୍କ ପାଇଁ ଆବଶ୍ୟକୀୟ ସୁବିଧା କରାଯାଇଛି । କୌଣସି ଅଭିଯୋଗର ତ୍ୱରିତ ସମାଧାନ ପାଇଁ ପ୍ରତ୍ୟେକ ଜିଲ୍ଲାର ଜିଲ୍ଲାପାଳମାନେ ପଦକ୍ଷେପ ନେଉଥିବାବେଳେ ଅଧିକାରୀମାନେ ପ୍ରତ୍ୟେକ ମଣ୍ଡିରେ ଉପସ୍ଥିତ ରହି ଯାଞ୍ଚ କରୁଛନ୍ତି ।

## ଶ୍ୱେତପଦ୍ମା ଏକାଦଶ ମଞ୍ଚ ନାଟମେଳାର ଦ୍ୱିତୀୟ ସନ୍ଧ୍ୟା

# ନାଟକ ‘ନୁକ୍କଡ଼ କ୍ଲବ୍’ ବଖାଣିଲା ଗାଁର ପୁରୁଣା ସଂସ୍କୃତି, ପରମ୍ପରାର କଥା

**ଭୁବନେଶ୍ୱର,୨୧।୧/ଏନ୍ଏନ୍ଏସ୍:** ଭଞ୍ଜକଳା ମଣ୍ଡପ ପ୍ରେକ୍ଷାଳୟରେ ଶ୍ୱେତପଦ୍ମା ନାଟଘର ଏକାଦଶ ମଞ୍ଚ ନାଟକ ମେଳାର ଆଜି ଥିଲା ଦ୍ୱିତୀୟ ସନ୍ଧ୍ୟା । ଟିମ୍ ନାଟକ ଅନୁଷ୍ଠାନ ତରଫରୁ ମଞ୍ଚସ୍ଥ ହୋଇଥିଲା ନାଟ୍ୟକାର ପ୍ରଦୀପ୍ ବିଶ୍ୱାଳଙ୍କର ୨୦୧୭ ମସିହାରେ ରଚୟିତ ଏବଂ ଶତ୍ରୁଘ୍ନ ସାମଲଙ୍କ ଦ୍ୱାରା ନିର୍ଦ୍ଦେଶିତ ମୌଳିକ ଓଡ଼ିଆ ନାଟକ ‘ନୁକ୍କଡ଼ କ୍ଲବ’ ଦି ରିଅଲିଟି ଶୋ’ ।



ବାଲି ଦୋକାନ ଗାଁର ମଧୁ ମିଶ୍ର । ପଚାଶ ବର୍ଷ ତଳେ ତାଙ୍କର ଗାଁ ପିଲାମାନଙ୍କୁ ନେଇ ଗଢ଼ିଥିଲେ ନୁକ୍କଡ଼ କ୍ଲବ । ଲକ୍ଷ୍ୟ ଥିଲା ଗାଁ ମାଟିର ସଂସ୍କୃତି, ପରମ୍ପରାକୁ ଉଜାଗର କରିବା ସହିତ ଭ୍ରାତୃଭାବର ବନ୍ଧନ ଭିତରେ ସମସ୍ତେ ଯେମିତି କାଳକାଳକୁ ବାନ୍ଧିହୋଇ ରହିବେ । ପରମ୍ପରା ଅନୁଯାୟୀ ପ୍ରତିବର୍ଷ ଦୋଳ ପୂର୍ଣ୍ଣିମାକୁ ଧୁମ୍‌ଧାମ୍‌ରେ ପାଳିବା ସହିତ ନୁକୁଡ଼ କ୍ଲବର ବାନର ସେନାମାନଙ୍କୁ ନେଇ ମଞ୍ଚସ୍ଥ କରନ୍ତି ମଞ୍ଚ ନାଟକ । ମିଶ୍ର ନୁକ୍କଡ଼ ସେନାକୁ ନେଇ ଅଣ୍ଟା ଭିଡ଼ିଛନ୍ତି ପାଳନ କରିବାକୁ ବାଲିଦୋକାନ ଗାଁର ନୁକ୍କଡ଼ କ୍ଲବର ସୁବର୍ଣ୍ଣ ଜୟନ୍ତୀ । ନାଟକର ଦାୟିତ୍ୱ ଦିଅନ୍ତି କାଦୁଆ ନଈ ସେପାରି ଗାଁର ସୁଧାକର ମାଷ୍ଟ୍ରେଙ୍କୁ । ସୁଧାକର ମାଷ୍ଟ୍ରେ ବାଲିଦୋକାନ ଗାଁର ସୁବର୍ଣ୍ଣ ଜୟନ୍ତୀ ପାଇଁ ଲେଖୁଥାନ୍ତି ନୂଆ ନାଟକ ‘ଆମେ ଖୋଜୁଛୁ ଆମ ଦୁନିଆଁ’ । ଆରମ୍ଭ କରିଦିଅନ୍ତି ନାଟକ ଅଭ୍ୟାସର ପ୍ରସ୍ତୁତି । ମଧୁ ମିଶ୍ରଙ୍କ ମୁଣ୍ଡ ଉପରେ ବିରାଟ ବୋଝ । କେମିତି ତୁଲେଇବେ ସୁବର୍ଣ୍ଣ ଜୟନ୍ତୀର ଦୋଳ ଉତ୍ସବ । ପୁଣି ତା’ ସାଙ୍ଗକୁ ସୁଧାକର ମାଷ୍ଟ୍ରେଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ନାଟକ ‘ଆମେ ଖୋଜୁଛୁ ଆମ ଦୁନିଆଁ ।’ ପୂରା ଚଳଚଞ୍ଚଳ ହୋଇ ଉତ୍ସବ ମୁଖରୀତ ହୋଇ ଉଠିଛି ବାଲିଦୋକାନ ଗାଁ । ନୁକ୍କଡ଼ କ୍ଲବର ନାଟକ ଦେଖିବାକୁ ଆଖ ପାଖ ଗାଁର ଶହଶହ ଲୋକଙ୍କର ଭିଡ଼ । ସନ୍ଧ୍ୟାରେ ବିଗୁଲ ବାଜାରେ ଉଠୁଥାଏ ପଡୁଥାଏ ବାଲିଦୋକାନ ଗାଁ । ଏମିତି ଏକ ରୋମାଞ୍ଚଭରା କାହାଣୀକୁ ନେଇ ପ୍ରସ୍ତୁତ ହୋଇଥିବା ନାଟକ ନୁକ୍କଡ଼ କ୍ଲବ ଦର୍ଶକଙ୍କୁ ରୋମାଞ୍ଚିତ କରି ବିମୋହିତ କରିଥିଲା । ଅଭିନୟରେ ଥିଲେ ବରିଷ୍ଠ ଅଭିନେତା ପ୍ରଶାନ୍ତ ମହାପାତ୍ର, ରଞ୍ଜନ ନାୟକ, ପ୍ରଶାନ୍ତ ଷଡ଼ଙ୍ଗୀ, ବିଭୁ ଦିକ୍ଷୀତ, ମିଥୁନ, ବର୍ଷା ଓ ସ୍ମୃତିଙ୍କ ସହ ୧୭ ଜଣ କଳାକାର । ସଙ୍ଗୀତରେ ଥିଲେ ରାଜକୁମାର । ଏହି ଅବସରରେ ମୁଖ୍ୟଅତିଥିଭାବେ ଯୋଗ ଦେଇଥିଲେ ବରିଷ୍ଠ ନାଟ୍ୟବିତ୍ ଦୋଳଗୋବିନ୍ଦ ରଥ, ନାଟ୍ୟକାର ନିର୍ଦ୍ଦେଶକ ନରେନ୍ଦ୍ର ମିଶ୍ର, ଭାରତୀୟ ଜୀବନ ବୀମା ନିଗମର ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ମନୋରଞ୍ଜନ ଦାଶ ଏବଂ କଳିଙ୍ଗ ନାଟ୍ୟ ସଂଘର ଉପସଭାପତି ପ୍ରଫେସର ଡଃ ପ୍ରସନ୍ନ ମିଶ୍ର । ଶ୍ୱେତପଦ୍ମା ସାରସ୍ୱତ ସମ୍ମାନରେ ସମ୍ବର୍ଦ୍ଧିତ ହୋଇଥିଲେ ତାଳଚେରର ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ମୁକୁନ୍ଦ ଶତପଥି ଏବଂ ଚଣ୍ଡିଖୋଲର ବରିଷ୍ଠ ନାଟ୍ୟକାର ଡଃ ବିଧୁଭୂଷଣ ପଣ୍ଡା । ମଞ୍ଚ ପରିଚାଳନା କରିଥିଲେ ଶ୍ୱେତପଦ୍ମାର ପ୍ରତିଷ୍ଠାତା ସଭାପତି ପ୍ରଦୀପ ବିଶ୍ୱାଳ ଏବଂ ବରିଷ୍ଠ ମଞ୍ଚ ଅଭିନେତା ଭଜକୃଷ୍ଣ ମହାନ୍ତି ।

# ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କ ମହାସମୁନ୍ଦ-ଟିଟିଲାଗଡ଼ ରେଳ ସେକ୍ସନ୍ ନିରୀକ୍ଷଣ

**ଭୁବନେଶ୍ୱର,୨୧।୧/ଏନ୍ଏନ୍ଏସ୍:** ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଆଜି ମହାସମୁନ୍ଦ-ଟିଟିଲାଗଡ଼ ରେଳ ସେକ୍ସନ୍ ବିସ୍ତୃତ ଭାବେ ନିରୀକ୍ଷଣ କରିଛନ୍ତି । ଏହି ନିରକ୍ଷଣ ସମୟରେ ରେଳ ସେକ୍ସନର ବିଭିନ୍ନ ଷ୍ଟେସନରେ ନିରାପତ୍ତା ବ୍ୟବସ୍ଥା, ଟ୍ରାଫିକ୍ ସୁବିଧା, ଯାତ୍ରୀଙ୍କ ସୁବିଧା ଏବଂ ଚାଲୁରହିଥିବା ଭିତ୍ତିଭୂମି କାର୍ଯ୍ୟ ଉପରେ ସମୀକ୍ଷା କରାଯାଇଥିଲା ।



ଶ୍ରୀ ଫୁଙ୍କୱାଲ ମହାସମୁନ୍ଦ, କୋମାଖାନ, ଲଖନା, ଖରିଆର ରୋଡ, କଣ୍ଟାବାଞ୍ଜୀ ଏବଂ ଟିଟିଲାଗଡ ସମେତ ବିଭିନ୍ନ ଷ୍ଟେସନରେ ଟ୍ରାଫିକ ସୁବିଧା କାର୍ଯ୍ୟ, ଯାତ୍ରୀଙ୍କ ସୁବିଧା ତଥା ଭିତ୍ତିଭୂମି ବିକାଶ ପ୍ରକଳ୍ପର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ । ମହାପ୍ରବନ୍ଧକ ମଧ୍ୟ ନିରାପଦ ଏବଂ ସୁଗମ ଟ୍ରେନ୍ ଚଳାଚଳ କାର୍ଯ୍ୟ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଆବଶ୍ୟକୀୟ ସତର୍କତା ଅବଲମ୍ବନ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଯାତ୍ରୀ ସୁବିଧା ବୃଦ୍ଧି ପାଇଁ ଲକ୍ଷ୍ୟ ରଖାଯାଇଥିବା ଅନେକ ଭିତ୍ତିଭୂମି ପ୍ରକଳ୍ପର ଅଗ୍ରଗତି ଉପରେ ମଧ୍ୟ ଶ୍ରୀ ଫୁଙ୍କୱାଲ ସମୀକ୍ଷା କରିଛନ୍ତି । ଏଥିମଧ୍ୟରେ ପାର୍କିଂ କ୍ଷେତ୍ରରେ ଉନ୍ନତି, ସର୍କୁଲାର ବା ଚଳପ୍ରଚଳ କ୍ଷେତ୍ର ଏବଂ ଷ୍ଟେସନରେ ଲ୍ୟାଣ୍ଡସ୍କେପ୍ ଅନ୍ତର୍ଭୁକ୍ତ । ମହାପ୍ରବନ୍ଧକ ବିଶେଷ ଭାବରେ ଅମୃତ ଷ୍ଟେସନ ଯୋଜନା ଅଧୀନରେ ଷ୍ଟେସନ ପୁନର୍ବିକାଶ କାର୍ଯ୍ୟର ଅଗ୍ରଗତି ଉପରେ ଧ୍ୟାନ ଦେଇଥିଲେ, ଯାହା ନେଟୱାର୍କରେ ଯାତ୍ରୀଙ୍କ ଅଭିଜ୍ଞତାକୁ ବୃଦ୍ଧି କରାଇବା ପାଇଁ ଲକ୍ଷ୍ୟ ରଖିଛି । ମହାପ୍ରବନ୍ଧକ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡିକର ଠିକ୍ ସମୟରେ ସମାପ୍ତ ହେବା ଉପରେ ଗୁରୁତ୍ୱାରୋପ କରି ଯାତ୍ରୀଙ୍କ ପାଇଁ ସାମଗ୍ରିକ ସେବା ଗୁଣରେ ଉନ୍ନତି ଆଣିବାରେ ସେମାନଙ୍କର ମହତ୍ୱକୁ ଦର୍ଶାଇଛନ୍ତି । ମହାପ୍ରବନ୍ଧକଙ୍କ ନିରୀକ୍ଷଣ ସମୟରେ ସମ୍ବଲପୁର ରେଳ ମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ତୁଷାର କାନ୍ତ ପାଣ୍ଡେ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ପ୍ରକଳ୍ପ ସମୟସୀମା ଏବଂ ନିରାପତ୍ତା ଓ ସୁରକ୍ଷା ବ୍ୟବସ୍ଥା ଉପରେ ଆଲୋଚନାରେ ସହଯୋଗ କରିଥିଲେ ।

## ଏଥର ଝଲସିବ ‘ସ୍ୱର୍ଣ୍ଣିମ ଭାରତ, ସମୃଦ୍ଧ ଓଡ଼ିଶା’ର ପ୍ରଜ୍ଞାପନ ମେଢ଼

**ଭୁବନେଶ୍ୱର,୨୧।୧/ଏନ୍ଏନ୍ଏସ୍:** ଚଳିତବର୍ଷ ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ସମାରୋହରେ ‘ସ୍ୱର୍ଣ୍ଣିମ ଭାରତ, ସମୃଦ୍ଧ ଓଡ଼ିଶା’କୁ ନେଇ ମୋଟ ୧୦ଟି ପ୍ରଜ୍ଞାପନ ମେଢ଼ ପ୍ରଦର୍ଶିତ ହେବ । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧୀନରେ ଥିବା ବିଭିନ୍ନ ସୁରକ୍ଷା ଏଜେନ୍ସି ସମେତ ଏନସିସି,ଗାଇଡ୍ ଓ ସ୍କାଉଟର ମୋଟ ୪୦ଟି ଟିମ୍ ରାଜ୍ୟସ୍ତରୀୟ ପରେଡରେ ସାମିଲ ହେବେ । ମିଳିଥିବା ସୂଚନା ଅନୁସାରେ, ଚଳିତଥର ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ସମାରୋହ ମହାତ୍ମା ଗାନ୍ଧି ମାର୍ଗରେ ପାଳନ କରାଯିବ । ଏଥିରେ ରାଜ୍ୟପାଳ ଡଃ ହରିବାବୁ କମ୍ଭମପତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସକାଳ ସାଢ଼େ ୮ଟାରେ ପତାକା ଉତ୍ତୋଳନ କରିବେ । ମୁଖ୍ୟ ସଚିବ, ଗୃହ ସଚିବ, ପୁଲିସ ଡିଜି ଓ ଏନ୍‌ସିସିର ଡିଡିଜି ଓଡ଼ିଶା ଉପସ୍ଥିତ ରହି ରାଜ୍ୟପାଳଙ୍କୁ ପରେଡ୍ ସ୍ଥଳରେ ସ୍ୱାଗତ କରିବେ । ରାଜ୍ୟସ୍ତରୀୟ ପରେଡ୍‌ରେ ଓଡ଼ିଶା ଅଗ୍ନିଶମ ବାହିନୀ ଓ ସିଆରପିଏଫ୍ ସାଂସ୍କୃତିକ ବ୍ୟାଣ୍ଡ ମଧ୍ୟ ପରିବେଷଣ ହେବ । ସେହିପରି ବିଏସ୍‌ଏଫ୍, ଆଇଟିବିପି, ସିଆର୍‌ପିଏଫ୍, ଆର୍‌ପିଏଫ୍, ଆଇଏନ୍‌ଏସ୍ ଚିଲିକା ସମେତ ଓଡ଼ିଶା ପୁଲିସର ଟିମ୍ ମଧ୍ୟ ପରେଡରେ ସାମିଲ ହେବେ । ଚଳିତବର୍ଷ ମୋଟ ୧୦ଟି ପ୍ରଜ୍ଞାପନ ମେଢ଼ ରାଜ୍ୟସ୍ତରୀୟ ପରେଡରେ ସାମିଲ ହେବ । ଏହି ସମସ୍ତ ପ୍ରଜ୍ଞାପନ ମେଢ଼ ‘ସ୍ୱର୍ଣ୍ଣିମ ଭାରତ,ସମୃଦ୍ଧ ଓଡ଼ିଶା’ ଥିମ୍ ଉପରେ ଆଧାରିତ ରହିବ । ସେହିପରି ଦିନ ୧୨ଟାରେ ଉଲ୍ଲେଖନୀୟ ସେବା ପାଇଁ ପୁଲିସ କର୍ମଚାରୀମାନଙ୍କୁ ବିଭିନ୍ନ ମେଡାଲ ପ୍ରଦାନ କାର୍ଯ୍ୟକ୍ରମ ଲୋକସେବା ଭବନର କନଭେନସନ ହଲରେ କରାଯିବ । ସେହିପରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଟକରେ ପତାକା ଉତ୍ତୋଳନ କରିବେ । ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ ପୁରୀ, ପ୍ରଭାତୀ ପରିଡ଼ା-ଖୋର୍ଦ୍ଧା, ମନ୍ତ୍ରୀ ସୁରେଶ ପୂଜାରୀ-ସୁନ୍ଦରଗଡ଼, ରବିନାରାୟଣ ନାଏକ-ସୋନପୁର,ନିତ୍ୟାନନ୍ଦ ଗଣ୍ଡ-କୋରାପୁଟ, କୃଷ୍ଣଚନ୍ଦ୍ର ପାତ୍ର-ଜଗତସିଂହପୁର, ପୃଥ୍ୱୀରାଜ ହରିଚନ୍ଦନ-ଯାଜପୁର, ମୁକେଶ ମହାଲିଙ୍ଗ-ରାୟଗଡ଼ା, ବିଭୂତିଭୂଷଣ ଜେନା-ଗଜପତି, କୃଷ୍ଣଚନ୍ଦ୍ର ମହାପାତ୍ର-ବାଲେଶ୍ୱର, ଗଣେଶରାମ ଖୁଣ୍ଟିଆ-କେନ୍ଦୁଝର, ସୂର୍ଯ୍ୟବଂଶୀ ସୂରଜ-ନୂଆପଡ଼ା, ପ୍ରଦୀପ ବଳ ସାମନ୍ତ-ଢ଼େଙ୍କାନାଳ,ଗୋକୁଳାନନ୍ଦ ମଲ୍ଲିକ-ମାଲକାନଗିରି ଓ ସମ୍ପଦ ଚନ୍ଦ୍ର ସ୍ୱାଇଁ ନୟାଗଡ଼ରେ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିବେ । କେନ୍ଦ୍ରାଞ୍ଚଳ ଆରଡିସି କେନ୍ଦ୍ରାପଡ଼ାରେ, ଉତ୍ତରାଞ୍ଚଳ ଆର୍‌ଡିସି ରାଉରକେଲାରେ ଓ ଦକ୍ଷିଣାଞ୍ଚଳ ଆର୍‌ଡିସି ବ୍ରହ୍ମପୁରରେ ପତାକା ଉତ୍ତୋଳନ କରିବେ । ଅନ୍ୟ ୧୩ଟି ଜିଲ୍ଲାରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଜିଲ୍ଲାପାଳମାନେ ପତାକା ଉତ୍ତୋଳନ କରିବେ ।

ନିତିଦିନ NITIDIN



# ସମସ୍ୟା ଘେରରେ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ




**କଣ୍ଟିଲୋ,୨୧।୧/ଏନ୍ଏନ୍ଏସ୍:** ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀରେ କଣ୍ଟିଲୋର ନୀଳମାଧବ ମହାବିଦ୍ୟାଳୟ ସବୁଠାରୁ ପୁରୁଣା । ହେଲେ ବିଭିନ୍ନ ସମସ୍ୟା ମଧ୍ୟରେ ଛନ୍ଦି ହୋଇପଡ଼ିଛି ଏହି ମହାବିଦ୍ୟାଳୟଟି । ବିଶେଷକରି ପାନୀୟ ଜଳ ସମସ୍ୟା, ଉଭୟ ମହିଳା ପୁରୁଷ କମନ୍ ରୁମ, ଅଣଛାତ୍ରଙ୍କ ପ୍ରବେଶ ସାଙ୍ଗକୁ ଅଧ୍ୟାପକଙ୍କ ଅଭାବ ଶିକ୍ଷାଦାନରେ ବାଧକ ସାଜିଛି । ପ୍ରକାଶ ଯେ, ୧୯୭୭ ମସିହା ଅଗଷ୍ଟ ୧୫ ତାରିଖରେ ତତ୍କାଳୀନ ଖଣ୍ଡପଡ଼ା ବିଧାୟକ ସତ୍ୟସୁନ୍ଦର ମିଶ୍ରଙ୍କ ଉଦ୍ୟମ ତଥା କଣ୍ଟିଲୋ ପଞ୍ଚାୟତବାସୀଙ୍କ ସହଯୋଗ ତଥା ଆର୍ଥିକ ସହାୟତାରେ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ଗଢ଼ିଉଠିଥିଲା । ୧୯୮୪ ମସିହାରେ ଉକ୍ତ କଲେଜଟି ସରକାରୀ ଅନୁଦାନପ୍ରାପ୍ତ ହୋଇଥିବା ବେଳେ ବହୁ ଘାତ ପ୍ରତିଘାତ ମଧ୍ୟରେ କଲେଜଟି ଗତି କରିଥିଲା । ବିଭିନ୍ନ ସମସ୍ୟା ମଧ୍ୟରେ ଗତି କରୁଥିବାରୁ ଛାତ୍ରଛାତ୍ରୀଙ୍କ ସଂଖ୍ୟା ହ୍ରାସ ପାଇଥିଲା । କଲେଜର ପରିଚାଳନାଗତ ତ୍ରୁଟି ତଥା କଲେଜ ଅଧ୍ୟକ୍ଷ ନିଜେ ବହୁ ସମୟରେ କଲେଜକୁ ଆସୁନଥିବାରୁ ଶିକ୍ଷକ ଓ ଅଣଶିକ୍ଷକମାନେ ମଧ୍ୟ ସେମାନଙ୍କ କାର୍ଯ୍ୟରେ ଅହେତୁକ ଅବହେଳା ପ୍ରଦର୍ଶନ କରୁଥିଲେ । ଫଳରେ ଶିକ୍ଷାଦାନରେ ଘୋର ସମସ୍ୟା ସୃଷ୍ଟି ହେଉଥିଲା । ତେବେ ପରବର୍ତ୍ତୀ ସମୟରେ କଲେଜ ପରିଚାଳନାରେ ଶୃଙ୍ଖଳାଗତ ପରିବର୍ତ୍ତନ ଆସିବା ଫଳରେ ଗତ କିଛିବର୍ଷ ଧରି କଲେଜରେ ଯୁକ୍ତ୨, ଯୁକ୍ତ୩ (ଉଭୟ କଳା ଓ ବିଜ୍ଞାନ ଶ୍ରେଣୀ) ଏବଂ ଭୋକେସନାଲ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ସଂଖ୍ୟା ବୃଦ୍ଧି ପାଇ ଏବେ ଏହାର ସଂଖ୍ୟା ୧୬ଶହରୁ ଊର୍ଦ୍ଧ୍ୱ ହୋଇ ବିଗତ ବର୍ଷମାନଙ୍କଠାରୁ ଯଥେଷ୍ଟ ବୃଦ୍ଧି ଘଟିଛି । ମାତ୍ର ଛାତ୍ରଛାତ୍ରୀଙ୍କ ତୁଳନାରେ ତଥା ସରକାରୀ ମାପକାଠି ଅନୁସାରେ ଆବଶ୍ୟକ ଅଧ୍ୟାପିକା ଅଧ୍ୟାପକ ନଥିବା ଏବଂ ଭିତ୍ତିଭୂମିର ଅଭାବ, ଶିକ୍ଷାଦାନ କ୍ଷେତ୍ରରେ ଘୋର ସମସ୍ୟା ଦେଖାଦେଇଛି ବୋଲି କୁହାଯାଉଥିବା ବେଳେ ମ୍ୟାନେଜ୍‌ମେଣ୍ଟ ଅଧୀନରେ ନିଯୁକ୍ତି ପାଇଥିବା ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଅଧିକ ସମୟ ଶିକ୍ଷାଦାନରେ ଖଟାଯାଇ ବରିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀମାନେ ସେମାନଙ୍କ କାର୍ଯ୍ୟରେ ଅବହେଳା କରୁଥିବା ଅଭିଯୋଗ ହେଉଛି । ସଂପ୍ରତି କଲେଜରେ ସମୁଦାୟ ଶିକ୍ଷକ ଓ ଅଣଶିକ୍ଷକ ମିଶି ୭୫ଜଣ ରହିଛନ୍ତି । କଲେଜର ସୁରକ୍ଷା ପ୍ରାଚୀର ନଥିବା ଯୋଗୁ ବିଭିନ୍ନ ସମୟରେ ଅଣଛାତ୍ର ଓ ଅସାମାଜିକ ବ୍ୟକ୍ତି କଲେଜ ମଧ୍ୟକୁ ପ୍ରବେଶକରି ନାନା ବିଶୃଙ୍ଖଳା ସୃଷ୍ଟି ହେଉଥିବା ବେଳେ ଗାଈ ଗୋରୁଙ୍କ ଚରାଭୂଇଁ ପାଲଟିଛି । କଲେଜ ସମସ୍ୟାଠାରୁ ପିଲାମାନଙ୍କ ସମସ୍ୟା ମଧ୍ୟ ବଳିପଡ଼ିଛି । ସେମାନଙ୍କ ପାଇଁ (ମହିଳା ଓ ପୁରୁଷ) କମନ ରୁମ୍‌ର ଆବଶ୍ୟକତା ରହିଥିବାବେଳେ ୧୬ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ପାଇଁ ଏକ ଅଡିଟୋରିଅମ୍‌ର ନିତ୍ୟାନ୍ତ ଜରୁରୀ ହୋଇପଡ଼ିଛି । ଏ ନେଇ ପିଲାମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷର ପ୍ରକାଶ ପାଉଛି । କଲେଜ ପରିସରରେ ଥିବା ପୋଖରୀ ସହ ଖେଳପଡ଼ିଆର ନବୀକରଣର ମଧ୍ୟ ଆବଶ୍ୟକତା ରହିଛି । ବିଶେଷକରି ଏତେ ସଂଖ୍ୟକ ପିଲାମାନଙ୍କ ମଧ୍ୟରୁ ପ୍ରତ୍ୟେହ ଶତାଧିକ ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଣଶିକ୍ଷକ ବସ ଯୋଗେ ଆସୁଥିବାରୁ କଲେଜ ନିକଟରେ ଏକ ବସ୍ ଷ୍ଟପ ସହିତ ଏକ ବସ୍‌ଷ୍ଟାଣ୍ଡ ନିତ୍ୟାନ୍ତ ଜରୁରୀ ହୋଇପଡ଼ିଥିବା ଜଣାପଡ଼ିଛି ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ୪୯୫ ହିତାଧିକାରୀଙ୍କୁ ପରିଚୟପତ୍ର ବଣ୍ଟନ

**ବାଲୁଗାଁ,୨୧।୧/ଏନ୍ଏନ୍ଏସ୍:** ସରକାରଙ୍କ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଏବଂ ଜିଲ୍ଲା ପ୍ରଶାସନର ସହାୟତା କ୍ରମେ ମଙ୍ଗଳବାର ଚିଲିକା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଏକ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ବିଡ଼ିଓ ହଳଧର ଶବର, ବ୍ଲକ ଅଧ୍ୟକ୍ଷା ଜ୍ୟୋସ୍ନାରାଣୀ ବେହେରା ଏବଂ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସତ୍ୟନାରାୟଣ ପାଢ଼ୀ ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଚିଲିକା ବ୍ଲକ ଅଧିନସ୍ଥ ୧୭ଗୋଟି ପଞ୍ଚାୟତ ଏବଂ ବାଲୁଗାଁ ପୌର ପରିଷଦ ଅଞ୍ଚଳର ବିଭିନ୍ନ ବର୍ଗର ହିତାଧିକାରୀ ଏହି ଶିବିରରେ ଯୋଗଦେଇଥିଲେ । ସମୁଦାୟ ୭୮୦ଜଣ ହିତାଧିକାରୀ ଶିବିରରେ ପଞ୍ଜିକରଣ କରିଥିଲେ । ଅସ୍ଥିଶଲ୍ୟ, ମାନସିକ ଅନଗ୍ରସର, ଶ୍ରବଣ ଓ ଦୃଷ୍ଟିବାଧିତ ହିତାଧିକାରୀଙ୍କୁ ଖୋର୍ଦ୍ଧାରୁ ଆସିଥିବା ଡାକ୍ତରୀ ଦଳ ଭିନ୍ନ ଭିନ୍ନ ପ୍ରକୋଷ୍ଠରେ ପରୀକ୍ଷଣ କରିଥିଲେ । ଡାକ୍ତରଙ୍କ ଦ୍ୱାରା ପରୀକ୍ଷଣ ପରେ ସେମାନଙ୍କ ମଧ୍ୟରୁ ୪୯୫ଜଣ ହିତାଧିକାରୀଙ୍କୁ ଭିନ୍ନକ୍ଷମ ପରିଚୟପତ୍ର ବଣ୍ଟନ କରାଯାଇଥିଲା । ଏତଦ୍‌ବ୍ୟତୀତ ବିଭିନ୍ନ ବର୍ଗର ୩୩୪ଜଣ ଭିନ୍ନକ୍ଷମ ହିତାଧିକାରୀଙ୍କୁ ଟ୍ରାଇ ସାଇକେଲ, ହୁଇଲ୍ ଚେୟାର ଓ ଆଶାବାଡ଼ି ଆଦି ସହାୟତା ଯନ୍ତ୍ରାଂଶ ବଣ୍ଟନ ନିମନ୍ତେ ଚୟନ କରାଯାଇଛି । ପୂର୍ବାହ୍ନ ୧୦ଘଟିକାରୁ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ ଏହି ଶିବିରରେ ହିତାଧିକାରୀମାନେ ଭିଡ଼ ଜମାଇଥିଲେ ।

## ରବୀନ୍ଦ୍ର ମେମୋରିଆଲ୍ କ୍ରିକେଟ୍: ସେମିରେ କଣ୍ଟିଲୋ

**କଣ୍ଟିଲୋ,୨୧।୧/ଏନ୍ଏନ୍ଏସ୍:** ଖଣ୍ଡପଡ଼ା ବ୍ଲକ ବଡବାଣପୁର କ୍ରିକେଟ କ୍ଲବ ଆନୁକୁଲ୍ୟରେ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ଖେଳପଡିଆରେ ଚାଲୁଥିବା କ୍ରିକେଟ ମ୍ୟାଚ୍‌ର ଶେଷ ଲିଗ୍ ମ୍ୟାଚ୍‌ରେ କଣ୍ଟିଲୋ ଦଳ ସେମିକୁ ଉତ୍ତୀର୍ଣ୍ଣ ହୋଇଛି । ଆଜି କଣ୍ଟିଲୋ ବରୁଣେଇ କ୍ରିକେଟ କ୍ଲବ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୬ ଓଭରରେ ୮ ୱିକେଟ ହରାଇ ୧୧୩ ରନ ସଂଗ୍ରହ କରିଥିଲା । ଏହାର ଜବାବରେ ଭୋଗଡ କ୍ରିକେଟ କ୍ଲବ ସେହି ୧୬ ଓଭର ରେ ସମସ୍ତ ୱିକେଟ ହରାଇ ମାତ୍ର ୧୦୮ ରନ କରିବାକୁ ସକ୍ଷମ ହୋଇଥିବାରୁ ୦୫ ରନ୍ ବ୍ୟବଧାନରେ ବରୁଣେଇ କ୍ରିକେଟ କ୍ଲବ କଣ୍ଟିଲୋ ବିଜୟୀ ଘୋଷିତ ହୋଇ ଚତୁର୍ଥ ଦଳ ଭାବେ ସେମି ଫାଇନାଲ ରେ ପ୍ରବେଶ କଲା । ବିଜୟୀ ଦଳର ବାବୁ ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇଥିଲା ବେଳେ ଆଜିର ମ୍ୟାଚ୍‌କୁ ସୁରେଶ କୁମାର ପ୍ରଧାନ ଓ ଶାନ୍ତନୁ କମାର ପ୍ରଧାନ ପରିଚାଳନା କରିଥିଲେ । ପୀତବାସ ଦାସ ସ୍କୋର ଦାୟିତ୍ୱ ତୁଲାଉ ଥିବା ବେଳ ତ୍ରିବେଣୀ ଓ ଶୁଭ୍ରାଂଶୁ ଧାରା ବିବରଣୀ ପ୍ରଦାନ କରୁଥିଲେ । ଆସନ୍ତାକାଲି ପ୍ରଥମ ସେମିଫାଇନାଲ ମ୍ୟାଚ୍ ମର୍ଦ୍ଦରାଜପୁର କ୍ରିକେଟ କ୍ଲବ ବନାମ ନୁଆପାଟଣା କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ପୀତବାସ ଦାସଙ୍କ ସୂଚନାରୁ ପ୍ରକାଶ ।

## ଗ୍ରାମ୍ୟ କମିଟି ବୈଠକରେ ନୂତନ କର୍ମକର୍ତ୍ତା ନିର୍ବାଚନ

**କଣାସ,୨୧।୧/ଏନ୍ଏନ୍ଏସ୍:** କଣାସ ବ୍ଲକ କଣାସ ଗ୍ରାମପଞ୍ଚାୟତର ଡିମିରି ଗ୍ରାମ୍ୟ କମିଟି ବୈଠକ ଆଜି ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟ ପରିସରରେ ଆନୁଷ୍ଠିତ ହୋଇଯାଇଛି । ପୂର୍ବ କମିଟିର କର୍ମକର୍ତ୍ତାମାନେ ସେମାନଙ୍କର ସମସ୍ତ ହିସାବପତ୍ର ପ୍ରଦାନ କରିବାପରେ ନୂତନ ଗ୍ରାମ୍ୟ କମିଟି ଗଠନ କରାଯାଇଥିଲା । ପ୍ରଶାନ୍ତ କୁମାର ମିଶ୍ର ସଭାପତି, ସଚ୍ଚିଦାନନ୍ଦ ପଟ୍ଟନାୟକ ଉପସଭାପତି, ଦିବାକର ପରିଡା, ସଂପାଦକ, ସତ୍ୟନାରାୟଣ ପଟ୍ଟନାୟକ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିବା ବେଳେ ଶ୍ରୀକାନ୍ତ ପଟ୍ଟଯୋଷୀ, ପ୍ରକାର ବଳିୟାରସିଂହ, ସୁର୍ଦ୍ଦଶନ ସାମନ୍ତରାୟ, ଦାଶରଥି ସାହୁ, ଦେବୀପ୍ରସାଦ ପରମଗୁରୁ, ଦୟାନିଧି ବେହେରା, ପ୍ରଭାକର ଭୋଇ, ବୈଷ୍ଣବ ସେଠୀ, ମାନଗୋବିନ୍ଦ ସାହୁ, ଶରତ ଚନ୍ଦ୍ର ସ୍ୱାଇଁ, ପ୍ରଭାକର ମିଶ୍ର, ଜଳନ୍ଧର ଭୋଇ, ସ୍ୱପନେଶ୍ୱର ବେହେରା ପ୍ରମୁଖ ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ । ଆଗାମୀ ଦିନରେ ଗ୍ରାମ୍ୟରାସ୍ତା ଓ ପୁଷ୍କରିଣୀ ସଫାସୁତରା ରଖିବା ସହିତ ଗ୍ରାମ୍ୟ ଶ୍ମଶାନ ସଫା ରଖିବା ଚାରିପାଖ ଫୁଲଗଛ ଲଗାଇବା ପାଇଁ ପ୍ରସ୍ତାବ ରହିଥିଲା ।

## ହନୁମାନଙ୍କ ପୀଠରେ ରାମଚରିତ ମାନସ, କଳସ ଶୋଭାଯାତ୍ରା

**ଖଣ୍ଡପଡ଼ା,୨୧।୧/ଏନ୍ଏନ୍ଏସ୍:** ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ତୋଟା ହନୁମାନଙ୍କ ପୀଠରେ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ମଙ୍ଗଳବାର ଠାରୁ ଆରମ୍ଭ ହୋଇଛି । ରାମଦୟା ପରିଷଦ ପକ୍ଷରୁ ଆୟୋଜିତ ୩୭ତମ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମର ପ୍ରଥମ ଦିବସରେ କଳସ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରି ମନ୍ଦିର ପରିସରସ୍ଥିତ ଯଜ୍ଞବେଦୀ ନିକଟରେ ପହଞ୍ଚିବା ପରେ ଜଳପୂର୍ଣ୍ଣ କଳସୀଗୁଡ଼ିକ ସେଠାରେ ସ୍ଥାପନ କରାଯାଇଥିଲା । ଆଖପାଖ ଗ୍ରାମର ଇଷ୍ଟ ଦେବାଦେବୀଙ୍କୁ ବିମାନ ଯୋଗେ ପାଟପଟୁଆରରେ ଯଜ୍ଞସ୍ଥଳୀ ପରିସରକୁ ନିମନ୍ତ୍ରଣ କରାଯାଇଥିଲା । ଏହି ଅବସରରେ ଅଧିବାସ, ଅଙ୍କୁରାରୋପଣ, ହନୁମାନ ଚାଳିସା ପଠନ, ପ୍ରାତଃ ସମୟରେ ସୂର୍ଯ୍ୟପୂଜା ଆଦି ମାଙ୍ଗଳିକ କାର୍ଯ୍ୟ ବ୍ରାହ୍ମଣ ସମାଜ ଦ୍ୱାରା ଅନୁଷ୍ଠିତ ହୋଇଥିଲା । କର୍ତ୍ତା ଭାବେ ବିଜୟ କୁମାର ପୃଷ୍ଟି, କର୍ମାଚାର୍ଯ୍ୟ ଭାବେ ଗୋବର୍ଦ୍ଧନ ଷଡଙ୍ଗୀ ଓ ବ୍ୟାସ ଭାବେ ପୁରୀ ପିଠାଧିଶ ସନ୍ୟାସୀ ଦୟାରାମଜୀ ମହାରାଜ ଦାୟିତ୍ୱ ତୁଲାଇଥିଲେ । ୯ଦିନ ବ୍ୟାପୀ ଆୟୋଜିତ ହେବାକୁ ଥିବା ଶ୍ରୀ ରାମଚରିତ ମାନସ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ଆସନ୍ତା ୨୯ତାରିଖ ଅପରାହ୍ନରେ ପୂର୍ଣ୍ଣାହୁତି ଉତ୍ସବ ସହ ଶେଷ ହେବ ବୋଲି ଖଳିସାହି ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡ଼ିଛି ।

### ମା'ପାଟଚଣ୍ଡୀଙ୍କ ପୀଠରେ ପାନୀୟଜଳ ସମସ୍ୟାକୁ ନେଇ ଅସନ୍ତୋଷ

## କୂପପାଣି ଦୂଷିତ, ଅଚଳାବସ୍ଥାରେ ନଳକୂପ

**ଖଣ୍ଡପଡ଼ା,୨୧।୧/ଏନ୍ଏନ୍ଏସ୍:** ଖଣ୍ଡପଡ଼ା ଅଞ୍ଚଳର ଆରାଧ୍ୟ ମା'ପାଟଚଣ୍ଡୀଙ୍କ ପୀଠରେ ପାନୀୟଜଳର ଅଭାବକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ମା'ଙ୍କର ଦୈନିନ୍ଦିନ ନୀତିକାନ୍ତି ଓ ଭୋଗଲାଗି ନିମନ୍ତେ ସ୍ୱଚ୍ଛ ଜଳ ଟୋପେ ମିଳୁନଥିବାରୁ ମନ୍ଦିରର ପୂଜକ ତ୍ରିଲୋଚନ ମିଶ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ମନ୍ଦିର ପରିସରରେ ଅବସ୍ଥିତ କୂପର ପାଣି ପୁରା ଦୂଷିତ ହୋଇଥିବାରୁ ଏହା କୌଣସି କାର୍ଯ୍ୟରେ ଲାଗିପାରୁନାହିଁ । ସେହିପରି ମନ୍ଦିର ପରିସରରେ ଥିବା ନଳକୂପଟି ଗତ ୨ ମାସ ହେଲା ଅଚଳ ଅବସ୍ଥାରେ ପଡ଼ିରହିଛି । ଏହାର ମରାମତି ଓ ରକ୍ଷଣାବେକ୍ଷଣ ଦିଗରେ ଖଣ୍ଡପଡ଼ା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ କର୍ତ୍ତୃପକ୍ଷ ଆଦୌ ଧ୍ୟାନ ଦେଉନଥିବା ଅଭିଯୋଗ ହେଉଛି । ଏ ସମ୍ପର୍କରେ ବିଭାଗୀୟ କନିଷ୍ଠଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ମଧ୍ୟ କୌଣସି ସୁଫଳ ମିଳୁନଥିବା ଜଣାପଡ଼ିଛି । ବର୍ଷ ତମାମ୍ ମା' ଙ୍କ ପୀଠ ପରିସରରେ ଭୋଜିଭାତ ଓ ଭୋଗଲାଗି ନିମନ୍ତେ ଶ୍ରଦ୍ଧାଳୁ ଭକ୍ତମାନଙ୍କର ସୁଅ ଛୁଟୁଥିଲେ ହେଁ ପାନୀୟଜଳ ସମସ୍ୟାକୁ ନେଇ ସମସ୍ତେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଖଣ୍ଡପଡ଼ା ଅଞ୍ଚଳର ଏକ ପ୍ରାଚୀନ ଶକ୍ତିପୀଠ ରୂପେ ଜଣାଶୁଣା ମା'ପାଟଚଣ୍ଡୀଙ୍କ ପୀଠର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ପ୍ରଶାସନ ଦୃଷ୍ଟିଦେବାକୁ ଖଣ୍ଡପଡ଼ା ସହରବାସୀ ଦାବି କରିଛନ୍ତି । ପ୍ରକାଶଥାଉ କି କୁସୁମୀ ମାଳବନ୍ଧ ପାର୍ଶ୍ୱରେ ମା'ଙ୍କ ପୀଠଟି ଅବସ୍ଥିତ ହୋଇଥିବାରୁ ଦୀପତଳ ଅନ୍ଧାର ପରି ପ୍ରଶାସନିକ ଅଧିକାରୀମାନଙ୍କର ସେଥିପ୍ରତି ନଜର ନଥିବା ପରି ମନେ ହେଉଛି । ଏହି ପୀଠର ବିକାଶ ପ୍ରତି ଜିଲ୍ଲା ପ୍ରଶାସନ ଓ ଖଣ୍ଡପଡ଼ା ବିଧାୟକ ଦୃଷ୍ଟି ଦେବାକୁ ଦାବି ହେଉଛି । ମା'ଙ୍କ ପୀଠ ପରିସରରେ ଥିବା ପୁରାତନ କୂପର ପୁନଃରୁଦ୍ଧାର ସହ ଏକ ନୂତନ ନଳକୂପ ସ୍ଥାପନ ନିମନ୍ତେ ଖଣ୍ଡପଡ଼ା ବ୍ଲକ୍ ପ୍ରଶାସନ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି । ସେହିପରି ଅଚଳାବସ୍ଥାରେ ପଡ଼ିରହିଥିବା ନଳକୂପଟିକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ଦିଗରେ ଖଣ୍ଡପଡ଼ା ଜନସ୍ୱାସ୍ଥ୍ୟ ବିଭାଗ ଓ ଗ୍ରାମ୍ୟ ଜଳଯୋଗାଣ ବିଭାଗ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି । ଅଭିଯୋଗ ସମ୍ପର୍କରେ ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀ ତ୍ରିଲୋଚନ ବେହେରାଙ୍କୁ ପଚାରିବାରେ ସେଥିପ୍ରତି ସେ ଦୃଷ୍ଟିଦେବେ ବୋଲି କହିଛନ୍ତି ।

## ଅଜଣା ଗାଡ଼ି ପଛରେ ପିଟିଲା ଡାଲା ଅଟୋ, ହେଲ୍‌ପର୍ ମୃତ



**ଟାଙ୍ଗୀ,୨୧।୧/ଏନ୍ଏନ୍ଏସ୍:** ଟାଙ୍ଗୀ ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥ ଟୋଲ ଗେଟ୍ ନିକଟରେ ବେଆଇନ ପାର୍କିଂ ପାଇଁ ପ୍ରତ୍ୟେକ ଦିନ ଦୁର୍ଘଟଣା ଘଟୁଛି । ହେଲେ ଟୋଲ ଗେଟ୍ କର୍ତ୍ତୃପକ୍ଷ ନା ଏଥିରେ ଦୃଷ୍ଟି ଦେଉଛନ୍ତି ନା କୌଣସି ପଦକ୍ଷେପ ଗହଣ କରୁଛନ୍ତି । ବରଙ୍ଗ ବେଆଇନ ପାର୍କିଂ ପାଇଁ ୬ ଲାଇନକୁ ଦୁଇ ଲାଇନରେ ପରିଣତ କରିଦେଉଛନ୍ତି । ଯାହାଫଳରେ ଦୁର୍ଘଟଣା ଘଟୁଛି ମଙ୍ଗଳବାର ସକାଳ ସମୟରେ ଛତିଆରୁ କଟକ ଅଭିମୁଖେ ଆସୁଥିବା ଏକ ଡାଲା ଅଟୋ ଟୋଲ ଗେଟ୍ ନିକଟରେ ଏକ ଅଜଣା ଗାଡ଼ି ପଛରେ ଧକ୍କାଦେବାରୁ ଗାଡ଼ିରେ ଥିବା ହେଲ୍ପର ଗାଡ଼ି ଭିତରେ ଚାପିହୋଇ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି । ଖବର ପାଇ ଘଟଣାସ୍ଥଳରେ ରାଜପଥ ପୁଲିସ ପହଞ୍ଚି ଚୌଦ୍ୱାର ଅଗ୍ନିଶମ ବିଭାଗକୁ ଡକାଇ ଡାଲା ଅଟୋର ଆଗ ଅଂଶ କାଟିବା ପରେ ହେଲ୍ପର୍‌ଙ୍କୁ ଉଦ୍ଧାରକରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡ଼ିକାଲ ପଠାଇଥିଲେ । ଘଟଣାସ୍ଥଳରୁ ଡାଲା ଅଟୋର ଚାଳକ ଫେରାର ହୋଇଯାଇଥିବା ବେଳେ ପୁଲିସ ଘଟଣାର ତଦନ୍ତ ଜାରି ରଖିଛି ।

### କୋଣାର୍କରେ ଖୋଲିଲା ଧାନ ମଣ୍ଡି

## ପ୍ରଥମ ଦିନରେ ୪୫୦ କ୍ୱିଣ୍ଟାଲ ଧାନ ସଂଗ୍ରହ



**କୋଣାର୍କ,୨୧।୧/ଏନ୍ଏନ୍ଏସ୍:** ବହୁ ପ୍ରତୀକ୍ଷାର ଅନ୍ତଘଟାଇ ମଙ୍ଗଳବାର କୋଣାର୍କ ସମବାୟ ସମିତି ପକ୍ଷରୁ ଧାନମଣ୍ଡିର ଶୁଭାରମ୍ଭ ସହ ଚାଷୀମାନଙ୍କଠାରୁ ଧାନକ୍ରୟ କରାଯାଇଛି । କୋଣାର୍କ ସେବା ସମବାୟ ସମିତିରେ ସମୁଦାୟ ୨୪୫ଜଣ ଚାଷୀ ପଞ୍ଜିକୃତ ହୋଇଥିଲାବେଳେ ପ୍ରଥମ ଦିନରେ ସିମିଳି ପଞ୍ଚାୟତର ଶିରିପୁର, ପଇତାବରାଇ, ମାଟିଆପଡା, କଣ୍ଟିଝାଡ଼ି ଓ କୋଣାର୍କ ଏନଏସିରୁ ସମୁଦାୟ ୧୭ଜଣ ଚାଷୀ ୪୫୦କ୍ୱିଣ୍ଟାଲ ଧାନ ଆଜି ମଣ୍ଡିକୁ ଦେଇଥିବା ଜଣାପଡ଼ିଛି । ୨୩୦୦ଟଙ୍କା ଏମ୍‌ଏସ୍‌ପି ସହିତ ସରକାରଙ୍କ ପକ୍ଷରୁ ୮୦୦ଟଙ୍କା ବୋନସ୍ ସହ ସମୁଦାୟ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ଦିଆଯାଉଛି । କୋଣାର୍କ ସେବା ସମବାୟ ସୋସାଇଟିର ସଭାପତି ଅଜୟ ବେହେରାଙ୍କ ଉପସ୍ଥିତିରେ ସମ୍ପାଦକ ସତ୍ୟଜିତ ବେହେରାଙ୍କ ତତ୍ତ୍ୱାବଧାନରେ ନୋଡାଲ ଅଫିସର ନାରାୟଣ ମହାରଣା ସମସ୍ତ ଧାନର ମାନ ନିରୂପଣ କରି ଚାଷୀମାନଙ୍କଠାରୁ ଧାନକ୍ରୟ କରୁଥିବା ଦେଖିବାକୁ ମିଳିଛି । ସାରଡ଼ା ନିକଟସ୍ଥ ଗଡ଼ରୁପାସ ହିମାଦ୍ରୀ ରାଇସ୍ ମିଲ୍ ଏହି ସମସ୍ତ ଧାନ କ୍ରୟ କରୁଥିବା ଜଣାପଡ଼ିଛି । ରାଜ୍ୟ ସରକାରଙ୍କ ପକ୍ଷରୁ ଚାଷୀମାନଙ୍କୁ ୮୦୦ ଟଙ୍କା ବୋନସ୍ ଭାବେ ଦିଆଯାଉଥିବା ନେଇ ଚାଷୀମାନଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି । ଚଳିତବର୍ଷ ଧାର୍ଯ୍ୟ ଲକ୍ଷ୍ୟ ଧାନ ସଂଗ୍ରହ ହୋଇପାରିବ ବୋଲି ସମ୍ପାଦକ ଶ୍ରୀ ବେହେରା କହିଛନ୍ତି ।

## ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ସ୍ୱାଗତ

**ବାଣପୁର,୨୧।୧/ଏନ୍ଏନ୍ଏସ୍:** ଆଜି ଖୋର୍ଦ୍ଧା ଜିଲ୍ଲା ବାଣପୁର ଏନଏସିରେ ନୂତନ ଭାବେ ଯୋଗଦେଇଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ନିଗମାନନ୍ଦ ନନ୍ଦଙ୍କୁ ଭେଟି ବାଣପୁର ଏନ୍ଏସି ଅଞ୍ଚଳର ଯୁବ ଆଇନଜୀବୀ ତଥା ସୂଚନା ଅଧିକାର କର୍ମୀ ସୀତାରାମ ଅଗ୍ରୱାଲ ସ୍ୱାଗତ ଜଣାଇଥିଲେ । ଶ୍ରୀ ଅଗ୍ରୱାଲ ଏହି ଅବସରରେ ପୂର୍ବରୁ ବାଣପୁର ଏନଏସିରେ ହୋଇଥିବା ବିଭିନ୍ନ ଅନିୟମିତତା, ଅବ୍ୟବସ୍ଥା ଏବଂ ଅଭିଯୋଗ ବିଷୟରେ ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ତତ୍‌ସହିତ ଦୀର୍ଘଦିନ ଧରି ବାଣପୁର ଏନ୍ଏସିରେ ରାସ୍ତାଘାଟ, ଷ୍ଟ୍ରିଟ୍ ଲାଇଟ, ଡ୍ରେନେଜ, ଟ୍ରାଫିକ, ପରିମଳ, ପାର୍କିଂ ସମସ୍ୟା ଆଦି ଲାଗି ରହିଥିବାବେଳେ ତାହାର ପ୍ରତିକାର ଦିଗରେ ପଦକ୍ଷେପ ଗ୍ରହଣ କରିବା ପାଇଁ ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ନନ୍ଦଙ୍କୁ ଯୁବ ଆଇନଜୀବୀ ଶ୍ରୀ ଅଗ୍ରୱାଲ ଅନୁରୋଧ କରିଥିଲେ । ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରିଣୀ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ଅବମାନନା କରିବା ସହ ସୂଚନା ଅଧିକାର ଆଇନକୁ ମଧ୍ୟ ଖୋଲାଖୋଲି ଉଲ୍ଲଂଘନ କରି ଆବେଦନକାରୀଙ୍କୁ ତଥ୍ୟ ପ୍ରଦାନ କରୁନଥିଲେ । ଯାହାଫଳରେ ସେ ଏକାଧିକ ମାମଲାରେ ଛନ୍ଦି ହୋଇପଡ଼ିଥିଲେ । ଏପରିକି ବାଣପୁର ଏନ୍ଏସି ସମ୍ପୂର୍ଣ୍ଣ ସ୍ଥାଣୁ ପାଲଟିଯାଇଥିଲା । ତେବେ ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ ନିଶ୍ଚିତ ଭାବେ ଉକ୍ତ ସମସ୍ତ ବିଷୟ ପ୍ରତି ଧ୍ୟାନ ଦେବାସହ ନାଗରିକମାନଙ୍କ ଅଭିଯୋଗ ଏବଂ ଏନଏସିର ବିକାଶକୁ ପ୍ରାଧାନ୍ୟ ଦେବେବୋଲି ପ୍ରତିଶ୍ରୁତି ଦେଇଥିଲେ ।

## ମା' ତାରିଣୀଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ



**ସାଲେପୁର,୨୧।୧/ଏନ୍ଏନ୍ଏସ୍:** ସାଲେପୁର ବ୍ଲକ ବାଲିସାହି ପଞ୍ଚାୟତ ମାଛୁଆତିଠାରେ ପାଞ୍ଚଦିନ ଧରି ମା' ତାରିଣୀଙ୍କର ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି । ପ୍ରଥମ ଦିବସରେ ଘଟଗାଁ ସ୍ଥିତ ମା ତାରିଣୀ ଙ୍କ ପୀଠରୁ ଆଜ୍ଞାମାଳଙ୍କୁ ଆଣି କଣ୍ଠାସାହିଠାରୁ ବିରାଟ ପଟୁଆରରେ ଘଣ୍ଟ ଘଣ୍ଟା ଖୋଳ ତାଳ ଏବଂ ବିଭିନ୍ନ ବାଦ୍ୟଯନ୍ତ୍ରରେ ମା' ତାରିଣୀ ପୂଜା ପାଉ ଥିବା କଦମ୍ବ ଗଛ ମୂଳରେ ପୁରୁଣା ସ୍ଥାନରେ ରଖାଯାଇଥିଲା ।ଦ୍ୱିତୀୟ ଦିବସରେ ବଟେଶ୍ୱର ସ୍ଥିତ ମା' ଭଗବତୀଙ୍କ ନିକଟ ଗୁପ୍ତଗଙ୍ଗା ଚିତ୍ରୋତ୍ପଳା ନଦୀ ଘାଟରୁ ପୂଜାର୍ଚ୍ଚନା କରାଯିବା ପରେ ସହ ସହ ମହିଳା ପାଣି ଧରି କଳସ ଶୋଭାଯାତ୍ରାରେ ଯାଇଥିଲେ । ବଟେଶ୍ୱରରୁ କଲେଜରୋଡ଼ ଦେଇ ସାଲେପୁର ବଜାରରେ ଯିବାବେଳେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ପରେ ମାଛୁଆତିଠାରେ ପହଞ୍ଚିଥିଲେ । ନୂତନ ମନ୍ଦିରରେ ଏହି କଳସୀ ରଖାଯାଇ ଘଟ ସ୍ଥାପନ କରାଯାଇଥିଲା । ପଞ୍ଚମ ତଥା ଶେଷ ଦିବସରେ ଯଜ୍ଞ ହୋମ ହେବା ସହିତ ଏକ ସୁସଜ୍ଜିତ ଗାଡ଼ିରେ ବିଭିନ୍ନ ପ୍ରକାର ବାଦ୍ୟଯନ୍ତ୍ର ବଜାଇ ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ମା' ତାରିଣୀଙ୍କର ବିଗ୍ରହ ଗ୍ରାମ ପରିକ୍ରମା କରାଯାଇଥିଲା । ଏହି ଗ୍ରାମ ପରିକ୍ରମା ସମୟରେ ଲୋକମାନେ ନିଜ ଘର ସମ୍ମୁଖରେ ଝୋଟି, ଚିତା ପକାଇ ଦୀପ, ଧୂପ, ଭୋଗ ଲଗାଇ ମାଆଙ୍କର ପୂଜାର୍ଚ୍ଚନା କରିଥିଲେ । ଏହାପରେ ମା' ତାରିଣୀଙ୍କ ନୂତନ ମନ୍ଦିର ପ୍ରବେଶ ଓ ସ୍ଥାପନ କରାଯିବା ପରେ ଷୋଡ଼ଶ ଉପଚାର ପୂଜା, ଶ୍ରୀଶ୍ରୀ ସପ୍ତଶତୀ ଚଣ୍ଡୀ ପାଠ, ନବଯୌବନ ରୂପ ଦର୍ଶନ, ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପାଦନ ହୋଇଥିଲା । ଏହି ଅବସରରେ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ପ୍ରବଚନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଷ୍ଠା ଉତ୍ସବରେ କର୍ତ୍ତାକର୍ତ୍ତ୍ରି ଭାବେ ସୁଧୀର କୁମାର ଶତପଥି ଓ ଶୁଭଶ୍ରୀ ଶତପଥୀ ଏବଂ କମଳ ବିଶ୍ୱାଳ ଓ ସୁଚିତା ବିଶ୍ୱାଳ କାର୍ଯ୍ୟ ସମ୍ପାଦନ କରିଥିଲେ । ଚିତ୍ତରଞ୍ଜନ ଶତପଥୀ, ଅଶ୍ୱିନୀ ଦାସ, ଦିଲ୍ଲୀପ ବରାଳ, ସମ୍ବିତ ଦାସ, ଅଜୟ ସାହୁ, ବିରାଜ ପାତ୍ର, ଧୀରେନ୍ଦ୍ର ପଣ୍ଡା, ଶଶିଭୂଷଣ ଭୂୟାଁ, ବିମଳ ଖୁଣ୍ଟିଆ, ଦେବାଶିଷ ନାୟକଙ୍କ ସମେତ ମାଛୁଆତି ତଥା ଆଖପାଖ ଅଞ୍ଚଳର ବ୍ୟକ୍ତି ବିଶେଷମାନେ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ ।

## ସାହିତ୍ୟ ଇ-ପତ୍ରିକାରେ ତୃତୀୟ ସଂସ୍କରଣ ପ୍ରକାଶିତ

**ବାଣପୁର,୨୧।୧/ଏନ୍ଏନ୍ଏସ୍:** ବିପ୍ଳବୀ, ପାଇକ, କବି ଓ ସଂସ୍କୃତିର ବାର୍ତ୍ତା ବହନକରି ବାଣପୁର ମାଟିରୁ ପ୍ରକାଶିତ ହେଇଆସୁଥିବା ବ୍ରଜବିଳାସ ସାହିତ୍ୟ ଇ-ପତ୍ରିକାର ତୃତୀୟ ସଂସ୍କରଣ ଲୋକାର୍ପିତ ହୋଇସାରିଛି । ଯୁବ ସ୍ତମ୍ଭକାର ତଥା ସମ୍ପାଦକ ବିଶ୍ୱବିଜୟୀ ଦାଶଙ୍କ ବଳିଷ୍ଠ ସମ୍ପାଦନା, ସହ ସମ୍ପାଦିକା ପ୍ରବାଳ ମଞ୍ଜରୀ ଦାଶ ଓ ପ୍ରିୟମ୍ୱଦା ସ୍ୱାଇଁଙ୍କ ସହଯୋଗରେ ପତ୍ରିକାଟି ପ୍ରକାଶିତ ହୋଇଛି । ଡିଜାଇନର କାହ୍ନୁ ଚରଣ ସାହୁଙ୍କ ଅଳଙ୍କରଣ ବେଶ୍ ଆକର୍ଷଣୀୟ ହୋଇଛି । ଏହି ପତ୍ରିକାରେ ଅନେକ ଲେଖକ ଲେଖିକା ତଥା କବି କବୟିତ୍ରୀଙ୍କ ଅମୂଲ୍ୟ କୃତି ସ୍ଥାନିତ ହୋଇଛି । ସମ୍ପାଦକ ବିଶ୍ୱବିଜୟୀ ଦାଶ କହିଛନ୍ତି, ପୁଣ୍ୟତୋୟା ଭାରତରେ ଓଡ଼ିଶା, କଳା, ସାହିତ୍ୟ ଓ ସଂସ୍କୃତିର ମହାନ ମିଳନ ସ୍ଥଳ । ନିଜସ୍ୱ ପ୍ରତିଭା ବଳରେ ଅନେକ ପ୍ରଥିତଯଶା ଓ ସିଦ୍ଧପୁରୁଷମାନେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ଜନ୍ମନେଇ ଏ ମାଟିକୁ ମହିମା ମଣ୍ଡିତ କରିଛନ୍ତି । ଓଡ଼ିଆ ଭାଷା ସାହିତ୍ୟର ପ୍ରଚାର ପ୍ରସାର ଦିଗରେ ବ୍ରଜବିଳାସ ସାହିତ୍ୟ ଇ-ପତ୍ରିକା ଗୁଣ୍ଡିଚିମୂଷା ସଦୃଶ କାର୍ଯ୍ୟ ନିର୍ବାହ କରୁଛି ଓ ପତ୍ରିକାଟି ସର୍ବଜନାଦୃତ ହେଉ ବୋଲି ଶ୍ରୀଶ୍ରୀ ବାବା ପ୍ରତାପେଶ୍ୱର ଦେବ ଓ ମା' ଭଗବତୀଙ୍କ ନିକଟରେ ପ୍ରାର୍ଥନା କରିଥିଲେ ।

## ଜାଗେଶ୍ୱରୀ ବିଦ୍ୟାପୀଠ ପୁରାତନ ଛାତ୍ର ସମ୍ମିଳନୀ



**ସାକ୍ଷୀଗୋପାଳ,୨୧।୧/ଏନ୍ଏନ୍ଏସ୍:** ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ଅଳଗୁମସ୍ଥିତ ଜାଗେଶ୍ୱରୀ ବିଦ୍ୟାପୀଠର ପୁରାତନ ଛାତ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଧଉଳି ଶାନ୍ତିସ୍ତୂପ ନିକଟ ଧଉଳି ଗାର୍ଡେନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜାଗେଶ୍ୱରୀ ବିଦ୍ୟାପୀଠ ୧୯୯୪ ବ୍ୟାଚର ୪୦ରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରାଛାତ୍ରୀ ଯୋଗ ଦେଇଥିଲେ । ରାଜ୍ୟ ତଥା ରାଜ୍ୟ ବାହାରେ ବିଭିନ୍ନ ପଦପଦବୀରେ ଅବସ୍ଥାପିତ ପୁରାତନ ଛାତ୍ରଛାତ୍ରୀ ସପରିବାର ଯୋଗଦେଇ ପରସ୍ପର ମଧ୍ୟରେ ଭାବ ବିନିମୟ କରିଥିଲେ । ଏଥିସହ ବିଗତ ଦିନର ସ୍ମୃତି ରୋମନ୍ଥନ କରିଥିଲେ । ସମସ୍ତେ ନିଜ ନିଜର ସ୍ମୃତି ଅନୁଭୂତି ବଖାଣିବା ସହ ଦିବଂଗତ ବନ୍ଧୁଙ୍କ ସ୍ମୃତିଚାରଣ କରିଥିଲେ । ଏ ନେଇ ଆୟୋଜିତ ଏକ ସଭାରେ ଆଗାମୀ ଦିନରେ ହେବାକୁ ଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଆଗକୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ମରଣିକା ପ୍ରକାଶନ ଓ ପ୍ରତିବର୍ଷ ଏଭଳି କାର୍ଯ୍ୟକ୍ରମ ଆୟୋଜନ ସମ୍ପର୍କରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା । ଅନ୍ୟପକ୍ଷରେ ଯେଉଁମାନେ ଦୂରରେ ରହି କାର୍ଯ୍ୟକ୍ରମରେ ଯୋଗଦେଇପାରି ନଥିଲେ ମଧ୍ୟ ଏଥିପାଇଁ ଉତ୍ସାହିତ କରିଥିଲେ ସେମାନଙ୍କୁ ସାଧୁବାଦ ଜ୍ଞାପନ କରାଯାଇଥିଲା । ଚନ୍ଦ୍ରମଣି ପଣ୍ଡା, ଦୀପ୍ତିରାଣୀ ବିଶ୍ୱାଳ, ବିନୋଦିନୀ ପ୍ରଧାନ, ପ୍ରଭାତୀ ବରାଳ, ଚିନ୍ମୟୀ ମହାନ୍ତି, ସୁନିତା ମଲ୍ଲିକ, ଚନ୍ଦ୍ରଭାନୁ ନାୟକ, ମନୋରଞ୍ଜନ ପ୍ରଧାନ, ଜୟନାରାୟଣ ମହାନ୍ତି, ଯଯାତି ନାୟକ, ଗଗନ ପ୍ରଧାନ, ବିରଞ୍ଚି ବିଶ୍ୱାଳ, ବିଚିତ୍ର ପ୍ରଧାନ, ସଞ୍ଜୟ ନାୟକ, ରବୀନ୍ଦ୍ର ବିଶ୍ୱାଳ, ଧୀରଞ୍ଜନ ବିଶ୍ୱାଳ, ବିପିନ ସେନାପତି, ଦିଲ୍ଲୀପ ନାୟକ, କମଳ ମହାନ୍ତି, ବିରଞ୍ଚି ବିଶ୍ୱାଳ, ମୃତ୍ୟୁଞ୍ଜୟ ବରାଳ ପ୍ରମୁଖ ଯୋଗଦେଇଥିଲେ ।

ତଥ୍ୟ ଅନେକ,
କିନ୍ତୁ ସତ୍ୟ ଏକ।
- ରବୀନ୍ଦ୍ରନାଥ ଠାକୁର



ନିତିଦିନ NITIDIN

ବୁଧବାର , ୨୨ ଜାନୁଆରୀ, ୨୦୨୫

# ପ୍ରଭୁ ରାମଙ୍କ ନଗରୀ ଅଯୋଧ୍ୟା

୨୦୨୪ ଅଗଷ୍ଟ ୧୪ରେ ଶ୍ରୀରାମଙ୍କ ପବିତ୍ର ନଗରୀ ଅଯୋଧ୍ୟା ଜଙ୍କସନରେ ପହଞ୍ଚିଲୁ ସକାଳ ୧୦ଟା ସମୟରେ। ସେଦିନ ଷ୍ଟେସନ ନିକଟସ୍ଥ ଏକ ହୋଟେଲରେ ରହିଲୁ। ନିତ୍ୟକର୍ମ ସମାପନାନ୍ତେ ନିକଟସ୍ଥ ରେଷ୍ଟୋରାଁରେ ମଧ୍ୟାହ୍ନ ଭୋଜନ ଶେଷ କଲୁ। ତା' ପରେ ପ୍ରଭୁଙ୍କ ଦର୍ଶନ ଉଦ୍ଦେଶ୍ୟରେ ମନ୍ଦିର ବାହାରିଲୁ। ହୋଟେଲଠାରୁ ମନ୍ଦିରର ଦୂରତା ୨ କି.ମି.ରୁ କିଛି ଅଧିକ ହେବ। ପାଖଆଖ ଦେଖି ଦେଖି ଚାଲି ଚାଲି ମନ୍ଦିର ପାଖକୁ ଚାଲିଲୁ, କାରଣ ରହୁଥିବା ଗଳି ପାଖରେ ଅଟୋ ପ୍ରଭୃତି ଅନୁପଲବ୍ଧ। ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ଚାଲି ଚାଲି ଯିବାକୁ ପଡ଼ିଲା। ଅତଏବ, ଅବଶିଷ୍ଟ ରାସ୍ତା ଚାଲିଯିବାକୁ ସ୍ଥିର କଲୁ। ଅଗଷ୍ଟ ମାସର ଖରା ଦେହରେ ଗଳି ଯାଉଥିଲେ ମଧ ହଠାତ୍ ବର୍ଷା ହୋଇଗଲା। ନିକଟସ୍ଥ



ଜୟନ୍ତ ପଟ୍ଟନାୟକ

ଏକ ଦୋକାନରେ ଆଶ୍ରୟ ନେଇଥିଲେ ମଧ ଭିଜି ଯାଇଥିଲୁ। ବର୍ଷା ଛାଡ଼ିବା ପରେ ଦେଖିଲୁ ରାମ ମନ୍ଦିର ଦର୍ଶନାର୍ଥୀଙ୍କ ନିମନ୍ତେ ବିଶ୍ରାମ ତମ୍ବୁ ଖୁବ୍ ନିକଟରେ। ତେଣୁ ସେଠାରେ ସମସ୍ତେ ବସିଲୁ କିଛି ସମୟ। ଗଠନ ସିନା ତମ୍ବୁ ଭଳି ମାତ୍ର ସବୁ ସୁବିଧା ଉପଲବ୍ଧ। ଧାଡ଼ି ଧାଡ଼ି ଷ୍ଟିଲ ଚୌକି ପଡ଼ିଛି ଦର୍ଶନାର୍ଥୀଙ୍କ ସକାଶେ। ବିରାଟ ବିରାଟ ଫ୍ୟାନ୍ ଲାଗିଛି। ପାନୀୟ ଜଳ ପାଇଁ ୱାଟର ଫିଲଟର ସବୁ ଲାଗିଛି; ଶୌଚାଳୟର ସୁବିଧା ସର୍ବତ୍ର। କିଛି ସମୟ ବିଶ୍ରାମାନ୍ତେ ଆମେ ମନ୍ଦିର ଦର୍ଶନାର୍ଥେ ବାହାରିଲୁ। ବିଶ୍ରାମାଳୟଠାରୁ ମନ୍ଦିର ଅଭ୍ୟନ୍ତର ପ୍ରାୟ ୩୦୦ ମିଟର ଦୂର ହେବ। ସେଇ ବାଟରେ ଜୋତା/ ଚପଲ ବ୍ୟତୀତ ମୋବାଇଲ, ପର୍ସ, ଡିଜିଟାଲ ଘଣ୍ଟା, କ୍ୟାମେରା, ଏମିତିକି ନିଜର ଲଗେଜ ମଧ ରଖିହେବ ଅତି ସୁରକ୍ଷିତ ଭାବେ ବିନା ଶୁଳ୍କରେ। କାରଣ ଏକ ଏକ ଲକରରେ ଯାତ୍ରୀମାନଙ୍କର ଜିନିଷ ରଖି ଚାବି ପକାଇ ଟୋକନ ଦେଇଦେବେ, ଫେରିବା ସମୟରେ ଟୋକନ ଦେଇ ଜିନିଷ ନେଇଯିବେ। କୌଣସି ପ୍ରକାର ଇଲେକ୍ଟ୍ରୋନିକ ଜିନିଷ (ଗ୍ୟାଜେଟ୍) ମନ୍ଦିର ଭିତରକୁ ନେବା ସମ୍ପୂର୍ଣ୍ଣ ରୂପେ ନିଷିଦ୍ଧ। ପରିଚୟ ପତ୍ର ମଧ ଯାଞ୍ଚ ହେଉଛି କଡ଼ାକଡ଼ି; ନ ନେଇଥିଲେ ଅସୁବିଧାରେ ପଡ଼ିବା ଥୟ।

ଏସବୁ ସରିବା ପରେ ବ୍ୟାରିକେଡ୍‌ରେ ପ୍ରାୟ ୧୦୦-୨୦୦ ମିଟର ବୁଲି ବୁଲି ଗର୍ଭଗୃହରେ ପହଞ୍ଚିବେ। ସେଠାରେ କଳା ଗ୍ରାନାଇଟ୍ ଭଳି ଏକ ବିଶେଷ ପଥରରେ ନିର୍ମିତ ରାମଲାଲାଙ୍କ ଭବ୍ୟ ଦିବ୍ୟ ମୂର୍ତ୍ତିଙ୍କ ଦର୍ଶନ ମିଳିବ। କାଣ୍ଡ କୋଦଣ୍ଡଧାରୀ ବାଳକ ରାମ ଅପୂର୍ବ ଠାଣିରେ ଦର୍ଶନ ଦେଉଛନ୍ତି ଭକ୍ତଜନଙ୍କୁ। ଅତି ସୁନ୍ଦର ଭାବେ ପ୍ରତ୍ୟହ ବେଶ ଶୃଙ୍ଗାର କରାଯାଉଛି ଅଯୋଧ୍ୟାପତି ବାଳକ ରାମଙ୍କୁ। ଦେଖିଲେ ନୟନ, ମନ ତୃପ୍ତ ହୋଇ ଯାଉଛି। ତଥାପି ବାରମ୍ବାର ଦେଖିବାକୁ ମନ ଆତୁର ହେଉଛି। କ'ଣ ମୋହିନୀ ଶକ୍ତି ଅଛି ସେଇ କଳା ବିଗ୍ରହରେ କିଏ ଜାଣେ? ସୁନ୍ଦର ତୃପ୍ତିର ଅବସାଦ ନାହିଁ,ଯେତେ ଦେଖୁଥିଲେ ନୂଆ ଦିଶୁଥାଇ। ଗର୍ଭଗୃହର ଆରମ୍ଭରୁ ଗାଲିଚା ପଡ଼ିଛି ଭକ୍ତଙ୍କ ସକାଶେ, ସତେ ଯେମିତି ପ୍ରଭୁ କହିଛନ୍ତି, ମୋ ଭକ୍ତକୁ ମଧ କଷ୍ଟ ନହେଉ। କାହିଁ କେତେ ବାଟରୁ, କେତେ କଷ୍ଟ ସହି ସେ ଧାଇଁ ଆସିଛି ମୋତେ ଦର୍ଶନ କରିବାକୁ। ନୟନ/ ମନ ସାର୍ଥକ କରିବାକୁ। ପ୍ରଭୁଙ୍କ ପାଖରେ ସବୁବେଳେ ଭଜନ କୀର୍ତ୍ତନ ଚାଲିଛି। ଧୂପ, ଦୀପ, ଆଲୋକ ମାଳାରେ ସଜ୍ଜିତ ହୋଇଛି। ମାତ୍ର ଆମ ଏଠାର ମନ୍ଦିର ଭଳି ଅପରିଷ୍କାର, ଅପରିଚ୍ଛନ୍ନତାର ନାଁ ଗନ୍ଧ ମଧ ନାହିଁ। ଉଲ୍ଲେଖଯୋଗ୍ୟ, ଯେତେବେଳେ ମନ୍ଦିରରେ ପ୍ରଭୁଙ୍କ ନିକଟରେ ଭୋଗରାଗ, ଧୂପ, ଦୀପ, ପୁଷ୍ପ କିଛି ଚଢ଼ାଇବାର ବା ଦେବାର ବ୍ୟବସ୍ଥା ନାହିଁ, ତା'ହେଲେ ଅପରିଷ୍କାର ହେବ କାହିଁକି/ କିପରି? ଧାଡ଼ି ମଧ ଭାଙ୍ଗିବାର ସୁଯୋଗ ନାହିଁ କୋଉଠି। ସବୁଆଡ଼େ ଜଗୁଆଳି (ସିକ୍ୟୁରିଟି)। ମାତ୍ର ପ୍ରଭୁଙ୍କ ନିକଟ ହୋଇଗଲେ ବୟସ୍କ, ଭିନ୍ନକ୍ଷମ/ ଦିବ୍ୟାଙ୍ଗମାନଙ୍କୁ ଭିତର ଲାଇନ୍‌ରେ, ଯେପରି ଭଲରେ ଦର୍ଶନ କରି ପାରିବେ, ସେହିପରି ଛାଡ଼ି ଦିଆ ଯାଉଛି। ସେତିକି ନୁହେଁ, ଦିବ୍ୟାଙ୍ଗଜନଙ୍କ ସକାଶେ ର୍ୟାମ୍ପ, ସ୍ୱତନ୍ତ୍ର ଧାଡ଼ି, ହ୍ୱିଲ ଚେୟାର ଓ ସେ ନିମନ୍ତେ ସାହାଯ୍ୟକାରୀ ମଧ ଉପଲବ୍ଧ।

ମନ୍ଦିରର ଅଭ୍ୟନ୍ତର ଓ ବାହାରର କାରୁକାର୍ଯ୍ୟ ଏତେ ମନୋମୁଗ୍ଧକର ଯେ ଛାଡ଼ି ଆସିବାକୁ ଇଚ୍ଛା ହୁଏନା, ମାତ୍ର ଛାଡ଼ିବାକୁ ବାଧ୍ୟ। ପଛର ଯାତ୍ରୀଙ୍କୁ ସୁଯୋଗ ଦେବାକୁ ହେବ। ତଥାପି ଫେରିବା ବେଳେ କୋଉଠି କୋଉଠି ବସିବାର ବ୍ୟବସ୍ଥା ଅଛି। ସେଇ ସମୟରେ ଯାହା ଯେମିତି ଦେଖିହେବ। ଏକ ବିରାଟ ପିଣ୍ଡି ଉପରେ ଦୂରରୁ ରଥ ଆକାରର ପ୍ରତୀୟମାନ ହେଉଥିବା ରାଜସ୍ଥାନରୁ ଆନୀତ ପ୍ରସ୍ତରରେ ନିର୍ମିତ ମନ୍ଦିରର ମାତ୍ର ପ୍ରଥମ ମହଲା କାମ ସରିଛି। ତଥାପି କୋଉଠି କେମିତି ଟିକିଏ ବାକି ରହି ଯାଇଛି। ତୃତୀୟ ମହଲା ସମ୍ପୂର୍ଣ୍ଣ ହେଲା ବେଳକୁ ୨୦୨୭ ଶେଷ ହୋଇ ଯାଇଥିବ। ୨୦୨୫ ସୁଦ୍ଧା ଶେଷ ହେବ ବୋଲି ସରକାର କହୁଥିଲେ ମଧ ଆଶା କମ୍। ମନ୍ଦିର ଚତୁଃପାର୍ଶ୍ୱର ଖାଲି ଥିବା ସ୍ଥାନରେ ରାଜସ୍ଥାନରୁ ଆସିଥିବା ପଥରସବୁ ଗଦା ହୋଇଛି। ବିରାଟ ବିରାଟ ମେସିନ୍ ଲାଗିଛି। ଶହ ଶହ ଶ୍ରମିକ, କୁଶଳୀ କାରିଗର, ଇଞ୍ଜିନିୟର କାମରେ ଲାଗିଛନ୍ତି। ଭାରତର ପ୍ରାୟ ସବୁ ପ୍ରାନ୍ତରୁ କୁଶଳୀ କାରିଗର କାର୍ଯ୍ୟରତ। ସେଥିରେ ଆମ ଓଡ଼ିଶାର ମନ୍ଦିର ବିନ୍ଧାଣୀଙ୍କର ସୂକ୍ଷ୍ମ କାରୁକାର୍ଯ୍ୟ ଅନେକ ପ୍ରଶଂସା ସାଉଁଟିଛି। ସେଥିପାଇଁ ଆମେ ଗର୍ବିତ। ମନ୍ଦିରର ମୁଖ୍ୟଦ୍ୱାର ଫୁଲପତ୍ର ଓ ଅନ୍ୟାନ୍ୟ ଦ୍ରବ୍ୟ ସାହାଯ୍ୟରେ ଅତି ସୁନ୍ଦର ଭାବେ ସଜା ଯାଇଥାଏ। ପ୍ରଭୁ ରାମଲାଲା ଅଯୋଧ୍ୟାର ଶାସକ। ଅତ୍ୟନ୍ତ ଜନପ୍ରିୟ, ଯାହା ଫଳରେ ଜାତିର ଜନକ ବାପୁଙ୍କଠାରୁ ଅଦ୍ୟାବଧି ସମସ୍ତେ ରାମରାଜ୍ୟର ଉଦାହରଣ ଦେଉଛନ୍ତି। ଝୁରି ହେଉଛନ୍ତି ସେଇ ପ୍ରଭୁଙ୍କର ଅମଳିନ, ଅଭୁଲା, ଅଫେରା ଶାସନ ପଦ୍ଧତିକୁ।

ଫେରିବା ସମୟରେ ସମସ୍ତ ଯାତ୍ରୀଙ୍କୁ ଗୋଟିଏ ଗୋଟିଏ ପୁଡ଼ିଆ ଠାକୁରଙ୍କ ପ୍ରସାଦ ବଣ୍ଟନ କରାଯାଉଛି, ଯୋଉଥିରେ ଅତି ସୁସ୍ୱାଦୁ ଓ ସୁଗନ୍ଧଯୁକ୍ତ ଛୋଟ ଛୋଟ ଗୁଳା ରହିଥାଏ। ପ୍ରବେଶ ପୂର୍ବର ବିଶ୍ରାମାଳୟ ଭଳି ଭିତରେ ଅନେକ ସ୍ଥାନରେ ଧାଡ଼ି ଧାଡ଼ି ଚୌକି ପଡ଼ିଥିବା ବିଶ୍ରାମାଳୟ ଉପଲବ୍ଧ। ଶୌଚାଳୟ ଓ ପିଇବା ପାଣିର ସୁବିଧା ସର୍ବତ୍ର ଉପଲବ୍ଧ। ଯାତ୍ରୀମାନଙ୍କର ସ୍ୱାସ୍ଥ୍ୟ ଉପରେ ମଧ ନଜର ରଖାଯାଇଛି। ଅସୁସ୍ଥଙ୍କ ନିମନ୍ତେ ଡାକ୍ତର, ସହକାରୀ ଓ ଔଷଧପତ୍ରର ଭରପୂର ସୁବିଧା କରାଯାଇଛି। ବିଶ୍ରାମାଳୟରୁ ମୁଖ୍ୟ ମନ୍ଦିର ଦ୍ୱାରଦେଶ ପର୍ଯ୍ୟନ୍ତ ରାସ୍ତା ମଧ ଅତ୍ୟନ୍ତ ପ୍ରଶସ୍ତ ଓ ସୁନ୍ଦର ଭାବେ ସଜ୍ଜିତ- ବିଭିନ୍ନ କଳାକୃତି, ରଙ୍ଗୀନ ଚିତ୍ର ଓ ଆଲଙ୍କାରିକ ଗଛ ଓ ଲତା ମାଧ୍ୟମରେ। ସନ୍ଧ୍ୟା ସମୟକୁ ମନ୍ଦିରରୁ ଫେରି ବାଟରେ ଥିବା ବିରଳା ମନ୍ଦିର ଦର୍ଶନ କରି ହୋଟେଲକୁ ଫେରିଲୁ। ପୁଣି ନିତ୍ୟକର୍ମ ସାରି ନିକଟସ୍ଥ ହୋଟେଲରେ ରାତ୍ରି ଭୋଜନ ସମାପ୍ତ କରି ବିଶ୍ରାମ ନେଲୁ। ପର ଦିନ ଅଗଷ୍ଟ ୧୫ ତାରିଖ, ୭୮ତମ ସ୍ୱାଧୀନତା ଦିବସ।

ସ୍ୱାଧୀନତା ଦିବସର ଶୁଭ ସକାଳ। ଚତୁର୍ଦ୍ଦିଗ ଉଜ୍ଜ୍ୱଳ ସୂର୍ଯ୍ୟ କିରଣରେ ଝଲମଲ। ସବୁଆଡ଼େ ତ୍ରିରଙ୍ଗାର ରାଜୁତି। ପ୍ରଶସ୍ତ ରାମପଥ, ଭକ୍ତିପଥ ଓ ଧର୍ମପଥର ଦୁଇପଟେ ପ୍ରାଚୀରସବୁ ସୁନ୍ଦର ରଙ୍ଗିନ ଚିତ୍ରରେ ଚିତ୍ରିତ। ରାସ୍ତାସବୁ ଚକାଚକ୍, ରଙ୍ଗିନ କାଗଜ ଓ କନାରେ ସଜ୍ଜିତ। ଆମେ ପହଞ୍ଚିଲୁ ନବନିର୍ମିତ ଲତା ମଙ୍ଗେସକର ଛକ ବା ଚୌକରେ- ସରଜୁ ନଦୀର ପବିତ୍ର ଜଳରେ ସ୍ନାନ କରି ଶାସ୍ତ୍ରାନୁସାରେ ହନୁମାନଗଡ଼ି, ଶ୍ରୀରାମଲାଲାଙ୍କ ମନ୍ଦିର, ଦଶରଥ ମହଲ, କନକ ଭବନ ଇତ୍ୟାଦି ଦର୍ଶନ ସକାଶେ। ଛକର କେନ୍ଦ୍ରସ୍ଥଳରେ ଏକ ଗୋଲାକାର ପିଣ୍ଡିର ମଧ୍ୟଭାଗରେ ୪୦ ଫୁଟ ଦୈର୍ଘ୍ୟ, ୧୨ ମିଟର ଉଚ୍ଚତା ବିଶିଷ୍ଟ ୧୪ ଟନ୍ ବ୍ରୋଞ୍ଜରେ ୭.୯ କୋଟି ଟଙ୍କା ବିନିମୟରେ ନିର୍ମିତ ବିଦ୍ୟାଦାତ୍ରୀ ମା' ସରସ୍ୱତୀଙ୍କ ହସ୍ତ ଶୋଭିତ ବାଦ୍ୟଯନ୍ତ୍ର ବୀଣାର ଏକ ବିଶାଳ ଭବ୍ୟ ପ୍ରତିକୃତି ବିଦ୍ୟମାନ। ଭାରତର ନାଇଟିଙ୍ଗେଲ ବା କୋକିଳକଣ୍ଠୀ ସ୍ୱର୍ଗୀୟା ଲତା ମଙ୍ଗେସକରଙ୍କ ସ୍ମୃତିରେ ନିର୍ମିତ ଏହି କଳାକୃତିଟିକୁ ତାଙ୍କ ଜନ୍ମଦିନ ୨୮ ସେପ୍ଟେମ୍ବର ୨୦୨୨ରେ ପ୍ରଧାନମନ୍ତ୍ରୀ ଭର୍ଚୁଆଲ ମୋଡ୍‌ରେ ଉଦ୍‌ଘାଟନ କରିଥିଲେ ମଧ ୨୦୨୪ ଜାନୁଆରୀ ୨୨ରେ ରାମ ମନ୍ଦିର ଉଦ୍‌ଘାଟନର ଅବ୍ୟବହିତ ପୂର୍ବରୁ ମୋଦିଜୀ ସେଠାରେ କିଛି ସମୟ ଅଟକି ନିଜ ସହ ଅନ୍ୟମାନଙ୍କୁ ଫଟୋ ନେବାର ସୁଯୋଗ ଦେଇଥିଲେ। ସେଇ ମଣ୍ଡପକୁ ଏକ ପୁଷ୍କରିଣୀ ଭାବେ ସଜାଯାଇଛି, ଯୋଉଠି ଲତାଙ୍କ ୯୨ ବର୍ଷ ସ୍ମୃତିରେ ୯୨ଟି ମାର୍ବଲ ନିର୍ମିତ ପଦ୍ମଫୁଲ ଉତ୍‌କୀର୍ଣ୍ଣ। ଲତା ମଙ୍ଗେସକର ଚୌକ ବର୍ତ୍ତମାନ ସମସ୍ତ ପର୍ଯ୍ୟଟକମାନଙ୍କର/ସେଲ୍‌ଫି ଆଶାୟୀମାନଙ୍କର ମୁଖ୍ୟ ଆକର୍ଷଣ। କିଛି ଫଟୋ ଉଠାଇବା ପରେ ଆମେ ନିକଟସ୍ଥ



ସରଜୁ ନଦୀର ନୟାଘାଟକୁ ଚାଲିଲୁ ପବିତ୍ର ସ୍ନାନ ଉଦ୍ଦେଶ୍ୟରେ।

କଥିତ ଅଛି, ନୟାଘାଟରେ ସ୍ନାନ କଲା ପରେ ହନୁମାନଗଡ଼ିର ପ୍ରାଚୀନ ମନ୍ଦିରରେ ପ୍ରଭୁଙ୍କୁ ଦର୍ଶନ କଲା ପରେ ରାମଲାଲା ଓ ପରେ ଅନ୍ୟ ସ୍ଥାନସବୁ ଦର୍ଶନ କରିବ ଶାସ୍ତ୍ରାନୁଯାୟୀ। ନଦୀ ଘାଟରେ ପହଞ୍ଚି ଦେଖିଲୁ ଶହ ଶହ ଭକ୍ତ ସ୍ନାନ କରୁଛନ୍ତି। ଘାଟର ଏ ପାଖରୁ ସେପାଖ ୨୦ ହାତ ହୋଇପାରେ। ପାଣି ମାତ୍ର ଆଣ୍ଠୁଏ। ସମ୍ପୂର୍ଣ୍ଣ ଗୋଳିଆ। ସେଠାରେ ଗାଧୋଇବାକୁ ଆତ୍ମା ଡାକିଲାନି। ପାଣି ସିଞ୍ଚି ହୋଇ ଚାଲି ଆସିଲୁ। ବୋଧହୁଏ ସେଠାରେ ବନ୍ଧ ପକାଇ ନଦୀକୁ ରୋକା ଯାଇଛି। କୂଳରେ ସିମେଣ୍ଟ ବନ୍ଧରେ ଅନେକ ସ୍ନାନ ପରେ ବିଭିନ୍ନ ପୂଜାର୍ଚ୍ଚନା କରୁଥିଲେ। ଉପରେ ଧାଡ଼ି ଧାଡ଼ି ଥିବା ବେଞ୍ଚିରେ ଅନେକ ଦର୍ଶନାର୍ଥୀ ଦୃଶ୍ୟ ଉପଭୋଗ କରୁଥିଲେ। ଆମେ ହନୁମାନଗଡ଼ିର ପୁରାତନ ମନ୍ଦିର ଦେଖିବାକୁ ଚାଲିଲୁ। ପ୍ରଶସ୍ତ ରାସ୍ତାର ମଝି ଧାଡ଼ିର ଲାଇଟ୍ ଖମ୍ବରେ ଦୁଇ ପଟକୁ ମୁହଁ କରି ଆଲଙ୍କାରିକ ଲାଇଟ୍ ସବୁ ଲଗାଯାଇଛି। ସେଇ ଲାଇଟ୍ ମଝିରେ ସବୁଠାରେ ପ୍ରଭୁଙ୍କର କୋଦଣ୍ଡ ଓ ତୀରର ସୁନ୍ଦର ପ୍ରତୀକ। ସେମିତିରେ ପବିତ୍ର ଅଯୋଧ୍ୟା ନଗରୀର ବାଲି, ଧୂଳି, ପବନ, ପାଣି- ସବୁଠି ପ୍ରଭୁଙ୍କ ପୁଣ୍ୟ ସ୍ମୃତି ବିରାଜିତ। ହନୁମାନଗଡ଼ି ଅତି ପୁରୁଣା ମନ୍ଦିର। ପ୍ରାୟ ୪୦ ପାହାଚ ଚଢ଼ିଗଲା ପରେ ପଡ଼େ ପ୍ରଭୁଙ୍କ ମନ୍ଦିର- ଶ୍ରୀରାମ, ସୀତା ମାତା, ଭ୍ରାତା ଲକ୍ଷ୍ମଣ ଓ ବଜରଙ୍ଗବାଲିଙ୍କର ଏବଂ ସ୍ୱତନ୍ତ୍ର ଭାବେ ଆଞ୍ଜନେୟଙ୍କର ସୁନ୍ଦର ମନ୍ଦିର ବିଦ୍ୟମାନ। ଟାଇଲ ବିଛା ଯାଇଥିବା ଏକ ପ୍ରଶସ୍ତ ବାରଣ୍ଡା ଅଛି ମନ୍ଦିର ମଧ୍ୟରେ ଭକ୍ତମାନେ ବସି ହନୁମାନ ଚାଳିଶା ପାଠ କରିବା ପାଇଁ। ସେଠାରେ ଅହରହ ହନୁମାନ ଚାଳିଶା ବୋଲା ଚାଲିଛି ମାଇକରେ। ଅନେକ ସାଧୁ ସନ୍ଥ ସେଠାରେ ପୂଜାପାଠରେ ନିମଗ୍ନ ଥିବାର ଦେଖାଯାଏ। ଦର୍ଶନ ଶେଷରେ ମନ୍ଦିର ପଛ ପାଖେ ବାହାରକୁ ବାହାରିବା ରାସ୍ତା, ପୁଣି ଆସି ସେହି ପ୍ରବେଶ ପଥର ରାସ୍ତାରେ ମିଶିବ। ପାଖରେ ନାଗେଶ୍ୱରନାଥ ମନ୍ଦିର, ଯାହା ଏକ ପ୍ରାଚୀନ ଶିବ ମନ୍ଦିର। ଅଳ୍ପ ଦୂରରେ ଦଶରଥ ମହଲ। ରାଜା ଦଶରଥ ସେଠାରେ ସପରିବାର ବାସ କରୁଥିଲେ। ପ୍ରଭୁ ରାମ, ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନଙ୍କ ପିଲାଦିନ କଟିଥିଲା ସେଇ ମହଲରେ। ୧୧.୩୦ ରେ ପହଞ୍ଚିଲା ବେଳକୁ ପହୁଡ଼ ପଡ଼ିଥିଲା। କିଛି ସମୟ ପରେ ୧୨ଟାରେ ଖୋଲିଲା। ଶହ ଶହ ଯାତ୍ରୀ ଅପେକ୍ଷା କରିଥିଲେ। ଚଉଦୋଳ ଭଳି ଏକ ଝୁଲନ୍ତା ଆସନରେ ପ୍ରଭୁ ଦର୍ଶନ ଦେଉଛନ୍ତି। ଦ୍ୱିତୀୟ ମହଲାରେ ଧାଡ଼ି ଧାଡ଼ି ଘର। ସେଆଡ଼େ ପ୍ରବେଶ ନିଷେଧ। ବିରାଟ ପ୍ରାଙ୍ଗଣ। ସେଇ ମହଲରେ ରାଜା ଦଶରଥଙ୍କର ଦରବାର ଚାଲୁଥିଲା। କର୍ମଚାରୀ,ସହାୟକ ସମସ୍ତଙ୍କ ନିମନ୍ତେ ଉଦ୍ଦିଷ୍ଟ ସ୍ୱତନ୍ତ୍ର ଘର ଥିଲା ସେଇ ମହଲ ମଧ୍ୟରେ। ସେଇଥିରୁ ତା'ର ବିଶାଳତା ଅନୁମେୟ। ଅନେକ ସାଧୁ ସନ୍ଥ ରହୁଛନ୍ତି ସେଠାରେ। ବହୁତ ଉଚ୍ଚର ଛାତ ଭିତର ପାଖ ଓ ଖମ୍ବଗୁଡ଼ିକର କାରୁକାର୍ଯ୍ୟ ଅତି ନିଖୁଣ ଓ ଆକର୍ଷଣୀୟ। ନଷ୍ଟ ହୋଇ ଯାଇଥିବା ଅଂଶ ସବୁର ରକ୍ଷଣାବେକ୍ଷଣ ସକାଶେ କାର୍ଯ୍ୟ ଚାଲିଛି ଯୁଦ୍ଧକାଳୀନ ଭିତ୍ତିରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ଭେ ସଂସ୍ଥା ଦ୍ୱାରା। ପୁଣି ଅଳ୍ପ ଦୂରରେ ରାମକୋଟରେ ଅବସ୍ଥିତ କନକ (ସୁବର୍ଣ୍ଣ) ଭବନ। ରାଜସ୍ଥାନୀ ଶୈଳୀରେ ନିର୍ମିତ ଏହି ବିଶାଳ ମନ୍ଦିରର ଅନେକ ଥର ଜୀର୍ଣ୍ଣୋଦ୍ଧାର ହୋଇ ସାରିଲାଣି ଅଦ୍ୟାବଧି। ପୂର୍ବରୁ ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଥିଲା ଏହି ମନ୍ଦିର। ପ୍ରଭୁ ରାମଙ୍କ ବିବାହ ପରେ ମା' ସୀତାଙ୍କୁ ମାତା କୈକେୟୀ ଏହି ଭୁବନଟି ଉପହାର ଦେଇଥିଲେ। ଏଠାରେ ପୂଜା ପାଉଥିବା ସୀତା-ରାମଙ୍କର ବିଗ୍ରହ ଅତୀବ ସୁନ୍ଦର।

ମନ୍ଦିରରୁ ଫେରିବା ବେଳେ ଏକ ରାସ୍ତାକଡ଼ ରେଷ୍ଟୋରାଁରେ ମଧ୍ୟାହ୍ନ ଭୋଜନ ସାରି ଆମେ ରହୁଥିବା ହୋଟେଲକୁ ଫେରି ବିଶ୍ରାମ ନେଲୁ। ପ୍ରଣିଧାନର ବିଷୟ, ଦେଶର ସବୁ ପ୍ରାନ୍ତରୁ ଭକ୍ତମାନେ ଛୁଟି ଆସୁଛନ୍ତି ରାମଲାଲାଙ୍କ ଦର୍ଶନ ସକାଶେ। ତେଣୁ ସେଠାରେ ସବୁ ପ୍ରାନ୍ତର ଖାଦ୍ୟ, ବିଶେଷକରି ଷ୍ଟ୍ରିଟ୍‌ଫୁଡ୍ ଉପଲବ୍ଧ, ସ୍ୱାଦିଷ୍ଟ ଓ ପକେଟ୍ ଅନୁକୂଳ ମଧ। ଅପରାହ୍ନ ୪ଟାରେ ବାହାରି ଏକ ଇ-ରିକ୍ସାରେ ସମସ୍ତେ ବାହାରିଲୁ ଗୁପ୍ତାର ଘାଟ। ରାମଲାଲାଙ୍କ ମନ୍ଦିରରୁ ପ୍ରାୟ ୧୦ କି.ମି. ଦୂର ଗୁପ୍ତାର ଘାଟ ପବିତ୍ର ସରଜୁ (ପୂର୍ବନାମ ଘର୍ଘରା) ନଦୀର ଏକ ପ୍ରମୁଖ ଘାଟ। ଗୁପ୍ତାର ଘାଟର ବହୁ ପୂର୍ବରୁ ସରଜୁ ନଦୀର ସହର ପଟ ବନ୍ଧର ସୌନ୍ଦର୍ଯ୍ୟକରଣ କରିଛନ୍ତି ଉତ୍ତରପ୍ରଦେଶ ସରକାର; ବିଶେଷକରି ଗୁପ୍ତାର ଘାଟର ୨ କି.ମି. ପୂର୍ବରୁ। ମଝିରେ ମଝିରେ ଆପ୍ରୋଚ୍ ରୋଡ୍ କରାଯାଇଛି ବନ୍ଧ ପର୍ଯ୍ୟନ୍ତ। ବନ୍ଧ ଉପରେ ସିମେଣ୍ଟ/ ଟାଇଲ ବିଛା ଯାଇଛି। ସ୍ଥାନେ ସ୍ଥାନେ ସିମେଣ୍ଟ ବେଞ୍ଚ କରାଯାଇଛି ପର୍ଯ୍ୟଟକଙ୍କ ସକାଶେ। ବର୍ଷା ସମୟରେ ରହିବା ପାଇଁ ଛାତ ଥିବା ବିଶ୍ରାମ ସ୍ଥାନ ନିର୍ମାଣ ହୋଇଛି, ଲାଇଟ୍ ଓ ପିଇବା ପାଣିର ବ୍ୟବସ୍ଥା ମଧ ଅଛି। ଗାଡ଼ି ପାର୍କିଂ ସ୍ଥଳ ମଧ ନିର୍ଦ୍ଧାରଣ କରାଯାଇଛି। ସେଇଠି ଦେଖିଲୁ ସରଜୁ ନଦୀର ବିଶାଳ ରୂପ। କେତେ ପ୍ରଶସ୍ତ, କେତେ ବିରାଟ ସରଜୁ ନଦୀ। ନୟାଘାଟ ତ ଥିଲା ଏକ ନାଳ ଭଳି। ଗୁପ୍ତାର ଘାଟର ଇତିହାସ ହେଲା, ନିଜର ପାର୍ଥିବ ଲୀଳାଖେଳା ସାରିବା ପରେ ପ୍ରଭୁ ଶ୍ରୀରାମଚନ୍ଦ୍ର ସ୍ୱ-ବୈକୁଣ୍ଠ ଧାମ ଯାତ୍ରା ନିମନ୍ତେ 'ଜଳ ସମାଧି' ନେଇଥିଲେ ସେଠାରେ। ସେଇ ସ୍ମୃତିରେ ଗୁପ୍ତାର ଘାଟ ମନ୍ଦିର ନିର୍ମିତ। ସେଠାରେ ମଧ ପ୍ରଭୁ ରାମ, ଲକ୍ଷ୍ମଣ ଓ ମାତା ସୀତାଙ୍କ ମୂର୍ତ୍ତି ପୂଜା ପାଉଛନ୍ତି। ଦର୍ଶନୀୟ ମନ୍ଦିରଟିଏ। କଥା ଅଛି, ସେଠାରେ ସ୍ନାନ କଲେ ଅଶେଷ ପୁଣ୍ୟ ମିଳେ। ସନ୍ଧ୍ୟା ହୋଇ ଆସୁଥାଏ। ସେଠାରୁ ଫେରି ପୁନଶ୍ଚ ରାମଲାଲାଙ୍କ ଦର୍ଶନ ଉଦ୍ଦେଶ୍ୟରେ ବାହାରିଲୁ।

ଅଯୋଧ୍ୟାରେ ସର୍ବତ୍ର ନିର୍ମାଣ, ମରାମତି ଓ ରକ୍ଷଣାବେକ୍ଷଣର ପଦଚିହ୍ନ। ଅଯୋଧ୍ୟା ଜଙ୍କ୍‌ସନ୍ ଷ୍ଟେସନ୍, ରାମଲାଲା ମନ୍ଦିର, ଅନ୍ୟାନ୍ୟ ମୁଖ୍ୟ ପର୍ଯ୍ୟଟନସ୍ଥଳୀ ଓ ଘରୋଇ ହୋଟେଲ/ଘର ସବୁଠି କାର୍ଯ୍ୟ ଚାଲିଛି ଯେ ଚାଲିଛି। ଅନେକେ ନିଜ ନିଜ ଘର ବା ଅନ୍ୟ ସ୍ଥାନକୁ ହୋଟେଲରେ ପରିଣତ କରିବାରେ ବ୍ୟସ୍ତ। ଆସୁଥିବା ବା ଆସିବାକୁ ଥିବା ହଜାର ହଜାର ପର୍ଯ୍ୟଟକଙ୍କ ରହିବା ସକାଶେ ଏ ପ୍ରୟାସ। ଚଳିତ ଜାନୁଆରୀ ୨୨ରେ ରାମ ମନ୍ଦିର ପ୍ରତିଷ୍ଠାର ବାର୍ଷିକୀ ଆମ ଦେଶରେ ତ ହେବ, ବିଶ୍ୱର ଅନେକତ୍ର ମଧ ପାଳନ ହେବ ମହାସମାରୋହରେ। ସମସ୍ତେ ବାଳକରାମଙ୍କୁ ଦର୍ଶନ କରନ୍ତୁ ଓ ମାନବ ଜୀବନ ସାର୍ଥକ କରନ୍ତୁ। ଜୟ ଶ୍ରୀରାମ। ■

ମୋ: ୯୦୯୦୧୯୦୦୬୯

# ଗାଜାରେ ଶାନ୍ତି

ହମାସ୍‌ର ଗୋଟିଏ ଦିନର ଆତଙ୍କୀ କାର୍ଯ୍ୟ କିପରି ଏକ ଶାନ୍ତିପୂର୍ଣ୍ଣ ଅଞ୍ଚଳ ଗାଜା ପଟିର ଅଧିବାସୀଙ୍କ ନିଦକୁ ଦୀର୍ଘ ପନ୍ଦର ମାସରୁ ଅଧିକ ସମୟ ଧରି ହଜାଇ ଦେଇଛି, ତାହା କେବଳ ସେଠାକାର ଭୁକ୍ତଭୋଗୀ ହିଁ ଜାଣନ୍ତି। କହିବାର ତାତ୍ପର୍ଯ୍ୟ- ଗାଜା ପଟିର ବୋମା ବିଧ୍ୱସ୍ତ ଅଲ୍-ସରାୟାରେ ୪୭୧ ଦିନ ଧରି ପଣବନ୍ଦୀ ଭାବରେ ରହିଥିବା ଲୋକମାନଙ୍କୁ ଯେତେବେଳେ ମୁକୁଳା ଗଲା, ସେମାନଙ୍କୁ ଯେଉଁ ଭାବାବେଗ ଆବୋରି ରଖିଥିଲା, ତାକୁ କୌଣସି ଶବ୍ଦ ପ୍ରକାଶ କରିବାକୁ ଅସମର୍ଥ। ସେହି ଲୋକମାନଙ୍କ ମଧ୍ୟରୁ ତିନି ଜଣଙ୍କୁ ଯେତେବେଳେ ରେଡ୍‌କ୍ରସ୍‌ର ଯାନରେ ଏକ ଇସ୍ରାଏଲୀ ହସ୍‌ପିଟାଲକୁ ତୁରନ୍ତ ନିଆଗଲା, ସେମାନେ ଯେଉଁ ଶାନ୍ତିରେ ନିଃଶ୍ୱାସ ମାରୁଥିଲେ, ତାହା ଥିଲା କେବଳ ଅନୁଭବ କରିହେବା ଭଳି, ବର୍ଣ୍ଣନା କରିହେବା ଭଳି ନୁହେଁ, ଯେହେତୁ ଏହା ସମଗ୍ର ବିଶ୍ୱବାସୀଙ୍କ ପାଇଁ ମଧ ଏକ ଆଶ୍ୱାସନାର ବିଷୟ ଥିଲା ଯେହେତୁ ଯୁଦ୍ଧ ବିରାମ ନିମନ୍ତେ ନିଆଯାଇଥିବା ନିଷ୍ପତ୍ତିର ଏହା ଥିଲା ପ୍ରଥମ ପଦକ୍ଷେପର ସଂକେତ ଯାହା ଦୃଢ଼ୀଭୂତ ହୋଇଥିଲା ପ୍ରଥମ ପର୍ଯ୍ୟାୟରେ ୯୦ ଜଣ ମହିଳା ଓ ନାବାଳକ/ନାବାଳିକାମାନଙ୍କର ଇସ୍ରାଏଲ-ଅଧିକୃତ ୱେଷ୍ଟ ବ୍ୟାଙ୍କକୁ ମୁକ୍ତ କରାଯିବା ଦ୍ୱାରା। ଯୁଦ୍ଧର ନିର୍ବୋଧତାକୁ ଏହି କାର୍ଯ୍ୟଠାରୁ ଅଧିକ କୌଣସି ପଦକ୍ଷେପ ଅଧିକ ସାମ୍ନାକୁ କଦାଚିତ୍ ଆଣି ପାରିଥିଲା, କାରଣ ଯେତେବେଳେ ଲଢ଼େଇରେ ସାମାନ୍ୟ ବିରାମ ଲାଗିଲା, ସେତେବେଳେ ସେମାନଙ୍କର ସାମରିକ ଶାସକ ଓ ସେମାନଙ୍କ ଉପରେ ଆକ୍ରମଣ କରିଥିବା ଇସ୍ରାଏଲୀ ସେନାଙ୍କ ମଧ୍ୟରେ ହୋଇଥିବା ଘମାଘୋଟ ଆକ୍ରମଣ ପ୍ରତ୍ୟାକ୍ରମଣ ଭିତରେ ସେମାନେ କିପରି ପେଷି ହେଉଥିଲେ, ଯେଉଁଥିରୁ ସେମାନେ ପରିଶେଷରେ ଜୀବନ ଧାରଣ କରି ମୁକ୍ତ ହେଉଛନ୍ତି, ତାହା ସେମାନେ ମର୍ମେ ମର୍ମେ ଅନୁଭବ କରୁଥିଲେ। ଏମିତି ନୁହେଁ ଯେ ଇସ୍ରାଏଲ ଓ ହମାସ୍ ଭିତରେ ଚାଲିଥିବା ଯୁଦ୍ଧର ଏହା ସମ୍ପୂର୍ଣ୍ଣ ପରିସମାପ୍ତି ଥିଲା, କାରଣ ଏଇ ବିରାମ ଭିତରେ ହୁଏତ ହମାସ୍ ପୁଣି ତା'ର ଶକ୍ତି ଠୁଳ କରିବାକୁ ଉଦ୍ୟମ କରିପାରେ ଏବଂ ସେମାନଙ୍କର ଶ୍ୱେନଦୃଷ୍ଟିସମ୍ପନ୍ନ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ପୁଣିଥରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଯେଉଁ ଚେତାବନୀ ଦେଇଛନ୍ତି- ସହରାଞ୍ଚଳଗୁଡ଼ିକ ଉପରେ ଅବିଚାରିତ ବୋମା ବର୍ଷା କରାଯିବ- ତା'ର ପୁନରାରମ୍ଭ କରି ପାରନ୍ତି। ତାଙ୍କର ସର୍ତ୍ତ ହେଉଛି, ଗାଜା ପଟିରୁ ସମ୍ପୂର୍ଣ୍ଣ ରୂପେ ଇସ୍ରାଏଲୀ ସେନାର ଅପସାରଣ ଆରମ୍ଭ କରିବାର ଜଟିଳ ପ୍ରକ୍ରିୟାକୁ କାର୍ଯ୍ୟକାରୀ କରିବା ପାଇଁ କରାଯାଇଥିବା ଛଅ ସପ୍ତାହର ଯୁଦ୍ଧ ବିରତି କାଳରେ ସମସ୍ତ ସର୍ତ୍ତକୁ ହମାସ୍ ପାଳନ କରିବ।

ସତ୍ୟ ହେଉଛି, ଗାଜା ସୁଡ଼ଙ୍ଗରେ ଦୀର୍ଘ ଦିନ ଧରି ପଣବନ୍ଦୀ ଭାବରେ ଦୀର୍ଘ ଦିନ ଧରି ରହିଥିବା ତିନିଜଣ ଲୋକଙ୍କୁ ମୁକ୍ତ କରାଯିବା ବଦଳରେ ପ୍ରଥମ ଦଫାର ପାଲେଷ୍ଟିନୀୟ ବନ୍ଦୀଙ୍କୁ ମୁକ୍ତ କରାଯାଇଛି, ଯାହା ଫଳରେ ବର୍ତ୍ତମାନ ପାଇଁ ଆପାତତଃ ଶାନ୍ତିର ଏକ ବାତାବରଣ ଦେଖିବାକୁ ମିଳିଛି ଏହି ଅଞ୍ଚଳରେ। ଏହା କୌଣସି ବିସ୍ମୟକର କଥାଠାରୁ କିଛି କମ୍ ନୁହେଁ। ଏଥିପାଇଁ ଅବଶ୍ୟ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ଶ୍ରେୟ ଦିଆଯାଇପାରେ, କାରଣ ସେ ଖୋଲାଖୋଲି ଧମକ ଦେଇଥିଲେ ଯେ ହମାସ୍ ଯଦି ଗାଜାରେ ତା'ର ପତିଆରା ବଜାୟ ରଖେ, ତା'ହେଲେ ସେଥିପାଇଁ ଗାଜା ପଟିର ଧ୍ୱଂସଲୀଳା ଜରିଆରେ ତାକୁ ମୂଲ୍ୟ ଦେବାକୁ ପଡ଼ିବ। ସେହିପରି ଆମେରିକାର ବିଦାୟୀ ରାଷ୍ଟ୍ରପତି ଜୋ ବାଇଡେନ୍ ହ୍ୱାଇଟ୍ ହାଉସ୍ ଛାଡ଼ିବାର ଦିନକ ପୂର୍ବରୁ ତାଙ୍କର ପ୍ରମୁଖ ବାର୍ତ୍ତାବହ ଆଣ୍ଟୋନି ବ୍ଲିଙ୍କେନ୍‌ଙ୍କ ସହିତ ଯେ କୌଣସି ପ୍ରକାରେ ଯୁଦ୍ଧରେ ବିରାମ କରିବା ପାଇଁ ସବୁ ପ୍ରକାରର କୌଶଳ ପ୍ରୟୋଗ କରିବାକୁ ପଛାଇ ନଥିଲେ। ନିଜ ମେଣ୍ଟ ସରକାରର ଦକ୍ଷିଣପନ୍ଥୀ ନେତାମାନଙ୍କର କେବଳ ଧମକ ନୁହେଁ, ବରଂ ବସ୍ତୁତଃ ତାଙ୍କ କ୍ୟାବିନେଟ୍ ଛାଡ଼ି ପଳାୟନ କରିବା ସମେତ ତାଙ୍କ ଉପରେ ପଡୁଥିବା ସମସ୍ତ ପ୍ରକାରର ଚାପ ନିକଟରେ ଶେଷରେ ନେତାନ୍ୟାହୁ ମୁଣ୍ଡ ନୁଆଁଇ ଥିଲେ। ପଣବନ୍ଦୀମାନଙ୍କ ମୁକ୍ତିରେ ରହିଥିବା ଗଣିତ ଯେ ଜଣେ ଇସ୍ରାଏଲୀ ବା ଆନ୍ତର୍ଜାତିକ ସ୍ତରର ପଣବନ୍ଦୀଙ୍କୁ ମୁକ୍ତ କରିବା ପାଇଁ ଶହ ଶହ ସଂଖ୍ୟକ ପାଲେଷ୍ଟିନୀୟଙ୍କ ମୁକ୍ତି ହୁଏତ ଅସମାନୁପାତିକ ହୋଇପାରେ ଯାହାକୁ ଇସ୍ରାଏଲ୍‌ବାସୀ ପସନ୍ଦ କରି ନ ପାରନ୍ତି। ତେବେ ଇସ୍ରାଏଲୀମାନଙ୍କ ଜୀବନ ପାଇଁ କିଛି ତ୍ୟାଗ କରିବାର ଇଚ୍ଛାର ଏହା ଏକ ସଙ୍କେତ ନିଶ୍ଚୟ। କହିବା ବାହୁଲ୍ୟ, ଆଗକୁ ଏହାଠାରୁ ଅଧିକ ବଡ଼ ଆହ୍ୱାନ ରହିଛି, ଯାହା ଆରମ୍ଭ ହେବା ଉଚିତ ଗାଜା ପଟିରେ ଇସ୍ରାଏଲ ସେନାର ଉପସ୍ଥିତିକୁ ଶୂନ୍ୟ କରିବାରୁ। କଥା ହେଉଛି, ହମାସ୍ ଏବେ ନିଜର ଆତଙ୍କୀମାନଙ୍କ ମଧ୍ୟରେ ରହିଥିବା ଶକ୍ତିକୁ ରାଇଫଲ୍‌ମାନ ହଲାଇ ଏବଂ ଟ୍ରକ୍‌ରେ ଗାଜା ପଟିରେ ବୁଲି ଯାହା ପ୍ରଦର୍ଶନ କରୁଛି, ତାହା ଅବଶ୍ୟ ଉତ୍ତେଜନା ଏବଂ ଅନିଶ୍ଚିତତାର ବାତାବରଣକୁ ବଢ଼ାଇ ଦେବା ପାଇଁ ଯଥେଷ୍ଟ।

ଗାଜା ପଟିରେ ଅନ୍ତରୀଣ ଶାସନ ଚଳାଇବା ନିମନ୍ତେ ଏକ ସରକାର ଗଠନ କରିବା ନିମନ୍ତେ କେବଳ ଆନ୍ତର୍ଜାତିକ ସ୍ତରର ହସ୍ତକ୍ଷେପ ହିଁ ବାସ୍ତବରେ ଏହି ଯୁଦ୍ଧର ପରିସମାପ୍ତି ଘଟାଇ ପାରିବ। ତେବେ ସାମ୍ପ୍ରତିକ ସ୍ଥିତି ହେଉଛି ଗାଜା ଏପରି ଏକ ପଦକ୍ଷେପଠାରୁ ଅନେକ ମାଇଲ୍ ଦୂରରେ ରହିଛି ଏବଂ ଆଉ ଥରେ ଯଦି ହମାସ୍‌କୁ ସମ୍ପୂର୍ଣ୍ଣ ପରାଭୂତ କରିବାକୁ ଚାହିଁବେ, ତା'ହେଲେ ହ୍ୱାଇଟ୍ ହାଉସ୍‌ରେ ଡୋନାଲ୍ଡ ଟ୍ରମ୍ପ୍ ଇସ୍ରାଏଲକୁ ସମର୍ଥନ ଦେବେ ହିଁ ଦେବେ। ଏକ ରାଷ୍ଟ୍ର ଭାବରେ ଇସ୍ରାଏଲ ହେଉ ବା ଦୀର୍ଘ ୧୫ ମାସର ଲଗାତର ଆକ୍ରମଣ ଫଳରେ ବୋମାବର୍ଷୀ, ମହିଳା ଏବଂ ନିରୀହ ଶିଶୁମାନଙ୍କ ସମେତ ହାରାହାରି ୪୭ ହଜାର ପାଲେଷ୍ଟିନୀୟଙ୍କ ଜୀବନ ନେଇଥିବାରୁ, ହମାସ୍‌ର ଇସ୍ରାଏଲ ଉପରେ କ୍ରୋଧ ଯେତେ ଯଥାର୍ଥ ହୋଇଥାଉ ନା କାହିଁକି, ଏହା କିନ୍ତୁ ଶାନ୍ତିର ପଥ ଖୋଜିବା କେବଳ ସମ୍ପୃକ୍ତ ଅଞ୍ଚଳବାସୀଙ୍କ ପାଇଁ ନୁହେଁ, ବରଂ ସମଗ୍ର ବିଶ୍ୱ ପାଇଁ ମଙ୍ଗଳକାରକ ହେବ। ବର୍ତ୍ତମାନ ପାଇଁ ହୁଏତ ଶାନ୍ତି ଗାଜାରେ ସୁଦୂର ପରାହତ ମନେ ହେଉଥାଇପାରେ, ପରନ୍ତୁ, ଗାଜାରେ ଏବେ ବି ଶାନ୍ତିର ସନ୍ଧାନ କରାଯାଇ ପାରିବ। ■

# ଗଡ଼ିଆ ଗଙ୍ଗା

ଈଶ୍ୱର ସବୁଠି ପୂରିଛନ୍ତି। ତାଙ୍କୁ ଦର୍ଶନ କରିବାର ଆଖି ଦରକାର। ନିଜର ଆଖିକୁ ଭକ୍ତର ଆଖିରେ ରୂପାନ୍ତର କରିଦେଲେ ଈଶ୍ୱରଙ୍କ ଦର୍ଶନ ମିଳିବା ସହଜ। ଯେମିତି ବହି ଥିବ, ଆଲୋକ ଥିବ, ଲୋକଟି ପଢ଼ି ଶିଖିଥିବ, ଆଖି ବି ଥିବ, କିନ୍ତୁ ଦେଖିବାର ଶକ୍ତି କମ୍ ଥିବ ଲୋକଟି ପଢ଼ି ପାରିବନି। ଯେବେ ଲୋକଟି ଉପଯୁକ୍ତ ଚଷମା ଲଗେଇ ଦେବ, ପଢ଼ିବା ସୁବିଧା ହେବ; ସେମିତି ମଣିଷ ନିର୍ମଳ ହୃଦୟ ତଥା ଭକ୍ତର ଆଖି ନେଲେ ଭଗବାନଙ୍କୁ ଦେଖିବା ସହଜ ହୋଇଯିବ। ଏ ନେଇ ସନ୍ଥ ରଇ ଦାସଙ୍କ ଜୀବନର ଘଟଣାଟିଏ।

ସନ୍ଥ ରଇଦାସ ଜୋତା ସିଲେଇ କରି ଜୀବିକା ନିର୍ବାହ କରନ୍ତି। ଦିନେ ତାଙ୍କ ଗାଁର ପଣ୍ଡିତେ ରଇ ଦାସଙ୍କୁ ଗଙ୍ଗାରେ ବୁଡ଼ ପକେଇବାକୁ ଡାକିଲେ। ରଇ ଦାସ କହିଲେ- 'ବହୁତ ଜୋତା ସିଲେଇ କରିବାକୁ ଅଛି। ଲୋକମାନଙ୍କୁ ଜବାବ ଦେଇଛି। କାମ ଛାଡ଼ି ଯାଇ ପାରିବିନି। ହେଲେ ଆପଣ ଏ ଟଙ୍କାଟିଏ ନେଇ ଯାଆନ୍ତୁ। ଗଙ୍ଗା ମାତାଙ୍କ ହାତରେ ଦେଇ କହିବେ, ରଇ ଦାସ ଦେଇଛି। ଗଙ୍ଗା ମାତା ହାତ ବଢ଼େଇଲେ ଦେବେ। ନହେଲେ ଫେରେଇ ଆଣିବେ।' ପଣ୍ଡିତେ ରଇ ଦାସଙ୍କ କଥାକୁ ପାଗଳର ପ୍ରଳାପ ବୋଲି ଭାବିଥିଲେ। ତଥାପି ଗଙ୍ଗା ମାତାଙ୍କୁ ରଇ ଦାସଙ୍କ କଥା କହି ଟଙ୍କାଟିଏ ଦେବାରୁ ସତକୁ ସତ ଜଳ ଭିତରୁ ହାତଟିଏ ବାହାରି ଆସିଲା। ଟଙ୍କାଟିଏ ବଦଳରେ ସୁନ୍ଦର କଙ୍କଣଟିଏ ଦେଲା। ପଣ୍ଡିତଙ୍କର ଏ କଙ୍କଣ ଉପରେ ଲୋଭ ହେଲା। ବହୁ ଦାମିକା କଙ୍କଣ ନିଶ୍ଚୟ। ତେଣୁ ରଇ ଦାସଙ୍କୁ କଙ୍କଣ ନଦେଇ ପଣ୍ଡିତେ ଚିତୋରର ରାଣାଙ୍କୁ ନେଇ କଙ୍କଣଟି ଦେଲେ। ବଦଳରେ ଅନେକ ଧନ ପାଇଲେ। ରାଣା କଙ୍କଣଟିକୁ ନେଇ କୃଷ୍ଣ ଭକ୍ତିରେ ନିପୁଣା ପତ୍ନୀ ମୀରାଙ୍କୁ ଦେଲେ। ମୀରା ସ୍ୱାମୀଙ୍କୁ କହିଲେ- 'ଏ ସୁନ୍ଦର କଙ୍କଣ ଗୋଟିଏ ହାତରେ ଲଗେଇବି। ଆଉ ଗୋଟିଏ କଙ୍କଣ ହେଲେ ଭଲ ହୁଅନ୍ତା।' ରାଣା ପଣ୍ଡିତଙ୍କୁ ପୁଣି ଡକେଇଲେ। ଯଥା ମୂଲ୍ୟ ନେଇ ଆଉ ଗୋଟିଏ କଙ୍କଣ ଆଣିବାକୁ କହିଲେ। ହେଲେ ପଣ୍ଡିତେ କଙ୍କଣ କୋଉଠୁ ଆଣିବେ? ସବୁ ସତ ମାନିଗଲେ। ରାଣା ଜାଣିଲେ ରଇ ଦାସ ଚାହିଁଲେ ଆଉ ଗୋଟିଏ କଙ୍କଣ ଦେଇ ପାରିବେ। ତେଣୁ ପଣ୍ଡିତଙ୍କୁ ଆଦେଶ ଦେଲେ ଆଉ ଗୋଟିଏ କଙ୍କଣ ରଇ ଦାସଙ୍କଠାରୁ ଆଣି ଦେବାକୁ। ହେଲେ ମୀରାଙ୍କ କାନରେ ଏ କଥା ପଡ଼ିଲା। ମୀରା କହିଲେ- 'ମୁଁ ନିଜେ ରଇ ଦାସଙ୍କୁ ଦେଖିବାକୁ ଯିବି।' ତାହା ହିଁ ହେଲା। କୃଷ୍ଣପ୍ରାଣା ମୀରା ରଇ ଦାସଙ୍କ ନିକଟରେ ପହଞ୍ଚିଲେ। ରଇ ଦାସ ଜୋତା ସିଲେଇରେ ମଗ୍ନ ଥିଲେ। ମୀରାଙ୍କୁ ଦେଖି ଆନନ୍ଦିତ ହେଲେ। ମୀରା ରଇ ଦାସଙ୍କୁ ସଭକ୍ତି ପ୍ରଣାମ କଲେ। ରଇ ଦାସ ମଧ ଉପଯୁକ୍ତ ଆତିଥ୍ୟ ଦେଲେ। ସେମାନଙ୍କୁ ବସିବାକୁ କହିଲେ। ମୀରା ଆଉ ଗୋଟିଏ କଙ୍କଣ ଆଣିବାକୁ କହିଲେ। ସମସ୍ତେ ଭାବିଲେ ରଇ ଦାସଙ୍କୁ ଆଉ ଥରେ ଗଙ୍ଗାକୁ ଯିବାକୁ ପଡ଼ିବ। ହେଲେ ଭକ୍ତ ପାଖରେ ଭଗବାନ ଥାଆନ୍ତି। ଭକ୍ତର ଆଖିରେ ସବୁଠି ପରମାତ୍ମା ପରିପୂର୍ଣ୍ଣ। ସେ ଗଙ୍ଗାର ଜଳକୁ ଯାହା ଭାବନ୍ତି, ନିଜ କୁଣ୍ଡରେ ଥିବା ଜଳକୁ ବି ସେଇ ଭଳି ଭାବନ୍ତି। ତାଙ୍କର ଦୃଷ୍ଟି ସବୁବେଳେ ସମାନ। ରଇ ଦାସ ପାଖରେ ଥିବା ଜଳ କୁଣ୍ଡରେ ହାତ ବୁଡ଼େଇଲେ। ପୂର୍ବରୁ ପଣ୍ଡିତେ ଯୋଉ ହାତକୁ ଦେଖିଥିଲେ, ସେଇ ହାତ ପୁଣି ଦେଖିଲେ ସନ୍ଥ ରଇ ଦାସଙ୍କ କୁଣ୍ଡରେ। ସେ ହାତରେ ପୂର୍ବ ଭଳି ସୁନ୍ଦର କଙ୍କଣଟିଏ ଥିଲା। ପୂର୍ବର କଙ୍କଣ ସହିତ ଏ କଙ୍କଣ ପୂରା ମିଶି ଯାଉଥିଲା। ମୀରା ଆଶ୍ଚର୍ଯ୍ୟ ହେଲେ। ପଚାରିଲେ- 'ଏହା କିପରି ସମ୍ଭବ ହେଲା? ଗଙ୍ଗା ମାତା ଏଠିକି କେମିତି ଆସିଲେ?' ରଇ ଦାସ କହିଲେ- 'ମନ ଯାହାର ନିର୍ମଳ, ତା' ପାଇଁ ଗଡ଼ିଆ ବି ଗଙ୍ଗା। ଏହା ପରମାତ୍ମାଙ୍କର କୃପା।' ମୀରା ସେଇଠି ରଇ ଦାସଙ୍କୁ ମନରେ ଗୁରୁ ରୂପେ ବରଣ କଲେ। ■

# ସୃଷ୍ଟି ଓ ମଣିଷ (୮)

ମହାକାଶରେ କ'ଣ ଅଛି, ଏହା ଜାଣିବାକୁ ମଣିଷର ଇଚ୍ଛା ଦିନକୁ ଦିନ ପ୍ରବଳ ହେବାରେ ଲାଗିଲା କିନ୍ତୁ ବିଡ଼ମ୍ବନା ହେଲା ପୃଥିବୀ ଉପରୁ ଅନନ୍ତ ମହାକାଶରେ ଯେ କୌଣସି ସ୍ଥାନକୁ ଯିବା ପାଇଁ ଅନେକ ସମୟ ଲାଗେ। ଏହାର କାରଣ ହେଲା ଦୂରତା, ସମୟ ଓ ସ୍ଥାନ। କିନ୍ତୁ ଷ୍ଟ୍ରିଙ୍ଗ ସିଦ୍ଧାନ୍ତ ଅନୁସାରେ ସମୟ ଏକ ନଦୀ ପରି। ଆମେ ସମସ୍ତେ ସମୟର ନଦୀରେ ବହି ଚାଲିଛୁ। ସମୟର ଗତି ବଢ଼ିପାରେ ଏବଂ ମନ୍ଥର ବି ହୋଇପାରେ। ଆଇନଷ୍ଟାଇନଙ୍କ ସାପେକ୍ଷବାଦ ମତବାଦ ଅନୁଯାୟୀ, ଆମେ ଯଦି ଦୁଇଟି ସ୍ଥାନର ସମୟ ଓ ସ୍ଥାନ ଭିତରେ ଥିବା ଲମ୍ବା ଦୂରତା ଭିତରେ ଏକ ଛୋଟିଆ ରାସ୍ତା ଖୋଜି ପାଇବା, ତା'ହେଲେ ଏହା ସମ୍ଭବ ହେବ। ଏହି ଛୋଟିଆ ରାସ୍ତାକୁ ଲମ୍ବା ନଦୀକୁ ବୁଲି ବୁଲି ପାରି ହେବା



ନରେନ୍ଦ୍ର ସେଠୀ

ଅପେକ୍ଷା ଏକ ପୋଲ ତିଆରି କରିଯିବା ସଦୃଶ। ଏହାକୁ କୀଟ ଛିଦ୍ର ଅଥବା ରୋଜେନ ବ୍ରିଜ୍ କୁହାଯାଏ। ଏହି ବ୍ରିଜର ଉପସ୍ଥିତି ବ୍ଲାକ୍ ହୋଲଥିବା ପରିବେଶରେ ଥିବାର ପ୍ରମାଣ ମିଳିଛି। ଏହା ସତ୍ୟ ଯେ ପୃଥିବୀ ଅପେକ୍ଷା ଚନ୍ଦ୍ରରେ ସମୟ ଦ୍ରୁତ ଗତିରେ ଗତି କରିଥାଏ। ପୃଥିବୀ ଅପେକ୍ଷା ବୃହସ୍ପତି ଉପରେ ସମୟ ଧୀର ହୋଇଯାଏ। ଏହାର ଏକ ସାଧାରଣ ଉଦାହରଣ ହେଲା, ଆମର ମୋବାଇଲ ଫୋନ୍ ଉପଗ୍ରହରୁ ସିଗ୍ନାଲର ହରଣ କରିଥାଏ। ଉପଗ୍ରହରେ ସମୟର ଗତି ପୃଥିବୀ ଅପେକ୍ଷା ଅଧିକ। ସେଥିପାଇଁ ମୋବାଇଲ ଚିପ୍‌ର କମ୍ପ୍ୟୁଟର ସଫ୍ଟୱେର ଏବଂ ହାର୍ଡୱେରରେ ଆଇନଷ୍ଟାଇନଙ୍କ ଆପେକ୍ଷିକ ତତ୍ତ୍ୱ ରଖି ସମୟକୁ ଠିକ୍ କରାଯାଏ। ଅନ୍ୟ ଅର୍ଥରେ, ଆଇନଷ୍ଟାଇନଙ୍କ ସମୀକରଣ ଆମକୁ ସମୟ ଯାତ୍ରା ପାଇଁ ସାହାଯ୍ୟ କରେ। ଏହା ସତ ଯେ ଆମେ ଅତୀତକୁ ଗଲେ ମଧ ତାକୁ ବଦଳେଇ ପାରିବାନି, କିନ୍ତୁ ଯଦି ଆମେ ଭବିଷ୍ୟତ ଆଡ଼େ ଯିବା, ଆଜିଠୁ ଲକ୍ଷ ଲକ୍ଷ ବର୍ଷ ପରେ ସୂର୍ଯ୍ୟ ପ୍ରଶମିତ ହୋଇ ସାରିଥିବ। ସବୁଆଡ଼େ ଅନ୍ଧକାର ଘେରି ଆସିଥିବ। ଚାରିଆଡ଼େ ବରଫ ଆଚ୍ଛନ୍ନ ହୋଇ ଖୁବ୍ ଥଣ୍ଡା ହୋଇଥିବ। ତାରାଗୁଡ଼ିକ ମିଞ୍ଜିମିଞ୍ଜି ହୋଇ ଜଳିବା ବନ୍ଦ କରିଦେବେ। ମହାକାଶରେ ବିରାଟ କୃଷ୍ଣଗର୍ତ୍ତ ସୃଷ୍ଟିହୋଇ ମୃତ ତାରାସବୁକୁ ଭକ୍ଷଣ କରିବାକୁ ଲାଗିବ। ଅର୍ଥାତ୍ ବିଶ୍ୱର ସବୁ ଜୀବଜନ୍ତୁ ମୃତ୍ୟୁ ମୁହଁରେ ପଡ଼ିବେ। ଏହା କଳ୍ପନା ନୁହେଁ. ବିଜ୍ଞାନର ଅନୁମାନ। ତେବେଏହାଠାରୁ ବଞ୍ଚିବା ପାଇଁ ଏକ ଉପାୟ ଅଛି। ମାତ୍ର ତାହା କେତେଦୂର ସମ୍ଭବ? ଏହା ଷ୍ଟ୍ରିଙ୍ଗ ସିଦ୍ଧାନ୍ତ ଦ୍ୱାରା ସମ୍ଭବ। କିନ୍ତୁ କେବେ?

ଏପରି ଶକ୍ତି ମଣିଷ କେବେ ହାସଲ କରି ପାରିବ? ମଣିଷଠାରୁ ଅଧିକ ଉନ୍ନତ ସଭ୍ୟତା, ଯେଉଁମାନେ ଅନ୍ୟ ଗ୍ରହରେ ବାସ କରୁଥିବେ, ସେମାନେ ବଞ୍ଚିବା ପାଇଁ ଗ୍ରହ, ନକ୍ଷତ୍ର ଓ ଆକାଶଗଙ୍ଗାରୁ ଶକ୍ତିର ଉତ୍ସ ଭାବେ ବ୍ୟବହାର କରୁଥିବେ। ଏପରି ଏକ ସଭ୍ୟତା ପାଣିପାଗ, ଝଡ଼ବାତ୍ୟା, ଭୂକମ୍ପକୁ ନିୟନ୍ତ୍ରଣ କରି ପାରିବ। ଏହା କୌଣସି ଚଳଚ୍ଚିତ୍ରର ମନଗଢ଼ା କାହାଣୀ ପରି ଲାଗିପାରେ, କିନ୍ତୁ ଏକ ଅତି ଉନ୍ନତ ସଭ୍ୟତା ପାଖରେ ଏହା ସମ୍ଭବ। ମାତ୍ର ମଣିଷ ଏବେ ବହୁତ ପଛରେ। ନିଜକୁ ଭବିଷ୍ୟତର ବିଡ଼ମ୍ବନା ଓ ବିଭୀଷିକାରୁ ବଞ୍ଚାଇବା ପାଇଁ ମଣିଷ ବ୍ୟାକୁଳ ହେବାକୁ ଲାଗିଲା। ତେବେ ଯଦି ଭବିଷ୍ୟତର ମୃତ୍ୟୁମୁଖୀ ବିଶ୍ୱର ବିଭୀଷିକାରୁ ବଞ୍ଚିବା ପାଇଁ କେବଳ ଗୋଟିଏ ମାତ୍ର ପଥ ହେଲା, ଏ ବିଶ୍ୱକୁ ଛାଡ଼ି ଆଉ ଏକ ନୂଆ ବିଶ୍ୱକୁ ପଳେଇବା, ଯୋଉଠି ପ୍ରସିଦ୍ଧ ହଲିଉଡ୍ ଚଳଚ୍ଚିତ୍ର ଷ୍ଟାରଟ୍ରେକ୍ ପରି ଅତ୍ୟାଧୁନିକ ସଭ୍ୟତା ଥିବ। ସେମାନେ ଆମ ଭଳି ନିଜ ପାଇଁ ଗ୍ରହ, ନକ୍ଷତ୍ର ଏବଂ ଆକାଶଗଙ୍ଗାରୁ ଶକ୍ତି ବଦଳରେ ତା'ଠୁ ଊର୍ଦ୍ଧ୍ୱରେ ଆଉ କିଛି ଶକ୍ତିର ଉପଯୋଗ କରୁଥିବେ। ସେହି ଶକ୍ତିର ନାମ ହେଲା



ଅନ୍ଧକାର ବା କୃଷ୍ଣଶକ୍ତି। ଏ ବିଷୟରେ ୧୯୩୦ ମସିହା ବେଳର ଗୋଟିଏ ଘଟଣା ଉଲ୍ଲେଖ କଲେ ଭଲ ହେବ। ଆମେରିକାର ମହାକାଶ ସଂସ୍ଥା ନାସାର ବୈଜ୍ଞାନିକମାନେ ଆକାଶଗଙ୍ଗାଗୁଡ଼ିକୁ ଅତି ଶକ୍ତିଶାଳୀ ଦୂରବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ନିରୀକ୍ଷଣ କରୁଥାନ୍ତି। ଘୂର୍ଣ୍ଣିବାତ୍ୟାର ବଳୟ ପରି ଆକାଶଗଙ୍ଗାରେ ଥିବା ଗ୍ରହ, ଉପଗ୍ରହ, ତାରା ଇତ୍ୟାଦି ଘୂରି ବୁଲୁଥାନ୍ତି। ତାଳ ଦେଇ ଏକ ନିର୍ଦ୍ଦିଷ୍ଟ କେନ୍ଦ୍ରବିନ୍ଦୁ ଚାରିପଟେ ବୁଲୁଥିବା ସବୁ ଜିନିଷର ଗତି ସମାନ ଥିଲା। ବିଜ୍ଞାନର ନିୟମ ଅନୁଯାୟୀ, କେନ୍ଦ୍ରର ନିକଟବର୍ତ୍ତୀ ଅପେକ୍ଷା କେନ୍ଦ୍ରଠାରୁ ଦୂରରେ ଥିବା ବସ୍ତୁର ବେଗ ଅଧିକ ହେବା କଥା। ଅର୍ଥାତ୍ ଘୂର୍ଣ୍ଣାୟମାନ ତାରାମାନଙ୍କ ପାଖରେ କିଛି ଅଦୃଶ୍ୟ ବସ୍ତୁ ଅଛି, ଯାହା ସେମାନଙ୍କର ଗତିପଥ ନିୟନ୍ତ୍ରିତ କରୁଛି। ସେସବୁକୁ ସେମାନେ ଅନ୍ଧକାର ପଦାର୍ଥ (ଡାର୍କ୍ ମ୍ୟାଟର) ନାମ ଦେଲେ। ଆକାଶକୁ ଅନେଇଲେ ଜହ୍ନ, ମିଞ୍ଜିମଞ୍ଜି କରୁଥିବା ତାରା, ସପ୍ତର୍ଷିମଣ୍ଡଳ, ସୂର୍ଯ୍ୟ ଇତ୍ୟାଦି ଅନେକ ଜିନିଷ। ରାତିରେ ତାରା ଭର୍ତ୍ତି ଆକାଶକୁ ଅନେଇଲେ ଯେମିତି ଲାଗେ, କିଏ ଏକ କଳା ଭଉଁର ଶାଢ଼ିରେ ଝଲସୁ ଥିବା ସୁନା ଚୁମୁକି ଗୁନ୍ଥି ଦେଇଛି! ଆକାଶରେ ଅନେକ ତାରା ସୌରମଣ୍ଡଳ ଓ ଅଗଣିତ ଆକାଶଗଙ୍ଗା ରହିଛି।

ମନରେ ଆସେ, ଯୋଉଠି ଅନେକ ତାରା ଅଛନ୍ତି, ସୂର୍ଯ୍ୟ ଅଛି, ସେଠି ତା' ପରେ ଆଉ କ'ଣ ଅଛି? ତାରାମାନଙ୍କ ସେପଟେ ସେ ଅନ୍ଧାରୁଆ କଳା ଜାଗାରେ କ'ଣ ଥାଇପାରେ? ତାହା ଏ ପର୍ଯ୍ୟନ୍ତ ଏକ ପ୍ରହେଳିକା ହୋଇ ଅଛି। ବୈଜ୍ଞାନିକମାନେ ସୌରଜଗତର ଅଧିକ ପୁଙ୍ଖାନୁପୁଙ୍ଖ ଅଧ୍ୟୟନ କରିବା ବେଳେ ଏ ବିଷୟରେ ଆହୁରି କିଛି ରୋଚକ ତଥ୍ୟ ଜାଣିବାରେ ସଫଳ ହୋଇଛନ୍ତି। ତାହା ହେଲା, ଆମେ ଯେତିକି ଜିନିଷ ଆମ ଆଖିରେ ଦେଖି ପାରୁଛେ, ତାହା ଏ ବିଶ୍ୱର ମାତ୍ର ଶତକଡ଼ା ୫%। ମଣିଷ ଏହା ଜାଣି ଅବାକ୍ ହେଲା ଯେ ବିଶ୍ୱର ମାତ୍ର ପାଞ୍ଚ ପ୍ରତିଶତକୁ ସେ ଏ ପର୍ଯ୍ୟନ୍ତ ଦେଖି ପାରୁଛି! ଅବଶିଷ୍ଟ ବିଶ୍ୱ ମଣିଷ ପାଇଁ ଅଜଣା ହୋଇ ରହିଛି। ଏହି ପାଞ୍ଚ ପ୍ରତିଶତ ଜିନିଷର ଓଜନ ବିଶ୍ୱର ୨୦ ଭାଗ ବସ୍ତୁତ୍ୱ ବହନ କରୁଛି, ଯାହା ଅଣୁ ପରମାଣୁକୁ ନେଇ ଗଠିତ। କିନ୍ତୁ ଆମେ ଶତକଡ଼ା ୯୫% ଜିନିଷ ଦେଖି ପାରୁନେ। ଏହି ଶତକଡ଼ା ୯୫ ଭାଗ ଜିନିଷକୁ ଅନ୍ଧକାର ପଦାର୍ଥ କୁହାଯାଏ। ଏହା ବିଶ୍ୱର ୮୦ ପ୍ରତିଶତ ବସ୍ତୁତ୍ୱ ନେଇ ଅଛି। ତେବେ ଏତେ ପରିମାଣର ଜିନିଷକୁ ଆମେ ଦେଖି ପାରୁନେ, ଯାହା ବିଷୟରେ ବିଶ୍ୱର ପଦାର୍ଥ ବିଜ୍ଞାନୀମାନେ ପରୀକ୍ଷା ନିରୀକ୍ଷା କରୁଛନ୍ତି। (କ୍ରମଶଃ) ■

ମୋ: ୭୦୦୪୦୬୮୧୧୦

## ରଘୁନାଥ କୃପା ପରିଷଦ ଆନୁକୂଲ୍ୟରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ



**ଆଠଗଡ଼,୨୧।୧/ଏନ୍ଏନ୍ଏସ୍:** ଆଠଗଡ଼ ରଘୁନାଥ କୃପାପରିଷଦ ଆନୁକୂଲ୍ୟରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ବେଶ ଧୂମ୍‌ଧାମରେ ପାଳିତ ହୋଇଯାଇଛି। ଅଯୋଧାରେ ଆଜିର ଦିନରେ ନୂତନ ରାମ ମନ୍ଦିରରେ ରାମଲାଲାଙ୍କ ପ୍ରଥମ ପ୍ରାଣ ପ୍ରତିଷ୍ଠା ଉତ୍ସବକୁ ଆଜି ପ୍ରାଣ ପ୍ରତିଷ୍ଠା ଉତ୍ସବ ପାଳନ କରାଯାଇଛି। ଆଠଗଡ଼ ରଘୁନାଥ ବଜାର ମଧ୍ୟ ଭାଗରେ ଥିବା ରଘୁନାଥ ମନ୍ଦିରେ ଥିବା ପ୍ରଭୁ ଶ୍ରୀରାମଙ୍କୁ ବିଧି ବିଧାନ ଅନୁସାରେ ଆଜି ପ୍ରାପ୍ତ ସମୟରେ ପୂଜା ଅର୍ଚ୍ଚନା କରାଇଥିଲା। ନୀତି ନିର୍ଘଣ୍ଟ ଅନୁସାରେ ରଘୁନାଥ କୃପା ପରିଷଦ ପକ୍ଷରୁ ୧୦୮ ହନୁମାନ ଚାଳିଶା ପାଠ କରାଯାଇଥିଲା। ଏହା ସହିତ ନୀତି ନିୟମ ଅନୁସାରେ ପୃଣ୍ଡ କୁମ୍ଭ ସ୍ଥାପନ କରାଇଥିଲା ଏବଂ ମନ୍ଦିର ପରିସର ଚିତା ଝୋଟି ଶହ ଆଲୋକମାଳାରେ ସୁସଜ୍ଜିତ କରାଯାଇଥିଲା। ହଜାର ହଜାର ରାମ ଭକ୍ତ ଓ ଶ୍ରଦ୍ଧାଳୁ ରାମନାମ ଓ ହନୁମାନ ଚାଳିଶା ପାଠ କରିବା ସହିତ ବିଭୁ କୃପା ଲାଭ କରିଥିଲେ। ଅପରାହ୍ନରେ ସାଲେପୁର ଅଞ୍ଚଳରୁ ଆସିଥିବା ମହିଳାମାନଙ୍କ ଦ୍ୱାରା ହରିନାମ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା।

## ମହାବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ତାଲିମ୍ ଉଦ୍‌ଯାପିତ

**ବାଲୁଗାଁ, ୨୧।୧/ଏନ୍ଏନ୍ଏସ୍:** ବାଲୁଗାଁ ମହାବିଦ୍ୟାଳୟ ଅନ୍ତର୍ଗତ ବାଲୁଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ପ୍ରୋତ୍ସାହନରେ ଆଠ ଦିନ ଧରି ଚାଲିଥିବା ବାଳିକା ଆତ୍ମରକ୍ଷା କୌଶଳ ତାଲିମ୍ ଶିବିର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ଡକ୍ଟର ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସଭାପତିତ୍ୱରେ ମହାବିଦ୍ୟାଳୟର ପ୍ରଜ୍ଞା ଭବନରେ ଆୟୋଜିତ ଏହି ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ଅନ୍ତର୍ଜାତୀୟ କରାଟେ କ୍ରୀଡ଼ାବିତ ତଥା ଆତ୍ମରକ୍ଷା ତାଲିମ୍ କାର୍ଯ୍ୟକ୍ରମର ରାଜ୍ୟ ପ୍ରଶିକ୍ଷକ ଯୋଗଦେଇ ୧୮୬ଜଣ ଛାତ୍ରୀଙ୍କୁ ଆତ୍ମରକ୍ଷା ତାଲିମର ଉଦ୍ଦେଶ୍ୟ ଓ ବିଶେଷ କୌଶଳ ସମ୍ପର୍କରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମ ସଂଯୋଜିକା ଡକ୍ଟର ମୋନାଲିସା ମାନସିଂହ ଆଠଦିନ ଧରି ଚାଲିଥିବା ତାଲିମ୍ କାର୍ଯ୍ୟକ୍ରମର ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ଯୁକ୍ତ ଦୁଇ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ, ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡକ୍ଟର କୈଳାସ ଚନ୍ଦ୍ର ମହାରଣା, ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପିକା ରୀନା ରାଉତ, କରାଟେ ପ୍ରଶିକ୍ଷକ ପ୍ରତାପ କେଶରୀ ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବାଳିକା ଆତ୍ମରକ୍ଷାର ପ୍ରାସଙ୍ଗିକତା ସହ ତାଲିମ୍‌ର ବିଭିନ୍ନ ଦିଗ ଉପରେ ବକ୍ତବ୍ୟ ପ୍ରଦାନକରି ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟ ତାଲିମ୍‌ଦାତା ସୁଶ୍ରୀ ନିଲମ ସାହୁ ଓ ଲିପିକା ସାହୁ ଛଅଟି ଗ୍ରୁପ୍‌ରେ ଛାତ୍ରୀମାନଙ୍କୁ ତାଲିମ୍ ପ୍ରଦାନ କରିବା ସହ ଅତିଥିମାନଙ୍କ ସାମ୍ନାରେ କେତୋଟି ଗୁରୁତ୍ୱପୂର୍ଣ୍ଣ କୌଶଳର ନମୁନା ପ୍ରଦର୍ଶନ କରିଥିଲେ। ବାଳିକାମାନଙ୍କର ଏହି ଦକ୍ଷତା ତାଲିମ୍ କାର୍ଯ୍ୟକ୍ରମକୁ ଅଧ୍ୟାପିକା ସ୍ୱାତି ସ୍ୱାଗତିକା ସାହୁ, କୀର୍ତ୍ତିମୟୀ ବାରିକ, ଝରଣା ନାଥ, କ୍ରିଷ୍ଣା ସେଠୀ, ସ୍ନିଗ୍ଧାରାଣୀ ମୁଦୁଲି, ପ୍ରିୟମ୍ବଦା ମହାପାତ୍ର ଓ ବିଷ୍ଣୁପ୍ରିୟା ସ୍ୱାଇଁ ପରିଚାଳନା କରିଥିଲେ।

## ପ୍ରଥମ ପୃଷ୍ଠାରୁ

### ପ୍ରି-ସ୍କୁଲ୍ ପିଲାଙ୍କୁ ...

ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ରାଜ୍ୟର ପ୍ରତି ପଞ୍ଚାୟତର ଗୋଟିଏ ଲେଖାଏଁ ବିଦ୍ୟାଳୟକୁ ଆଦର୍ଶ ବିଦ୍ୟାଳୟ ଭାବେ ବିକଶିତ କରାଯାଉଛି। ଶହୀଦ୍ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନାରେ ଜନଜାତି ଛାତ୍ରଛାତ୍ରୀମାନଙ୍କ ଡ୍ରପ୍ ଆଉଟ୍ ହାର କମ୍ କରିବା ପାଇଁ ଉଦ୍ୟମ ଆରମ୍ଭ କରାଯାଇଛି। ଆଜିର ଶିକ୍ଷାର୍ଥୀମାନେ ଆଗାମୀ କାଲିର ଭବିଷ୍ୟତ। ତେଣୁ ଗୁଣାତ୍ମକ ଶିକ୍ଷା ସହିତ ସେମାନଙ୍କୁ ସମୟାନୁବର୍ତ୍ତିତା ଓ ଅନ୍ୟ ଆଦର୍ଶ ଗୁଣର ବିକାଶ ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ସେମାନେ ଯେପରି ଜଣେ ଜଣେ କର୍ମଯୋଗୀ ହୋଇ ଦେଶର ଉଜ୍ଜ୍ୱଳ ଭବିଷ୍ୟତ ଗଠନରେ ନିଜର ଯୋଗଦାନ ରଖିବେ ସେଥିପ୍ରତି ଗୁରୁତ୍ୱ ଦିଆଯିବା ଆବଶ୍ୟକ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ ରାଜ୍ୟର ପାଠ୍ୟକ୍ରମ ପ୍ରସ୍ତୁତି ପାଇଁ ଯେଉଁ ବ୍ୟବସ୍ଥା କରାଯାଇଛି ସେଥିରେ ଶିକ୍ଷା କ୍ଷେତ୍ରରେ ଦକ୍ଷତା ଓ ଅଭିଜ୍ଞତା ଥିବା ଓଡ଼ିଶାର ବିଶିଷ୍ଟ ବ୍ୟକ୍ତିମାନଙ୍କର ମତାମତ ଗ୍ରହଣ କରାଯିବା ଆବଶ୍ୟକ। ପାଠ୍ୟକ୍ରମରେ ଓଡ଼ିଶାର ଗୌରବମୟ ଇତିହାସ, ଐତିହ୍ୟ ଓ ବରପୁତ୍ରମାନଙ୍କ ବିଷୟ ସ୍ଥାନ ପାଇବା ଆବଶ୍ୟକ। ସମସ୍ତଙ୍କୁ ଯେପରି ସହଜରେ ଓ ସୁବିଧାରେ ଶିକ୍ଷା ମିଳିବ ସେ ଦିଗରେ ନୂଆ ଶିକ୍ଷା ନୀତି ଏକ ଆଦର୍ଶ ନୀତି। ଜାତୀୟ ଶିକ୍ଷା ନୀତି ଓ ରାଜ୍ୟ ଶିକ୍ଷା ନୀତି ଏକ ରୂପ ନେଇ ଓଡ଼ିଶାର ପିଲାମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ନିର୍ମାଣରେ ସହାୟକ ହେବ। ଗତ ୭ମାସ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ରାଜ୍ୟ ସରକାର ଯେଉଁ ପଦକ୍ଷେପ ନେଇଛନ୍ତି ତାହା ପ୍ରଶଂସନୀୟ ବୋଲି କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ ପ୍ରକାଶ କରିଛନ୍ତି। ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି, ନୂଆ ଶିକ୍ଷା ନୀତିରେ ମାତୃଭାଷା ସହିତ ବହୁ ଭାଷୀ ଶିକ୍ଷାର ବ୍ୟବସ୍ଥା ରହିଛି। ଏହା ଦ୍ୱାରା ରାଜ୍ୟର ଶିକ୍ଷା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆସିବ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, କେନ୍ଦ୍ର ଶିକ୍ଷା ସଚିବ ସଞ୍ଜୟ କୁମାର, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଶାସନ ସଚିବ ଶାଳିନୀ ପଣ୍ଡିତ, ବିଶିଷ୍ଟ ଶିକ୍ଷାବିତ୍ ମଞ୍ଜୁଲ୍ ଭାର୍ଗବ ଏବଂ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗର ଅଧିକାରୀ ଓ ଶିକ୍ଷା କ୍ଷେତ୍ରରେ କାର୍ଯ୍ୟ କରୁଥିବା ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇଥିଲେ।

### ୧୩ରୁ ବିଧାନସଭା ...

କାର୍ଯ୍ୟଦିବସ ରହିଛି। ସେହିପରି ୧୯ରେ ପ୍ରାଇଭେଟ୍ ମେମ୍ବର୍ସ ବିଜିନେସ୍ ଏବଂ ୨୦ ଓ ୨୧ରେ ବଜେଟ୍ ଉପରେ ବିସ୍ତୃତ ସାଧାରଣ ଆଲୋଚନା ତିନିଦିନ ଧରି ଚାଲିବ। ୨୨ରୁ ମାର୍ଚ୍ଚ ୬ତାରିଖ ପର୍ଯ୍ୟନ୍ତ ଗୃହ କାର୍ଯ୍ୟ ବନ୍ଦରହିବ। ପୁଣି ଦ୍ୱିତୀୟ ପର୍ଯ୍ୟାୟରେ ଗୃହ କାର୍ଯ୍ୟ ମାର୍ଚ୍ଚ ୭ରୁ ଆରମ୍ଭ ହେବ। ବିଭାଗୀୟ ଷ୍ଟାଣ୍ଡିଂ କମିଟି ରିପୋର୍ଟମାନ ଗୃହରେ ଆଗତ ହେବ। ମାର୍ଚ୍ଚ ୧୦ରୁ ବିଭାଗୱାରି ଅନୁଦାନ ଦାବି ଉପରେ ଆଲୋଚନା ଓ ମାର୍ଚ୍ଚ ୨୯ରେ ବ୍ୟୟମଞ୍ଜୁରୀ ବିଲ୍ ଗୃହରେ ଆଗତ ହୋଇ ସେହିଦିନ ପାରିତ ହେବ ବୋଲି ବିଧାନସଭାରୁ ପ୍ରକାଶ ପାଇଥିବା ବିଜ୍ଞପ୍ତିରୁ ସ୍ପଷ୍ଟ ହୋଇଛି।

### ଘନକୁହୁଡ଼ି ...

ପାହାଡ଼ିଆ ଅଞ୍ଚଳ ଭାବରେ ଜି.ଉଦୟଗିରିରେ ସର୍ବନିମ୍ନ ୪.୨ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଥିବା ବେଳେ ସମତଳ ଅଞ୍ଚଳ ଭାବରେ ଫୁଲବାଣୀରେ ୭.୦ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। କଟକ ଏବଂ ଭୁବନେଶ୍ୱରରେ ୧୩.୨ ଡିଗ୍ରୀ ଲେଖାଏଁ ତାପମାତ୍ରା ରେକର୍ଡ ହୋଇଛି। ପାରଳାଖେମୁଣ୍ଡିରେ ସର୍ବାଧିକ ୩୨.୮ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରହିଥିଲା। ପାରାଦ୍ୱୀପରେ ଅତି ଘନକୁହୁଡ଼ି ଦୃଶ୍ୟମାନ ହୋଇଥିବା ବେଳେ କୋରାପୁଟ, ଫୁଲବାଣୀ ଏବଂ ଚାନ୍ଦବାଲିରେ ଘନକୁହୁଡ଼ି ଦୃଶ୍ୟମାନ ହୋଇଛି। ଏହି ସମୟରେ ବିଶେଷକରି ରାତି ୨ଟାରୁ ପୂର୍ବାହ୍ଣ୧୦ ପର୍ଯ୍ୟନ୍ତ ଘାଟି ରାସ୍ତା ଏବଂ ଦୁର୍ଘଟଣାପ୍ରବଣ ରାସ୍ତାରେ ନଜର ରଖିବାକୁ ପରିବହନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି।

### ଧାନକିଣା ପ୍ରକ୍ରିୟାରେ ...

ହୋଇଥିବାବେଳେ ଭଦ୍ରକରେ ୪୯, ବରଗଡ଼ ଓ ସୁବର୍ଣ୍ଣପୁରରେ ୨୦, ଯାଜପୁରରେ ୩୫, କୋରାପୁଟରେ ୨୪, ନବରଙ୍ଗପୁରରେ ୪୪, ନୂଆପଡ଼ା ଓ ସମ୍ବଲପୁରରେ ୧୩, ଝାରସୁଗୁଡ଼ା ଓ କଳାହାଣ୍ଡିରେ ୨୮, ବଲାଙ୍ଗିରରେ ୧୮, ମାଲକାନଗିରିରେ ୯ ସମେତ ୩୦ଜିଲ୍ଲାରେ ସମୁଦାୟ ୪୫୨ ଏସ୍ଏଚ୍‌ଜି ନିୟୋଜିତ ଅଛନ୍ତି। ଯୋଗ୍ୟ ଚାଷୀଙ୍କଠାରୁ ଧାନ କିଣିବା ପରେ ସେମାନଙ୍କ ଆବଶ୍ୟକତା ଅନୁଯାୟୀ ଏଥିରୁ ବିଭିନ୍ନ ଉତ୍ପାଦ ପ୍ରସ୍ତୁତ କରିବା ସହ ଏବଂ ବିଭିନ୍ନ କ୍ଷେତ୍ରକୁ ସେବା ଯୋଗାଇ ଦେଉଛନ୍ତି। ପ୍ରତ୍ୟେକ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ସେମାନଙ୍କ ଆବଶ୍ୟକତା ଅନୁଯାୟୀ ଧାନ କ୍ରୟ କରିବା ସହ ସଂପୃକ୍ତ ଚାଷୀଙ୍କୁ ପ୍ରାପ୍ୟ ପ୍ରଦାନରେ ମଧ୍ୟ ସହଯୋଗ କରୁଛନ୍ତି। ସଂପୃକ୍ତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଜିଲ୍ଲା ପ୍ରଶାସନ ସହଭାଗିତାରେ ଏହି ପ୍ରକ୍ରିୟାରେ ସାମିଲ ହୋଇ ଧାନକିଣା ମାର୍ଗଦର୍ଶିକାର ଅନୁପାଳନପୂର୍ବକ ଚାଷୀମାନଙ୍କଠାରୁ ଧାନକିଣାରେ ଯୋଗଦାନ କରୁଛନ୍ତି। ଏଥି ସହିତ ପ୍ରତ୍ୟେକ ମଣ୍ଡିରେ ଚାଷୀମାନଙ୍କ ପାଇଁ ଉଦ୍ଦିଷ୍ଟ ଆନୁଷଙ୍ଗିକ ବ୍ୟବସ୍ଥାରେ ମଧ୍ୟ ସହଯୋଗ କରୁଛନ୍ତି। ଏଥିସହ ଧାନ କିଣା ନେଇ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟରେ ସହଯୋଗ ଜାରି ରଖିଛନ୍ତି।

**କଣାସ ଅଞ୍ଚଳରେ ଥମୁନି ଝାଡ଼ାବାନ୍ତି**

# ଜିଲ୍ଲାପାଳ ଓ ସ୍ୱାସ୍ଥ୍ୟ ଅଧିକାରୀଙ୍କ ଅଞ୍ଚଳ ପରିଦର୍ଶନ

**କଣାସ,୨୧।୧/ଏନ୍ଏନ୍ଏସ୍:** କଣାସ ବ୍ଲକର ଗଡିଶାଗୋଦା ଗ୍ରାମପଞ୍ଚାୟତ ନୂଆଗାଁ ଗ୍ରାମରେ ୧୯ଦିନ ହେଲା ଝାଡାବାନ୍ତି ଲାଗିରହି ଉକ୍ତ ଗ୍ରାମର ୩ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ପାଖ ଗ୍ରାମ ନଈକୂଳପାଟଣା ଗ୍ରାମରେ ଝାଡାବନ୍ତିରେ ଜଣଙ୍କର ମୃତ୍ୟୁ ହୋଇଥିଲା। ପରେ ନିକଟସ୍ଥ ଗ୍ରାମ ଗଡିଶାଗୋଦା, ଯାଗୁଲେଇପଦର, କଳାପଦର, ଗୋପିନାଥପୁର, ହରିପୁର, ଯାମଳଗୋଦା ଗ୍ରାମକୁ ଝାଡାବାନ୍ତି ବ୍ୟାପିବା ଜିଲ୍ଲା ପ୍ରଶାସନର ନିଦ ହଜିଯାଇଛି। ଆଜି ଜିଲ୍ଲାପାଳ ସିର୍ଦ୍ଧାଥ ଶଙ୍କର ସ୍ୱାଇଁ, ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ରୂପଭାନୁ ମିଶ୍ର ମିଳିତ ଭାବେ ଆସି ପ୍ରଥମେ ନୂଆଗାଁ ଓ ଜାଗୁଲେଇପଦର ଗ୍ରାମକୁ ଯାଇ ସେଠାରେ ଖୋଲାଯାଇଥିବା ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଝାଡାବାନ୍ତିରେ ଆକ୍ରାନ୍ତ ହେଉଥିବା ରୋଗୀମାନଙ୍କୁ କିପରି ଚିକିତ୍ସା କରାଯାଉଛି ବୁଝିବା ସହିତ ନଦୀଜଳ ବିଷାକ୍ତ ଯୋଗୁଁ ଝାଡାବାନ୍ତି ବ୍ୟାପୁଥିବାରୁ ନଦୀଜଳ କେହି ବ୍ୟବହାର ନ କରିବା ପାଇଁ ଗ୍ରାମବାସୀମାନଙ୍କୁ ନିର୍ଦ୍ଦେଶ ଦେବାପରେ ସେଠାରୁ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ଚିକିତ୍ସା ପାଇଁ ଆସିଥିବା କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଦିନ ୧ଟା ସମୟରେ ଆସି ଡାକ୍ତରଖାନାରେ ପହଞ୍ଚି ରୋଗୀମାନଙ୍କୁ ପାଖକୁ ଯାଇ ଦେଖାକରି ପଚାରିବୁଝିଥିଲେ। କେହି ଭୟଭିତ ନହେବା ପାଇଁ ପରାମର୍ଶ ଦେଇଥିଲେ। ବର୍ତ୍ତମାନ ସୁଦ୍ଧା ଝାଡାବାନ୍ତିରେ ୪ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ସରକାରୀ ହିସାବରେ ୩ଜଣଙ୍କର ମୃତ୍ୟୁ ହୋଇଥିବା ଜିଲ୍ଲା ମୁଖ୍ୟ ଚିକିତ୍ସକ ଶ୍ରୀ ମିଶ୍ର କହିବା ସହିତ ଗତକାଲି ସୁଦ୍ଧା ୬ଟି ଗ୍ରାମରେ ୭୧ଜଣ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିବା ସୂଚନା ଦେଇଥିଲେ। ଅସ୍ଥାୟୀ ଭାବେ ନୂଆଗାଁ ଓ ଜାଗୁଲେଇପଦର ଗ୍ରାମରେ ଦୁଇଟି ଚିକିତ୍ସା କେନ୍ଦ୍ର ଖୋଲାଯାଇଥିବା ବେଳେ ଦୁଇଟି ଆମ୍ବୁଲାନସ୍ ମହଜୁଦ୍ ରଖାଯିବା ସହିତ ୪ଟି ପାଟ୍ରୋଲିଂ ସ୍ୱାସ୍ଥ୍ୟ ଟିମ୍ ଗାଁକୁ ଗାଁ ବୁଲି ଚିକିତ୍ସା କରୁଛନ୍ତି। ଆଜି ମଧ୍ୟ ଯାମଳଗୋଦା ଯାମଳଗୋଦା ଓ ଗଡସାହି ପଞ୍ଚାୟତର ଦୟାବିହାର ଗ୍ରାମରେ ୫ଜଣ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ସଂଧ୍ୟା ୬ଟା ସମୟରେ ପବ୍ଲିକ୍ ହେଲ୍‌ଥ ଅତିରିକ୍ତ ନିର୍ଦ୍ଦେଶକ ଡାକ୍ତର ପ୍ରମିଳା ଦେବୀ ନୂଆଗାଁ ଓ ଜାଗୁଲେଇପଦରରେ ପହଞ୍ଚି ଲୋକମାନଙ୍କ ସହିତ ଆଲୋଚନା କରିଥିବା ଜଣାପଡ଼ିଛି।



## ପଞ୍ଚାୟତ ନୋଡାଲ ସ୍କୁଲ୍‌ରେ ପୁରସ୍କାର ବିତରଣ ଉତ୍ସବ



**ମାହାଙ୍ଗା,୨୧।୧/ଏନ୍ଏନ୍ଏସ୍:** ମାହାଙ୍ଗା ବ୍ଲକ ଅନ୍ତର୍ଗତ ବରାହୀପୁର ପଂଚାୟତସ୍ଥିତ ପଞ୍ଚାୟତ ନୋଡାଲ ଉଚ୍ଚ ବିଦ୍ୟାଳୟ ମଣିଯୋରୀର ୩୯ ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଅଳକା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ରଶ୍ମିରଞ୍ଜନ ସାହୁ ଯୋଗଦେଇ କ୍ରୀଡା ହେଉଛି ଶିକ୍ଷାର ଏକ ଅଙ୍ଗ। ପ୍ରତ୍ୟେକ ଛାତ୍ରଛାତ୍ରୀମାନେ କ୍ରୀଡାରେ ଭାଗ ନେବାକୁ ପରାମର୍ଶ ଦେବା ସହ କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ପ୍ରଧାନଶିକ୍ଷକ ସ୍ମୃତି ରଞ୍ଜନ ପଟ୍ଟନାୟକ, ସମ୍ମାନିତ ଅତିଥିଭାବେ ଶିକ୍ଷାବିତ୍ ଦଉହରି ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାଜକିଶୋର ଜେନା ପ୍ରମୁଖ ଯୋଗଦେଇ କ୍ରୀଡାର ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହ ଛାତ୍ରଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ପ୍ରଭଞ୍ଜନ ସାମଲ ଓ ଅଶୋକ କୁମାର ପ୍ରଧାନ ଖେଳ ପରିଚାଳନା କରିଥିଲେ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ସହ କର୍ମଚାରୀ ଅମର କୁମାର ସାହୁ, ରୋହିତ କୁମାର କାଲୋ, ସନ୍ଧ୍ୟାରାଣୀ ସ୍ୱାଇଁ, ନିବେଦିତା ପ୍ରଧାନ, କୃଷ୍ଣଚନ୍ଦ୍ର ବେହେରା, ସୀମା ବେହେରା, ପଙ୍କଜ ନାୟକ, ରମେଶ ଚନ୍ଦ୍ର ସାହୁ, ପ୍ରଶାଦିନୀ ନାୟକ, ସରୋଜ ସାହୁ, ଚିତ୍ତରଞ୍ଜନ ସ୍ୱାଇଁ, ଧରଣୀଧର ସ୍ୱାଇଁଙ୍କ ସମେତ ବିଦ୍ୟାଳୟର ସମସ୍ତ କର୍ମକର୍ତ୍ତା ଓ ପରିଚାଳନା କମିଟି ସଦସ୍ୟମାନେ ଉପସ୍ଥିତ ରହି ଖେଳ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷକ ପ୍ରଶାନ୍ତ କୁମାର ପରିଡା ଓ ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ଶ୍ରୀ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବାବେଳେ ଶିକ୍ଷାବିତ ଉମେଶ ଚନ୍ଦ୍ର ସାହୁ, ଦଉହରି ସାହୁ, ପିତାମ୍ବର ସ୍ୱାଇଁ, ସରୋଜ ପ୍ରଧାନ, ପ୍ରଭଞ୍ଜନ ସାମଲ, ଅଶୋକ କୁମାର ପ୍ରଧାନ, ପ୍ରଶାନ୍ତ ପରିଡା, ସରୋଜ କୁମାର ସାହୁଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ।

## ଗଣେଶ୍ୱରପୁର ସେବା ସମବାୟ ସମିତିରେ ଖୋଲିଲା ଧାନମଣ୍ଡି



**ଗୋପ,୨୧।୧/ଏନ୍ଏନ୍ଏସ୍:** ଗୋପ ବ୍ଲକ୍ ଅଧିନ ଗଣେଶ୍ୱରପୁର ସେବା ସମବାୟ ସମିତିରେ ମଙ୍ଗଳବାର ଧାନମଣ୍ଡି ଉଦ୍‌ଘାଟନ ହୋଇଯାଇଛି। ଉଦ୍‌ଘାଟନ ଉତ୍ସବରେ ସମିତିର ସଭାପତି ଉଲ୍ଲାଷ କୁମାର ପ୍ରଧାନଙ୍କ ସମେତ ସମସ୍ତ ସଭ୍ୟସଭ୍ୟାମାନେ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଭାବେ ପୁରୀ ଜିଲା ବୋର୍ଡ଼ ଅଫ୍ ଡ଼ାଇରେକ୍ଟର ତଥା ଗୋପ ବ୍ଲକ୍ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ, ଜିଲ୍ଲାପରିଷଦ ସଭ୍ୟ ପ୍ରମୋଦ କୁମାର ରାୟ, ପୂର୍ବତନ ସରପଞ୍ଚ ଅଶ୍ୱିନୀ କୁମାର ପଟ୍ଟନାୟକ, ରାଜ୍ୟ କୋ-ଅପରେଟିଭ୍ ଉପ-ସଭାନେତ୍ରୀ ସ୍ମୃତିମୟୀ ପ୍ରଧାନ, ପୁରୀ ନିମାପଡ଼ା କୋ-ଅପରେଟିଭ୍ ନିର୍ଦ୍ଦେଶକ ପର୍ଶୁରାମ ମହାପାତ୍ର, କରୁଣାକର ସାହୁ, ମଧୁସୂଦନ ରାଉତରାୟ ପ୍ରମୁଖ ଉପସ୍ଥିତ ରହି ମଣ୍ଡି କିପରି ସୁପରିଚାଳନା କରାଯିବ ସେ ସଂପର୍କରେ ମତପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ଶତାଧିକ ଚାଷୀ ଉପସ୍ଥିତ ଥିବାବେଳେ ଶାନ୍ତି ଶୃଙ୍ଖଳାର ସହ ଧାନ କ୍ରୟ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଗୋପ ଅଞ୍ଚଳର ତଥା ଜିଲାର ସର୍ବବୃହତ୍ତମ ରିତିକା ରାଇସ୍ ମିଲ୍ ବ୍ଲକ୍‌ର ୨୩ଟି ପଞ୍ଚାୟତରୁ ଧାନ କ୍ରୟ କରୁଥିବାବେଳେ ଏହି ରାଇସ୍ ମିଲ୍ ସଠିକ୍ ଭାବେ ଧାନ କ୍ରୟ କରୁଥିବା ଚାଷୀମାନେ ମତଦେଇଥିଲେ। ସଂପାଦକ ରମେଶ ଚନ୍ଦ୍ର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଅବସରପ୍ରାପ୍ତ କର୍ମଚାରୀଙ୍କ ପରଲୋକ

**କଣ୍ଟିଲୋ,୨୧।୧/ଏନ୍ଏନ୍ଏସ୍:** ଖଣ୍ଡପଡ଼ା ବ୍ଲକ ଅଧୀନ ବଡ଼ବାଣପୁର ପଞ୍ଚାୟତସ୍ଥିତ ରାମଚଣ୍ଡୀ ସାହିର ଅବସରପ୍ରାପ୍ତ ଜଳଯୋଗାଣ କର୍ମଚାରୀ ତଥା ଧର୍ମ ପରାୟଣ ବ୍ୟକ୍ତି ସୁରେନ୍ଦ୍ର କୁମାର ମିଶ୍ର(୬୭)ଙ୍କର ପରଲୋକ ହୋଇଯାଇଛି। ସ୍ୱର୍ଗତ ମିଶ୍ର କୋରାପୁଟ ଜିଲ୍ଲା ଜନସ୍ୱାସ୍ଥ୍ୟ ବିଭାଗରେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରୁଥିଲେ। ପରେ ଅବସର ଗ୍ରହଣ ପରେ ସେ ଯକୃତଜନିତ ରୋଗରେ ପୀଡ଼ିତ ହୋଇ ନିଜ ଗ୍ରାମରେ ବାସ କରୁଥିଲେ। ସ୍ୱର୍ଗତ ମିଶ୍ର ଜଣେ ବନ୍ଧୁ ବତ୍ସଳ, ମେଳାପୀ ଓ ଧର୍ମପରାୟଣ ବ୍ୟକ୍ତି ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ମର ଶରୀରକୁ ନଦିଆ, ସଂକୀର୍ତ୍ତନ ସହ ଗ୍ରାମ ପରିକ୍ରମା କରାଯାଇ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସଂପନ୍ନ କରାଯାଇଥିଲା। ଏକମାତ୍ର ପୁତ୍ର ସମ୍ବିତ ମୁଖାଗ୍ନି ଦେଇଥିଲେ।

## ଧନ୍ଦାମୂଳକ ଶିକ୍ଷା ପରିଧାନ ବିଭାଗର ଶିକ୍ଷକ, ପ୍ରଶିକ୍ଷକ ଓ ଅଭିଭାବକ ବୈଠକ

**ଶରଣକୁଳ,୨୧।୧/ଏନ୍ଏନ୍ଏସ୍:** ଶରଣକୁଳସ୍ଥିତ ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ଧନ୍ଦାମୂଳକ ଶିକ୍ଷା ପରିଧାନ ବିଭାଗର ଶିକ୍ଷକ, ପ୍ରଶିକ୍ଷକ ଓ ଅଭିଭାବକ ବୈଠକର ଆୟୋଜିତ ହୋଇଯାଇଛି। ବୈଠକରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଶ୍ମିରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ଧନ୍ଦାମୂଳକ ଶିକ୍ଷାର ଗୁଣାତ୍ମକ ମାନର ବିକାଶ, ଧନ୍ଦାମୂଳକ ଶିକ୍ଷାର ସଚେତନତା, ମାଟ୍ରିକ ପ୍ରାକ୍ଟିକାଲ ପରୀକ୍ଷା ସମେତ ବୋର୍ଡ ପରୀକ୍ଷା ପାଇଁ ପ୍ରସ୍ତୁତି ପ୍ରଣାଳୀ , କ୍ୟାରିଅର କାଉନ୍‌ସେଲିଂ ସହ ଛାତ୍ରଛାତ୍ରୀଙ୍କର ଅନ୍ୟାନ୍ୟ ସୁବିଧା ଅସୁବିଧା ବିଷୟରେ ଆଲୋଚନା କରାଯାଇଥିଲା। ପ୍ରଧାନଶିକ୍ଷକ ଦେଶର ଅର୍ଥନୈତିକ ଅଭିବୃଦ୍ଧି ଧନ୍ଦାମୂଳକ ଶିକ୍ଷା ଦ୍ୱାରା ହୋଇପାରିବ ଓ ଭାରତ ସରକାରଙ୍କ ଦ୍ୱାରା ପ୍ରଚଳିତ ଏହି ଧନ୍ଦାମୂଳକ ଶିକ୍ଷା, ଶୈକ୍ଷିକ କ୍ଷେତ୍ରରେ ବହୁ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି। ସେହିପରି ସ୍ୱୋକ ସ୍କୁଲ ତଥା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଶରଣକୁଳର ପ୍ରଧାନ ଶିକ୍ଷକ ଧନ୍ଦାମୂଳକ ଶିକ୍ଷା ଦ୍ୱାରା ବେକାରୀ ସମସ୍ୟା ନିଶ୍ଚିତ ଦୂର ହେବା ସହ ଜଣେ ଶିକ୍ଷାର୍ଥୀ ଭବିଷ୍ୟତରେ ଭଲ ଭାବରେ ରୋଜଗାରକ୍ଷମ ହୋଇପାରିବ ବୋଲି ମତ ରଖିଛନ୍ତି। ରାଜ୍ୟରେ ନୂଆ ଜାତୀୟ ଶିକ୍ଷା ନୀତିରେ ଧନ୍ଦାମୂଳକ ଶିକ୍ଷା ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ପାଇଁ ଭଲ ସୁବିଧା ଯୋଗାଇଦେବ ବୋଲି ଧନ୍ଦାମୂଳକ ଶିକ୍ଷାର ଭାରପ୍ରାପ୍ତ ଉପଦେଷ୍ଟା ଅଧିକାରିଣୀ ପ୍ରଜ୍ଞା ପାରମିତା ସାହୁ କହିଛନ୍ତି। ତତ୍‌ସହିତ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମାନସ ରଞ୍ଜନ ନାୟକ ଛାତ୍ରଛାତ୍ରୀଙ୍କୁ ଅଭିଭାବକ ଅଧିକ ସୁଯୋଗ ଦେଲେ ସେମାନେ ପରିଧାନ ବିଷୟରେ ଅଧିକରୁ ଅଧିକ ଉନ୍ନତି କରିପାରିବେ ବୋଲି ନିଜର ମତ ରଖିଥିଲେ। ପରିଧାନ ବିଭାଗର ପ୍ରଶିକ୍ଷିକା ରୋଜାଲିନ ମିଶ୍ର ବୋର୍ଡ ପରୀକ୍ଷାର ପୂର୍ବ ପ୍ରସ୍ତୁତି ଏବଂ ଶିକ୍ଷାର୍ଥୀଙ୍କ କ୍ୟାରିଅର କାଉନ୍‌ସେଲିଂରେ ପରିଧାନ ବିଭାଗର ପରିସର ବିଷୟରେ ଅଭିଭାବକ ଏବଂ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ।

## ବାଳିକା ଆତ୍ମରକ୍ଷା କୌଶଳ ତାଲିମ ଉଦ୍‌ଯାପିତ

**କଣାସ,୨୧।୧/ଏନ୍ଏନ୍ଏସ୍:** କଣାସ ବ୍ଲକ ଅନ୍ତର୍ଗତ ୧୪ମୌଜା ଉଚ୍ଚବିଦ୍ୟାଳୟ ଆନୁକୂଲ୍ୟରେ ଆତ୍ମରକ୍ଷା କୌଶଳ ତାଲିମ ଶିବିର ଆଜି ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ବିଷ୍ଣୁପ୍ରସାଦ ସାମନ୍ତରାୟଙ୍କ ପୌରୋହିତ୍ୟରେ ଆୟେଜେିତ ଉଦ୍‌ଯାପନୀ ଉତ୍ସବରେ ବରିଷ୍ଠ ଅଧ୍ୟପିକା ଡଃ ଦିପ୍ତମୟୀ ରାୟ, ଡଃ ଲକ୍ଷ୍ମୀପ୍ରିୟା ସାହୁ, ଅଧ୍ୟାପିକା ତୃପ୍ତି ଦଳାଇ, ଅଞ୍ଜଳି ମିଶ୍ର, ନିବେଦିତା ପଲେଇ, ସୀମାରାଣୀ ସାହୁ, ରଞ୍ଜିତା ନାୟକ, ଅନ୍ନପୂର୍ଣ୍ଣା ବେହେରା, ଅଧ୍ୟାପକ ବିଜୟ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ। ମାଷ୍ଟର ଟ୍ରେନର୍ ହରପ୍ରିୟା ଭୁଜବଳ ୧୨୫ଜଣ ଛାତ୍ରଙ୍କୁ ସଫଳତାର ସହ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ସଂସଦ କୁମାର ପ୍ରଧାନ ଶିବିର ପରିଚାଳନା କରିଥିଲେ।

## ନ୍ୟାୟ ପ୍ରାପ୍ୟ ପାଇଁ ଏକଜୁଟ୍ ହେବେ ଠିକାଦାର ମହାସଂଘ

**ଅସ୍ତରଙ୍ଗ,୨୧।୧/ଏନ୍ଏନ୍ଏସ୍:** ସରକାର ବଦଳିଲା ହେଲେ ବଦଳିଲାନି ବିଧିବ୍ୟବସ୍ଥା। ନାର୍ଯ୍ୟ ପ୍ରାପ୍ୟ ଅଧିକାର ପାଇଁ ରାଜରାସ୍ତାରେ ଠିକାଦାର। ରାଜ୍ୟ ସରକାରଙ୍କ ଠିକାଦାର ମାରଣ ନୀତି ବିରୁଦ୍ଧରେ ଏକାଠି ହେବେ ଏହି ଠିକାଦାର ଓ ସେମାନଙ୍କ ମହାସଂଘ। ମିଳିଥିବା ସୂଚନା ମୁତାବକ ଟେଣ୍ଡର ପ୍ରକ୍ରିୟାରେ ସଂଶୋଧନ, ସାମଗ୍ରୀର ଅହେତୁକ ବୃଦ୍ଧିର ପୁନଃ ବିଚାର କରିବା ପାଇଁ ସଦାସର୍ବଦା ଠିକାଦାର ମହାସଂଘ ରାଜ୍ୟ ସରକାରଙ୍କୁ ଦାବି ଜଣାଇଆସିଛି। ପୂର୍ବ ସରକାର ପୁନଃବିଚାର ପାଇଁ ପ୍ରତିଶ୍ରୁତି ଦେଇଥିବାବେଳେ ଆଜିପର୍ଯ୍ୟନ୍ତ ପୂରଣ ହୋଇପାରିଲା ନାହିଁ। ଅଲ ଓଡ଼ିଶା କଣ୍ଟ୍ରାକ୍ଟର ୱେଲ୍‌ଫେୟାର ଆସୋସିଏସନ୍ ଏବଂ ଅଲ୍ ଓଡ଼ିଶା କଣ୍ଟ୍ରାକ୍ଟର ଆସୋସିଏସନ୍ ମିଳିତ ସହଯୋଗରେ ଆସନ୍ତା ୨୩ ତାରିଖ ଦିନ ପୁରୀ ସ୍ଥିତ ଜିଲ୍ଲା ସମ୍ମିଳନୀ କକ୍ଷ ଟାଉନ୍ ହଲ୍‌ଠାରେ ଜରୁରୀକାଳୀନ ବୈଠକ ଅନୁଷ୍ଠିତ ହେବାକୁ ଯାଉଛି। ଏଣୁ ପୁରୀ ଜିଲ୍ଲାର ସମସ୍ତ ଠିକାଦର ଭାଇମାନଙ୍କୁ ଏଇ ସମ୍ମିଳନୀରେ ଯୋଗଦେବାକୁ ପୁରୀ ଜିଲ୍ଲା କଣ୍ଟ୍ରାକ୍ଟର ଆସୋସିଏସନର ସଭାପତି ସ୍ପେସିଆଲ କ୍ଲାସ କଣ୍ଟ୍ରାକ୍ଟର ପ୍ରତାପ ପରିଡ଼ା ଆହ୍ୱାନ କରିଛନ୍ତି। ଶ୍ରୀ ପରିଡ଼ା ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ଆମ୍ଭ କଣ୍ଟ୍ରାକ୍ଟର ଭାଇମାନେ ଆଜକୁ ଦୀର୍ଘ ବର୍ଷ ହେବ ଅବହେଳିତ ଜର୍ଜରିତ। ସରକାର ନିଷ୍ପତ୍ତିର ପୁର୍ନବିଚାର କରିବେ ବୋଲି ଆଶା ରଖୁଛୁ।

## ରାଧାଚରଣପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ତୃତୀୟ ବାର୍ଷିକ ଉତ୍ସବ



**ମୁଣ୍ଡମୁହାଣ,୨୧।୧/ଏନ୍ଏନ୍ଏସ୍:** ଜଟଣୀ ବ୍ଲକ ଅଧୀନ ରାଧାଚରଣପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୩ୟ ତମ ବାର୍ଷିକ ଉତ୍ସବ ଶନିବାର ଦିନ ମହା ଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ତ୍ରିନାଥ ଦେହୁରୀ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଜଟଣୀ ବିଧାୟକ ବିଭୁତୀ ଭୂଷଣ ବଳବନ୍ତରାୟ ଓ ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଛୋଟରାୟ, ସରପଞ୍ଚ ଶ୍ରଦ୍ଧାଞ୍ଜଳି ବେହେରା। ଯୁବ ସମାଜସେବୀ ତ୍ରିଲୋଚନ ପ୍ରଧାନ, ଡ଼ିଇଆଇଟି ଖୋର୍ଦ୍ଧା ପ୍ରଶିକ୍ଷକ ବୀଣାପାଣି ପାଢୀ, ଏଲିମେଣ୍ଟାରୀ ଶିକ୍ଷକ ସଂଘ ପୂର୍ବତନ ସଭାପତି କୈଳାସ ଚନ୍ଦ୍ର ରାଉତ, ଆଞ୍ଚଳିକ ସାଧନା କେନ୍ଦ୍ର ସଂଯୋଜିକା ପୁଷ୍ପଲତା ପରିଡ଼ା, ବିଦ୍ୟାଳୟର ପରିଚାଳନା କମିଟି ଚେୟାରମ୍ୟାନ ଗୌତମ ମାଝୀ ଓ ମନନ୍ମଥ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ବିଭିନ୍ନ ଅସୁବିଧା ପ୍ରତି ଦୃଷ୍ଟି ଆକର୍ଷଣ କରି ତାହାର ସମାଧାନ ପାଇଁ ବିଧାୟକ ମହାଶୟ ପ୍ରତିଶ୍ରୁତି ଦେଇଥିଲେ। ୧ମ ରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୩୮ ଟି ବିଭାଗରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ଏବଂ ମାନପତ୍ର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ସହକାରୀ ଶିକ୍ଷୟତ୍ରୀ ଅନ୍ନପୂର୍ଣ୍ଣା ପ୍ରଧାନ ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ ଏବଂ ସହକାରୀ ଶିକ୍ଷୟତ୍ରୀ ସ୍ୱାଗତିକା ଭୋଇ ବାର୍ଷିକ ବିବରଣୀ ପାଠ କରିବା ସହ ମଞ୍ଚ ପରିଚାଳନା କରିଥିଲେ।

# ପଞ୍ଚାମୁଣ୍ଡାଇ-ରାଜନଗର ବ୍ରାହ୍ମଣୀ ବନ୍ଧ ରାସ୍ତାକୁ ନେଇ ବଢୁଛି ବିବାଦ

■ ମରାମତି ପାଇଁ ଗଣଧାରଣା ଓ ଦାବିପତ୍ର
■ ମାସକ ମଧରେ ମରାମତି ପ୍ରତିଶ୍ରୁତି

**ପଞ୍ଚାମୁଣ୍ଡାଇ,୨୧।୧/ଏନ୍ଏନ୍ଏସ୍:** ରାଜନଗର ନିର୍ବାଚନମଣ୍ଡଳୀର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ରାସ୍ତା ତଥା ପଞ୍ଚାମୁଣ୍ଡାଇ-ରାଜନଗରବାସୀଙ୍କ ଜୀବନରେଖା କୁହାଯାଉଥିବା ପଞ୍ଚାମୁଣ୍ଡାଇ-ରାଜନଗର ବ୍ରାହ୍ମଣୀ ନଦୀବନ୍ଧ ରାସ୍ତା ନିର୍ମାଣକୁ ନେଇ ଗତ କିଛି ବର୍ଷ ଧରି ରାଜନୀତି ଲାଗି ରହିଛି। ଦୀର୍ଘ ୨୫ ବର୍ଷ ହେଲା ଏହି ରାସ୍ତା ମରାମତି ଓ ପୁନଃନିର୍ମାଣ କରାଯାଇନଥିବାରୁ ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତାଟି ମରଣଯନ୍ତାରେ ପରିଣତ ହୋଇଥିଲା। ପଞ୍ଚାମୁଣ୍ଡାଇ-ରାଜନଗରବାସୀ ଏନେଇ ଉଦ୍‌ବେଗ ପ୍ରକାଶ କରିବା ପରେ ଅଞ୍ଚଳବାସୀଙ୍କ ଭାବାବେଗକୁ ସମ୍ମାନ ଦେଇ ରାଜନଗର ବିଧାୟକ ଧ୍ରୁବ ସାହୁ ଏହି ରାସ୍ତା ପ୍ରସଙ୍ଗ ବାରମ୍ବାର ବିଧାନସଭାରେ ଉଠାଇ ସରକାରଙ୍କ ହସ୍ତକ୍ଷେପ ଦାବି କରିଥିଲେ। ବିଧାୟକ ଶ୍ରୀ ସାହୁଙ୍କ ଦାବିକୁ ବିଚାରକୁ ନେଇ ତତ୍କାଳୀନ ସରକାର ଏହି ରାସ୍ତା ନିର୍ମାଣ ପାଇଁ ଅର୍ଥ ମଞ୍ଜୁର କରିଥିଲେ। ଗତ ୨୦୨୧ ମସିହାରେ ୨୨କୋଟି ଟଙ୍କା ବ୍ୟୟରେ ଏହି ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ କରାଯାଇ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ପଞ୍ଚାମୁଣ୍ଡାଇ ପୂର୍ତ୍ତ ବିଭାଗ ଅଧୀନରେ ଥିବା ଏହି ରାସ୍ତା ନିର୍ମାଣର ତଦାରଖ ଦାୟିତ୍ୱ ତତ୍କାଳୀନ ସହକାରୀ ଯନ୍ତ୍ରୀ ରାମଚନ୍ଦ୍ର ନାୟକ ଓ ଅଧୀକ୍ଷଣ ଯନ୍ତ୍ରୀ କ୍ଷୀରୋଦ ବେହେରା ନେଇ ସରକାରୀ ନିୟମ ଅନୁଯାୟୀ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ମାତ୍ର ଉତିକଣ ସଂଗ୍ରାମ ପରିଷଦ ପକ୍ଷରୁ ବାରମ୍ବାର ବିବାଦ କରାଯାଇ ରାସ୍ତା ନିର୍ମାଣରେ ବାଧା ସୃଷ୍ଟି କରାଯାଇଥିଲା। ଏହି ବାଧାକୁ ହଟେଇ ରାସ୍ତା ନିର୍ମାଣ କାର୍ଯ୍ୟ ସୁରୁଖୁରୁରେ କରିବା ପାଇଁ ଉକ୍ତ ରାସ୍ତା ଅନ୍ତର୍ଗତ ସମସ୍ତ ପଞ୍ଚାୟତ ଲୋକପ୍ରତିନିଧିଙ୍କୁ ନେଇ ଗଠିତ କମିଟି ତତ୍ତ୍ୱାବଧାନରେ ରାସ୍ତା ନିର୍ମାଣ କାର୍ଯ୍ୟ କରାଯାଇଥିଲା। ବାରମ୍ବାର ବିବାଦ ପରେ ରାସ୍ତା ନିର୍ମାଣକାରୀ ସଂସ୍ଥା କୌଣସିମତେ ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ କରିଥିଲେ। ଅନ୍ୟପଟେ ଏହି ରାସ୍ତା ନିର୍ମାଣର ୩ ବର୍ଷ ପର୍ଯ୍ୟନ୍ତ ରାସ୍ତା ରକ୍ଷଣାବେକ୍ଷଣ ପାଇଁ ସରକାର ନିର୍ମାଣକାରୀ ସଂସ୍ଥା ସହିତ ଚୁକ୍ତି କରିଛନ୍ତି।

ଇତିମଧ୍ୟରେ ଏହି ରାସ୍ତାର ବିଭିନ୍ନ ସ୍ଥାନ ଖରାପ ହୋଇଯାଇଛି। ଚୁକ୍ତି ଅନୁଯାୟୀ ନିର୍ମାଣକାରୀ ସଂସ୍ଥା ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ କରିବା ମାତ୍ରେ ଉତିକଣ ସଂଗ୍ରାମ ପରିଷଦ ପକ୍ଷରୁ ପୁନର୍ବାର ବିରୋଧ କରାଯାଇ ରାସ୍ତା ମରାମତି ବନ୍ଦ କରାଯାଇଛି। ଫଳରେ ଦୀର୍ଘ ଦିନ ହେବ ରାସ୍ତା ମରାମତି ବନ୍ଦ ରହିଛି। ମାତ୍ର ମଙ୍ଗଳବାର ଏହି ରାସ୍ତା ମରାମତି ଦାବିରେ ଉତିକଣ ସଂଗ୍ରାମ ପରିଷଦ କର୍ମକର୍ତ୍ତାମାନେ ପଞ୍ଚାମୁଣ୍ଡାଇ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ଘଟଣା ରାସ୍ତାକୁ ନେଇ ରାଜନୀତି ବୋଲି ପ୍ରମାଣିତ ହୋଇଛି। ତେବେ ପଞ୍ଚାମୁଣ୍ଡାଇ ପୂର୍ତ୍ତ ବିଭାଗ ଭାରପ୍ରାପ୍ତ ସହକାରୀ ଯନ୍ତ୍ରୀ ନଟବର ପ୍ରଧାନ ଧାରଣାକାରୀ ଉତିକଣ ସଂଗ୍ରାମ ପରିଷଦ କର୍ମକର୍ତ୍ତାଙ୍କଠାରୁ ଦାବିପତ୍ର ଗ୍ରହଣ କରି ଆସନ୍ତା ୧ ମାସ ମଧରେ ରାସ୍ତା ମରାମତି କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି।

## ରଇପୁର ଉଚ୍ଚ ବିଦ୍ୟାଳୟରେ ମେଗା ସ୍ୱାସ୍ଥ୍ୟ ଶିବିର




**ମୁଷାଟିକିରି,୨୧।୧/ଏନ୍ଏନ୍ଏସ୍:** ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ରଇପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଏକ ମେଗା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଆଲୁମିନି, ମୋ ସ୍କୁଲ୍ ଅଭିଯାନ ଓ ସିଟିଜେନ୍ ସେଣ୍ଟ୍ରିକ୍ ସର୍ଭିସେସ୍‌ର ମିଳିତ ଆନୁକୁଲ୍ୟରେ ଭୁବନେଶ୍ୱରସ୍ଥିତ ସମ୍ ହସ୍ପିଟାଲର ଏକ ଅଭିଜ୍ଞ ଡାକ୍ତରୀ ଦଳ ରୋଗୀଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରିବା ସହ ମାଗଣା ଔଷଧ ବାଣ୍ଟିଥିଲେ। ମୁଖ୍ୟଅତିଥି ଭାବେ ବଡ଼ଚଣା ବିଧାୟକ ଅମର କୁମାର ନାୟକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୋ ସ୍କୁଲ୍ ଅଭିଯାନର ସଭାପତି ଉମେଶ ଚନ୍ଦ୍ର ସେନାପତିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ଓ କୈବଲ୍ୟ ସାହିତ୍ୟ ସଂସଦର ପ୍ରତିଷ୍ଠାତା ପ୍ରଶାସକ ଡ଼ଃ.ସଂଗ୍ରାମ କେଶରୀ ରାଉତରାୟ, ସମ୍ମାନିତ ଅତିଥିଭାବେ 'ଶୁଭ ସକାଳ'ର ଉପସଭାପତି ବିଶିଷ୍ଟ ସମାଜସେବୀ ମିନତୀ ସାହୁ ଓ ପ୍ରଧାନଶିକ୍ଷକ ନିର୍ମଳ କୁମାର ଦଳାଇ ଯୋଗ ଦେଇଥିଲେ। ସ୍ୱାସ୍ଥ୍ୟ ହିଁ ସର୍ବଶ୍ରେଷ୍ଠ ସମ୍ପଦ ଓ ପ୍ରତ୍ୟେକ ବ୍ୟକ୍ତି ନିଜ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବାସହ ଯୁବପିଢ଼ୀ ଏକ ନିୟନ୍ତ୍ରିତ ଜୀବନଶୈଳୀକୁ ଆପଣେଇ ସମୃଦ୍ଧ ସମାଜ ଗଠନ ଉପରେ ଶ୍ରୀ ନାୟକ ଗୁରୁତ୍ୱ ଦେଇଥିଲେ। ପ୍ରଶାସକ ତଥା ମୁଖ୍ୟବକ୍ତା ଶ୍ରୀ ସାମନ୍ତରାୟ ସ୍ୱାସ୍ଥ୍ୟ ସଚେତନତା ପାଇଁ ସାଧୁ ଉଦ୍ୟମର ଆବଶ୍ୟକତାକୁ ବୁଝାଇଥିଲେ। ବିଶିଷ୍ଟ ସମାଜସେବୀ ଶ୍ରୀମତୀ ସାହୁ ସାହିତ୍ୟ ସମାଜର ଦର୍ପଣ ଓ ସାହିତ୍ୟ ମାଧ୍ୟମରେ ସ୍ୱାସ୍ଥ୍ୟ ସଚେତନତାକୁ ସାଧାରଣ ଜନତାଙ୍କ ନିକଟରେ ପହଞ୍ଚାଇବା ନେଇ ମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ରଇପୁର, ରାମଦାସପୁର, ପାଥପୁର, ବାଲିକୁଦା, ମୁଷାଟିକିରି, ସାଉଡ଼ିଆ, ବରପଦା ଓ ନିଆଳି ସମେତ ୨୦ରୁ ଅଧିକ ଗ୍ରାମରୁ ୧ ହଜାରରୁ ଅଧିକ ରୋଗୀ ସ୍ୱାସ୍ଥ୍ୟ ପରିକ୍ଷା କରିଥିଲେ। ମୋତିଆ ବିନ୍ଦୁ ରୋଗୀଙ୍କୁ ଚିହ୍ନଟ କରି ଜରୁରୀ ଓ ଦେୟମୁକ୍ତ ଚିକିତ୍ସା ନିମନ୍ତେ ସମ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଏଥିରେ ସମ୍ ହସ୍ପିଟାଲର ୧୩ଟି ବିଭାଗର ଅଭିଜ୍ଞ ଡାକ୍ତରମାନେ ସ୍ୱାସ୍ଥ୍ୟ ପରିକ୍ଷା କରିଥିଲେ ଓ ଜନସମ୍ପର୍କ ଅଧିକାରୀ ସତ୍ୟବ୍ରତ ଦାସ ସହଯୋଗ କରିଥିଲେ। ସ୍କୁଲ୍ ଆଲୁମିନିର ସଭାପତି ଉମେଶ ଚନ୍ଦ୍ର ସେନାପତି ଓ ସିଟିଜେନ୍ ସେଣ୍ଟ୍ରିକ୍‌ର ରାଜ୍ୟ ସଂଯୋଜକ ପଦ୍ମଲୋଚନ ମହାପାତ୍ର କାର୍ଯ୍ୟକ୍ରମ ସୁପରିଚାଳନା କରିଥିଲେ। ବିଶିଷ୍ଟ କବି ତଥା ସମାଜସେବୀ ହିମାଂଶୁ ଭୂଷଣ ଜେନା ଓ ପଣ୍ଡିତ ଭୁପେଶ୍ କୁମାର ସେନାପତି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି ଅବସରରେ ଜୀବନ ବ୍ୟାପି ସାଧନା ପାଇଁ ଡଃ ସଂଗ୍ରାମ କେଶରୀ ସାମନ୍ତରାୟ, ସମାଜସେବୀ ମିନତୀ ସାହୁ, କବି ରତିକାନ୍ତ ସାମଲ, କଳିଙ୍ଗ ଟିଭିର ଜୋନାଲ୍ ହେଡ୍ ବିଭୁତି ଭୂଷଣ ସାହୁ, ଡଃ ମାନସୀ ମିଶ୍ର ଓ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ କବି ହିମାଂଶୁ ଭୂଷଣ ଜେନାଙ୍କ ସହ ୬୦ରୁ ଅଧିକ ବୁଦ୍ଧିଜିବୀ ଓ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ବ୍ୟକ୍ତି ବିଶେଷଙ୍କୁ ବିଧାୟକ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ପୁରାତନ ଛାତ୍ରଛାତ୍ରୀ ଓ ଅଭିଭାବକ ସହଯୋଗ କରିଥିଲେ। ପଣ୍ଡିତ ସୁଧୀର କୁମାର ସେନାପତି ଧନ୍ୟବାଦ ଦେଇଥିଲେ।

## ଛାତ୍ରୀ ଆତ୍ମରକ୍ଷା ତାଲିମ୍ ଶିବିର ଉଦ୍‌ଯାପିତ



**ତେଲକୋଇ,୨୧।୧/ଏନ୍ଏନ୍ଏସ୍:** ତେଲକୋଇ ବ୍ଲକ୍ ଅନ୍ତର୍ଗତ ସରୁଆଳିସ୍ଥିତ ଶ୍ରୀ ଅରବିନ୍ଦ ସରକାରୀ ନୋଡାଲ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୮ ଦିନ ଧରି ଚାଲିଥିବା ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଭାତ କୁମାର ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କିଭଳି ଛାତ୍ରୀମାନେ ନିଜକୁ ନିଜେ ପ୍ରାଥମିକସ୍ତରରେ ସୁରକ୍ଷା ଦେଇପାରିବେ ସେ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ବର୍ତ୍ତମାନ ସମାଜରେ ନାରୀ ହିଂସା ଓ ନିର୍ଯ୍ୟାତନା ବଢ଼ି ଚାଲିଥିବାବେଳେ ଛାତ୍ରୀଙ୍କ ସୁରକ୍ଷା ମଧ ସମସ୍ୟାର ବିଷୟ ହୋଇଛି। ଛାତ୍ରୀମାନେ ନିଜ ସୁରକ୍ଷା ପାଇଁ କୌଶଳ ଜାଣିବା ଜରୁରୀ ବୋଲି ଅଧ୍ୟକ୍ଷ ପ୍ରକାଶ କରିଥିଲେ। ଛାତ୍ରୀଙ୍କୁ ପ୍ରଶିକ୍ଷିକା ଗୀତା ବାରିକ ଓ ସହପ୍ରଶିକ୍ଷିକା ସୁଶ୍ରୀ ସୁମନ ବଳ କୌଶଳ ପ୍ରଶିକ୍ଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପରିଚାଳନା କମିଟିର ସଭାପତି ସଞ୍ଜୟ କୁମାର ସାହୁ ଓ କ୍ରୀଡ଼ା ଶିକ୍ଷକ ଦୀପକ କୁମାର ଦାସଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଶେଷରେ ଅତିଥିମାନେ ଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରିଥିଲେ।

## ଚିତ୍ରକୂଟ ମନ୍ଦିର ନୂତନ ପରିଚାଳନା କମିଟି ଗଠିତ



**ତାଳଚେର,୨୧।୧/ଏନ୍ଏନ୍ଏସ୍:** ତାଳଚେରର ବହୁପୁରାତନ ଶୈବପୀଠ ଚିତ୍ରକୂଟ ମନ୍ଦିର ନିଶାସେବନକାରୀଙ୍କ ଆଡ୍ଡାସ୍ଥଳୀ ପାଲଟିଥିବା ଯୋଗୁ ଶ୍ରଦ୍ଧାଳୁଙ୍କ ସଂଖ୍ୟା ଧୀରେ ଧୀରେ ହ୍ରାସ ପାଇବାକୁ ବସିଲାଣି। ଏହାକୁ ଦୃଷ୍ଟିରେ ରଖି କିଛି ଆଧାତ୍ମିକ ଚିନ୍ତାଧାରର ବ୍ୟକ୍ତି ବିରୋଧ କରିବା ସହ ମନ୍ଦିର ପରିବେଶକୁ ସଜାଡ଼ିବା ଉଦ୍ଦେଶ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମନ୍ଦିର ପରିଷ୍କାର ପରିଚ୍ଛନ୍ନ, ସୁରକ୍ଷା ଓ ଉନ୍ନତୀକରଣ ପରିଚାଳନା ପାଇଁ ଅର୍ଥ ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଥିଲା। ନୂତନ କମିଟିର ଆବଶ୍ୟକତା ଥିବାରୁ ଉପସ୍ଥିତ ବ୍ୟକ୍ତିଙ୍କ ମତାମତ ନିଆଯାଇ ସଭାପତି ଭାବେ ନଗରପାଳ ପବିତ୍ର ଭୁତିଆ, ଉପସଭାପତି କାଉସିଲର୍ ସନ୍ତୋଷ ବେହେରା, ସାଧାରଣ ସମ୍ପାଦକ କାଉନସିଲର୍ ମମତା ରାଉତ, ସହସମ୍ପାଦକ ସମୀର ସାହୁ, କୋଷାଧ୍ୟକ୍ଷ ସୁଧୀର ପଟ୍ଟନାୟକ ଓ ଶରତ ବାରିକଙ୍କୁ ମନୋନୀତ କରାଯାଇଥିଲା। ସେହିପରି ଉପଦେଷ୍ଟା ଭାବେ ୨୧ ଜଣଙ୍କୁ ବଛା ଯାଇଥିଲା। ପ୍ରକାଶଥାଉକି ମନ୍ଦିର ନିକଟସ୍ଥ ଚିତ୍ରକୂଟ ପୋଖରୀ ବର୍ତ୍ତମାନ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି। ଏହି ପୋଖରୀ ପାଣି ପ୍ରଦୂଷିତ ହେବାସହ ତରୁଲତାରେ ପରିପୂର୍ଣ୍ଣ ହୋଇଯାଇଛି। ଏହାର ଜଳ ଜହର ପାଲଟିଯାଇଛି। ଏହି ପୋଖରୀର ପୁନରୁଦ୍ଧାର ପାଇଁ ଗୋଟିଏ ପରେ ଗୋଟିଏ ୩ଟି ଫଳକ ଲଗାଯାଇଥିଲା। ମାତ୍ର ପରିତାପର ବିଷୟ ଫଳକ ଫଳକରେ ହିଁ ସିମୀତ ହୋଇ ରହିଗଲା। ତେଣୁ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ସୁଧାଂଶୁ ପରିଡ଼ାଙ୍କ ଉପରୁ ବହିଷ୍କାର ପ୍ରତ୍ୟାହୃତ



**ବାଲେଶ୍ୱର,୨୧।୧/ଏନ୍ଏନ୍ଏସ୍:** ବିଜେଡିର ପୂର୍ବତନ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ାଙ୍କ ଉପରୁ ବହିଷ୍କାର ଆଦେଶ ପ୍ରତ୍ୟାହୃତ ହୋଇଛି। ଏନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି। ପୂର୍ବତନ ବିଧାୟକ ଶ୍ରୀ ପରିଡ଼ାଙ୍କ ବିରୋଧରେ ଆସିଥିବା ଅଭିଯୋଗକୁ ନେଇ ବିଜେଡି ସୁପ୍ରିମୋ ଦୀର୍ଘଦିନ ଧରି ନିରବ ରହିବା ପରେ ଠିକ୍ ଗତ ବିଧାନସଭା ନିର୍ବାଚନ ପୂର୍ବରୁ ତାଙ୍କୁ ଅପ୍ରତ୍ୟାଶିତ ଭାବେ ଦଳରୁ ବହିଷ୍କାର କରିଥିଲେ। ଏହାଦ୍ୱାରା ଦଳର ସ୍ୱଚ୍ଛ ଭାବମୂର୍ତ୍ତିର ବାର୍ତ୍ତା ଲୋକଙ୍କୁ ଯିବା ପରିବର୍ତ୍ତେ ଏକ ନକାରାତ୍ମକ ବାର୍ତ୍ତା ଯାଇଥିଲା। ଶ୍ରୀ ପରିଡ଼ା ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦିତା ମଧ କରିଥିଲେ। କିନ୍ତୁ ଦଳର ବର୍ତ୍ତମାନର ଜିଲ୍ଲା ସଭାପତି ଏବଂ ରାଜ୍ୟନେତାଙ୍କ ଅନୁରୋଧ ତଥା ବହିଷ୍କାର ଆଦେଶର ପ୍ରତିଶ୍ରୁତି ପରେ ସେ ଦଳୀୟ ପ୍ରାର୍ଥୀନୀଙ୍କ ସପକ୍ଷରେ ପ୍ରଚାର ବି କରିଥିଲେ। ତାଙ୍କ ବହିଷ୍କାର ଆଦେଶ ପ୍ରତ୍ୟାହାର ସପକ୍ଷରେ ଏବଂ ବିପକ୍ଷରେ ରେମୁଣା ବିଜେଡି ପକ୍ଷରୁ ଦଳୀୟ ସୁପ୍ରିମୋଙ୍କୁ ମଧ ଅବଗତ କରାଯାଇଥିଲା। ଏନେଇ ନିର୍ବାଚନ ପରେ ଦୈନିକ 'ନିତିଦିନ' ପକ୍ଷରୁ ସୁଧାଂଶୁ ପରିଡ଼ା ତଥା ରେମୁଣା ବିଜେଡିକୁ ନେଇ ଏକ ସମୀକ୍ଷାତ୍ମକ ରିପୋର୍ଟିଂ ହୋଇଥିଲା। ଶେଷରେ ଗତ ଜାନୁଆରୀ ୧୯ରେ ଦଳର ସଭାପତି ଶ୍ରୀ ପରିଡ଼ାଙ୍କ ଉପରୁ ବହିଷ୍କାର ଆଦେଶ ପ୍ରତ୍ୟାହୃତ କରିନେଇଛନ୍ତି। ଦଳୀୟ ସମର୍ଥକମାନେ ତାଙ୍କୁ ଶୁଭେଚ୍ଛା ଜଣାଇଥିବାବେଳେ ତାଙ୍କ ବିରୋଧୀ ଭାବେ ଜଣାଶୁଣା ବିଜେଡି ସରପଞ୍ଚ ସଂଘର ପ୍ରତିକ୍ରିୟା ଆସିନାହିଁ। ତେବେ ପୂର୍ବତନ ବିଧାୟକ ଶ୍ରୀ ପରିଡ଼ା ଆଗାମୀ ଦିନରେ ଦଳ ମଧରେ ନିଜକୁ କିପରି ଉପସ୍ଥାପିତ କରୁଛନ୍ତି ଏବଂ ଦଳ ତାଙ୍କୁ ନିର୍ବାଚନ ମଣ୍ଡଳୀ ଦାୟିତ୍ୱ ଦେଉଛି କି ନାହିଁ ତାହା ଦେଖିବାକୁ ବାକି ରହିଲା।

## ଉପେନ୍ଦ୍ରନାଥ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ



**ସୋର,୨୧।୧/ଏନ୍ଏନ୍ଏସ୍:** ସୋର ଉପେନ୍ଦ୍ରନାଥ ମହାବିଦ୍ୟାଳୟର ୬୦ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଗଜେନ୍ଦ୍ର କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ସମ୍ମାନିତ ଅତିଥିଭାବେ ପ୍ରାକ୍ତନ ବିଧାୟକ ପର୍ଶୁରାମ ଧଡ଼ା, ମୁଖ୍ୟବକ୍ତା ଭାବେ ପରିଚାଳନା କମିଟି ସଭାପତି ଡ଼. ଲକ୍ଷ୍ମୀକାନ୍ତ ପାଢ଼ୀ ଓ ବାର୍ଷିକ ଉତ୍ସବ କମିଟି ସଭାପତି ପ୍ରାଧ୍ୟାପକ ରତ୍ନାକର ମୁଦୁଲି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ କଲେଜର ମୁଖପତ୍ର 'ଶାଶ୍ୱତୀ' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏଥିରେ ବିଭିନ୍ନ ବିଭାଗର କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। କଲେଜ ପ୍ରଶାସନିକ ଅଧିକାରୀ ସୁଶାନ୍ତ କୁମାର ଦେ ମଞ୍ଚ ପରିଚାଳନା କରିଥିବାବେଳେ ଅଧ୍ୟାପିକା ରାଜଶ୍ରୀ ବେହେରା ଓ ସୁଷମା ମହନ୍ତ ସହଯୋଗ କରିଥିଲେ। ଅଧ୍ୟାପକ ଶଶୀକାନ୍ତ ମିଶ୍ର ବେଦପାଠ କରିଥିଲେ। ଅଧ୍ୟାପିକା ସାକମ୍ବରୀ ଦାସ ଧନ୍ୟବାଦ ଦେଇଥିଲେ। ସେହିପରି ସନ୍ଧ୍ୟାରେ ମନ୍ତ୍ରୀ ଶ୍ରୀ ସୁରଜ କଲେଜରେ ପହଞ୍ଚିବା ପରେ ୧ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିବା ସହିତ ନୂତନ ଭାବେ ନିର୍ମିତ ବଏଜ୍ ହଷ୍ଟେଲ୍‌କୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପୂର୍ବତନ ବିଧାୟକ ଶ୍ରୀ ଧଡ଼ା କଲେଜ ପ୍ରବେଶ ପଥଠାରୁ ଦ୍ୱିପାର୍ଶ୍ୱିକ ରାସ୍ତା ନିର୍ମାଣ, କଲେଜ ପରିସରରେ କବିବର ରାଧାନାଥ ଗବେଷଣା ପରିଷଦ ନିର୍ମାଣ, ଖେଳ ପଡ଼ିଆର ଉନ୍ନତୀକରଣ ଏବଂ ଇଣ୍ଡୋର ଷ୍ଟାଡିୟମ୍‌ର ପୂର୍ଣ୍ଣାଙ୍ଗୀକରଣ ପାଇଁ ମନ୍ତ୍ରୀ ଶ୍ରୀ ସୁରଜଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପକ ମାନସ ରଞ୍ଜନ ପଣ୍ଡା, ମୁଖ୍ୟ କିରାଣୀ ପ୍ରଭାସ ରଞ୍ଜନ ଜେନା, ସୂର୍ଯ୍ୟକାନ୍ତ ମିଶ୍ର, ନରେନ୍ଦ୍ର ମହାଲିକ, ରାଧେଶ୍ୟାମ ବିଶ୍ୱାଳ, ଜୟନ୍ତ ବେହେରା, ସରୋଜ ନାୟକଙ୍କ ସମେତ କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ପ୍ରାଧ୍ୟାପକ, ପ୍ରାଧ୍ୟାପିକା, ଶିକ୍ଷା ଓ ଅଣଶିକ୍ଷା କର୍ମଚାରୀମାନେ ସହଯୋଗ କରିଥିଲେ।

## ଯାବରା ସ୍କୁଲ୍‌ରେ କ୍ଲଷ୍ଟରସ୍ତରୀୟ ବୈଠକ



**କୁଆଖିଆ,୨୧।୧/ଏନ୍ଏନ୍ଏସ୍:** ରସୁଲପୁର ବ୍ଲକ୍ ଅନ୍ତର୍ଗତ ଯାବରା ସରକାରୀ ଉଚ୍ଚ ବିଦ୍ୟାଳୟରେ ୮ମ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ସିଆରସିସି ପ୍ରଭାତ ନାଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ ସରକାରଙ୍କ ଯୁଗାନ୍ତକାରୀ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ଏମ୍‌ସିଏମ୍ ମୌଳିକ ସ୍ୱାକ୍ଷରତା ଓ ସଂଖ୍ୟାଜ୍ଞାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଶୁକଦେବ ପ୍ରସାଦ ପାତ୍ର , ସୁନନ୍ଦ ପୃଷ୍ଟି, ସୁବାଷ ପାତ୍ର, ସନ୍ତୋଷ ଜେନା, ବନାନୀ ଶତପଥୀ, ରିତାଞ୍ଜଳି ତରାଇ, ପ୍ରଦୀପ ସାହୁ ଓ ରଶ୍ମିତା ସାହୁ ପ୍ରମୁଖଙ୍କ ସହ ବିଭିନ୍ନ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ।

# ଜେଏମ୍‌ଏଫ୍‌ସି କୋର୍ଟ ପ୍ରତିଷ୍ଠା ନେଇ ଦାବିପତ୍ର



**ବାରିପଦା,୨୧।୧/ଏନ୍ଏନ୍ଏସ୍:** ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ୍ ଅନ୍ତର୍ଗତ ଚିରଅବହେଳିତ ଶରତଠାରେ ବିଚାର ବିଭାଗୀୟ ପ୍ରଥମ ଶ୍ରେଣୀ ଅଦାଲତ(ଜେଏମ୍‌ଏଫ୍‌ସି) କୋର୍ଟ ପ୍ରତିଷ୍ଠା ନେଇ ଶରତ ବିକାଶ ମଞ୍ଚ ଦାବି କରିଛି। ଏଥିଲାଗି ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କୁ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଉକ୍ତ ଦାବିପତ୍ରରେ ଦର୍ଶାଯାଇଛି ଯେ ଶରତରେ ଜେଏମ୍‌ଏଫ୍‌ସି ଅଦାଲତ ସ୍ଥାପନ ହେବାକୁ ନେଇ ଶରତ ବିକାଶ ମଞ୍ଚ ଏବଂ ଶରତ ଅଞ୍ଚଳବାସୀଙ୍କ ପକ୍ଷରୁ ବାରମ୍ବାର ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଜିଲ୍ଲା ପ୍ରଶାସନ ଏହି ଦାବିପତ୍ରକୁ ତଓଡ଼ିଶା ଆଇନ ପ୍ରାଧୀକରଣ ବିଭାଗ, ଭୁବନେଶ୍ୱରକୁ ପଠାଇଥିଲେ। ଉକ୍ତ ଦାବିକୁ ଅତ୍ୟନ୍ତ ଗୁରୁତ୍ୱ ପ୍ରଦାନ କରି ଓଡ଼ିଶା ଆଇନ ପ୍ରାଧୀକରଣ ଓଡ଼ିଶା ହାଇକୋର୍ଟଙ୍କୁ ଏହା ଉପରେ ସବିଶେଷ ବିଚାର କରିବା ନିମନ୍ତେ ନିବେଦନ ପତ୍ର ପଠାଇଥିଲେ। ମାନ୍ୟବର ହାଇକୋର୍ଟ ଶରତରେ କୋର୍ଟ ପ୍ରତିଷ୍ଠା ହେବାକୁ ନେଇ ନିଷ୍ପତ୍ତି ଗ୍ରହଣ କରିବା ପରେ ଭିତ୍ତିଭୂମିର ଆବଶ୍ୟକତା ଉପରେ ସର୍ଭେ କରିବା ନିମନ୍ତେ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଭିତ୍ତିଭୂମିର ଆବଶ୍ୟକତା ଉପରେ ସର୍ଭେ ହେବା ପରେ ମଧ କୋର୍ଟ ପ୍ରତିଷ୍ଠା ହେବାକୁ ନେଇ ଅତ୍ୟନ୍ତ ବିଳମ୍ବ ହେଉଥିବା ଅଭିଯୋଗ କରାଯାଇଛି। ଶରତ ଅଞ୍ଚଳରେ କୋର୍ଟ ପ୍ରତିଷ୍ଠା ହୋଇପାରିଲେ ଗରିବ ଆଦିବାସୀ ତଥା ସାଧାରଣ ଜନତା ସ୍ୱଳ୍ପ ଖର୍ଚ୍ଚରେ ଉପକୃତ ହୋଇପାରିବେ ବୋଲି ଦାବିପତ୍ରରେ ନିବେଦନ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ଅଧିବକ୍ତା ଅମର କୁମାର ତଶ୍ନିୱାଲ, ଶରତ ବିକାଶ ମଞ୍ଚ ସଭାପତି ଗାମାଏ ରୀମିଲ ସିଂ ଗୋଇପାଇ, ସମ୍ପାଦକ କୁସୁନୁ ଗିଲୁଆ, ଯୁବନେତା ଜାମାଦାର ବାଲମୁଚୁ, ସମାଜସେବୀ ଗୋପୀନାଥ ବଦ୍ରା ଓ ନାଏବ ସରପଞ୍ଚ ଦୁଲାରାମ ବାନାରାଓ ଆରୁଲ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।

**AFFIDAVIT**

By virtue of an affidavit sworn before Notary Public, Bhubaneswar, Odisha dated 21.01.2025 I, Huensa Jena, S/o Trinath Jena, resident of VTC-Berhampur, P.O-Berhampur, Dist.-Puri, PIN-752011, Odisha have changed my daughter's name from Swayamshree Jena to **Pratikhya Priyali Jena**. Henceforth she will be known as **Pratikhya Priyali Jena** for all purpose. (Huensa Jena)

**AFFIDAVIT**

By virtue of an affidavit sworn before Notary Public, Bhubaneswar, Odisha dated 21.01.2025 I, Ajit Kumar Muduli, S/o Kalandi Muduli, resident of Salia Sahi, Tarini Nagar, VTC-Regional Research Laboratory, P.O-R.R.L., Nayapalli, Bhubaneswar, Dist-Khordha PIN-751013, Odisha have changed my daughter's name from Asmin Muduli to **Jashmini Muduli**. Henceforth she will be known as **Jashmini Muduli** for all purpose. (Ajit Kumar Muduli)

**AFFIDAVIT**

By virtue of an affidavit sworn before the Executive Magistrate, Niali; I Pritichhanda Paital D/o Sukanta Kumar Paital, resident of Village- Badhiasahi, P.O.- Kasarda, P.S.- Niali, Dist.- Cuttack, 754105 hereby declare that in my Aadhaar Card vide No- 6425 8302 5687 my name has been recorded as Pritichhanda Paital D/o Sukanta Kumar Paital but in the Fixed Deposit Accounts in Punjab National Bank, Link Road, Cuttack (Oriental Bank of Commerce) vide Account No. 08683011003400 & A/c No. 08683011003417 my name recorded as Pallavi Paital which is my nick name. So both names Pritichhanda Paital & Pallavi Paital is one & same person & belong to me. That, this affidavit is made to be submitted before the Manager, PNB, Link Road, Cuttack regarding differences of my name for withdrawal of maturity amount from the above mentioned two accounts.

**AFFIDAVIT**

By virtue of an affidavit sworn before the Executive Magistrate, Kanika; I Shubhasri Muduli W/o Abinash Muduli, resident of Vill-Makundapur, P.O.- Achyutpur, P.S.- Rajkanika, Dist.- Kendrapara hereby declare that the actual name of my daughter is Anshita Muduli and the same has been recorded in her Educational Certificate/records & also in her Birth Certificate vide Regd No. 90/2015 issued by Registrar, Birth/Death C.H.C. Rajkanika. But in her Sukanya Samriddhi Yojana Passbook in Rajkanika Sub - Post Office bearing A/C No. 3323331264 her name has wrongly been recorded as Ankshita Muduli instead of her actual name i.e. Anshita Muduli. That, now I want a correction of my daughter's name and to record as Anshita Muduli in place of Ankshita Muduli in her above mentioned Postal SSY account.

**କବଲା ଏବଂ ପଟ୍ଟା ହଜିଛି**

[illegible]

C-1517

**OFFICE OF THE NOTIFIED AREA COUNCIL, GUDARI**
**AT/PO/PS-GUDARI, DISTRICT-RAYAGADA, PIN-765026**
Email id: gudarin.hud@nic.in, web-www.gudarinac.in

Letter No. 59/NAC Date : 20.01.2025

**e-Tender Call Notice**
**Tender Reference No-GUD-NAC-02/2024-25**

1. Type of Work : Civil work, 2. Total no of works : 01 (01) nos of individual works, 3. Estimated cost Rs.59.21 Lakh, 4. Period of Completion : (06) Six Months, 5. Date and Time of Bid document available in website : 5.30 PM of 21.01.2025 to 5.30 PM of 07.02.2025, 6. The last date / time for receipt of bid in the portal : up to 5.30 PM of 07.02.205, 7. Date of opening technical and financial bid : 11.30 AM of 10.02.2025, 8. Name and address of the Officer invited bid : Executive Officer, NAC Gudari, Further details can be seen from the e-procurement portal www.tendersodisha.gov.in

Sd/- Executive Officer
NAC Gudari

OIPR-13184/11/0003/2425

E-698

**TENDER NOTICE FOR OFFICE STATIONARY & CONSUMABLE ITEMS OF FMMC&H, BALASORE (2024-25)**
Tender No. 232/S/FMMCHB Date: 20.01.2025

FMMC&H, Balasore invites sealed Tender from registered / Agencies / Company for Office stationary & Consumable items for FMMC&H, Balasore. The proposal in the prescribed format along with all supportive documents should reach to the Office of the Superintendent, Remuna, FMMCH, Balasore by Dt.05.02.2025 upto 5pm through Registered post / speed post / courier only and the same will be opened on dt.06.02.2025, 11 am at Office chamber of Superintendent, Remuna, FMMCH, Balasore. Application from as well as other details will be available and downloaded from district website www.baleswar.nic.in / www.blsmch.nic.in. Authority reserves every rights to reject all or any of the tender without assign any reason thereof.

Sd/- Superintendent
FMMC&H, Balasore

OIPR-10134/11/0030/2425

# ସିରୁଳି ମହାବୀର ମନ୍ଦିର ହୁଣ୍ଡିରୁ ଚୋରି



**ପୁରୀ,୨୧।୧/ଏନ୍ଏନ୍ଏସ୍:** ସିରୁଳି ମହାବୀର ମନ୍ଦିର ହୁଣ୍ଡିରୁ ଗତକାଲି ବିଳମ୍ବିତ ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଗତକାଲି ମହାପ୍ରଭୁଙ୍କ ସନ୍ଧ୍ୟାଆଳତି ପରେ ଦୈନନ୍ଦିନ ର ନୀତିକାନ୍ତି ସମ୍ପନ୍ନ ହୋଇ ରାତ୍ର ପହୁଡ଼ ୧୦ଟା ୩୦ରେ ହୋଇଥିଲା। ଗତକାଲି ପାଳିଆ ସେବାୟତ ମନ୍ଦିର ବନ୍ଦ କରି ଯାଇଥିଲେ। କିନ୍ତୁ ଆଜି ସକାଳେ ପାଳିଆ ସେବାୟତ ମନ୍ଦିର ଖୋଲି ଭିତରକୁ ପ୍ରବେଶ କରିଦେଖିଥିଲେ ହୁଣ୍ଡୀ ଭଙ୍ଗା ଯାଇଛି। ସେମାନେ ସଙ୍ଗେ ସଙ୍ଗେ ମନ୍ଦିର କମିଟି ଚନ୍ଦନପୁର ଥାନାକୁ ଏନେଇ ଖବର ଦେଇଥିଲେ। ଘଟଣା ସ୍ଥଳରେ ଚନ୍ଦନପୁର ପୁଲିସ ପହଞ୍ଚି ତଦନ୍ତ କରୁଥିବା ବେଳେ ଘଟଣା ସ୍ଥଳରେ ମାଜିଷ୍ଟ୍ରେଟ୍ ଉପସ୍ଥିତ ଥିଲେ। ତେବେ ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଖୁବ୍ ଶୀଘ୍ର ଦୁର୍ବୃତ୍ତଙ୍କୁ ଧରାଯିବ ବୋଲି ଏସ୍‌ପି ଭିନୀତ ଅଗ୍ରୱାଲ ପ୍ରକାଶ କରିଛନ୍ତି।

ବାଲାଂଦେଶ ନାବାଳିକା ଯୌନ ନିର୍ଯାତନା ମାମଲା

# ଦୁଇ ମୁଖ୍ୟ ଅଭିଯୁକ୍ତ ଗିରଫ

**କଟକ,୨୧।୧/ଏନ୍ଏନ୍ଏସ୍:** ବାଂଲାଦେଶ ନାବାଳିକା ଯୌନ ନିର୍ଯାତନା ମାମଲାରେ ଦୁଇ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛି କଟକ କମିଶନରେ ପୁଲିସ। ଅଭିଯୁକ୍ତଦ୍ୱୟ ହେଲେ ଗୋପୀ ଓରଫ ରଜନୀକାନ୍ତ ବେହେରା ଓ ଡି. ଶିବ କୁମାର ଦୋରା। ଏହି ମାମଲାରେ ପୂର୍ବରୁ ୪ ଜଣ ଗିରଫ ହୋଇଥିଲେ। ତେବେ ଘଟଣା ପଛରେ ଏକ ର୍‍ୟାକେଟ କାମ କରୁଛି ଓ ଆହୁରି ଅନେକ ଲୋକ ଏଥିରେ ସମ୍ପୃକ୍ତ ଥିବା ପୁଲିସ ସନ୍ଦେହ କରିଛି। ପ୍ରକାଶ ଯେ, ବାଂଲାଦେଶୀ ନାବାଳିକାଙ୍କୁ ଭାରତରେ ଚାକିରି ଦେବାର ଲୋଭ ଦେଖାଇ ଦୁଇ ଜଣ ଦଲାଲ ପଶ୍ଚିମବଙ୍ଗ ବାଟ ଦେଇ ଓଡ଼ିଶା ଆଣିଥିଲେ। ସେମାନେ ନାବାଳିକାଙ୍କୁ ଦେହ ବ୍ୟବସାୟରେ ନିୟୋଜିତ କରିଥିବା ଅଭିଯୋଗ ହୋଇଥିଲା। ଏନେଇ ଅଭିଯୋଗ ହେବା ପରେ ପୁଲିସ ଘଟଣାର ଖୋଳତାଡ଼ କରିଥିଲା। ପୀଡ଼ିତାଙ୍କ ବୟାନ ଆଧାରରେ ଗତ ନଭେମ୍ବର ମାସ ୯ ତାରିଖରେ ୫ ଜଣ ଦଲାଲଙ୍କ ବିରୋଧରେ ମଧୁପାଟଣା ଥାନାରେ ମାମଲା ରୁଜୁ ହୋଇଥିଲା। ପୂର୍ବରୁ ବାଂଲାଦେଶୀ ନାବାଳିକା ଉଦ୍ଧାର ଘଟଣାରେ ମହିଳା ମାଷ୍ଟର ମାଇଣ୍ଡ୍ ବାରିପଦାରୁ ଗିରଫ ହୋଇଥିଲେ। ସମ୍ପୃକ୍ତ ମହିଳା ଅଭିଯୁକ୍ତ ନାବାଳିକାଙ୍କୁ ଦେହ ବ୍ୟବସାୟରେ ନିୟୋଜିତ କରୁଥିବା ଜଣାପଡ଼ିଥିଲା। କମିଶନ୍‌ରେଟ୍ ପୁଲିସ ଏହି ମାମଲାରେ ଅଧିକ ତଥ୍ୟ ପାଇଁ ମହିଳାଙ୍କ ଟିଆଇ ପରେଡ୍ କରିଥିଲା। ଆହୁରି ମଧ୍ୟ ବାଂଲାଦେଶ ହାଇକମିଶନରଙ୍କୁ ନାବାଳିକାଙ୍କ ସଂକ୍ରାନ୍ତରେ ଚିଠି ଲେଖିଥିଲା କମିଶନରେଟ୍ ପୁଲିସ। ଅପରପକ୍ଷରେ ଏବେ ବି ନାବାଳିକା ଜଣକ ପୁଲିସ ତତ୍ତ୍ୱାବଧାନରେ କଟକରେ ଥିବା ବେଳେ ଖୁବ୍ ଶୀଘ୍ର ତାଙ୍କୁ ବାଂଲାଦେଶକୁ ପଠାଯିବ ବୋଲି କହିଛନ୍ତି କଟକ ଡିସିପି ଜଗମୋହନ ମୀନା।

# ମାଲବାହୀ ଅଟୋକୁ ଧକ୍କାଦେଲା ଅଜଣା ଗାଡ଼ି, ହେଲ୍‌ପର୍‌ଙ୍କ ମୃତ୍ୟୁ

**କଟକ,୨୧।୧/ଏନ୍ଏନ୍ଏସ୍:** ଟାଙ୍ଗୀ ନିକଟସ୍ଥ ଟୋଲଗେଟ ପାଖରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ପୂର୍ବାହ୍ନରେ ଛତିଆରୁ କଟକ ଅଭିମୁଖେ ଏକ ମାଲବାହୀ ଅଟୋ ଆସୁଥିଲା। ଏକ ଅଜଣା ଗାଡ଼ିକୁ ପଛରୁ ମାଲବାହୀ ଅଟୋକୁ ଧକ୍କା ଦେଇଥିଲା। ଫଳରେ ଗାଡ଼ି ଭିତରେ ଚାପି ହୋଇ ହେଲ୍‌ପର୍‌ଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଦୁର୍ଘଟଣା ସମ୍ପର୍କରେ ଖବର ପାଇ ରାଜପଥ ପୁଲିସ ଘଟଣା ସ୍ଥଳରେ ପହଞ୍ଚିଥିଲା। ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଗାଡ଼ିର ଆଗଭାଗକୁ କାଟି ହେଲପର ଜଣକୁ ଉଦ୍ଧାର କରିଥିଲା। ତେବେ ତାଙ୍କ ପରିଚୟ ଜଣାପଡ଼ିନାହିଁ। ଏହାପରେ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ପୁଲିସ କଟକ ବଡ଼ ମେଡ଼ିକାଲକୁ ପଠାଇଛି। ଦୁର୍ଘଟଣା ପରେ ଘଟଣା ସ୍ଥଳରୁ ଅଟୋ ଚାଳକ ଫେରାର ହୋଇଯାଇଥିବା ସୂଚନା ମିଳିଛି। ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

# କୃଷକ ନେତାଙ୍କ ସ୍ମୃତିସଭା

**କଟକ,୨୧।୧/ଏନ୍ଏନ୍ଏସ୍:** ସିପିଆଇଏମ୍‌ର ପୂର୍ବତନ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ତଥା ଓଡ଼ିଶାର ବିଶିଷ୍ଟ କୃଷକ ନେତା ଜଗନ୍ନାଥ ମିଶ୍ରଙ୍କ ସ୍ମୃତି ପ୍ରତି ଶ୍ରଦ୍ଧା ନିବେଦନ କରିବା ପାଇଁ ଆଜି ସ୍ଥାନୀୟ ଏସ୍ ଏନ୍ ସରକାର ସ୍ମୃତି ସଦନରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ସିପିଏମ୍ ପକ୍ଷରୁ ଆୟୋଜିତ ଏହି ସଭାରେ କଟକ ଜିଲ୍ଲାର ବରିଷ୍ଠ ନେତା ରବିନାରାୟଣ ମଲ୍ଲିକ୍ ସଭାପତିତ୍ୱ କରିଥିଲେ। ଦଳର ପୂର୍ବତନ ରାଜ୍ୟ ସମ୍ପାଦକ ଜନାର୍ଦ୍ଦନ ପତି ଜଗନ୍ନାଥ ମିଶ୍ରଙ୍କର ଦୀର୍ଘ ୫୫ ବର୍ଷର ନିଃସ୍ୱାର୍ଥପର ତ୍ୟାଗପୂତ ଜୀବନର ସ୍ମୃତି ଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିପିଆଇ ନେତା ଅମରେନ୍ଦୁ ମହାନ୍ତି, ବିନୋଦ ବେହେରା ଓ କେଶବ ଷଡ଼ଙ୍ଗୀ ପ୍ରମୁଖ ଯୋଗ ଦେଇଥିଲେ।

# ଗ୍ରୀଷ୍ମ ପ୍ରବାହରେ ଶ୍ରଦ୍ଧାଳୁଙ୍କ ପାଇଁ ବିବିଧ ବ୍ୟବସ୍ଥାର ସମୀକ୍ଷା

**ପୁରୀ,୨୧।୧/ଏନ୍ଏନ୍ଏସ୍:** ଆଗାମୀ ଗ୍ରୀଷ୍ମ ପ୍ରବାହରେ ଶ୍ରୀମନ୍ଦିରକୁ ଆସିବାକୁ ଥିବା ଶ୍ରଦ୍ଧାଳୁଙ୍କୁ ସୁବିଧା ଯୋଗାଇ ଦେବାକୁ ବିବିଧ ବ୍ୟବସ୍ଥା କରୁଛି ପ୍ରଶାସନ। ଆଜି ଅପରାହ୍ନରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ସଭାଗୃହ ପରିସରରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏଥିରେ ଅଧ୍ୟକ୍ଷତା କରିବା ସହ କହିଥିଲେ ଯେ ଶ୍ରଦ୍ଧାଳୁମାନେ ଯେପରି ଖରାରେ ହଇରାଣ ନ ହୋଇ ଏକ ସୁଖଦ ଅନୁଭବ ନେଇ ଫେରିବେ ସେଥିପାଇଁ ଆମେ ସମସ୍ତେ ଯତ୍ନବାନ ହେବା ଆବଶ୍ୟକ। ସମସ୍ତ ବିଭାଗ ଅତ୍ୟନ୍ତ ନିଷ୍ଠାର ସହ ସେମାନଙ୍କ ବିଭାଗର ଦାୟିତ୍ୱକୁ ସେଠାରେ ନିର୍ବାହ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଗ୍ରୀଷ୍ମ ପ୍ରବାହ ସମୟରୁ ବର୍ଷା ଋତୁ ପର୍ଯ୍ୟନ୍ତ ପାନୀୟ ଜଳର ବ୍ୟବସ୍ଥା ଓ ଜଳ ସିଞ୍ଚନ ବ୍ୟବସ୍ଥା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ।



ଛାଇ ବ୍ୟବସ୍ଥା କରିବା, ପାନୀୟ ଜଳ ବ୍ୟବସ୍ଥା, ତଳେ ମ୍ୟାଟ ବ୍ୟବସ୍ଥା, ଚିକିତ୍ସା ବ୍ୟବସ୍ଥା, ପରିଷ୍କାର ପରିଚ୍ଛନ୍ନତା ବ୍ୟବସ୍ଥା, ଶୌଚାଳୟ ବ୍ୟବସ୍ଥା, ଆଇନ ଶୃଙ୍ଖଳା ବ୍ୟବସ୍ଥା, ସ୍ୱେଚ୍ଛାସେବୀ ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ବିଷଦ ଆଲୋଚନା କରାଯାଇଥିଲା। ସେହିପରି ମନ୍ଦିର ପ୍ରଶାସନ ପକ୍ଷରୁ ଡାକବାଜି ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ ଓ ପରିବ୍ୟାପ୍ତ କରାଯିବାକୁ ପରାମର୍ଶ ଦିଆଯାଇଥିଲା। ଯାହା ଫଳରେ ହଜୁଥିବା ଓ ତାଙ୍କୁ ଖୋଜୁଥିବା ଶ୍ରଦ୍ଧାଳୁମାନଙ୍କୁ ଶୀଘ୍ର ମିଳିବା ସମ୍ଭବ ହେବ। ଏସ୍‌ପି ବିନୀତ ଅଗ୍ରୱାଲ ଶୃଙ୍ଖଳା ରକ୍ଷା ସହ ଶ୍ରଦ୍ଧାଳୁମାନଙ୍କ ସୁବିଧା ପ୍ରତି ସମ୍ମିଳିତ ଭାବେ ଉଦ୍ୟମ କରିବାକୁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡଃ ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ୍ ନୀଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଦେବେନ୍ଦ୍ର ସାହୁ, ଉପଜିଲ୍ଲାପାଳ ରାଜ କିଶୋର ଜେନା, ଅତିରିକ୍ତ ଉପଜିଲ୍ଲାପାଳ ନୀଳମାଧବ ମାଝୀ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ରଶ୍ମି ରଞ୍ଜନ ସାହୁ, ଡେପୁଟି କଲେକ୍ଟର ପ୍ରଶାନ୍ତ କୁମାର ଜେନା, ମନୀଷା ଷଡ଼ଙ୍ଗୀ, ମ୍ୟୁନିସିପାଲଟି ଏନ୍‌ଫୋର୍ସମେଣ୍ଟ୍ ଅଫିସର୍ ଦେବାଶିଷ ନାୟକ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ଝାଡ଼ାବାନ୍ତିରେ ୪ ଜଣଙ୍କ ମୃତ୍ୟୁ ଅଭିଯୋଗ

# ପ୍ରଭାବିତ ଅଞ୍ଚଳ ଗସ୍ତକଲେ ଜିଲ୍ଲାପାଳ

**ପୁରୀ,୨୧।୧/ଏନ୍ଏନ୍ଏସ୍:** କଣାସ ଅଞ୍ଚଳରେ ଝାଡ଼ାବାନ୍ତିରେ ୪ ଜଣଙ୍କ ମୃତ୍ୟୁ ଅଭିଯୋଗ ଘଟଣା ପରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଆଜି ପ୍ରଭାବିତ ଅଞ୍ଚଳ ଗସ୍ତ କରିଛନ୍ତି। ଦୟାନଦୀ ଜଳ ଆଦୌ ବ୍ୟବହାର ନ କରିବାକୁ ନଈକୂଳିଆ ଗ୍ରାମବାସୀଙ୍କୁ ପରାମର୍ଶ ଦିଆଯାଇଛି।

ଜିଲ୍ଲାପାଳ କହିଛନ୍ତି ଯେ ଦୟାନଦୀ ଜଳ ବିଶୋଧନ କରାଯିବ। ମେଡ଼ିକାଲ ଟିମ୍ ସେଠାରେ ମୁତୟନ ଅଛନ୍ତି। ଏଥିସହ ଆମ୍ବୁଲାନ୍ସ ମଧ୍ୟ ଘଟଣା ସ୍ଥଳରେ ମୁତୟନ ରହିଛି। ଜିରୋ ନିୟନ୍ତ୍ରଣ ପର୍ଯ୍ୟନ୍ତ ପରିସ୍ଥିତି ଉପରେ ନଜର ରଖାଯାଇଛି। ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ଟ୍ୟାଙ୍କର ମାତ୍ରା ବୃଦ୍ଧି କରାଯାଇଛି। ଘଟଣା ସ୍ଥଳକୁ ଏଡିଏମ୍‌ଓ ଓ ଭେଷଜ ବିଶେଷଜ୍ଞ ଯାଇଛନ୍ତି। ଦୟାନଦୀ ଜଳ ପରୀକ୍ଷା ପରେ ସମ୍ପୂର୍ଣ୍ଣ ପ୍ରଦୁଷିତ ଓ ପାନୀୟ ଉପଯୋଗୀ ନୁହେଁ ଜଣାପଡ଼ିବା ପରେ ଦୟାନଦୀ ଜଳ ଆଦୌ ବ୍ୟବହାର ନ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ଦୟାନଦୀ କୂଳରେ ବାଡ଼ ପକାଯାଉଛି। କଣାସ ବ୍ଲକ ଗଡ଼ିଶାଗୋଡା ପଞ୍ଚାୟତ ଅନ୍ତର୍ଗତ ନୂଆଗାଁ ଓ ଗୋପୀନାଥପୁର ପଞ୍ଚାୟତ ଅନ୍ତର୍ଗତ ଜାଗୁଳାଇପଦର ଅଧିକ ପ୍ରଭାବିତ ହୋଇଛି। ଘଟଣା ସ୍ଥଳରୁ ପାଣି ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଇଛି। ସ୍ୱାସ୍ଥ୍ୟ କର୍ମୀ, ଆଶା ଓ ଅଙ୍ଗନବାଡି କର୍ମୀ ନୂଆଗାଁ, ଜାଗୁଳାଇପଦର, ନଈକୂଳପାଟଣା ଗାଁର ଘରୁ ଘର ଯାଇ ତଥ୍ୟ ସଂଗ୍ରହ କରୁଛନ୍ତି।

# ୨୦ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କୁ ରାଜ୍ୟପାଳ ପଦକ

**କଟକ,୨୧।୧/ଏନ୍ଏନ୍ଏସ୍:** ଆସନ୍ତା ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ରାଜ୍ୟ ପୁଲିସ ବିଭାଗର ୨୦ ଅଧିକାରୀ ଓ କର୍ମଚାରୀଙ୍କୁ ରାଜ୍ୟପାଳ ପଦକ ପ୍ରଦାନ କରାଯିବ। ପ୍ରଥମ ବର୍ଗରେ ଆଇଜି ଡ଼ ଦୀପକ କୁମାର, ଡିଆଇଜି ଡ଼ ସାର୍ଥକ ଷଡଙ୍ଗୀ, ଦ୍ୱିତୀୟ ବର୍ଗରେ ଝାରସୁଗୁଡ଼ା ଏସ୍‌ପି ପରମାର ସ୍ମିତ ପୁରଷୋତ୍ତମ ଦାସ, ଓଏସ୍‌ଏପି ଷଷ୍ଠ ବାଟାଲିୟନ କମାଣ୍ଡାଣ୍ଟ ସୂର୍ଯ୍ୟନାରାୟଣ ମଲ୍ଲିକ, ତୃତୀୟ ବର୍ଗରେ ଭିଜିଲାନ୍ସ ଅତିରିକ୍ତ ଏସପି ସୁଶାନ୍ତ କୁମାର ବିଶ୍ୱାଳ, ଗଞ୍ଜାମ ଅତିରିକ୍ତ ଏସ୍‌ପି ରାଜୀବ ଲୋଚନ ପଣ୍ଡା, ଚତୁର୍ଥ ବର୍ଗରେ ଇନ୍ସପେକ୍ଟର ଶ୍ରଦ୍ଧାଞ୍ଜଳି ପଣ୍ଡା, ଅନିଲ କୁମାର ମିଞ୍ଜ, ତୁଷାରକାନ୍ତ ମହାପାତ୍ର, ପଞ୍ଚମ ବର୍ଗରେ ସବ ଇନ୍ସପେକ୍ଟର ସୁବାସ ଚନ୍ଦ୍ର ପଣ୍ଡା, କ୍ଷୀରୋଦ ଚନ୍ଦ୍ର ବାଗ, ମନୋରଞ୍ଜନ ସାମଲ, ଷଷ୍ଠ ବର୍ଗରେ ଏଏସଆଇ ରବୀନ୍ଦ୍ରନାଥ ଜେନା, ବିଷ୍ଣୁ କୁମାର ବୁରା, ହାବିଲଦାର ମନୋଜ କୁମାର ଜେନା, ସପ୍ତମ ବର୍ଗରେ କନ୍‌ଷ୍ଟେବଳ ପ୍ରମୋଦ କୁମାର ମହନ୍ତ, ଚିତ୍ତରଞ୍ଜନ ସାହୁ, ଅର୍ଜୁନ କୁମାର ଜେନା, ଅଶ୍ୱିନୀକାନ୍ତ ସାହୁ, ସିପାହୀ ଅମିତ କୁମାର ମଲ୍ଲିକ ପ୍ରମୁଖ ମନୋନୀତ ହୋଇଛନ୍ତି। ଏ ସମ୍ପର୍କରେ ମଙ୍ଗଳବାର ପୁଲିସ ମୁଖ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ଖୋର୍ଦ୍ଧା ଜିଲ୍ଲା କନିଷ୍ଠ ଇଣ୍ଟ୍ରାକ୍ଲବ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ବ୍ଲୁ ବାର୍ଡ କ୍ଲବ୍, ଗୁରୁଜଙ୍ଗ ବିଜୟୀ



**ଖୋର୍ଦ୍ଧା,୨୧।୧/ଏନ୍ଏନ୍ଏସ୍:** ଓଡ଼ିଶା କ୍ରିକେଟ ଆସୋସିଏସନ୍‌ର କାର୍ଯ୍ୟକ୍ରମ ଅନୁଯାୟୀ ଖୋର୍ଦ୍ଧା ଜିଲ୍ଲା କନିଷ୍ଠ ଇଣ୍ଟ୍ରା କ୍ଲବ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ବିଜେବି ହାଇସ୍କୁଲ ପଡିଆ ମିନି ଷ୍ଟାଡିୟମରେ କ୍ରିକେଟ ଆସୋସିଏସନ୍ ଅଫ ଦି ଡିଷ୍ଟ୍ରିକ୍ଟ ଆନୁକୂଲ୍ୟରେ ଜାରି ରହିଛି। ଟୁର୍ଣ୍ଣାମେଣ୍ଟ୍‌ର ଷଷ୍ଠ ଦିବସରେ ବ୍ଲୁ ବାର୍ଡ କ୍ଲବ୍, ଗୁରୁଜଙ୍ଗ ଜଟଣୀ କ୍ରିକେଟ ଏକାଡେମିକୁ ୨୪୨ ରନ ରେ ପରାସ୍ତ କରିଛି। ଟସ୍‌ରେ ବିଜୟୀ ହୋଇ ଗୁରୁଜଙ୍ଗ ଦଳ ପ୍ରଥମେ ବ୍ୟାଟିଂ କରି ୪୦ ଓଭରରେ ୮ ୱିକେଟ୍ ହରାଇ ୨୮୫ ରନ କରିଥିଲା। ଦଳ ତରଫରୁ ନିକଟରେ ଓଡ଼ିଶା ୧୯ ବର୍ଷରୁ କମ୍ ଦଳରେ ସ୍ଥାନ ପାଇଥିବା ରୁଦ୍ର ପ୍ରସାଦ ମଲ୍ଲିକ ୭୭ ବଲରୁ ୧୫୦ ରନ(୧୪ ଚଉକା ଓ ୧୨ ଛକା)ସଂଗ୍ରହ କରିଥିଲେ। ଜବାବ୍‌ରେ ଜଟଣୀ ଦଳ ଦଳ ୧୪ ସମସ୍ତ ୱିକେଟ୍ ହରାଇ ମାତ୍ର ୪୩ ରନ କରିଥିଲେ। ଗୁରୁଜଙ୍ଗ ଦଳ ତରଫରୁ ଆଶୁତୋଷ ସିଂ ୭ ଓଭର୍‌ରେ ୧୪ ରନ୍ ବ୍ୟୟ କରି ୭ଟି ୱିକେଟ ସଂଗ୍ରହ କରିଥିଲେ। ଖେଳକୁ ପ୍ରୀତିରଞ୍ଜନ ବିଜୟ ସିଂହ ଓ ଚନ୍ଦ୍ର ମୋହନ ବରାଳ ପରିଚାଳନା କରିଥିବା ବେଳେ ସ୍କୋରର୍ ରୂପେ ଜିତେନ୍ଦ୍ର ସେନାପତି ଦାୟିତ୍ୱରେ ଥିଲେ। ସୌମେନ୍ଦ୍ର ମହାନ୍ତି ମ୍ୟାଚ୍ ରେଫରୀ ଭାବେ ଓ ରୋହିତ ରଞ୍ଜନ ରାୟ ଏବଂ ଅବ୍ୟକ୍ତ ହରିହର ଖାଡଙ୍ଗା ଏହି ମ୍ୟାଚ୍‌ର ସଂଯୋଜକ ରୂପେ କାର୍ଯ୍ୟ କରିଥିଲେ। ବିଜେବି ହାଇସ୍କୁଲ ପଡ଼ିଆରେ ଜିଲ୍ଲାସ୍ତରୀୟ ପରେଡ୍ ଅଭିବାଦନ ଥିବାରୁ ଏହି ଟୁର୍ଣ୍ଣାମେଣ୍ଟର ପରବର୍ତ୍ତୀ ପର୍ଯ୍ୟାୟ ଆସନ୍ତା ୨୯ ତାରିଖ ଠାରୁ ଆରମ୍ଭ ହେବ ବୋଲି ଚଣ୍ଡୀ ପ୍ରସାଦ ଆଚାର୍ଯ୍ୟ ଜଣାଇଛନ୍ତି।

# ସାମ୍ବାଦିକ ବନବିହାରୀ ମହାନ୍ତି ସମ୍ମାନ ପାଇବେ ସୁଧାଂଶୁ ଆଚାର୍ଯ୍ୟ

**କଟକ,୨୧।୧/ଏନ୍ଏନ୍ଏସ୍:** ଚଳିତ ବର୍ଷର ମର୍ଯ୍ୟାଦାଜନକ ସାମ୍ବାଦିକ ବନବିହାରୀ ମହାନ୍ତି ସ୍ମୃତି ସମ୍ମାନ ପାଇବେ ଯୁବ ସାମ୍ବାଦିକ ସୁଧାଂଶୁ ଆଚାର୍ଯ୍ୟ। ବନବିହାରୀ ମହାନ୍ତି ଫାଉଣ୍ଡେସନ ଓ କଟକ ପ୍ରେସ୍‌କ୍ଲବ ପକ୍ଷରୁ ଏନେଇ ଆଜି ଘୋଷଣା କରାଯାଇଛି। ଶ୍ରୀ ଆଚାର୍ଯ୍ୟ ୧୪ବର୍ଷରୁ ଊର୍ଦ୍ଧ୍ୱକାଳ ରାଜ୍ୟର ବିଭିନ୍ନ ପ୍ରମୁଖ ଓଡ଼ିଆ ସମ୍ବାଦପତ୍ରରେ ସ୍ୱଚ୍ଛ, ନିରପେକ୍ଷ ତଥା ମୂଲ୍ୟଭିତ୍ତିକ ସମ୍ବାଦ ପରିବେଷଣ କରିଆସିଛନ୍ତି। ସାମ୍ବାଦିକତା ପ୍ରତି ବୃତ୍ତିଗତ ନିଷ୍ଠା, ଅଙ୍ଗୀକାରବଦ୍ଧତା ପାଇଁ ତାଙ୍କୁ ଏହି ମର୍ଯ୍ୟାଦାଜନକ ସମ୍ମାନ ପ୍ରଦାନ କରିବା ଲାଗି ଫାଉଣ୍ଡେସନ୍‌ର ଚୟନ କମିଟି ପକ୍ଷରୁ ଆୟୋଜିତ ଏକ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଆସନ୍ତା ୨୪ ତାରିଖ ସନ୍ଧ୍ୟାରେ ଚୌଧୁରୀବଜାରସ୍ଥିତ ପ୍ରେସ୍‌କ୍ଲବର ସମ୍ମିଳନୀ କକ୍ଷରେ ଫାଉଣ୍ଡେସନ୍ ଓ ପ୍ରେସ୍‌କ୍ଲବର ମିଳିତ ଆନୁକୂଲ୍ୟରେ ଏକ ଭବ୍ୟ ଉତ୍ସବ ଅନୁଷ୍ଠିତ ହେବ। ଏହି ଉତ୍ସବରେ ଶ୍ରୀ ଆଚାର୍ଯ୍ୟଙ୍କୁ ଉକ୍ତ ସମ୍ମାନ ପ୍ରଦାନ କରାଯିବ। ପୁରସ୍କାର ସ୍ୱରୂପ ୫ହଜାର ଟଙ୍କା, ମାନପତ୍ର, ଉପଢୌକନ ଓ ସ୍ମୃତିଫଳକ ପୂର୍ବକ ଏହି ସମ୍ମାନ ତାଙ୍କୁ ପ୍ରଦାନ କରାଯିବ। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ, ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡା.କୃଷ୍ଣ ଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ଭାବେ ବାରବାଟୀ-କଟକ ବିଧାୟିକା ଇଂ.ସୋଫିଆ ଫିର୍ଦ୍ଦୋଷ, ମୁଖ୍ୟବକ୍ତା ଭାବେ ସୂଚନା କମିଶନର ସୁଶାନ୍ତ କୁମାର ମହାନ୍ତି ଯୋଗଦେବେ ବୋଲି ଫାଉଣ୍ଡେସନ୍‌ର ମ୍ୟାନେଜିଂ ଟ୍ରଷ୍ଟି ଲକି ପ୍ରଜ୍ଞା ପ୍ରତିଷିତ ମହାନ୍ତି, ଟ୍ରଷ୍ଟି ତଥା ସାମ୍ବାଦିକ ଆଲୋକ ନାୟକ ଓ ବରିଷ୍ଠ ସାମ୍ବାଦିକ ପ୍ରଦୀପ ସାହୁ ଜଣାଇଛନ୍ତି।



# ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ୍ ପରେ କାର୍ଯ୍ୟାନୁଷ୍ଠାନ ନେଲେ ଏସ୍‌ପି



**ପୁରୀ,୨୧।୧/ଏନ୍ଏନ୍ଏସ୍:** ଶ୍ରୀମନ୍ଦିର ଭିତର ଭିଡିଓ ଭାଇରାଲ ଓ ଶ୍ରୀମନ୍ଦିରରେ ମୋବାଇଲ ବ୍ୟବହାର ନେଇ ପୁରୀ ଏସ୍‌ପି ପ୍ରତିକ୍ରିୟା ରଖିଛନ୍ତି। ଶ୍ରୀମନ୍ଦିର ଭିତର ଭିଡିଓ ଭାଇରାଲ କରିଥିବା ବ୍ୟକ୍ତିଙ୍କ ବିରୋଧରେ ଏକ ମାମଲା ରୁଜୁ କରି ପୁରୀ ପୁଲିସ ତଦନ୍ତ କରୁଛି। ଶ୍ରୀମନ୍ଦିରର ଭିତର ଭିଡିଓ ଭାଇରାଲ୍ କରିଥିବା ବ୍ୟକ୍ତିଙ୍କ ବିରୋଧ ରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ସେହିପରି ଗତକାଲି ଶ୍ରୀମନ୍ଦିର ନିକଟରେ ଜଣେ ବ୍ୟକ୍ତି ଡ୍ରୋନ୍ ଉଡ଼ାଉଥିବାବେଳେ ତାଙ୍କ ବିରୋଧରେ ମାମଲା ରୁଜୁ ହେବା ସହ ଡ୍ରୋନ୍ ଜବତ କରାଯାଇଛି। ଭକ୍ତମାନେ ମନ୍ଦିର ଭିତରେ ମୋବାଇଲ କିମ୍ବା କ୍ୟାମେରା ବ୍ୟବହାର ନ କରିବା ଲାଗି ପୁରୀ ଏସ୍‌ପି ନିବେଦନ କରିଛନ୍ତି। ସେହିପରି ଭକ୍ତଙ୍କୁ ସଚେତନ କରିବା ଲାଗି ପୁରୀ ପୁଲିସ ପକ୍ଷରୁ ଶ୍ରୀମନ୍ଦିର ନିକଟରେ ବିଭିନ୍ନ ସ୍ଥାନରେ ପୋଷ୍ଟର ମରାଯାଇଛି। ଶ୍ରୀମନ୍ଦିର ଭିତରେ କୌଣସି ଫଟୋ କିମ୍ବା ଭିଡିଓ ନ କରିବା ଲାଗି ଭକ୍ତଙ୍କୁ ସଚେତନ କରାଇଛନ୍ତି ପୁରୀ ଏସପି ବିନତି ଅଗ୍ରୱାଲ।

# ଗଣଶିକ୍ଷା ମନ୍ତ୍ରୀଙ୍କୁ ଭେଟିଲେ ପ୍ରକାଶକ ସଂଘ କର୍ମକର୍ତ୍ତା

**କଟକ,୨୧।୧/ଏନ୍ଏନ୍ଏସ୍:** ଓଡ଼ିଶା ପବ୍ଲିସର୍ସ ଆଣ୍ଡ ଟ୍ରେଡର୍ସ ଆସୋସିଏସନ୍‌ର କର୍ମକର୍ତ୍ତା ଓ ସଭ୍ୟମାନଙ୍କର ଏକ ପ୍ରତିନିଧି ମଣ୍ଡଳ ସମ୍ପାଦକ ଅଜିତ ମହାପାତ୍ର ଓ ସଦସ୍ୟ ପ୍ରତାପ ମାମଲଙ୍କ ନେତୃତ୍ୱରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ସାକ୍ଷାତ ଅବସରରେ ତାଙ୍କୁ ନବବର୍ଷ ଅଭିନନ୍ଦନ ଜଣାଇବା ସହ କେନ୍ଦ୍ରୀୟ ଅନୁଦାନରେ ଓସେପା ଦ୍ୱାରା ସ୍କୁଲ ପାଠାଗାର ପାଇଁ କିଣା ଯାଉଥିବା ପୁସ୍ତକର କ୍ରୟ ପ୍ରକ୍ରିୟାକୁ ସୁବ୍ୟବସ୍ଥିତ ଓ ସ୍ୱଚ୍ଛ କରିବାକୁ ଅନୁରୋଧ କରିଛନ୍ତି। ସୂଚନାଯୋଗ୍ୟ ଯେ ବିଗତ ବର୍ଷଗୁଡ଼ିକରେ ଏହି ବହି କିଣାରେ ବ୍ୟାପକ ଅନିୟମତା ଓ ପାତରଅନ୍ତର ହୋଇଥିବାର ଅଭିଯୋଗ ହେବା ସହ ସେ ସମ୍ପର୍କିତ ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ସେହି ସବୁ ଖବରର କିଛି ନକଲ ମଧ୍ୟ ମନ୍ତ୍ରୀକୁ ଦିଆଯାଇଛି। ଏହି କ୍ରୟ ପ୍ରକ୍ରିୟା ଅଧିକ ବ୍ୟବସ୍ଥିତ ହୋଇ ଭଲ ବହି କିଣାଗଲେ ସ୍କୁଲ ଛାତ୍ରଛାତ୍ରୀଙ୍କର ପୁସ୍ତକ ପ୍ରତି ରୁଚି ବୃଦ୍ଧି ପାଇବା ସହ ସେମାନଙ୍କ ପୁସ୍ତକ ପଠନ ପ୍ରତି ଆଗ୍ରହ ମଧ୍ୟ ବଢ଼ିପାରିବ। ଭଲ ବହି କିଣା ହେବାକୁ ହେଲେ ପୁସ୍ତକ କ୍ରୟ ପ୍ରକ୍ରିୟାରେ ଅଧିକରୁ ଅଧିକ ପ୍ରକାଶକଙ୍କୁ ସାମିଲ କରିବାକୁ ଏହି କ୍ରୟ ପ୍ରକ୍ରିୟାର ନିୟମକୁ କୋହଳ କରାଯିବା ଦରକାର। ଏହା ଫଳରେ ଅଧିକ ସଂଖ୍ୟାର ବହି ଚୟନ ସମିତି ସମ୍ମୁଖକୁ ଆସିବ ଏବଂ ଭଲ ଭଲ ବହି କିଣାଯାଇପାରିବ। କିନ୍ତୁ ଓସେପା କର୍ତ୍ତୃପକ୍ଷ ପୁସ୍ତକ କ୍ରୟ ନିୟମରେ ପ୍ରତିବର୍ଷ ପରିବର୍ତ୍ତନ ଓ କଠୋର କରି ବହୁ ପ୍ରକାଶକଙ୍କୁ ଏହି ପ୍ରକ୍ରିୟାରୁ ବାହାରେ ରଖିବାକୁ ଚେଷ୍ଟା କରୁଛନ୍ତି। ଏଣୁ କ୍ରୟ ନିୟମକୁ କୋହଳ କରିବା ସହ ଚୟନ ପ୍ରକ୍ରିୟାକୁ ଦୁଇସ୍ତରୀୟ କରି ୨ୟ ସ୍ତରରେ ଶିକ୍ଷାବିତ୍ ଓ ବରିଷ୍ଠ ସାହିତ୍ୟିକଙ୍କୁ ସାମିଲ କରାଗଲେ ଏହି କ୍ରୟ ପ୍ରକ୍ରିୟା ଅଧିକ ସ୍ୱଚ୍ଛ ହୋଇପାରିବ ବୋଲି ସଂଘର କର୍ମକର୍ତ୍ତାମାନେ ମତ ରଖିଥିଲେ। ଏହି ପ୍ରତିନିଧିମଣ୍ଡଳୀରେ ଅନୁପମା ପ୍ରକାଶନୀ, ସଂଯୋଗ, ସାହିତ୍ୟ ପ୍ରସାର ପ୍ରତିଷ୍ଠାନ, ମାରୁତି ପ୍ରିଣ୍ଟର୍ସ, ଶତଧାରା ପ୍ରକାଶନୀ, ଶ୍ରୀଗୁରୁ ପବ୍ଲିକେସନ୍ସ, ଶ୍ରୀଗଣେଶ ପ୍ରିଣ୍ଟର୍ସ, ଇତି ବୁକ୍ସ, ମିଥୁନ ପ୍ରକାଶନୀର ସତ୍ତ୍ୱାଧିକାରୀମାନେ ଯୋଗ ଦେଇଥିଲେ।

# ରୂପା ଆଣ୍ଡ ଟ୍ରୁପ୍‌ର ରୌପ୍ୟଜୟନ୍ତୀ ବ୍ରୋଚର୍ ଉନ୍ମୋଚିତ

**ପୁରୀ,୨୧।୧/ଏନ୍ଏନ୍ଏସ୍:** ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ରୂପା ଆଣ୍ଡ୍ ଟ୍ରୁପ୍‌ର ରୌପ୍ୟଜୟନ୍ତୀ ବ୍ରୋଚର୍ ଉନ୍ମୋଚିତ ହୋଇଛି। ଓଡ଼ିଶୀ ନୃତ୍ୟ ସମେତ ପାରମ୍ପରିକ ନୃତ୍ୟକୁ ସମଗ୍ର ଭାରତବର୍ଷରେ ପ୍ରଚାର ପ୍ରସାର ସହ ଶହେରୁ ଊର୍ଦ୍ଧ୍ୱ ନୃତ୍ୟଶିଳ୍ପୀ ସୃଷ୍ଟି କରିଥିବା ରୂପା ଆଣ୍ଡ ଟ୍ରୁପ୍‌ର ପଚିଶ ବର୍ଷ ଉପଲକ୍ଷେ ଆଜି ବୈଦ୍ୟୁତିକ ଗଣମାଧ୍ୟମର ବିଶିଷ୍ଟ ବ୍ୟକ୍ତିତ୍ୱ ଶ୍ୟାମାପ୍ରସାଦ ମିଶ୍ରଙ୍କ ସମ୍ପାଦନା ରେ ଏକ ରଙ୍ଗୀନ ବ୍ରୋଚର୍ ଉନ୍ମୋଚନ ହୋଇଥିଲା। ଆସନ୍ତା ୨୭ରୁ ୨୯ ପର୍ଯ୍ୟନ୍ତ ଶରଧାବାଲିରେ ଅନୁଷ୍ଠିତ ହେବାକୁ ଥିବା ଏହି ଉତ୍ସବ ଉପଲକ୍ଷେ ସଭାପତି ଲକ୍ଷ୍ମୀଧର ପୂଜାପଣ୍ଡା, ସମ୍ପାଦିକା ରୂପଲତା ମହାନ୍ତି, ନୃତ୍ୟଗୁରୁ ଜ୍ୟୋତି ମହାପାତ୍ର, ପ୍ରାକ୍ତନ ସଂସ୍କୃତି ଅଧିକାରୀ ପ୍ରଫୁଲ୍ଲ ସାମନ୍ତରାୟ, ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀ ସଦସ୍ୟ ବଦ୍ରି ମିଶ୍ର, ମିଡ଼ିଆ ଅଧ୍ୟକ୍ଷ ମଧୁସୂଦନ ମିଶ୍ର, ବିଶିଷ୍ଟ ସେବାୟତ ରାମଚନ୍ଦ୍ର ଦାସମହାପାତ୍ର, ଉତ୍ସବ କମିଟି ଅଧ୍ୟକ୍ଷ ଶ୍ରୀକଣ୍ଠ ମିଶ୍ର, ସଂଗଠକ ଚକ୍ରଧର ମହାପାତ୍ର ଏବଂ ଶ୍ୟାମପ୍ରକାଶ ସେନାପତି, ଅଭିନେତା ବୀରେନ୍ଦ୍ର ଗୋଛିକାର, ଶିବ ନାରାୟଣ ପୂଜାପଣ୍ଡା, ବିଶ୍ୱନାଥ ମିଶ୍ର, ଗୋରୀ ବାରିକ୍, ମଧୁସୂଦନ ପୂଜାପଣ୍ଡା, ରାମକୃଷ୍ଣ ମହାପାତ୍ର, ନାଟ୍ୟକାର ଗଣେଶ୍ୱର ମହାପାତ୍ର, ଲକ୍ଷ୍ମୀନାରାୟଣ ଦେଓ, ବିରଞ୍ଚି ଜଗଦେବରାୟ, ନାରାୟଣ ବାରିକ, ଭରତ ନାୟକ, ଆର୍ତ୍ତତ୍ରାଣ ରଥ,ହରିହର ଦାସ ଓ ସିଦ୍ଧାର୍ଥ ରାୟ ପ୍ରମୁଖ ମିଳିତ ଭାବେ ଉନ୍ମୋଚନ କରିଥିଲେ।



## ଆଜିର ଇତିହାସ

- ୧୬୬୬-ମୋଗଲ ସମ୍ରାଟ ଶାହାଜାହାନଙ୍କ ନିଧନ।
- ୧୯୬୩-ଡ଼େରାଡୁନ୍‌ରେ ଦୃଷ୍ଟିହୀନଙ୍କ ପାଇଁ ଜାତୀୟ ପୁସ୍ତକାଳୟର ସ୍ଥାପନା ହୋଇଥିଲା।
- ୧୯୬୫-ପଶ୍ଚିମ ବଙ୍ଗର ଦୁର୍ଗାପୁର ଠାରେ ଇସ୍ପାତ କାରଖାନା ଆରମ୍ଭ କରାଯାଇଥିଲା।
- ୧୯୯୩-ଇଣ୍ଡିଆନ୍ ଏୟାରଲାଇନ୍ସର ବିମାନ ଔରଙ୍ଗାବାଦ ଠାରେ ଦୁର୍ଘଟଣାଗ୍ରସ୍ତ ହୋଇ ୬୧ ଜଣ ଲୋକ ପ୍ରାଣ ହରାଇଥିଲେ।
- ୧୯୭୨-ନମ୍ରତା ଶିରୋଦକରଙ୍କ ଜନ୍ମଦିନ।

## ଶ୍ରୀମଦ୍ ଭଗବଦ୍‌ଗୀତା

**ଦୈବୀ ହ୍ୟେଷା ଗୁଣମୟୀ ମମ ମାୟା ଦୁରତ୍ୟୟା।**
**ମାମେବ ଯେ ପ୍ରପଦ୍ୟନ୍ତେ ମାୟାମେତାଂ ତରନ୍ତି ତେ। (୭/୧୪)**

ମୋର ଏହି ସତ୍ତ୍ୱାଦି ତ୍ରିଗୁଣାମୟୀ ଦୈବୀମାୟା ଦୁସ୍ତର ନିଶ୍ଚିତ ଏଥିରେ ସନ୍ଦେହ ନାହିଁ। କିନ୍ତୁ ଯେଉଁମାନେ ପ୍ରପନ୍ନ ହୁଅନ୍ତି ଅର୍ଥାତ ଅଭେଦ ଜ୍ଞାନରେ କେବଳ ମୋତେ ଭଜନ୍ତି ସେମାନେ ଏହି ମାୟାକୁ କେବଳ ଅତିକ୍ରମ କରନ୍ତି। ଦୈବୀ ମାୟା ହିଁ ଦିବ୍ୟ ଭ୍ରମ। ମହାମାୟାଙ୍କ ଭ୍ରମ ସୃଷ୍ଟିକାରୀ ମାୟା ମାଧ୍ୟମରେ ବ୍ରହ୍ମ ଅଗୋଚର।

ଶ୍ରୀ ରାମକୃଷ୍ଣ କହନ୍ତି - ଆମେ କାହିଁକି ଦିବ୍ୟ ଜଗଜ୍ଜନନୀଙ୍କୁ ଦେଖିବାକୁ ସକ୍ଷମ ହେଉନାହାନ୍ତି ? ଯେମିତି ସମ୍ଭ୍ରାନ୍ତ ପରିବାରର ସ୍ତ୍ରୀଲୋକମାନଙ୍କୁ ବାହାର ଲୋକେ ଦେଖିପାରନ୍ତିନି କାହିଁକି ନା ବାଉଁଶର ପର୍ଦ୍ଦା ଗୃହ ସମ୍ମୁଖରେ ଝୁଲୁଥାଏ। ସେପରି ମହାମାୟା ନିଜକୁ ଲୁଚାଇ ରଖିଛନ୍ତି। ସେ ଦେଖନ୍ତି ସବୁକିଛି ଏବଂ ସବୁକିଛି ବି ତାଙ୍କ ଦ୍ୱାରା ନିର୍ଦ୍ଦେଶିତ କିନ୍ତୁ କେହି ତାଙ୍କୁ ଦେଖି ପାରେନି। କେବଳ ତାଙ୍କର ଅନ୍ତରଙ୍ଗ ଭକ୍ତମାନେ ଏହି ବାଉଁଶ ପର୍ଦ୍ଦାରୂପୀ ମାୟାକୁ ଅତିକ୍ରମ କରି ତାଙ୍କ ପାଖରେ ପହଞ୍ଚି ପାରନ୍ତି।



## ନାଟ୍ୟକାର ଗୋପାଳ ଛୋଟରାୟ



ଓଡ଼ିଶାର ପୁରପଲ୍ଲୀରେ ଏକ ପରିଚିତ ନାମ ଗୋପାଳ ଛୋଟରାୟ। ସେ ଥିଲେ ଜଣେ ସୁନାମଧନ୍ୟ ସ୍ରଷ୍ଟା ଓ ଜଣେ ବହୁଭାଷାବିତ୍ ବ୍ୟକ୍ତିତ୍ୱ। ୨୦ ଏପ୍ରିଲ, ୧୯୧୬ରେ ଜଗତସିଂହପୁର ଜିଲ୍ଲା ପୁରୁଣାଗଡ଼ ଗ୍ରାମରେ ତାଙ୍କର ଜନ୍ମ। ମାତ୍ର ୨୧ ବର୍ଷ ବୟସରେ ଡିଷ୍ଟ୍ରିକ୍ଟ ବୋର୍ଡର ଜଣେ କ୍ଲର୍କ ଭାବରେ ତାଙ୍କର ଚାକିରି ଜୀବନ ଆରମ୍ଭ ହୋଇଥିଲା। ଓଡ଼ିଶାର ଗୀତିନାଟ୍ୟ, ପାଲା, ଗହନ ଆଦିରେ ସଂସ୍କାର ଆଣିବାରେ ତାଙ୍କର ପ୍ରୟାସ ଥିଲା ପ୍ରଶଂସନୀୟ। ସେ ଶତାଧିକ ମଞ୍ଚ, ବେତାର ନାଟକ ଏବଂ ଅନେକ ଚଳଚ୍ଚିତ୍ର ପାଇଁ ସଂଳାପ ଲେଖିଛନ୍ତି। ଏହା ବ୍ୟତୀତ ଅନେକ ହିନ୍ଦୀ, ମରାଠୀ ଓ ଗୁଜରାଟୀ ନାଟକକୁ ଓଡ଼ିଆ ଭାଷାରେ ରୂପାନ୍ତର କରିଛନ୍ତି ନାଟ୍ୟକାର ଗୋପାଳ ଛୋଟରାୟ। ୧୫ରୁ ଅଧିକ ମୌଳିକ ନାଟକ ଓ କିଛି ପ୍ରସିଦ୍ଧ ଓଡ଼ିଆ ଉପନ୍ୟାସକୁ ଆଧାର କରି ଆଠଟି ନାଟକ ସେ ଲେଖିଥିଲେ। ସେଥିମଧ୍ୟରୁ ଅଧିକାଂଶ ରଙ୍ଗମଞ୍ଚରେ ଅଭିନୀତ ହୋଇସାରିଛି। ସମୟ ଥିଲା ଯେତେବେଳେ ତିନି ଦଶନ୍ଧିରୁ ଅଧିକ ସମୟ ଧରି ଓଡ଼ିଶାର ପେସାଦାର ରଙ୍ଗମଞ୍ଚଗୁଡ଼ିକରେ ତାଙ୍କର ନାଟକଗୁଡ଼ିକ ପ୍ରଭାବ ବିସ୍ତାର କରି ରଖିଥିଲା। ଆକାଶବାଣୀରେ କାମ କରୁଥିବା ବେଳେ ଗ୍ରାମୀଣ ନାଟକ ବା ଗୀତିନାଟ୍ୟର ପୁନରୁତ୍ଥାପନ କରି ଓଡ଼ିଆ ସଙ୍ଗୀତର ପରମ୍ପରାକୁ ଅନନ୍ୟ ଅବଦାନ ଦେଇଯାଇଛନ୍ତି। ତାଙ୍କ ନାମରେ ୨୦ଟି ଅଲ୍ଲି ରେକର୍ଡ ଓ କ୍ୟାସେଟ୍ ପ୍ରସ୍ତୁତ ହୋଇଛି। ଦୂରଦର୍ଶନ ପାଇଁ ସେ ୧୦୦ଟି ନାଟକ ଓ ଫିଚର୍ ମଧ୍ୟ ଲେଖିଛନ୍ତି। ଓଡ଼ିଆ ନାଟ୍ୟ-ସାହିତ୍ୟ ପ୍ରତି ତାଙ୍କର ଅତୁଳନୀୟ ଯୋଗଦାନ ପାଇଁ ତାଙ୍କୁ ସମ୍ମାନଜନକ ପଦ୍ମଶ୍ରୀ, କେନ୍ଦ୍ର ସାହିତ୍ୟ ଏକାଡେମୀ, ଓଡ଼ିଶା ସାହିତ୍ୟ ଏକାଡେମୀ, ଶାରଳା ଓ ବିଷୁବ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ୧୯୧୬ ମସିହାର ଆଜିର ଦିନରେ ଭୁବନେଶ୍ୱର ଠାରେ ସେ ଇହଲୀଳା ସମ୍ବରଣ କରିଥିଲେ।

## ଦୁର୍ଲଭ ରୋଗ ଓ ପରିଣାମ



ଦୁର୍ଲଭ ରୋଗର ପରିଭାଷା ଅଲଗା ଅଲଗା ଥାଏ। ଏହି ରୋଗଗୁଡ଼ିକର ଲକ୍ଷଣ ସାଧାରଣତଃ ଅସମ୍ବନ୍ଧିତ ଦେଖିବାକୁ ମିଳେ। ଏହାର ନିଦାନ ପ୍ରକ୍ରିୟା ମଧ୍ୟ ବର୍ଷ ବର୍ଷ ଧରି ଚାଲେ। ଏହିପରି ଏକ ଦୁର୍ଲଭ ରୋଗ ହେଉଛି ଉର୍‌ବାକ-ୱିଏଥେ ଡିଜିଜ୍। ଏହା ଏକ ଦୁର୍ଲଭ କିନ୍ତୁ ଅପ୍ରଭାବୀ ଆନୁବଂଶିକ ବିକାର। ୧୯୨୯ରେ ଏରିଚ୍ ଉରବାକ୍ ଓ କ୍ୟାମିଲୋ ୱିଏଥେ ଏହି ରୋଗ ବିଷୟରେ ରିପୋର୍ଟ କରିଥିଲେ। କିନ୍ତୁ ୧୯୦୮ରେ ଏହି ଦୁର୍ଲଭ ରୋଗକୁ ଚିହ୍ନଟ କରାଯାଇଥିଲା। ଏହି ରୋଗ ହେଲେ ରୋଗୀର ସ୍ୱର କର୍କଶ ହୋଇଯାଏ, ସ୍କିନ୍‌ରେ ଘା’ ଓ ଚିହ୍ନ ଦେଖାଦିଏ, ସହଜରେ କ୍ଷତିଗ୍ରସ୍ତ ହେଉଥିବା ସ୍କିନ୍ ବା ଘା’ ଭଲ ହୁଏନାହିଁ, ଶୁଷ୍କପଣ, ସ୍କିନ୍‌ରେ କୁଞ୍ଚନ ଓ ଆଖି ପଲକ ପାଖରେ ଦାନା ବାହାରିବା ପରି ଲକ୍ଷଣ ଦେଖିବାକୁ ମିଳେ। କିଛି ମାମଲାରେ ମଧ୍ୟକାଳୀନ ଲୌକିକ ଲୋବ୍‌ରେ ମସ୍ତିଷ୍କର ଉତ୍ତକଗୁଡ଼ିକ ଶକ୍ତ ହୋଇଯାଏ ଯେଉଁଥିରେ କେତେ ପ୍ରକାରର ଅସାମାନ୍ୟତା ଦେଖିବାକୁ ମିଳେ। ବର୍ତ୍ତମାନ ଏହି ରୋଗ ପାଇଁ କୌଣସି ନିର୍ଦ୍ଦିଷ୍ଟ ଚିକିତ୍ସା ନାହିଁ କିନ୍ତୁ କେତେକ ଲକ୍ଷଣକୁ ବ୍ୟକ୍ତିଗତ ସ୍ତରରେ ଚିକିତ୍ସା କରିହେବ। ଏହା ଜୀବନ ପାଇଁ ବିପଦ ସୃଷ୍ଟି କରେନାହିଁ। ଏଥିରେ ଜୀବନ ପ୍ରତ୍ୟାଶା ସାମାନ୍ୟ ରହେ ଯେଉଁ ପର୍ଯ୍ୟନ୍ତ ମ୍ୟୁକୋସା ଗାଢ଼ା ହେବା ଦ୍ୱାରା ସମ୍ଭାବିତ ଦୁଃସ୍ପଭାବ ଯଥା-ଶ୍ୱସନ ଅବରୋଧ ଆଦି ଦେଖା ନଦିଏ। ତେବେ ଏଥିପାଇଁ କାର୍ବନ୍ ଡାଇଅକ୍ସାଇଡ୍ ଲେଜର୍ ସର୍ଜରୀର ଆବଶ୍ୟକତା ପଡ଼ିପାରେ। କିନ୍ତୁ ଏହା ପରେ ବି ଏହି ରୋଗରେ ପୀଡ଼ିତ ବ୍ୟକ୍ତି ସାମାନ୍ୟ ଜୀବନ ଜିଇଁବାରେ ସକ୍ଷମ ହୋଇପାରିବ। ମୌଖିକ ଭାବରେ ଡାଇମିଥାଇଲ୍ ସଲ୍ଫୋକ୍ସାଇଡ୍ ସ୍କିନ୍‌ର ଘା’କୁ କମ୍ କରାଇବାରେ ସାହାଯ୍ୟ କରେ। ଏଥିରେ ପୀଡ଼ିତ ବ୍ୟକ୍ତି ସମ୍ମୁଖୀନ ହେଉଥିବା ସମସ୍ୟାରୁ କିଛି ପରିମାଣରେ ମୁକ୍ତି ପାଇପାରିବ।



## ଲୋକପ୍ରିୟ ବିଷୟ: ଟାଇମ୍ ଟ୍ରାଭେଲ୍

ବୈଜ୍ଞାନିକମାନେ ଏ ବିଷୟ ଉପରେ ଅନେକ ରିସର୍ଚ୍ଚ କରିସାରିଛନ୍ତି। ଏହା ଉପରେ ଆଧାରିତ ବିଜ୍ଞାନ-ଫାଣ୍ଟାସୀ ଫିଲ୍ମ ଓ କାହାଣୀଗୁଡ଼ିକ ସବୁଠାରୁ ଲୋକପ୍ରିୟ ବିଷୟଗୁଡ଼ିକ ମଧ୍ୟରୁ ଅନ୍ୟତମ। ଆଲ୍‌ବର୍ଟ ଆଇନ୍‌ଷ୍ଟାଇନ୍‌ଙ୍କ ଥିଓରି ଅଫ୍ ରିଲେଟିଭିଟିର ସିଦ୍ଧାନ୍ତ ପରେ ଟାଇମ୍ ଟ୍ରାଭେଲ୍ ବିଜ୍ଞାନ ଜଗତରେ ହଲ୍‌ଚଲ୍ ସୃଷ୍ଟି କରିଦେଇଥିଲା। କିନ୍ତୁ ଏକ ବିରୋଧାଭାସ ଏହି ବିଚାର ଉପରେ ଦୀର୍ଘ ସମୟ ଧରି ଲଗାମ ଲଗାଇ ଦେଇଥିଲା ଯାହାଦ୍ୱାରା ଅନେକ ବୈଜ୍ଞାନିକ ଟାଇମ୍ ଟ୍ରାଭେଲ୍ ଉପରେ ରିସର୍ଚ୍ଚ କରିବା ବନ୍ଦ କରିଦେଲେ। ଏହାକୁ କୁହାଯାଏ ‘ଗ୍ରାଣ୍ଡଫାଦର୍ ପାରାଡକ୍ସ’। ତେବେ ଏହା ଏକ ପ୍ରସିଦ୍ଧ ବିଚାର ପ୍ରୟୋଗ ଯାହା ସମୟ ଯାତ୍ରା ବା ଟାଇମ୍ ଟ୍ରାଭେଲ୍‌ର ସିଦ୍ଧାନ୍ତ ଓ ଏହା ସହିତ ସମ୍ବନ୍ଧିତ ବିରୋଧାଭାସଗୁଡ଼ିକୁ ବୁଝିବାରେ ସାହାଯ୍ୟ କରିଥାଏ। ଏହି ପାରାଡକ୍ସ ପ୍ରଶ୍ନ ପଚାରେ- ଯଦି କୌଣସି ବ୍ୟକ୍ତି ଅତୀତରେ ଯାତ୍ରା କରୁଥାଏ ଓ ନିଜର ଜେଜେ କିମ୍ବା ଜେଜେମା’ଙ୍କୁ ହତ୍ୟା କରେ ତେବେ ସେ କିପରି ଜନ୍ମ ନେଇଥାଏ। ମନେକର ଯଦି କୌଣସି ବ୍ୟକ୍ତି ଭବିଷ୍ୟତରେ ଅତୀତ ସମୟକୁ ନେଇ ଯାତ୍ରା କରିବ ଓ ଅତୀତରେ ଯାତ୍ରା କରିବା ସମୟରେ ସେ ବ୍ୟକ୍ତି ଜଣକ ନିଜ ଜେଜେବାପାଙ୍କୁ ବିବାହ ପୂର୍ବରୁ ହତ୍ୟା କରିଦିଏ ତେବେ ଏପରି ସ୍ଥଳେ ସେ ଲୋକର ଜନ୍ମ ହୋଇପାରିବ ନାହିଁ। ତେଣୁ ଏହିଠାରେ ବିରୋଧାଭାସ ହେଉଛି ଯଦି ଜଣେ ବ୍ୟକ୍ତିର ଜନ୍ମ ହୋଇ ନାହିଁ ତେବେ ସେ ଅତୀତକୁ ଯାଇ ନିଜ ଜେଜେବାପାଙ୍କୁ କିପରି ହତ୍ୟା କରିବ ? ତେଣୁ ଯଦି ସେ ଅତୀତକୁ ଯିବ ନାହିଁ ତେଣୁ ତା’ର ଜେଜେବାପାଙ୍କର ହତ୍ୟା ହେବ ନାହିଁ ଓ ସେ ଜନ୍ମଗ୍ରହଣ କରିବ। ଏହିପରି ଚକ୍ରୀୟ ପ୍ରକ୍ରିୟାରେ ସବୁ କଥା ସତ୍ୟ ହେବା ସମ୍ଭବ ନୁହେଁ। ତେଣୁ ତର୍କ ଅନୁସାରେ ସମୟର ଯାତ୍ରା ଅଧିକାଂଶ ସମୟରେ ଅସମ୍ଭବ ମନେହୁଏ।

## ଦକ୍ଷିଣ ଭାରତର କାଶ୍ମୀର

ଗୁଜୁରାତି, ଗୋଲମରିଚ, ମହୁ ଓ ବିଭିନ୍ନ ଫୁଲଗୁଡ଼ିକର ମନମୋହକ ସୁଗନ୍ଧର ସହର ମଡିକେରୀ। ଏହା ଏକ ଆକର୍ଷଣୀୟ ପର୍ଯ୍ୟଟନ ସ୍ଥଳ। କର୍ଣ୍ଣାଟକର କୁର୍ଗ ଜିଲ୍ଲାରେ ଅବସ୍ଥିତ ଏହି ସ୍ଥାନଟି ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର। ମଡିକେରୀକୁ ଦକ୍ଷିଣର ସ୍କଟ୍‌ଲ୍ୟାଣ୍ଡ ବୋଲି ମଧ୍ୟ କୁହାଯାଏ। ସେଠିକାର ଧୂଆଁଳିଆ ପାହାଡ଼, ଥଣ୍ଡା ପବନ, ସବୁଜ ଘନ ଜଙ୍ଗଲ, କଫି ବଗିଚା ଓ ଅନ୍ୟ ପ୍ରାକୃତିକ ଦୃଶ୍ୟର ସମାହାର ପର୍ଯ୍ୟଟକମାନଙ୍କ ସ୍ମୃତିରେ ସବୁଦିନ ପାଇଁ ସାଇତି ହୋଇ ରହିଯାଏ। ଏହା ବ୍ୟତୀତ ମଡିକେରୀ ଓ ତା’ର ପାର୍ଶ୍ୱବର୍ତ୍ତୀ କ୍ଷେତ୍ରରେ ରହିଛି ଅନେକ ଐତିହାସିକ ଓ ଧାର୍ମିକ ସ୍ଥଳ। ଦକ୍ଷିଣ ଭାରତର ସବୁଠାରୁ ସୁନ୍ଦର ହିଲ୍ ଷ୍ଟେସନ୍ ମଧ୍ୟରୁ ଅନ୍ୟତମ ମଡିକେରୀର ଶାନ୍ତ ବାତାବରଣ, ରଙ୍ଗିନ ଦୃଶ୍ୟ, ଝରଣାରୁ ପଡୁଥିବା ମୋତି ପରି ପାଣି ସ୍ୱର୍ଗର ଅନୁଭବ ଦେଇଥାଏ। ଏହିସବୁ ଅଦ୍ଭୁତ ଦୃଶ୍ୟ କାରଣରୁ ଏହାକୁ ଦକ୍ଷିଣ ଭାରତର କାଶ୍ମୀର ବୋଲି ମଧ୍ୟ କୁହାଯାଏ। ମଡିକେରୀ ହିଲ୍ ଷ୍ଟେସନ୍‌ର ମଧ୍ୟବର୍ତ୍ତୀ ସ୍ଥାନରେ ରହିଛି ଓମ୍‌କାରେଶ୍ୱର ମନ୍ଦିର, ରାଜା କି ସିଟ୍, ମଡିକେରୀ କିଲ୍ଲା, ଭାଗମଣ୍ଡଳ, ନଗରହୋଲ୍ ରାଷ୍ଟ୍ରୀୟ ପାର୍କ, ଇରୁପ୍ପୁ ଝରଣା, ତାଳକାଭେରୀ ମନ୍ଦିର, ହରଙ୍ଗୀ ବନ୍ଧ, ନଳ୍କନାଦ ମହଲ, ମଣ୍ଡଲପଟ୍ଟି ହିଲ୍ସ, ହୋନ୍ନାମନା କେରେ, ଅବେ ଝରଣା, ଦୁବାରେ ଫରେଷ୍ଟ, ମଲ୍ଲାଲୀ ଝରଣା, ବ୍ରହ୍ମଗିରୀ ୱାଇଲ୍ଡ ଲାଇଫ୍ ଓ ପୁଷ୍ପଗିରୀ ସାଙ୍କ୍‌ଚୁଆରୀ ଆଦି ମୁଖ୍ୟ ପର୍ଯ୍ୟଟନ ସ୍ଥଳ। ଅନ୍ୟ ଦକ୍ଷିଣ ଭାରତୀୟ ସହରଗୁଡ଼ିକ ପରି ମଡିକେରୀକୁ ମୈଶୂର, ବେଙ୍ଗାଲୁରୁ, କାହ୍ନାଗଡ଼, କନ୍ନୁର ଆଦି ମହତ୍ତ୍ୱପୂର୍ଣ୍ଣ ସହରରୁ ରାଜ୍ୟ ପରିବହନର ବସ୍ ଓ ବ୍ୟକ୍ତିଗତ ବାହନଗୁଡ଼ିକ ଜରିଆରେ ଯାଇପାରିବେ।



ମଡିକେରୀରେ କୌଣସି ରେଲ୍‌ୱେ ଷ୍ଟେସନ ନାହିଁ। ଏହାର ସବୁଠାରୁ ନିକଟବର୍ତ୍ତୀ ରେଲ୍‌ୱେ ଷ୍ଟେସନ ୧୧୦ କି.ମି ଦୂରରେ କନ୍ନୋର ଠାରେ ଅଛି। ଆକାଶମାର୍ଗରେ ଯିବାକୁ ଚାହୁଁଥିବା ପର୍ଯ୍ୟଟକମାନଙ୍କ ପାଇଁ ନିକଟବର୍ତ୍ତୀ ମାଙ୍ଗାଲୋର ଏୟାରପୋର୍ଟ ରହିଛି।

## ଅଭିଶାପ ନା ଆଶୀର୍ବାଦ

ରାମାୟଣର ପ୍ରମୁଖ ଚରିତ୍ର ମଧ୍ୟରୁ ଅନ୍ୟତମ କୁମ୍ଭକର୍ଣ୍ଣ। ସେ ରାବଣର ଭାଇ ଥିଲା। ଭାଇ ରାବଣ ପରି କୁମ୍ଭକର୍ଣ୍ଣ ମଧ୍ୟ ବେଦଗୁଡ଼ିକର ଜ୍ଞାତା ଓ ଧର୍ମ-ଅଧର୍ମ ବିଷୟରେ ଜାଣିଥିଲେ। ସେ ଥିଲେ ଜଣେ ମହାନ ତପସ୍ୱୀ ଯିଏ କଠୋର ତପସ୍ୟା କରି ବରଦାନ ପ୍ରାପ୍ତ କରିଥିଲେ। ଏହି ବରଦାନଗୁଡ଼ିକ ମଧ୍ୟରୁ ଗୋଟିଏ କାରଣରୁ ସେ ଛଅ ମାସ ଶୋଉଥିଲେ ଓ ଛଅ ମାସ ଜାଗ୍ରତ ରହୁଥିଲେ। ଏହି ବରଦାନ ପଛରେ ରହିଛି ପୌରାଣିକ କାହାଣୀ ଯେଉଁଥିରୁ ଦୁଇଟି ବିଶେଷ ଭାବରେ



ପ୍ରଚଳିତ ଅଛି। କୁମ୍ଭକର୍ଣ୍ଣ, ଦୁଇ ଭାଇ ରାବଣ ଓ ବିଭୀଷଣଙ୍କ ସହିତ ମିଶି ତପସ୍ୟା କରିଥିଲେ। ତିନି ଜଣଙ୍କ ତପସ୍ୟାରେ ପ୍ରସନ୍ନ ହୋଇ ବ୍ରହ୍ମାଜୀ ସେମାନଙ୍କ ସମ୍ମୁଖରେ ପ୍ରକଟ ହୋଇ ବର ଯାଚିଥିଲେ। ରାବଣ ଓ ବିଭୀଷଣ ନିଜ ନିଜର ଇଚ୍ଛା ଅନୁସାରେ ବର ମାଗିନେଲେ କିନ୍ତୁ କୁମ୍ଭକର୍ଣ୍ଣ ଅସାଧାରଣ ମାତ୍ରାରେ ଭୋଜନ କରୁଥିବାରୁ ବ୍ରହ୍ମାଜୀ ଚିନ୍ତିତ ହୋଇଗଲେ। ତେଣୁ ସେ ଯଦି ଏପରି କିଛି ସଂକଟ ହେବା ପରି ବର ମାଗିବେ ତାଙ୍କୁ ଦେବାକୁ ପଡ଼ିବ ବୋଲି ସେ ଭୟ କରୁଥିଲେ। ଏହି ଚିନ୍ତାରେ ସେ କୁମ୍ଭକର୍ଣ୍ଣଙ୍କ ବୁଦ୍ଧିକୁ ଭ୍ରମିତ କରିଦେଇଥିଲେ ଯେଉଁ କାରଣରୁ କୁମ୍ଭକର୍ଣ୍ଣ ଭୁଲ୍‌ରେ ଛଅ ମାସ ଶୋଇବା ପାଇଁ ବର ମାଗିନେଲେ। ବ୍ରହ୍ମାଜୀ ପ୍ରସନ୍ନ ହୋଇ ଏହି ବରଦାନ ପ୍ରଦାନ କରିଥିଲେ। ଅନ୍ୟ ଏକ କଥା ଅନୁସାରେ ଦେବରାଜ ଇନ୍ଦ୍ର, କୁମ୍ଭକର୍ଣ୍ଣଙ୍କୁ ଈର୍ଷା ଓ ଭୟ କରୁଥିଲେ। କୁମ୍ଭକର୍ଣ୍ଣ ତାଙ୍କଠାରୁ ଇନ୍ଦ୍ରାସନ ମାଗି ନେଇପାରନ୍ତି ବୋଲି ଭୟ କରୁଥିଲେ ଇନ୍ଦ୍ର। ତେଣୁ ବର ମାଗିବା ସମୟରେ ଇନ୍ଦ୍ରଦେବ ତାଙ୍କ ବୁଦ୍ଧିକୁ ଭ୍ରମିତ କରିଦେଇଥିଲେ। ପରିଣାମସ୍ୱରୂପ କୁମ୍ଭକର୍ଣ୍ଣ ଇନ୍ଦ୍ରାସନ ପରିବର୍ତ୍ତେ ଶୋଇବା ପାଇଁ ବର ମାଗିଥିଲେ। ଏହି ଛଅ ମାସ ଶୋଇବା ଓ ଛଅ ମାସ ଜାଗ୍ରତ ରହିବା ପରି ଅଦ୍ୱିତୀୟ ବରଦାନ ତାଙ୍କୁ ମିଳିଥିଲା ଯାହା କୁମ୍ଭକର୍ଣ୍ଣଙ୍କ ଶକ୍ତି ସହିତ ତାଙ୍କର ଦୁର୍ବଳତାର ମଧ୍ୟ ପ୍ରତୀକ ଥିଲା।

## ନକଲି ଅଫିସ୍‌ରେ ଚାକିରି ନାଟକ



ଯେଉଁ ବ୍ୟକ୍ତିମାନଙ୍କର ଚାକିରି ନାହିଁ ସେମାନଙ୍କୁ ପରିବାର ଓ ସମାଜ ତରଫରୁ ଚାପର ସମ୍ମୁଖୀନ ହେବାକୁ ପଡ଼େ। ଏହି ଅନୁଭବକୁ ବୁଝିବା ସମସ୍ତଙ୍କ ପକ୍ଷେ ସହଜ ନୁହେଁ। କିନ୍ତୁ ଯଦି ଜଣେ ବ୍ୟକ୍ତି ଚୀନ୍‌ରେ ରହୁଥାଏ ତେବେ ଚାକିରି ନଥିଲେ ମଧ୍ୟ ସେ ଲୋକମାନଙ୍କର ମୁହଁ ବନ୍ଦ କରିବାରେ ସଫଳ ହୋଇପାରିବ। ସେଠାରେ କେତେକ କମ୍ପାନୀ ଅଛନ୍ତି ଯେଉଁଗୁଡ଼ିକ ବେରୋଜଗାର ଲୋକଙ୍କୁ ସମାଜ ଦ୍ୱାରା ମିଳୁଥିବା ଅପମାନ ଦାଉରୁ ରକ୍ଷା କରିଥାନ୍ତି। ଏମାନେ ଫେକ୍ ଜବ୍ ଦେଇଥାନ୍ତି ଲୋକମାନଙ୍କୁ। ସେଠାରେ ସାଲାରୀ ମିଳେ ନାହିଁ କିନ୍ତୁ ଲୋକମାନେ କମ୍ପାନୀକୁ ଅର୍ଥ ଦେଇଥାନ୍ତି। ଚାକିରି ନଥିବା ଲୋକମାନେ ଅଫିସ୍ ଚେୟାର୍‌ରେ ବସି ଫଟୋ ଉଠେଇ ପାରିବେ। ଏହି ଫେକ୍ ଜବ୍ ପାଇଁ କମ୍ପାନୀ ଚାର୍ଜ କରେ ୩୦ ୟୁଆନ୍। ଏହା ବଦଳରେ ଲୋକମାନେ ଅଫିସ୍‌କୁ ଆସି ବସିପାରିବେ ଓ ଲଞ୍ଚ କରିପାରିବେ। ପ୍ରତିଦିନ ଏତିକି ଅର୍ଥ ଦେଇ ସେମାନେ ସକାଳ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ସେଠାରେ ବସି କାମ କରିପାରିବେ ଓ ଲଞ୍ଚର ଆନନ୍ଦ ମଧ୍ୟ ଉଠାଇ ପାରିବେ। ନିଜକୁ ବସ୍ ବୋଲି ଯଦି କହିବାକୁ ଚାହୁଁଛନ୍ତି ତେବେ କମ୍ପାନୀକୁ ଏଥିପାଇଁ ୫୦ ୟୁଆନ୍ ଦେବାକୁ ପଡ଼ିବ। ତେବେ ମନୋବୈଜ୍ଞାନିକ ସ୍ତରରେ ଏହିପରି ଜବ୍ ଚାପ କମ୍ କରିବାରେ ସାହାଯ୍ୟ କରିପାରିବ ବୋଲି ସୋସିଆଲ୍ ମିଡିଆ ବ୍ୟବହାରକାରୀମାନେ କହୁଛନ୍ତି। କିନ୍ତୁ ଅନ୍ୟ କେତେକଙ୍କ ମତ ଅନୁସାରେ ଏହା ପଳାୟନବାଦୀଙ୍କୁ ପ୍ରୋତ୍ସାହନ ଦେଉଛି। ଏହି ପ୍ରକ୍ରିୟା ଚାକିରି ଖୋଜିବାରେ ପ୍ରତିବନ୍ଧକ ସୃଷ୍ଟି କରୁଛି ବୋଲି ଆଲୋଚନା ମଧ୍ୟ କରୁଛନ୍ତି ଲୋକମାନେ। ୨୦୨୩ରେ ୧୬-୨୪ ବର୍ଷର ଯୁବ ବେରୋଜଗାରଙ୍କ ଦର ୨୧.୩ ପ୍ରତିଶତ ସହିତ ଉଚ୍ଚ ରେକର୍ଡ ପର୍ଯ୍ୟନ୍ତ ପହଞ୍ଚି ଯାଇଥିଲା। କିନ୍ତୁ ଗତ ବର୍ଷ ନଭେମ୍ବର ବେଳକୁ ଏହି ଦର ହ୍ରାସ ପାଇ ୧୬.୧ ପ୍ରତିଶତ ରହିଥିଲା।




## ଅକ୍ଷୟଙ୍କ ତାଣ୍ଡବ ନୃତ୍ୟ



ଏ ବର୍ଷ ଅକ୍ଷୟ କୁମାରଙ୍କ ଅନେକଗୁଡ଼ିଏ ଫିଲ୍ମ ରିଲିଜ ହେବ ଯେଉଁଗୁଡ଼ିକ ମଧ୍ୟରୁ ଅନ୍ୟତମ ହେଉଛି ‘କନ୍ନପ୍ପା’। ଏଥିରେ ଅକ୍ଷୟ କୁମାର, ଭଗବାନ ଶିବଙ୍କ ଭୂମିକାରେ ଅଭିନୟ କରୁଛନ୍ତି। ଏହାର ଫାଷ୍ଟ ଲୁକ୍ ପୋଷ୍ଟର ରିଲିଜ କରିଛନ୍ତି ନିର୍ମାତାମାନେ। ପୋଷ୍ଟର୍‌ରେ ଭଗବାନ ଶିବଙ୍କ ରୂପରେ ଅକ୍ଷୟଙ୍କ ତାଣ୍ଡବ ନୃତ୍ୟ ଦେଖିବାକୁ ମିଳୁଛି। ଗୋଟିଏ ହାତରେ ତ୍ରିଶୂଳ ଓ ଅନ୍ୟ ହାତରେ ଡ଼ମ୍ବରୁ ଧରିଛନ୍ତି ଅକ୍ଷୟ। ତାଙ୍କର ଗଳା ଭଗବାନ ଶିବଙ୍କ ପରି ନୀଳ ଦେଖାଯାଉଛି। ଦର୍ଶକମାନେ ପୋଷ୍ଟର୍ ଦେଖି ଫିଲ୍ମର ଅପେକ୍ଷାରେ ରହିଛନ୍ତି କାରଣ ଏଥିରେ ବଡ଼ ବଡ଼ କଳାକାର କ୍ୟାମିଓ ଭୂମିକାରେ ନଜର ଆସିବେ। ଫିଲ୍ମରେ ଅଭିନେତା ପ୍ରଭାସ ନନ୍ଦୀଙ୍କ ଭୂମିକାରେ ଓ ମୋହନଲାଲ୍ ମଧ୍ୟ ଏକ ମୁଖ୍ୟ ଭୂମିକାରେ ନଜର ଆସିବେ। ଅଭିନେତ୍ରୀ କାଜଲ୍ ଅଗ୍ରୱାଲ୍ ‘କନ୍ନପ୍ପା’ରେ ମା’ ପାର୍ବତୀଙ୍କ ଭୂମିକାରେ ନଜର ଆସିବେ। କିମ୍ବଦନ୍ତୀ ଭକ୍ତ ବିଷ୍ଣୁ ମଞ୍ଚୁଙ୍କୁ ନେଇ ଫିଲ୍ମର କାହାଣୀ ଆଧାରିତ ଯେଉଁଥିରେ ଭଗବାନଙ୍କ ଭକ୍ତି ଓ ବିଶ୍ୱାସର ଅବିଶ୍ୱସନୀୟ କାହାଣୀ ଦେଖିବାକୁ ମିଳିବ। ଫିଲ୍ମରେ ଭାରତୀୟ ସଂସ୍କୃତି ଓ ଭଗବାନଙ୍କ ପ୍ରତି ଲୋକଙ୍କ ଆସ୍ଥାର କାହାଣୀ ଦେଖିବାକୁ ପାଇବେ ଦର୍ଶକମାନେ। ତେବେ ଆଗାମୀ ଦିନରେ ଫିଲ୍ମ ସ୍କାଇ ଫୋର୍ସ, ସଂକରନ୍‌ଙ୍କ ବାୟୋପିକ, ଜୋଲି ଏଲ୍‌ଏଲ୍‌ବି-୩, ହାଉସ୍‌ଫୁଲ୍-୫, ୱେଲ୍‌କମ୍-୩, ସାଇକୋ, ହେରାଫେରୀ-୩, ରାଉଡି ରାଠୋର-୨ରେ ନଜର ଆସିବେ ଅକ୍ଷୟ କୁମାର। ଏସବୁ ବ୍ୟତୀତ ୨୦୨୬ରେ ଅକ୍ଷୟ କୁମାର ଅଭିନୀତ ‘ଭୂତ୍ ବଙ୍ଗଲା’ ରିଲିଜ ହେବ।



## ଆଜିର ରାଶିଫଳ



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ, ମୋ: ୯୭୭୭୨୫୨୨୪୦

**ମେଷ** – ଆଜି ଅର୍ଥକୁ ସଠିକ୍ ଭାବରେ ମ୍ୟାନେଜ କରିବାକୁ ପଡ଼ିବ। ମାନସିକ ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦିଅନ୍ତୁ। କିଛି ଲୋକ ନିଜ ବିଚାରକୁ ପାର୍ଟନର୍ ସହିତ ସେୟାର୍ କରିବା ଉଚିତ। ବିନା କାରଣରେ ଚାପ ନିଅନ୍ତୁ ନାହିଁ। ବର୍ତ୍ତମାନର ସ୍ଥିତି ଉପରେ ଧ୍ୟାନ ଦିଅନ୍ତୁ।

**ବୃଷ** – ଚାପ ଅନୁଭବ କଲେ ସାହାଯ୍ୟ ମାଗିବାକୁ ସଂକୋଚ କରନ୍ତୁ ନାହିଁ। ସବୁ ଦାୟିତ୍ୱ ଏକାକୀ ନେବାର ଆବଶ୍ୟକ ନାହିଁ। ବ୍ୟାଙ୍କ ବାଲାନ୍ସ ବୃଦ୍ଧି କରେଇବାର ନୂଆ ଉପାୟ ମିଳିପାରେ।

**ମିଥୁନ** – ଜୀବନରେ ସବୁ ପ୍ରକାରର ପରିସ୍ଥିତିରୁ ଆନନ୍ଦ ଉଠେଇବା ଜରୁରୀ। ମଉଜ-ମସ୍ତି, ସାଙ୍ଗସାଥିଙ୍କ ସହିତ ସମୟ ବିତେଇବେ। ଆପଣଙ୍କ ପାଇଁ ଏହା ଲାଭଦାୟକ। ନିଜ ପାଇଁ ଅନ୍ୟ କିଛି ଅପସନ୍ ନାହିଁ ବୋଲି ଭାବିବା ଉଚିତ ନୁହେଁ।

**କର୍କଟ** – ସମୟ ହିସାବରେ ସବୁକିଛି ହେବ। ଭରସା ରଖନ୍ତୁ। ନିଜ ଉପରେ ଚାପ ନ ପକେଇଲେ ଭଲ। କିଛି ନୂଆ କରିବାର ସମୟ। କାମର ବୋଝ ସେୟାର କରିବାର ଅନୁଭବ ଖୁବ୍ ଭଲ ହୋଇପାରେ।

**ସିଂହ** – ଏକ ନୂଆ ଯାତ୍ରା ଆପଣଙ୍କୁ ଅପେକ୍ଷା କରି ରହିଛି। ଏହି କଷ୍ଟକର ସମୟ ସେହି ଆଡ଼କୁ ନେଇଯିବ। ଏହା ବୁଝିବାକୁ ସାହାଯ୍ୟ ପାଇବେ। କେଉଁଭଳି ବିଷାକ୍ତ ସ୍ଥିତିରୁ ବାହାରକୁ ବାହାରି ଯାଇଛନ୍ତି ସହଜରେ ବୁଝିପାରିବେ।

**କନ୍ୟା** – କିଛି ଲୋକଙ୍କୁ ଆୟ ବୃଦ୍ଧି କରିବା ପାଇଁ ନୂଆ ରାସ୍ତା ମିଳିବ। କେବେ କେବେ ଲୋକଙ୍କ ଇଚ୍ଛା ଅନୁସାରେ ଚାଲିବାକୁ ହେବ। ସ୍ୱାସ୍ଥ୍ୟକୁ ନେଇ ଚିନ୍ତା କରିବେ। କିନ୍ତୁ ଏହା ଗମ୍ଭୀର ସ୍ଥିତି ନୁହେଁ।

**ତୁଳା** – କିଛି ଛାତ୍ରଛାତ୍ରୀଙ୍କର ପାଠପଢ଼ା ମାମଲାରେ ସୁଧାର ହେବ। ନିୟମିତ ରୁଟିନ୍‌ରୁ ବ୍ରେକ୍ ନେଲେ ଲାଭ ପାଇବେ। କେବେ କେବେ ଦୁଃଖୀ ଅନୁଭବ କରିବା ଏକ ସାଧାରଣ ଘଟଣା। ତେଣୁ ଅଧିକ ଟେନସନ୍ ନନେଇ ଜୀବନକୁ ନିଜ ହିସାବରେ ଚାଲିବାକୁ ଦିଅନ୍ତୁ।

**ବିଛା** – କାର୍ଯ୍ୟସ୍ଥଳରେ ନିଜର ଚିନ୍ତାଧାରାକୁ ରୋକି ପାରିବେ ନାହିଁ। ସ୍ୱାସ୍ଥ୍ୟକୁ ନେଇ ବିନା କାରଣରେ ଚିନ୍ତା କରିବା ଉଚିତ ନୁହେଁ। କିଛି ଲୋକ ସହର ବାହାରକୁ ଯାତ୍ରା କରିପାରନ୍ତି। ଏଥିରୁ ଆନନ୍ଦ ଉଠାଇ ପାରିବେ।

**ଧନୁ** – ଲୋକଙ୍କୁ ଖୁସି କରିବା ପାଇଁ ନିଜ ଉପରେ ଚାପ ନଦେଲେ ଭଲ। କିଛି ମୁଦ୍ଦାରେ ପରିବାର ଆପଣଙ୍କ ସାଥିରେ ରହିବ ନାହିଁ। ସଫଳତାପୂର୍ବକ ପୂରା କରିଥିବା ପ୍ରୋଜେକ୍ଟ ଆପଣଙ୍କୁ ପଦ-ପ୍ରତିଷ୍ଠା ଦେବ।

**ମକର** – ଦିନଟି ମିଶ୍ରିତ ଭାବରେ ଫଳଦାୟକ ହେବ। ଅକାରଣେ ବିବାଦରେ ନ ପଡ଼ିଲେ ଭଲ। ଅଫିସ୍‌ରେ ଦବଙ୍ଗ ଲୋକଙ୍କ ସହିତ ସାକ୍ଷାତ ହୋଇପାରେ। ପ୍ରେମୀ ସହିତ ରୋମାଣ୍ଟିକ ସନ୍ଧ୍ୟା ବିତେଇ ପାରନ୍ତି।

**କୁମ୍ଭ** – ଦିନଟି ଉତ୍ତମ ରୂପେ ଫଳଦାୟକ ହେବ। ଧନ ସମ୍ବନ୍ଧୀୟ ପରାମର୍ଶ ମାନନ୍ତୁ ନାହିଁ। କୌଣସି ମାଙ୍ଗଳିକ କାର୍ଯ୍ୟରେ ଭାଗ ନେବେ। ପାର୍ଟନର୍‌କୁ ଖୁସି କରେଇବା ପାଇଁ ଚେଷ୍ଟା କରିବେ। ଅସନ୍ତୁଷ୍ଟ ଲୋକଙ୍କର ମନ ପରିବର୍ତ୍ତନ ହେବ ନାହିଁ।

**ମୀନ** – ପ୍ରେମ ଜୀବନରେ ରୋମାଣ୍ଟିକ ପ୍ରମାଣିତ ହେବେ। ଅତିଥି ଘରକୁ ଆସିବା ଯୋଗୁ ଉତ୍ସାହର ସମ୍ଭାବନା ରହିଛି। ସୁସ୍ଥି ଯୋଗୁ ଦିନଚର୍ଯ୍ୟା ବାଧାପ୍ରାପ୍ତ ହୋଇପାରେ। ଆୟର ସୋର୍ସ ବୃଦ୍ଧି ହେବ।

# ତହସିଲ୍ କାର୍ଯ୍ୟାଳୟ ସାମ୍ନାରେ ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ




**କାମାକ୍ଷାନଗର,୨୧।୧/ଏନ୍ଏନ୍ଏସ୍:** କାମାକ୍ଷାନଗର ତହସିଲ କାର୍ଯ୍ୟାଳୟ ସାମ୍ନାରେ ଏକ ଅଭାବନୀୟ ଘଟଣା ଘଟିଛି। ଜାଗାବାଡ଼ି ବିବାଦକୁ ନେଇ ଜଣେ ଯୁବକ ତହସିଲ କାର୍ଯ୍ୟାଳୟ ସାମ୍ନାରେ ଦଉଡ଼ି ଦେଇ ଆତ୍ମହତ୍ୟା ଉଦ୍ୟମ କରିଥିବା ଜଣାପଡ଼ିଛି। ଯୁବକ ଜଣକ ହେଲେ କାମାକ୍ଷାନଗର ଥାନା କାନପୁରା ଗ୍ରାମର ପ୍ରଭାତ ରାଉତ। ପ୍ରଭାତଙ୍କ କହିବାନୁସାରେ, କିଛି ବର୍ଷ ପୂର୍ବରୁ ତାଙ୍କ ପରିବାର ଲୋକ କାନପୁରା ଜାଗାଟିକୁ ଗ୍ରାମର ଜଣେ ବ୍ୟକ୍ତିଙ୍କୁ ବନ୍ଧକ ପକାଇଥିଲେ। ମାତ୍ର ଏବେ ବନ୍ଧକ ଥିବା ଜାଗାକୁ ଚଞ୍ଚକତା କରି ଉକ୍ତ ବ୍ୟକ୍ତି ଜଣକ ହାତେଇବା ପାଇଁ ଚେଷ୍ଟା କରୁଛନ୍ତି। ଏନେଇ ପ୍ରଭାତ କାମାକ୍ଷାନଗର ତହସିଲ କାର୍ଯ୍ୟାଳୟ ଓ ଢେଙ୍କାନାଳ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଆସିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିଲା। ମଙ୍ଗଳବାର ସେହି ଜାଗାକୁ ଆର୍ଆଇ ଓ ଅମିନ ଯାଇ ଚିହ୍ନଟ କରିବାକୁ ଥିବାବେଳେ କୌଣସି କାରଣ ଯୋଗୁ କେହି ଯାଇନଥିଲେ। ଏହି ଖବର ଶୁଣି ପ୍ରଭାତ ତହସିଲ କାର୍ଯ୍ୟାଳୟ ସାମ୍ନାରେ ଦଉଡ଼ି ଦେଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଉକ୍ତ ଘଟଣାକୁ ନେଇ ତହସିଲ କାର୍ଯ୍ୟାଳୟ ସାମ୍ନାରେ ଲୋକାରଣ୍ୟ ହୋଇଥିବାବେଳେ ଖବରପାଇ କାମାକ୍ଷାନଗର ପୁଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରଭାତଙ୍କୁ ଉଦ୍ଧାର କରି କାମାକ୍ଷାନଗର ମେଡିକାଲ୍‌ରେ ଭର୍ତ୍ତି କରିଛି। ତେବେ ଏ ସମ୍ପର୍କରେ କାମାକ୍ଷାନଗର ତହସିଲଦାର କିମ୍ବା ଆରଆଇଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ମଣ୍ଡିରୁ ଉଠୁନି ଧାନ, ପ୍ରଶାସନିକ ଅଧିକାରୀଙ୍କ ଦେଖା ମିଳୁନି

**ରାଜନଗର,୨୧।୧/ଏନ୍ଏନ୍ଏସ୍:** ରାଜନଗର ବ୍ଲକ୍‌ରେ ମଣ୍ଡି ବ୍ୟବସ୍ଥା ଫେଲ୍ ମାରିଛି। ମଣ୍ଡିରେ ଧାନ ଆଣି ଚାଷୀ ଜଗି ବସିଥିବାବେଳେ ମିଲର୍‌ଙ୍କ ଦେଖାନାହିଁ। ବିଭାଗୀୟ ଅଧିକାରୀ କିମ୍ବା କୌଣସି ପ୍ରଶାସନିକ ଅଧିକାରୀ ଚାଷୀଙ୍କ ଦୁଃଖ ଶୁଣିବା ତ ଦୂରର କଥା ମଣ୍ଡିରେ ପାଦ ପକାଇନଥିବା ଅଭିଯୋଗ ହୋଇଛି। ଏହି ବ୍ଲକ୍‌ର ୧୪ଟି ପ୍ରାଥମିକ କୃଷି ସେବା ସମବାୟ ସମିତି ମଧ୍ୟରୁ ଫିରିକିଦାଣ୍ଡି ସେବା ସମବାୟ ସମିତିରେ ମଣ୍ଡି କରାଯାଉ ନାହିଁ। ଅବଶିଷ୍ଟ ୧୩ଟି ସେବା ସମବାୟ ସମିତି କୋଇଲିପୁର, ଭାଟପଡ଼ା, ଓସ୍ତିଆ, ବାଲିସାହିପାଟଣା, ରାଜନଗର, ବଡ଼ନାଉକଣା, କୁରୁଣ୍ଟି, ଡେରା, ନୋଧାବସନ୍ତ, ଗୋପାଳପୁର, ଚାନ୍ଦିବାଉଁଶମୂଳ, ଡାଙ୍ଗମାଳ ଓ ତାଳଚୁଆରେ ପ୍ରତିବର୍ଷ ଧାନମଣ୍ଡି କରାଯାଉଛି। ଏହିକ୍ରମେ ଚଳିତ ବର୍ଷ ୧୦ ତାରିଖରୁ ଧାନମଣ୍ଡି ଉଦ୍‌ଘାଟନ ହେବାସହ ଚାଷୀଙ୍କୁ ମଣ୍ଡିକୁ ଧାନ ଆଣିବା ପାଇଁ ଟୋକନ୍ ଦିଆଯାଇଥିଲା। ଚାଷୀମାନେ ମଧ୍ୟ ମଣ୍ଡିକୁ ଧାନ ଆଣିଛନ୍ତି।



ମଣ୍ଡିକୁ ଧାନ ଆଣିବାକୁ ୧୧ ଦିନ ବିତି ଯାଇଥିଲେ ମଧ୍ୟ ମିଲର୍ ଧାନ ନେବା ପାଇଁ ଆସୁନାହାନ୍ତି। ଫଳରେ ମଣ୍ଡିରେ ଧାନ ରଖିଥିବା ଚାଷୀମାନେ ଶୀତ କାକରରେ ଭାଗ୍ୟକୁ ଆଦରି ପଡ଼ି ରହିଛନ୍ତି।

ରାଜ୍ୟରେ ସରକାର ବଦଳିଲା। କିନ୍ତୁ ମଣ୍ଡି ବ୍ୟବସ୍ଥା ବଦଳିଲା ନାହିଁ ବୋଲି ଅଭିଯୋଗ ହେଉଛି। ନୂଆ ସରକାର ଚଳିତ ବର୍ଷ ଧାନ କ୍ୟୁଣ୍ଟାଲ୍ ପ୍ରତି ୩୧ଶହ ଟଙ୍କା ଦେବେ ବୋଲି ଘୋଷଣା କରିବା ପରେ ଚାଷୀ ମନରେ ଖୁସି ଭରିଯାଇଥିଲା। ଧାରକରଜ କରି ପ୍ରତିକୂଳ ପରିବେଶରେ ଧାନ ଉତ୍ପାଦନ କରିଥିଲେ।

**କଟନୀ ଛଟନୀ ଜାରି**

**ମଣ୍ଡି ବ୍ୟବସ୍ଥାରେ ସୁଧାର ନଆସିଲେ ଆନ୍ଦୋଳନ ଚେତାବନୀ**

ଧାନ ଥୋଡ଼ ବାହାରିବା ସମୟରେ ବାତ୍ୟା ଦାନା ଓ ପରେ ଲଘୁଚାପଜନିତ ବର୍ଷା ଏପରିକି ଧାନ ଅମଳ ସମୟରେ ଅଦିନିଆ ଲଗାଣ ବର୍ଷା ଚାଷୀର ମନୋବଳ ଭାଙ୍ଗି ଦେଇଥିଲା। ଫଳରେ ରାଜ୍ୟର ଅନେକ ସ୍ଥାନରେ କ୍ଷେତରେ ନିଜର ଉଜୁଡ଼ା ଫସଲ ଦେଖି କିଛି ଚାଷୀ ପ୍ରାଣ ହରାଇଥିଲେ। ଚାଷୀଙ୍କ ଭାଙ୍ଗିଯାଇଥିବା ମନୋବଳକୁ ଦୃଢ଼ କରିବା ପାଇଁ ପ୍ରତି ଜିଲ୍ଲାକୁ ଖୋଦ୍ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀ ସେମାନଙ୍କ ପାଖରେ ପହଞ୍ଚି ସରକାର ଆପଣଙ୍କ ସହିତ ଅଛି ବୋଲି ସାନ୍ତ୍ୱନା ଦେଇଥିଲେ। ସରକାରୀ ଅଧିକାରୀମାନେ କରୁଥିବା କ୍ଷୟକ୍ଷତି ସର୍ଭେ ପରେ କ୍ଷତିପୂରଣ ମିଳିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଚାଷୀ ମନରେ ସରକାର ପ୍ରତି ଭାବନା ବଦଳିଲା। ପ୍ରାକୃତିକ ବିପର୍ଯ୍ୟୟରେ ଯେତିକି ଫସଲ ନଷ୍ଟ ହୋଇଯାଇଛି, ଅବଶିଷ୍ଟ ଫସଲକୁ ମଣ୍ଡିରେ ବିକି ଦି ପଇସା ପାଇବା ନେଇ ଚାଷୀ ଆଶା ରଖିଥିଲେ। ସବୁଠୁ ବଡ଼କଥା ହେଲା, ଚଳିତ ବର୍ଷ ମଣ୍ଡିରେ କଟ୍‌ନୀ ଛଟନୀ ବନ୍ଦ କରାଯିବା ପାଇଁ ସରକାର ଘୋଷଣା କରିଥିଲେ ମଧ୍ୟ ବାସ୍ତବ ସ୍ଥିତି କିଛି ଅଲଗା ରହିଛି।

ମଣ୍ଡିରେ ୧୧ ଦିନ ହେବ ଧାନ ପଡ଼ି ରହିବା ଘଟଣାରେ ମିଲର୍‌ଙ୍କ କଟ୍‌ନୀ ଛଟ୍‌ନୀ ଜାରି ରହିଛି। ଫଳରେ କିଛି ଚୂଡ଼ାନ୍ତ ହୋଇନପାରିବାରୁ ମଣ୍ଡିରୁ ଧାନ ଉଠାଯାଉନି। ଅନ୍ୟପଟେ ମିଲର୍‌ମାନେ ଖୋଲା ବଜାରରେ ଚାଷୀଙ୍କଠାରୁ ଶାଗମାଛ ଦରରେ ଧାନ କିଣିଛନ୍ତି। ଏବେ ପ୍ରତ୍ୟେକ ମିଲ୍‌ରେ ହଜାର ହଜାର କ୍ୟୁଣ୍ଟାଲ ଧାନ କେଉଁଠୁ ଆସିଲା ବୋଲି ଚାଷୀମାନେ ପ୍ରଶ୍ନ କରିଛନ୍ତି। ମିଲର୍‌ମାନେ ଧାନର ଏଫଏକ୍ୟୁ ମାନର ଦ୍ୱାହି ଦେଇ ମଣ୍ଡିରୁ କଟ୍‌ନୀ ଛଟ୍‌ନୀ କରି ଧାନ ଉଠାଇବାକୁ ଜିଦ୍ ଧରିଥିବାବେଳେ ମିଲ୍‌ରେ ଥିବା ହଜାର ହଜାର କ୍ୟୁଣ୍ଟାଲ ଧାନ କେଉଁ ମାନର ବୋଲି ତଦନ୍ତ କରିବାକୁ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଏନେଇ ଦିନକୁଦିନ ଚାଷୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବାରେ ଲାଗିଛି। ସମବାୟ ସମିତି ସମ୍ପାଦକମାନେ ମଧ୍ୟ ଚାଷୀଙ୍କ ରୋଷର ଶିକାର ହୋଇଛନ୍ତି। ଆଗାମୀ ଦିନରେ ମଣ୍ଡି ବ୍ୟବସ୍ଥାରେ ସୁଧାର ନଆସିଲେ ଆମେ ବଡ଼ ଆନ୍ଦୋଳନକୁ ଓହ୍ଲାଇବୁ ବୋଲି ପ୍ରମୋଦ କୁମାର ଚମ୍ପତିରାୟ, ନକୁଳଚରଣ ଦାସ, ଗିରିଶ ନାୟକ, ବୈକୁଣ୍ଠ ପରିଡ଼ା, ଗୋଲେଖ ପରିଡ଼ା, ଜାମିନୀକାନ୍ତ ସ୍ୱାଇଁ, ମେଘଶ୍ୟାମ ସାହୁ, ସଦାନନ୍ଦ ଜେନା ଓ ରତ୍ନାକର ମଣ୍ଡଳ ପ୍ରମୁଖଙ୍କ ସହ ଶତାଧିକ ଚାଷୀ ଚେତାବନୀ ଦେଇଛନ୍ତି।

# ଭତ୍ତା ପାଇଁ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

**ସୋର,୨୧।୧/ଏନ୍ଏନ୍ଏସ୍:** ଭତ୍ତା ପାଇଁ ୮୦ରୁ ଅଧିକ ଲୋକ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବା ଦେଖିବାକୁ ମିଳିଛି। ସୋର ବ୍ଲକ୍ ମାଣିପୁର ପଞ୍ଚାୟତରେ ମଙ୍ଗଳବାର ଭତ୍ତା ବଣ୍ଟାଯିବାର ଥିଲା। ମାତ୍ର ୮୦ରୁ ଊର୍ଦ୍ଧ୍ୱ ଲୋକେ ଭତ୍ତା ଗ୍ରହଣ ନକରି ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ସେମାନଙ୍କ ଅଭିଯୋଗ ଆଧାରରେ ବିଜେପି ସରକାର ନିର୍ବାଚନୀ ଇସ୍ତାହାରରେ ୬୦ ବର୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ବାର୍ଦ୍ଧକ୍ୟ ଭତ୍ତା ବାବଦକୁ ୩ହଜାର ଓ ୮୦ ବର୍ଷରୁ ଊର୍ଦ୍ଧ୍ୱଙ୍କୁ ୩ହଜାର ୫ଶହ ଟଙ୍କା ଦେବାର ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ୮୦ ବର୍ଷରୁ ଊର୍ଦ୍ଧ୍ୱଙ୍କୁ ୩ହଜାର ୫ଶହ ଟଙ୍କା ଭତ୍ତା ମିଳୁଥିବାବେଳେ ୬୦ ବର୍ଷରୁ ଊର୍ଦ୍ଧ୍ୱଙ୍କୁ ହଜାରେ ଟଙ୍କା ମିଳୁଛି। ଏହାକୁ ବିରୋଧ କରି ମାଣିପୁର ପଞ୍ଚାୟତର ବିଭିନ୍ନ ଗ୍ରାମରୁ ୮୦ରୁ



ଊର୍ଦ୍ଧ୍ୱ ଭତ୍ତା ହିତାଧିକାରୀ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ସେମାନଙ୍କୁ ୩ ହଜାର ଟଙ୍କା ଭତ୍ତା ନମିଳିବା ଯାଏଁ ଏହି ଧାରଣା ଜାରି ରହିବ ବୋଲି କହିଥିଲେ। ଏନେଇ ଏକ ଦାବିପତ୍ର ସରପଞ୍ଚଙ୍କୁ ପ୍ରଦାନ କରାଯାଇଥିଲା। ପରେ ସରପଞ୍ଚ ସରୋଜ କୁମାର ମହାପାତ୍ର ଲୋକଙ୍କୁ ବୁଝାସୁଝା କରିବା ପରେ ସେମାନେ ଧାରଣାରୁ ଉଠିଥିଲେ।

# ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍

**କେନ୍ଦୁଝର,୨୧।୧/ଏନ୍ଏନ୍ଏସ୍:** କେନ୍ଦୁଝର ଫାଷ୍ଟଟ୍ରାକ୍ କୋର୍ଟର ବିଚାରପତି ବିଜୟ କୁମାର ମିଶ୍ର ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ପଣ୍ଡାପଡ଼ା ଥାନା ଅନ୍ତର୍ଗତ ସାରିଆ ଗାଁର ମକୁର ଜୁଆଙ୍ଗ(୩୫)କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏହାସହ ୨୦ ବର୍ଷ ସଶ୍ରମ କାରାଦଣ୍ଡ,୨୦ ହଜାର ଟଙ୍କା ଜୋରିମାନା ଓ ଜୋରିମାନା ଅନାଦେୟ ହେଲେ ଅଧିକ ୬ ମାସ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଘଟଣାରୁ ପ୍ରକାଶ, ଆଶ୍ରମ ସ୍କୁଲ୍‌ରେ ପଢୁଥିବା ୧୪ ବର୍ଷର ନାବାଳିକାକୁ ୨୦୧୯ ଫେବୃଆରୀ ୨ ତାରିଖରେ ଭାଇ ଡାକୁଥିବା କହି ନେଇଆସି ଅଭିଯୁକ୍ତ ମଝିରାସ୍ତାରେ ଏକ ଜଙ୍ଗଲରେ ଦୁଷ୍କର୍ମ କରିଥିଲା। ପରେ ଘରକୁ ନେଇ ଅଟକ ରଖିବା ସହ ପୀଡ଼ିତାର ଭାଇ ଅଭିଯୁକ୍ତ ଧାର ନେଇଥିବା ଟଙ୍କା ଫେରସ୍ତ ନକଲେ ତାକୁ ଛାଡ଼ିବ ନାହିଁ ବୋଲି କହିଥିଲା। ପରେ ପୀଡ଼ିତାର ବାପା, ମାଆ ଓ ସ୍କୁଲ୍‌ର ପ୍ରଧାନଶିକ୍ଷକ ଯାଇ ତାଙ୍କୁ ଉଦ୍ଧାର କରି ଥାନାରେ ଲିଖିତ ଅଭିଯୋଗ କଲା ପରେ ପଣ୍ଡାପଡ଼ା ଥାନାରେ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିଲା। ମଙ୍ଗଳବାର ଫାଷ୍ଟଟ୍ରାକ୍ କୋର୍ଟର ବିଚାରପତି ୨୧ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଉପରୋକ୍ତ ଦଣ୍ଡାଦେଶ ଶୁଣାଇବା ସହ ପୀଡ଼ିତାକୁ ୫ଲକ୍ଷ ଟଙ୍କା ଅନୁକମ୍ପାମୂଳକ ରାଶି ପ୍ରଦାନ ନିମନ୍ତେ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି ।

# ରାଶିପାଳ ହାଇସ୍କୁଲ୍‌ର ରଜତ ଜୟନ୍ତୀ



**ହିନ୍ଦୋଳ,୨୧।୧/ଏନ୍ଏନ୍ଏସ୍:** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଏନ୍ଏସିସ୍ଥିତ ରାଶିପାଳ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ରଜତ ଜୟନ୍ତୀ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏନ୍ଏସି ଅଧ୍ୟକ୍ଷ କେଶବ ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବାବେଳେ ମୁଖ୍ୟବକ୍ତା ଭାବେ ହିନ୍ଦୋଳ ମହାବିଦ୍ୟାଳୟ ରସାୟନ ବିଭାଗ ମୁଖ୍ୟ ଅଧ୍ୟାପକ ସୁକାନ୍ତ ପତି, ସମ୍ମାନିତ ଅତିଥିଭାବେ ୱାର୍ଡନଂ ୧୩ କାଉନସିଲର୍ ପ୍ରତିମା ନାଏକ, ରଜତ ଜୟନ୍ତୀ ସଭାପତି ତଥା ପୂର୍ବତନ ସରପଞ୍ଚ ବିଜୟ ଦାସ, ସ୍କୁଲ୍ ପରିଚାଳନା କମିଟି ସଭାପତି ଦିବାକର ସାହୁ, ଉପଦେଷ୍ଟା ଶରତ ମହାରଣା, ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ଦାସ, ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କମିଟି ସଦସ୍ୟ ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ପ୍ରଦୀପ ପ୍ରଜ୍ୱଳନ ପରେ ସ୍କୁଲ୍‌ର ବାର୍ଷିକ ବିବରଣୀ ପାଠ କରାଯାଇଥିଲା। ମୁଖ୍ୟଅତିଥି ଓ ମୁଖ୍ୟବକ୍ତା ଛାତ୍ରଛାତ୍ରୀଙ୍କୁ ଉତ୍ତମ ମଣିଷ ହେବାକୁ ପରାମର୍ଶ ଦେବାସହ ସ୍କୁଲ୍ ପରିଚାଳନା କମିଟିର ଉତ୍ତୋରତର ଉନ୍ନତି କାମନା କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଏହାସହ ୱାର୍ଡ କାଉନସିଲର୍ ପ୍ରତିମା ନାଏକ, ସମାଜସେବୀ ମନୋରଞ୍ଜନ ନାଏକ, ବିଜୟ ଦାସଙ୍କ ସମେତ ସମସ୍ତ ପରିଚାଳନା କମିଟି ସଦସ୍ୟ, ପ୍ରତିଷ୍ଠାତା ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ।

# ପିତୃହନ୍ତାକୁ ୭ ବର୍ଷ ଜେଲ୍ ଦଣ୍ଡାଦେଶ

**କେନ୍ଦୁଝର,୨୧।୧/ଏନ୍ଏନ୍ଏସ୍:** କେନ୍ଦୁଝର ଏଡିଜେ କୋର୍ଟର ବିଚାରପତି ମମିତା ଦାସ ମଙ୍ଗଳବାର ଏକ ହତ୍ୟା ମାମଲାର ବିଚାର କରି ଅଭିଯୁକ୍ତ ପ୍ରଶାନ୍ତ କୁମାର ମହାକୁଡ଼(୩୮)କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏହାସହ ୭ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇବା ସହ ୧୦ ହଜାର ଟଙ୍କା ଜୋରିମାନା ଓ ଜୋରିମାନା ଅନାଦେୟ ଅଧିକ ୬ ମାସ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଘଟଣାରୁ ପ୍ରକାଶ, ୨୦୨୨ ସେପ୍ଟେମ୍ବର ୯ ତାରିଖ ସନ୍ଧ୍ୟା ୫ଟାରେ ଅଭିଯୁକ୍ତ ଅତ୍ୟଧିକ ମଦ୍ୟପାନ କରି ନିଜ ବାପା ଅନିରୁଦ୍ଧ ମହାକୁଡ଼ଙ୍କୁ ଗୋଇଠା ବିଧା ମାରି ବେହୋସ କରି ଦେଇଥିଲା। ପର ଦିନ ମେଡିକାଲ୍ ନେବାରୁ ଡାକ୍ତର ଅନିରୁଦ୍ଧଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାକୁ ନେଇ ଥାନାରେ ଘର ଲୋକ ଲିଖିତ ଅଭିଯୋଗ କରିବାରୁ ସଦର ଥାନା ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଥିଲା । ମଙ୍ଗଳବାର ଏଡିଜେ କୋର୍ଟର ବିଚାରପତି ମମିତା ଦାସ ୧୨ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଅଭିଯୁକ୍ତକୁ ଆଇପିସି ଦଫା ୩୦୪ରେ ଦୋଷୀ ପାଇ ଉପରୋକ୍ତ ରାୟ ଶୁଣାଇଛନ୍ତି।




# ତୁଳସୀକ୍ଷେତ୍ର ପଣ୍ଡିତ ସଭାର ସାମୂହିକ ବ୍ରତୋପନୟନ

**କେନ୍ଦ୍ରାପଡ଼ା,୨୧।୧/ଏନ୍ଏନ୍ଏସ୍:** କେନ୍ଦ୍ରାପଡ଼ା ତୁଳସୀକ୍ଷେତ୍ର ପଣ୍ଡିତ ସଭା ଆନୁକୂଲ୍ୟରେ ସାମୂହିକ ବ୍ରତୋପନୟନ ତଳବାରଙ୍ଗସ୍ଥିତ ଶ୍ରୀ ଗୋପୀନାଥଜିଉ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଅଞ୍ଚଳର ଗରିବ ବ୍ରାହ୍ମଣ ପିଲାଙ୍କ ବ୍ରତୋପନୟନ କରାଯାଇଥିଲା। ମାର୍ଶାଘାଇ ବ୍ଲକ୍ ବିଲବଲରାମପୁରର ଦୀପ୍ତି ରଞ୍ଜନ କର, ଗରଦପୁରର ଦିବ୍ୟଦର୍ଶନ ପତି, ଜଜାଙ୍ଗର ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଆଳି, ନେମାଳର ସଞ୍ଜୟ ଦୀକ୍ଷିତ ଓ ପଟ୍ଟାମୁଣ୍ଡାଇ-ଅଣ୍ଡରା



ଗ୍ରାମର ସୁଧାଂଶୁ ଶେଖର ପଣ୍ଡା ବ୍ରହ୍ମଚାରୀ ଭାବେ ଉପବୀତ ଗ୍ରହଣ କରିଛନ୍ତି। ତୁଳସୀକ୍ଷେତ୍ର ପଣ୍ଡିତ ସଭାର ଉପଦେଷ୍ଟା ପଣ୍ଡିତ କେଶବ ଚନ୍ଦ୍ର ପତ୍ରୀ, ସଭାପତି ପଣ୍ଡିତ ଧ୍ରୁବଚରଣ ପଣ୍ଡା, ଉପସଭାପତି କୃଷ୍ଣାନନ୍ଦ ପଣ୍ଡା, ସମ୍ପାଦକ ପଣ୍ଡିତ ସତ୍ୟନାରାୟଣ ପତି, ହରେକୃଷ୍ଣ ପତି ପ୍ରମୁଖଙ୍କ ସହ ତୁଳସୀକ୍ଷେତ୍ର ପଣ୍ଡିତ ସଭାର ସମସ୍ତ କର୍ମକର୍ତ୍ତା ଓ ସଭ୍ୟଙ୍କ ତତ୍ତ୍ୱାବଧାନରେ ଏହି ଶୁଭକର୍ମ ସମାପନ ହୋଇଥିଲା। ଉକ୍ତ ବ୍ରତୋପନୟନ କାର୍ଯ୍ୟରେ ଶ୍ରୀଗୋପୀନାଥଜିଉ ଯୁବକ ସଂଘ, ଗ୍ରାମବାସୀବୃନ୍ଦ ଓ ସ୍ଥାନୀୟ ଅଞ୍ଚଳର ଜନସାଧାରଣମ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ସଭ୍ୟ ନୃସିଂହ ଚରଣ ତ୍ରିପାଠୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ଯାଜପୁର ଜିଲ୍ଲା ମହୋତ୍ସବ ନିମନ୍ତେ ପ୍ରସ୍ତୁତି

# ସମସ୍ତ ବ୍ୟବସ୍ଥା ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ



**ଯାଜପୁର,୨୧।୧/ଏନ୍ଏନ୍ଏସ୍:** ଯାଜପୁର ଜିଲ୍ଲା ମହୋତ୍ସବ 'ଯଯାତି' ଫେବୃଆରୀ ୮ରୁ ୧୨ ତାରିଖ ପର୍ଯ୍ୟନ୍ତ କୁସୁମା ସମ୍ମୁଖ ପଡ଼ିଆରେ ଅନୁଷ୍ଠିତ ହେବ। ଏନେଇ ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ପରିଷଦର ଅଧ୍ୟକ୍ଷା ପି ଅନ୍ୱେଷା ରେଡ୍ଡୀ ସୂଚନା ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ସଂସ୍କୃତି ପରିଷଦ ପକ୍ଷରୁ ଆୟୋଜିତ ହେବାକୁ ଥିବା ଜିଲ୍ଲା ମହୋତ୍ସବର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଜିଲ୍ଲା ସଂସ୍କୃତି ଅଧିକାରୀ ସୋନାଲି ବେହେରା ସମସ୍ତଙ୍କୁ ସ୍ୱାଗତ କରିବା ସହ ବୈଠକର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇ ମହୋତ୍ସବର ସଫଳତା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଜିଲ୍ଲାପାଳ ଅଧ୍ୟକ୍ଷତା କରି ଜିଲ୍ଲା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଫେବୃଆରୀ ୮ରୁ ୧୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଥିଲେ। ୮ ତାରିଖ ସନ୍ଧ୍ୟାରେ ଜିଲ୍ଲା ମହୋତ୍ସବକୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟନ କରାଯିବା ନିମନ୍ତେ ପ୍ରସ୍ତାବ କରାଯାଇଛି ବୋଲି ସୂଚନା ଦେଇଥିଲେ। ଜିଲ୍ଲା ମହୋତ୍ସବର ଆୟୋଜନ ପାଇଁ ସରକାରୀ ପଦାଧିକାରୀ, ଯାଜପୁରର ବୁଦ୍ଧିଜିବୀ, ଶିକ୍ଷାବିତ୍, ରାଜନୀତିଜ୍ଞ ଓ ସାମ୍ବାଦିକଙ୍କୁ ନେଇ ସବ୍ କମିଟି ଗଠନ କରାଯାଇଛି। ଯାଜପୁର ମହୋତ୍ସବକୁ ଆସିଥିବା ସମସ୍ତ ଲୋକ ପଲ୍ଲିଶ୍ରୀ ମେଳା, ପ୍ରଦର୍ଶନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିବା ସହିତ ସୁନ୍ଦର ଅଭିଜ୍ଞତା ନେଇ ଘରକୁ ଫେରିବେ ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ ଓ ଉପଜିଲ୍ଲାପାଳ ଅଂଶୁମାନ ଶତପଥୀ ଯୋଗଦେଇ ମହୋତ୍ସବର ରୂପରେଖ ନେଇ ଆଲୋକପାତ କରିଥିଲେ। ପୂର୍ବ ମହୋତ୍ସବ ଭଳି ରାସ୍ତାଘାଟ ମରାମତି, ମହୋତ୍ସବ ପଡ଼ିଆ ପରିଷ୍କାର ପରିଚ୍ଛନ୍ନ, ଆଲୋକ ବ୍ୟବସ୍ଥା, ଆଇନ ଶୃଙ୍ଖଳା, ଟ୍ରାଫିକ୍ ବ୍ୟବସ୍ଥା, ସ୍ୱାସ୍ଥ୍ୟସେବା, ଅଗ୍ନିଶମ ସେବା, କଳାକାରଙ୍କ ସହ ଯୋଗାଯୋଗ, କାର୍ଯ୍ୟକ୍ରମର ପ୍ରଚାର ପ୍ରସାର ପାଇଁ ବ୍ୟାନର ଓ ପୋଷ୍ଟର ଆଦିର ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇ ତ୍ୱରିତ ପଦକ୍ଷେପ ନିଆଯିବାକୁ ବିଭାଗଙ୍କୁ ପରାମର୍ଶ ଦିଆଯାଇଥିଲା। ଏଥିରେ ଜିଲ୍ଲା ସଂସ୍କୃତି ପରିଷଦର ସଦସ୍ୟ, ଗଣମାଧ୍ୟମ ପ୍ରତିନିଧି, ବରିଷ୍ଠ ନାଗରିକ, ଶିକ୍ଷାବିତ୍ ଓ ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

## ଭାରତ-ଇଂଲଣ୍ଡ ପ୍ରଥମ ଟି-୨୦ ଆଜି: ଇଂଲଣ୍ଡର ଚୂଡ଼ାନ୍ତ ଏକାଦଶ ଘୋଷିତ

# ନୂଆ ଭାବେ ଆରମ୍ଭ କରିବ ଟିମ୍ ଇଣ୍ଡିଆ




**କୋଲ୍‌କାତା,୨୧।୧/ଏଜେନ୍ସି:** ଭାରତୀୟ ଟିମ୍ ନ୍ୟୁଜିଲାଣ୍ଡ୍ ଏବଂ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ୍ ସିରିଜ୍‌ରେ ମିଳିଥିବା ପରାଜୟକୁ ଭୁଲି ଇଂଲଣ୍ଡ ବିପକ୍ଷ ସୀମିତ ଓଭର୍ ସିରିଜ୍‌ରେ ନୂତନ ଭାବେ ଆରମ୍ଭ କରିବାକୁ ଉଦ୍ୟତ। ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଭାରତୀୟ ଟିମ୍ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ବୁଧବାର ଇଂଲଣ୍ଡକୁ ଭେଟିବ। ଇଡେନ୍ ଗାର୍ଡେନ୍ସରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ରେ ଅନୁଭବୀ ଫାଷ୍ଟ ବୋଲର୍ ମହମ୍ମଦ ଶମୀ ୧୪ ମାସ ପରେ ଅନ୍ତର୍ଜାତୀୟ କ୍ରିକେଟ୍‌କୁ ପ୍ରତ୍ୟାବର୍ତ୍ତନ କରିବେ। ଯଦି ସବୁକିଛି ଠିକ୍ ରୁହେ ତେବେ ଆସନ୍ତାକାଲି ସେ ଚୂଡ଼ାନ୍ତ ଏକାଦଶରେ ସାମିଲ ହୋଇପାରନ୍ତି।

ଭାରତ ଓ ଇଂଲଣ୍ଡ ମଧ୍ୟରେ ପାଞ୍ଚ ଟି-୨୦ ସିରିଜ୍ ପରେ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଖେଳାଯିବ। ଆସନ୍ତା ମାସରେ ହେବାକୁ ଥିବା ଚାମ୍ପିଅନ୍ସ ଟ୍ରଫି ପୂର୍ବରୁ ନିଜକୁ ପ୍ରତିପାଦିତ କରିବାରେ ଏହି ସିରିଜ୍ ଦୁଇ ଟିମ୍ ପାଇଁ ସୁବର୍ଣ୍ଣ ସୁଯୋଗ ହେବ। ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଭାରତୀୟ ଟିମ୍ ଅଷ୍ଟ୍ରେଲିଆ ଗସ୍ତରେ ମିଳିଥିବା ପରାଜୟକୁ ଏପର୍ଯ୍ୟନ୍ତ ଭୁଲିପାରି ନାହିଁ। ଏହାପରେ ଟିମ୍‌ରେ ଶୃଙ୍ଖଳା ଫେରାଇ ଆଣିବା ନିମନ୍ତେ ବିସିସିଆଇ କଡ଼ା ଦିଶାନିର୍ଦ୍ଦେଶ ଜାରି କରିଛି। ଅଲ୍‌ରାଉଣ୍ଡର୍ ଅକ୍ଷର ପଟେଲ୍‌ଙ୍କୁ ଟି-୨୦ ସିରିଜ୍ ପାଇଁ ଟିମ୍ ଇଣ୍ଡିଆର ଭାଇସ୍ କ୍ୟାପ୍‌ଟେନ୍ ନିଯୁକ୍ତ କରାଯାଇଛି। ଅକ୍ଷର ଗତବର୍ଷ ୱେଷ୍ଟଇଣ୍ଡିଜ୍‌ରେ ଟି-୨୦ ବିଶ୍ୱକପ୍ ଟାଇଟଲ୍ ଜିତିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥିଲେ। ଅକ୍ଷର ସାଉଥ୍ ଆଫ୍ରିକା ବିପକ୍ଷ ଫାଇନାଲ୍‌ରେ ୩୧ ବଲ୍‌ରେ ୪୭ ରନ୍ କରିବା ସହିତ ଆଠ ମ୍ୟାଚ୍‌ରେ ୯ ୱିକେଟ୍ ମଧ୍ୟ ଅକ୍ତିଆର କରିଥିଲେ। ସେହିପରି ଭାରତୀୟ ଚାମ୍ପିଅନ୍ସ ଟିମ୍‌ରେ ସ୍ଥାନ ହାସଲ କରିପାରି ନଥିବା ୱିକେଟ୍‌କିପର୍ ସଞ୍ଜୁ ସାମ୍‌ସନ୍‌ଙ୍କ ଉପରେ ଉନ୍ନତ ପ୍ରଦର୍ଶନ ପାଇଁ ସିରିଜ୍‌ରେ ଚାପ ରହିବ। ନିକଟରେ ସାଉଥ୍ ଆଫ୍ରିକା ବିପକ୍ଷ ଲଗାତାର ଦୁଇଟି ଟି-୨୦ରେ ଶତକ ହାସଲ କରିଥିବା ସଞ୍ଜୁ ନିଜକୁ ବହୁବାର ସାବ୍ୟସ୍ତ କରିସାରିଛନ୍ତି। ମେଲବର୍ଣ୍ଣରେ ଅଷ୍ଟ୍ରେଲିଆ ବିପକ୍ଷ ବକ୍ସିଂ ଡେ ଟେଷ୍ଟ୍‌ରେ ଶତକ ହାସଲ କରିଥିବା ନୀତୀଶ ରେଡ୍ଡୀଙ୍କୁ ମଧ୍ୟ ଟିମ୍‌ରେ ସ୍ଥାନ ମିଳିଛି। ସେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସହ ବୋଲିଂରେ ଆଉ ଏକ ବିକଳ୍ପ ହୋଇପାରିବେ। ଇଂଲଣ୍ଡ ଚୂଡ଼ାନ୍ତ ଏକାଦଶ ଘୋଷିତ ହୋଇସାରିଥିବା ବେଳେ ଆସନ୍ତାକାଲି ଟସ୍ ବେଳେ ଟିମ୍ ଇଣ୍ଡିଆ ନିଜ ପ୍ଲେଇଙ୍ଗ୍ ଇଲେଭେନ୍ ଉପରୁ ପର୍ଦ୍ଦା ହଠାଇବ।

### ଇଂଲିଶ ଏକାଦଶରେ ୪ ଫାଷ୍ଟ୍ ବୋଲର୍



ଭାରତ ବିପକ୍ଷ ପ୍ରଥମ ଟି-୨୦ ମ୍ୟାଚ୍ ପାଇଁ ଇଂଲଣ୍ଡ ମଙ୍ଗଳବାର ଚୂଡ଼ାନ୍ତ ଏକାଦଶ ଘୋଷଣା କରିଛି। ୱିକେଟ୍‌କିପର୍ ଫିଲ୍ ସଲ୍ଟ ଓପ୍ନର୍ ବେନ୍ ଡକେଟ୍‌ଙ୍କ ସହ ବ୍ୟାଟିଂ ଆରମ୍ଭ କରିବେ। ସେହିପରି କ୍ୟାପ୍‌ଟେନ୍ ଜୋସ୍ ବଟ୍‌ଲର୍ ନଂ.୩ରେ ବ୍ୟାଟିଂ କରିପାରନ୍ତି। ବଟ୍‌ଲର୍ ଏହି ମ୍ୟାଚ୍‌ରେ ୱିକେଟ୍‌କିପିଂ କରିବେ ନାହିଁ। ଟିମ୍‌ରେ ଚାରିଜଣ ଫାଷ୍ଟ ବୋଲର୍‌ଙ୍କୁ ସ୍ଥାନ ମିଳିଛି। ୨୦୨୧ ମାର୍ଚ୍ଚ ୨୦ରେ ଭାରତ ବିପକ୍ଷରେ ଶେଷ ଟି-୨୦ ମ୍ୟାଚ୍ ଖେଳିଥିବା ଜୋଫ୍ରା ଆର୍ଚର୍ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇଛନ୍ତି। ସେହିପରି ପ୍ରାୟ ଏକବର୍ଷ ପରେ ଗସ୍ ଆଟ୍‌କିନ୍‌ସନ୍‌ଙ୍କ ଟିମ୍‌କୁ ପ୍ରତ୍ୟାବର୍ତ୍ତନ ଘଟିଛି। ୨୦୨୩ ଡିସେମ୍ବରରେ ସେ ୱେଷ୍ଟଇଣ୍ଡିଜ୍ ଗସ୍ତ ଅବସରରେ ଶେଷ ଟି-୨୦ ମ୍ୟାଚ୍ ଖେଳିଥିଲେ। ଏହି ଦୁଇଜଣଙ୍କ ବ୍ୟତୀତ ମାର୍କ ଉଡ୍ ଓ ଜାମି ଓଭର୍‌ଟନ୍‌ଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯାଇଛି।

ଇଂଲଣ୍ଡର ରେଡ୍ ବଲ୍ କୋଚ୍ ବ୍ରେଣ୍ଡନ୍ ମ୍ୟାକ୍‌କୁଲମ୍‌ଙ୍କ ପାଇଁ ଏହା ହ୍ୱାଇଟ୍ ବଲ୍ କୋଚ୍ ଭାବେ ପ୍ରଥମ ସିରିଜ୍ ହେବ। ପ୍ରଥମେ ଟି-୨୦ ପୂର୍ବରୁ ମ୍ୟାକ୍‌କୁଲମ୍ ମିଡିଆ ସହ ଆଲୋଚନା ବେଳେ କହିଛନ୍ତି, ଏହି ଗସ୍ତ ବହୁ କଷ୍ଟକର। କାରଣ ଭାରତ ପରି ଶକ୍ତିଶାଳୀ ଟିମ୍ ସହିତ ଆମର ସାମ୍ନା ହେବାକୁ ଯାଉଛି। ଏହି ସିରିଜ୍ ଚମତ୍କାର ଏବଂ ରୋମାଞ୍ଚକର ହେବ।

**ସମ୍ଭାବ୍ୟ ଭାରତୀୟ ଏକାଦଶ:** ସଞ୍ଜୁ ସାମ୍‌ସନ୍ (ୱିକେଟ୍‌କିପର୍), ଅଭିଷେକ ଶର୍ମା, ତିଳକ ବର୍ମା, ସୂର୍ଯ୍ୟକୁମାର ଯାଦବ (କ୍ୟାପ୍‌ଟେନ୍), ହାର୍ଦ୍ଦିକ ପାଣ୍ଡ୍ୟା, ରିଙ୍କୁ ସିଂହ, ନୀତୀଶ କୁମାର ରେଡ୍ଡୀ, ଅକ୍ଷର ପଟେଲ୍ (ଭାଇସ୍ କ୍ୟାପ୍‌ଟେନ୍), ଅର୍ଶଦୀପ ସିଂହ, ମହମ୍ମଦ ଶମୀ, ବରୁଣ ଚକ୍ରବର୍ତ୍ତୀ।

**ଇଂଲଣ୍ଡ ଚୂଡ଼ାନ୍ତ ଏକାଦଶ:** ବେନ୍ ଡକେଟ୍, ଫିଲ୍ ସଲ୍ଟ (ୱିକେଟ୍‌କିପର୍), ଜୋସ୍ ବଟ୍‌ଲର୍ (କ୍ୟାପ୍‌ଟେନ୍), ହ୍ୟାରୀ ବ୍ରୁକ୍, ଲିଆମ୍ ଲିଭିଂଷ୍ଟୋନ୍, ଜ୍ୟାକବ୍ ବେଥେଲ୍, ଜାମ ଓଭର୍‌ଟନ୍, ଗସ୍ ଆଟ୍‌କିନ୍‌ସନ୍, ଜୋଫ୍ରା ଆର୍ଚର୍, ଆଦିଲ୍ ରଶିଦ୍, ମାର୍କ ଉଡ୍।

**ସମୟ: ସନ୍ଧ୍ୟା ୭ଟା**
**ଭେନ୍ୟୁ: ଇଡେନ୍ ଗାର୍ଡେନ୍ସ, କୋଲ୍‌କାତା**
**ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ**

## ଅଣ୍ଡର୍-୧୯ ମହିଳା ଟି-୨୦ ବିଶ୍ୱକପ୍: ବୈଷ୍ଣବୀଙ୍କ ହ୍ୟାଟ୍ରିକ୍

# ମାଲେସିଆକୁ ୧୦ ୱିକେଟ୍‌ରେ ହରାଇଲା ଭାରତ

**କ୍ୱାଲାଲମ୍ପୁର,୨୧।୧/ଏଜେନ୍ସି:** ଅଣ୍ଡର-୧୯ ମହିଳା ଟି-୨୦ ବିଶ୍ୱକପ୍‌ରେ ଡିଫେଣ୍ଡିଂ ଚାମ୍ପିଅନ୍ ଭାରତ ଲଗାତାର ଦ୍ୱିତୀୟ ବିଜୟ ହାସଲ କରିଛି। ଟିମ୍ ଇଣ୍ଡିଆ ମଙ୍ଗଳବାର ମାଲେସିଆକୁ ୧୦ ୱିକେଟ୍‌ରେ ଶୋଚନୀୟ ଭାବେ ହରାଇଛି। କ୍ୱାଲାଲମ୍ପୁରର ବାୟୁମାସ୍ ଓଭାଲ୍ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଦୁଇଅଙ୍କ ମଧ୍ୟ ଛୁଇଁପାରି ନଥିଲେ। ଟିମ୍ ୧୪.୩ ଓଭର୍‌ରେ ୩୧ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ଭାରତ ପକ୍ଷରୁ ବୈଷ୍ଣବୀ ଶର୍ମା ସର୍ବାଧିକ ୫ ୱିକେଟ୍ ଅକ୍ତିଆର କରିଥିଲେ। ଆୟୁଷୀ ଶୁକ୍ଳା ୩ ଓ ଜୋତିଶ ଭିଜେଙ୍କୁ ଗୋଟିଏ ସଫଳତା ମିଳିଥିଲା। ଜବାବରେ ଭାରତୀୟ ଟିମ୍ ୨.୫ ଓଭର୍‌ରେ କୌଣସି ୱିକେଟ୍ ନହରାଇ ୩୨ ରନ୍‌ର ଲକ୍ଷ୍ୟକୁ ହାସଲ କରିନେଇଥିଲା। ଦାନିଆ (୦)ଙ୍କୁ ଏଲ୍‌ବିଡବ୍ଲ୍ୟୁ ଏବଂ ଓଭର୍ ୪ର୍ଥ ବଲ୍‌ରେ ସିତି ନାଜବାହ (୦)ଙ୍କୁ ବୋଲ୍ଡ ଆଉଟ୍ କରି ହ୍ୟାଟ୍ରିକ୍ ପୂରଣ କରିଥିଲେ। ଏହା ସହିତ ବୈଷ୍ଣବୀ ମହିଳା ଅଣ୍ଡର-୧୯ ବିଶ୍ୱକପ୍‌ରେ ହ୍ୟାଟ୍ରିକ୍ ଅର୍ଜନ କରିବାରେ ଭାରତର ପ୍ରଥମ ଏବଂ ଓଭର୍‌ଅଲ୍ ତୃତୀୟ ବୋଲର୍ ହୋଇଛନ୍ତି। ତାଙ୍କର ଏହି ପ୍ରଦର୍ଶନ ଟୁର୍ଣ୍ଣାମେଣ୍ଟ୍ ଇତିହାସରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ।

### ୨.୫ ଓଭର୍‌ରେ ଚେଜ୍ କଲା ଟାର୍ଗେଟ୍



ମାଲେସିଆ ମାତ୍ର ୩୧ ରନ୍‌ରେ ଅଲ୍‌ଆଉଟ୍ ହୋଇଥିଲା। ଜବାବରେ ଭାରତ ମାତ୍ର ୨.୫ ଓଭର୍‌ରେ କୌଣସି ୱିକେଟ୍ ନହରାଇ ଲକ୍ଷ୍ୟ ହାସଲ କରିନେଇଛି। ପ୍ରଥମ ମ୍ୟାଚ୍‌ରେ ଭାରତ ୯ ୱିକେଟ୍‌ରେ ୱେଷ୍ଟଇଣ୍ଡିଜ୍‌କୁ ହରାଇଥିଲା। ଭାରତ ପକ୍ଷରୁ ସ୍ପିନର୍ ବୈଷ୍ଣବୀ ଶର୍ମା ମାତ୍ର ୫ ରନ୍ ଦେଇ ହ୍ୟାଟ୍ରିକ୍ ସହିତ ୫ ୱିକେଟ୍ ଅକ୍ତିଆ କରିଛନ୍ତି। ଏହା ସହିତ ଅଣ୍ଡର-୧୯ ମହିଳା କ୍ରିକେଟ୍‌ରେ ୫ ୱିକେଟ୍ ହାସଲ କରିବାରେ ପ୍ରଥମ ଭାରତୀୟ ବୋଲର୍ ହୋଇଛନ୍ତି। ତାଙ୍କୁ ପ୍ଲେୟର୍ ଅଫ୍ ଦ ମ୍ୟାଚ୍ ବିବେଚିତ କରାଯାଇଛି।

ଭାରତୀୟ କ୍ୟାପ୍‌ଟେନ୍ ନିକି ପ୍ରସାଦ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ମାଲେସିଆ ଦ୍ୱିତୀୟ ଓଭର୍‌ରେ ହିଁ ପ୍ରଥମ ୱିକେଟ୍ ହରାଇଥିଲା। ଟିମ୍‌ର ସ୍କୋର୍ ୪ ରନ୍ ଥିବାବେଳେ ନୁନି ଫରିନି ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇଥିଲେ। ଟିମ୍ ପକ୍ଷରୁ କୌଣସି ଖେଳାଳି ଭାରତ ପକ୍ଷରୁ ଗୋଗାଦି ତ୍ରିଶା ୧୨ ବଲ୍‌ରେ ୨୭ ରନ୍ ଏବଂ ଜି କମଳିନୀ ୫ ବଲ୍‌ରେ ୪ ରନ୍ କରି ଅପରାଜିତ ରହିଥିଲେ।

ଭାରତ ପକ୍ଷରୁ ୧୪ଶ ଓଭର୍ ବୋଲିଂ କରିଥିବା ବୈଷ୍ଣବୀ ଦ୍ୱିତୀୟ ବଲ୍‌ରେ ନୁର୍ ଏନ୍ ବିନ୍ତି ରୋସଲାନ୍ (୩)ଙ୍କୁ ଏଲ୍‌ବିଡବ୍ଲ୍ୟୁ ଆଉଟ୍ କରିଥିଲେ। ପରବର୍ତ୍ତୀ ବଲ୍‌ରେ ନୁର୍ ଇସ୍ମା

ଲଗାତାର ଦ୍ୱିତୀୟ ମ୍ୟାଚ୍ ଜିତି ଭାରତ ଗ୍ରୁପ୍-ଏ' ପଏଣ୍ଟ ଟେବଲ୍‌ର ଶୀର୍ଷସ୍ଥାନରେ କାଏମ ରହିଛି। ଶ୍ରୀଲଙ୍କା ମଧ୍ୟ ଭାରତ ସମକକ୍ଷ ଦୁଇ ପଏଣ୍ଟ ହୋଇଥିଲେ ମଧ୍ୟ ଉନ୍ନତ ରନ୍ ରେଟ୍ କାରଣରୁ ଭାରତ ପ୍ରଥମ ସ୍ଥାନରେ ରହିଛି। ଟିମ୍ ପରବର୍ତ୍ତୀ ମ୍ୟାଚ୍‌ରେ ଶ୍ରୀଲଙ୍କାକୁ ୨୩ ତାରିଖରେ ଭେଟିବ।

# ବିବିଏଲ୍ ଫାଇନାଲ୍‌ରେ ହୋବାର୍ଟ ହରିକେନ୍ସ

**ହୋବାର୍ଟ,୨୧।୧/ଏଜେନ୍ସି:** ହୋବାର୍ଟ ହରିକେନ୍ସ ପ୍ରଥମ ଟିମ୍ ଭାବେ ବିଗ୍ ବ୍ୟାଶ୍ ଲିଗ୍ (ବିବିଏଲ୍) ୧୪ଶ ସଂସ୍କରଣର ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ମଙ୍ଗଳବାର କ୍ୱାଲିଫାୟର୍‌ରେ ହୋବାର୍ଟ ତିନିଥରର ଚାମ୍ପିଅନ୍ ସିଡ୍‌ନୀ ସିକ୍ସର୍ସକୁ ୧୨ ରନ୍‌ରେ ହରାଇ ୭ ବର୍ଷ ପରେ ଟାଇଟଲ୍ ମୁକାବିଲା ସ୍ଥାନ ପକ୍କା କରିଛି। ପାୱାରପ୍ଲେରେ ୨ ୱିକେଟ୍ ନେଇଥିବା ଫାଷ୍ଟ ବୋଲର୍ ରାଇଲି ମେରେଡିଥ୍ ପ୍ଲେୟର୍ ଅଫ୍ ଦ ମ୍ୟାଚ୍ ହୋଇଛନ୍ତି। ପ୍ରଥମେ ବ୍ୟାଟିଂ ପାଇଥିବା ଟେବଲ୍ ଟପର୍ ଘରୋଇ ଟିମ୍ ୭ ୱିକେଟ୍ ବିନିମୟରେ ୧୭୩ ରନ୍ କରିଥିଲା। ଜବାବରେ ଶୀଘ୍ର ୱିକେଟ୍ ହରାଇବା ପରେ କମ୍‌ବ୍ୟାକ୍ କରିଥିଲେ ମଧ୍ୟ ସିଡ୍‌ନୀ ସିକ୍ସର୍ସ ନିର୍ଦ୍ଧାରିତ ଓଭର୍‌ରେ ୫ ୱିକେଟ୍ ହରାଇ ୧୬୧ ରନ୍ କରିବାକୁ ସମର୍ଥ ହୋଇଥିଲା। ହରିକେନ୍ସ ଏବେ ୨୭ ତାରିଖରେ ହୋବାର୍ଟରେ ହେବାକୁ ଥିବା ଫାଇନାଲ୍ ଖେଳିବ। ଟସ୍ ହାରି ବ୍ୟାଟିଂ ପାଇଥିବା ହୋବାର୍ଟ ପକ୍ଷରୁ ଓପ୍ନର୍ ମିଚେଲ୍ ଓୱେନ୍ ଓ କ୍ୟାଲେବ୍ ଜେୱେଲ୍ ଦ୍ରୁତ ଆରମ୍ଭ କରି ୪ ଓଭର୍‌ରେ ୪୭ ରନ୍‌ର ଭାଗୀଦାରି କରିଥିଲେ। ଓୱେନ୍ ୩୬ ରନ୍‌ରେ ଆଉଟ୍ ହେବାପରେ ମାଥ୍ୟୁ ୱେଡ୍ ୪ ରନ୍ କରି ପ୍ୟାଭିଲିୟନ୍ ଫେରିଥିଲେ। ବେନ୍ ମ୍ୟାକ୍‌ଡରମଟ୍ ପରେ ଜେୱେଲ୍‌ଙ୍କ ଇନିଂସ୍ ସମ୍ଭାଳିଥିଲେ। ଜେୱେଲ୍ ୪୦ ରନ୍ କରି ଆଉଟ୍ ହୋଇଥିବା ବେଳେ ମ୍ୟାକ୍‌ଡରମଟ୍ ୪୨, ଟିମ୍ ଡେଭିଡ୍ ୨୫ ଓ ନିଖିଲ ଚୌଧୁରୀ ୧୪ ରନ୍ କରି ଟିମ୍ ସ୍କୋର୍ ୧୭୩ ରନ୍‌ରେ ପହଞ୍ଚାଇଥିଲେ। ସିଡ୍‌ନୀ ପକ୍ଷରୁ ବେନ୍ ଡ୍ୱାର୍‌ଶସ୍ ଓ ଜାଫେର୍ ଚୋହାନ୍ ୨-୨ ୱିକେଟ୍ ନେଇଥିଲେ। ଜ୍ୟାକ୍ ଏଡ୍‌ୱାର୍ଡ୍ସ ଓ ମିଚେଲ୍ ପେରୀଙ୍କୁ ୧-୧ ସଫଳତା ମିଳିଥିଲା।

୧୭୪ ରନ୍‌ର ଲକ୍ଷ୍ୟକୁ ପିଛା କରୁଥିବା ସିଡ୍‌ନୀ ସିକ୍ସର୍ସ ପ୍ରଥମରୁ ୫ ରନ୍‌ରେ ୩ ୱିକେଟ୍ ହରାଇଥିଲା। କ୍ୟାପ୍‌ଟେନ୍ ମୋଇଜେସ୍ ହେନ୍‌ରିକ୍ସ ମାତ୍ର ୧ ରନ୍ କରିଥିବା ବେଳେ ଜୋଶ୍ ଫିଲିପ୍ ଓ ଜ୍ୟାକ୍ ଏଡ୍‌ୱାର୍ଡ୍ସ ଖାତା ମଧ୍ୟ ଖୋଲିପାରି ନଥିଲେ। ଶୀଘ୍ର ୩ଟି ୱିକେଟ୍‌ର ପତନ ପରେ ଜୋର୍ଡାନ୍ ସିଲ୍କଙ୍କ ସହ ଓପ୍ନର୍ କର୍ଟିସ୍ ପ୍ୟାଟରସନ୍ ଇନିଂସ୍ ସମ୍ଭାଳିଥିଲେ। ଦୁହେଁ ୭୫ ରନ୍ ଯୋଡ଼ିଥିବା ବେଳେ ପ୍ୟାଟରସନ୍ ୪୮ ରନ୍‌ରେ ଆଉଟ୍ ହୋଇଥିଲେ। ସିଲ୍କ ଏହାପରେ ଲାଚଲନ୍ ଶ'ଙ୍କ ସହ ୬୪ ରନ୍‌ର ଭାଗୀଦାରି କରିଥିଲେ। ସିଲ୍କ ୫୭ ରନ୍ କରି ଆଉଟ୍ ହୋଇଥିଲେ। ଏହାପରେ ଲାଚଲନ ଓ ବେନ୍ ଡ୍ୱାର୍‌ଶସ୍ ଶେଷ ଆଡ଼କୁ ଟିମ୍‌କୁ ବିଜୟ ଦେବା ଉଦ୍ୟମ କରିଥିଲେ ମଧ୍ୟ ଲକ୍ଷ୍ୟ ବହୁତ ବଡ଼ ଥିଲା। ଡ୍ୱାର୍‌ଶସ୍ ୧୬ ଓ ଲାଚଲନ୍ ୩୩ ରନ୍ କରି ଅପରାଜିତ ରହିଥିଲେ। ମେରେଡିତ୍ ଓ ଗାନନ୍ ୨-୨ ୱିକେଟ୍ ଅକ୍ତିଆର କରିଥିବା ବେଳେ କ୍ୟାପ୍‌ଟେନ୍ ନାଥନ୍ ଏଲିସ୍‌ଙ୍କୁ ଗୋଟିଏ ସଫଳତା ମିଳିଥିଲା।

## ଚାମ୍ପିଅନ୍ସ ଟ୍ରଫି ପୂର୍ବରୁ ନୂଆ ବିବାଦ

# ଟିମ୍ ଇଣ୍ଡିଆ ଜର୍ସିରୁ ପାକିସ୍ତାନ ନାମ ଗାଏବ

**ନୂଆଦିଲ୍ଲୀ,୨୧।୧/ଏଜେନ୍ସି:** ପାକିସ୍ତାନ ଓ ଦୁବାଇରେ ଆସନ୍ତା ମାସରୁ ହେବାକୁ ଥିବା ଆଇସିସି ଚାମ୍ପିଅନ୍ସ ପୂର୍ବରୁ ଏକ ନୂଆ ବିବାଦ ଦେଖାଦେଇଛି। ଅସଲରେ ଚଳିତ ଥର ଟିମ୍ ଇଣ୍ଡିଆ ଜର୍ସିରେ ଆୟୋଜକ ପାକିସ୍ତାନର ନାମ ନାହିଁ। ଏହାକୁ ନେଇ ପିସିବି ଆପତ୍ତି କରିଛି। ଏ ନେଇ ପିସିବିର ଜଣେ ଅଧିକାରୀ ମିଡିଆ ସହ ଆଲୋଚନା ବେଳେ କହିଛନ୍ତି, ଟିମ୍ ଇଣ୍ଡିଆ ଜର୍ସିରେ ପାକିସ୍ତାନ ନାମ ନଛପାଇ ବିସିସିଆଇ 'କ୍ରିକେଟ୍‌ରେ ରାଜନୀତି' କରୁଛି। ଏହା ପୂର୍ବରୁ ଭାରତୀୟ ବୋର୍ଡ କଥିତ ଭାବେ ଚାମ୍ପିଅନ୍ସ ଟ୍ରଫିର କ୍ୟାପ୍‌ଟେନ୍‌ଙ୍କ ବୈଠକ ପାଇଁ ଟିମ୍ ଇଣ୍ଡିଆ କ୍ୟାପ୍‌ଟେନ୍ ରୋହିତ ଶର୍ମାଙ୍କୁ ପାକିସ୍ତାନ ପଠାଇବାକୁ ମନା କରିଦେଇଥିଲା। ଅଧିକାରୀ ଜଣକ ନାମ ନଛାପିବା ସର୍ତ୍ତରେ କହିଛନ୍ତି, ବିସିସିଆଇ କରୁଥିବା ରାଜନୀତି ଖେଳ ପାଇଁ ଠିକ୍ ନୁହେଁ। ପ୍ରଥମେ ପାକିସ୍ତାନକୁ ଟିମ୍ ପଠାଇବାକୁ ମନା କରିଦେଇଛି। ଉଦ୍‌ଘାଟନୀ ସମାରୋହରେ ନିଜ କ୍ୟାପ୍‌ଟେନ୍‌ଙ୍କୁ ପଠାଇବାକୁ ଚାହୁଁନାହିଁ। ଏବେ ଆୟୋଜକ ଦେଶ (ପାକିସ୍ତାନ)ର ନାମ ନିଜ ଜର୍ସିରେ ଛାପିବାକୁ ଚାହୁଁନାହିଁ। ଆଇସିସି ଏପରି ହେବାକୁ ଦେବନାହିଁ ଏବଂ ପାକିସ୍ତାନର ସମର୍ଥନ କରିବ ବୋଲି ଅଧିକାରୀ ଜଣକ ବିଶ୍ୱାସ ପ୍ରକଟ କରିଛନ୍ତି।

ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ (ବିସିସିଆଇ) ନିଜ ଟିମ୍ ପାକିସ୍ତାନ ପଠାଇବାକୁ ମନା କରିବା ପରେ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ଓ ଆଇସିସି ହାଇବ୍ରିଡ୍ ମଡେଲ୍‌ରେ ଚାମ୍ପିଅନ୍ସ ଟ୍ରଫି ଆୟୋଜନ ପାଇଁ ରାଜି ହୋଇଥିଲେ। ମାତ୍ର ଜର୍ସିରେ ଆୟୋଜକ ନାମ ଆଉ ଏକ ବିବାଦ ଛିଡ଼ା କରିଛି।



## ଥୋମାସ୍ ବାକ୍‌ଙ୍କୁ ଭେଟିଲେ ଜୟ ଶାହ

**ଲୁସାନେ,୨୧।୧/ଏଜେନ୍ସି:** ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ସଭାପତି ଜୟ ଶାହ ୨୦୩୨ ବ୍ରିସ୍‌ବେନ୍ ଅଲିମ୍ପିକ୍ସରେ କ୍ରିକେଟ୍‌କୁ ସାମିଲ ନେଇ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ମୁଖ୍ୟ ଥୋମାସ୍ ବାକ୍‌ଙ୍କୁ ଭେଟିଛନ୍ତି। ଏ ନେଇ ଜାନୁଆରୀ ୩୦ ତାରିଖରେ ସ୍ୱିଜରଲାଣ୍ଡର ଲୁସାନେସ୍ଥିତ ଅଲିମ୍ପିକ୍ ହାଉସ୍‌ରେ ମିଟିଂ ହେବାର ଅଛି। ଆଇସିସି ମଙ୍ଗଳବାର ସୋସିଆଲ୍ ମିଡିଆରେ ଏହି ମିଟିଂର ଫଟୋ ଶେୟାର କରି ଲେଖିଛି- ଅଲିମ୍ପିକ୍‌ରେ କ୍ରିକେଟ୍‌କୁ ସାମିଲ ପ୍ରୟାସ ଜାରି ରହିଛି। ଜୟ ଶାହ ଲୁସାନେରେ ଚଳିତ ସପ୍ତାହରେ ଥୋମାସ୍ ବାକ୍‌ଙ୍କୁ ଭେଟିଥିଲେ।

ଏହା ପୂର୍ବରୁ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ତୃତୀୟ ଟେଷ୍ଟ ଅବସରରେ ସେଠାରେ ଉପସ୍ଥିତ ଜୟ ଶାହ ୨୦୩୨ ବ୍ରିସ୍‌ବେନ୍ ଅଲିମ୍ପିକ୍‌ରେ କ୍ରିକେଟ୍‌କୁ ସାମିଲ ପାଇଁ ଦାବି କରିଥିଲେ। ଶାହ ବ୍ରିସ୍‌ବେନ୍ ଅଲିମ୍ପିକ୍ ଆୟୋଜନ କମିଟି ପ୍ରମୁଖ ସିଣ୍ଡି ହୁକ୍ ଏବଂ କ୍ରିକେଟ୍ ଅଷ୍ଟ୍ରେଲିଆ ସିଇଓ ନିକ୍ ହାକ୍‌ଲେଙ୍କ ସହିତ ମିଟିଂ ମଧ୍ୟ କରିଥିଲେ। ସେତେବେଳ ଜୟ ଶାହ କହିଥିଲେ, '୨୦୨୮ ଲସ୍ ଆଞ୍ଜେଲ୍ସ ଅଲିମ୍ପିକ୍ ପାଇଁ ପ୍ରସ୍ତୁତି ଚଳାଇଥିବାରୁ କ୍ରିକେଟ୍ ପାଇଁ ଏହା ଏକ ରୋମାଞ୍ଚକର ସମୟ। ସାରା ବିଶ୍ୱର ପ୍ରଶଂସକଙ୍କ ପାଇଁ କ୍ରିକେଟ୍‌କୁ ଅଧିକ ଆକର୍ଷିତ କରିବାକୁ ଆମେ ସମସ୍ତେ କାର୍ଯ୍ୟ କରୁଛୁ।' ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ (ବିସିସିଆଇ) ସମ୍ପାଦକ ଭାବେ ଜୟ ଶାହ ୨୦୨୮ ଲସ୍ ଆଞ୍ଜେଲ୍ସ ଅଲିମ୍ପିକ୍‌ରେ କ୍ରିକେଟ୍‌କୁ ସାମିଲ କରାଇବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।




## ଅଷ୍ଟ୍ରେଲିଆନ୍ ଓପନ୍: ଅନ୍ତିମ-୪ରେ ସାବାଲେଙ୍କା-ବଡ଼ୋସା

# ଅଲ୍‌କାରାଜ୍‌ଙ୍କୁ ହରାଇ ସେମିରେ ଜୋକୋଭିଚ୍

**ମେଲବର୍ଣ୍ଣ,୨୧।୧/ଏଜେନ୍ସି:** ୨୪ ଥରର ଗ୍ରାଣ୍ଡସ୍ଲାମ୍ ଚାମ୍ପିଅନ୍ ସର୍ବିୟାର ନୋଭାକ୍ ଜୋକୋଭିଚ୍ ଚଳିତ ଅଷ୍ଟ୍ରେଲିଆନ୍ ଓପନ୍ ସେମିଫାଇନାଲ୍‌ରେ ସ୍ଥାନ ହାସଲ କରିଛନ୍ତି। ଟେନିସ୍‌ରେ ଅଲିମ୍ପିକ୍ ଚାମ୍ପିଅନ୍ ଜୋକୋଭିଚ୍ ପୁରୁଷ ସିଙ୍ଗଲ୍ସର ୪ ସେଟ୍ ବିଶିଷ୍ଟ କ୍ୱାର୍ଟର୍ ଫାଇନାଲ୍‌ରେ ତୃତୀୟ ସିଡ୍ ସ୍ପେନ୍‌ର କାର୍ଲୋସ୍ ଅଲ୍‌କାରାଜ୍‌ଙ୍କୁ ହରାଇଛନ୍ତି। ଅନ୍ୟପକ୍ଷରେ ମେଲବର୍ଣ୍ଣର ରୋଡ୍ ଲେଭର୍ ଏରିନାରେ ବିଶ୍ୱ ନଂ.୨ ଜର୍ମାନୀର ଆଲେକ୍‌ଜାଣ୍ଡର ଜ୍ୱେରେଭ୍ ମଧ୍ୟ ନିଜ କ୍ୱାର୍ଟର୍ ଫାଇନାଲ୍ ମ୍ୟାଚ୍‌ରେ ବିଜୟୀ ହୋଇ ଦ୍ୱିତୀୟ ଥର ପାଇଁ ଅନ୍ତିମ-୪ରେ ପ୍ରବେଶ କରିଛନ୍ତି। ସେହିପରି ମହିଳା ବର୍ଗରେ ଦୁଇଥରର ଚାମ୍ପିଅନ୍ ଆରିନା ସାବାଲେଙ୍କା ଓ ସ୍ପେନ୍‌ର ପାଉଲା ବଡ଼ୋସା ମଧ୍ୟ ସେମିଫାଇନାଲ୍‌ରେ ସ୍ଥାନ ହାସଲ କରିଛନ୍ତି। ବଡ଼ୋସା କ୍ୱାର୍ଟର୍ ଫାଇନାଲ୍ ମ୍ୟାଚ୍‌ରେ ବିଶ୍ୱର ନଂ. ୩ ଖେଳାଳି କୋକୋ ଗଫ୍‌ଙ୍କୁ ହରାଇଛନ୍ତି। ୩୭ ବର୍ଷୀୟ ଜୋକୋଭିଚ୍ ପ୍ୟାରିସ୍ ଅଲିମ୍ପିକ୍ ସ୍ୱର୍ଣ୍ଣ ପଦକ ମ୍ୟାଚ୍‌ରେ ମଧ୍ୟ ଅଲ୍‌କାରାଜ୍‌ଙ୍କୁ ହରାଇଥିଲେ। ଜୋକୋଭିଚ୍‌ଙ୍କ ବିପକ୍ଷରେ ୨୧ ବର୍ଷୀୟ ଅଲ୍‌କାରାଜ୍ ପ୍ରଥମ ସେଟ୍ ୬-୪ରେ ଜିତିଥିଲେ। ତେବେ ଏହାପରେ ଜୋକୋଭିଚ୍ ପ୍ରତ୍ୟାବର୍ତ୍ତନ କରି ଦ୍ୱିତୀୟ ସେଟ୍ ୬-୪ ବ୍ୟବଧାନରେ ନିଜ ନାମରେ କରିଥିଲେ।





ଏହାପରେ ନିଜ ଦବ୍‌ଦବା ଜାରିରଖି ଅନ୍ତିମ ଦୁଇଟି ସେଟ୍ ୬-୩, ୬-୪ରେ ଜିତି ମ୍ୟାଚ୍ ନିଜ ନାମରେ କରିଛନ୍ତି। ଅନ୍ୟ ଏକ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର୍ ଫାଇନାଲ୍‌ରେ ଦ୍ୱିତୀୟ ସିଡ୍ ଆଲେକ୍‌ଜାଣ୍ଡର୍ ଜ୍ୱେରେଭ୍ ଆମେରିକାର ଟିମ୍ ପଲ୍‌ଙ୍କୁ ହରାଇ ଦେଇଛନ୍ତି। ପ୍ରାରମ୍ଭିକ ଦୁଇଟି ସେଟ୍ (୭-୬, ୭-୬) ଜିତିବାରେ ଜ୍ୱେରେଭ୍‌ଙ୍କୁ କଡ଼ା ସଂଘର୍ଷ କରିବାକୁ ପଡ଼ିଥିଲା। ଟମି ପଲ୍ ପ୍ରତ୍ୟାବର୍ତ୍ତନ କରି ତୃତୀୟ ସେଟ୍ ୬-୨ରେ ନିଜ ନାମରେ କରିଥିଲେ। ଜ୍ୱେରେଭ ପୁଣିଥରେ ପ୍ରତ୍ୟାବର୍ତ୍ତନ କରି ଚତୁର୍ଥ ସେଟ୍ ୬-୧ରେ ଜିତି ସେମିଫାଇନାଲ୍ ସ୍ଥାନ ପକ୍କା କରିଥିଲେ। ଦ୍ୱିତୀୟ ଥର ପାଇଁ ସେମିଫାଇନାଲ୍‌ରେ ପ୍ରବେଶ କରିଥିବା ଜ୍ୱେରେଭ୍ ପ୍ରଥମ ଗ୍ରାଣ୍ଡସ୍ଲାମ୍ ସନ୍ଧାନରେ ଅଛନ୍ତି।

ଅନ୍ୟପକ୍ଷରେ ଆରିନା ସାବାଲେଙ୍କା କ୍ରମାଗତ ତୃତୀୟ ଥର ପାଇଁ ଟାଇଟଲ୍ ବିଜୟ ଆଡ଼କୁ ଅଗ୍ରସର ହୋଇଛନ୍ତି। ମଙ୍ଗଳବାର ରାତିରେ ଖେଳାଯାଇଥିବା ମହିଳା ସିଙ୍ଗଲ୍ସର ଏକ ସଂଘର୍ଷପୂର୍ଣ୍ଣ କ୍ୱାର୍ଟର୍ ଫାଇନାଲ୍ ମ୍ୟାଚ୍‌ରେ ସେ ଆନାସ୍ତାସିଆ ପାଭ୍‌ଲ୍ୟୁଚେନ୍‌କୋଭାଙ୍କୁ ୨-୬, ୬-୨, ୬-୩ରେ ହରାଇ ସେମିଫାଇନାଲ୍‌ରେ ପହଞ୍ଚିଛନ୍ତି। ଏହା ମେଲ୍‌ବର୍ଣ୍ଣ ପାର୍କରେ ତାଙ୍କର ଲଗାତାର ୧୯ତମ ବିଜୟ। ସାବାଲେଙ୍କା ସେମିଫାଇନାଲ୍‌ରେ ଗୁରୁବାର ତାଙ୍କ ଉତ୍ତମ ବାନ୍ଧବୀ ପାଉଲା ବଡୋସାଙ୍କୁ ଭେଟିବେ। ସାବାଲେଙ୍କା ୨୦୨୩ରେ ମେଲବର୍ଣ୍ଣ ପାର୍କରେ କ୍ୟାରିୟର୍‌ର ପ୍ରଥମ ମେଜର ଚାମ୍ପିଅନ୍‌ଶିପ୍ ଜିତିବା ପରେ ୨୦୨୪ରେ ଦ୍ୱିତୀୟ ଥର ପାଇଁ ଅଷ୍ଟ୍ରେଲିଆନ୍ ଓପନ୍ ଚାମ୍ପିଅନ୍ ହୋଇଥିଲେ। ସେହିପରି ଗତବର୍ଷ ସେପ୍ଟେମ୍ବରରେ ୟୁଏସ୍ ଓପନ୍ ଜିତି ଗ୍ରାଣ୍ଡସ୍ଲାମ୍ ଟ୍ରଫି ସଂଖ୍ୟା ୩ରେ ପହଞ୍ଚାଇଥିଲେ। ପୂର୍ବରୁ ମାର୍ଟିନା ହିଙ୍ଗିସ୍ ଶେଷଥର ପାଇଁ ମହିଳା ଖେଳାଳି ଭାବେ ୧୯୯୭ରୁ ୧୯୯ ପର୍ଯ୍ୟନ୍ତ ଲଗାତାର ତିନିଥର ଅଷ୍ଟ୍ରେଲିଆନ୍ ଓପନ୍ ଚାମ୍ପିଅନ୍ ହୋଇଥିଲେ। ପାଉଲା ବଡ଼ୋସା ମଙ୍ଗଳବାର ଆମେରିକାର କୋକୋ ଗଫ୍‌ଙ୍କୁ ୭-୫, ୬-୪ ସିଧା ସେଟ୍‌ରେ ହରାଇଛନ୍ତି। ଏହା ବଡ଼ୋସାଙ୍କ କ୍ୟାରିୟର୍‌ର ପ୍ରଥମ ଗ୍ରାଣ୍ଡସ୍ଲାମ୍ ସେମିଫାଇନାଲ୍। ୨୦୨୦ରେ ମେଲ୍‌ବର୍ଣ୍ଣରେ ଗାର୍ବାଇନ ମୁଗୁରୁଜାଙ୍କ ପରେ ଏପରି କରିବାରେ ସେ ସ୍ପେନ୍‌ର ପ୍ରଥମ ମହିଳା ଖେଳାଳି ହୋଇଛନ୍ତି।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, 2581886, 2582886, Fax: 0674-2583886, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra